

ସମୟ ଆସିଯାଇଛି, ଦଖଲ କରିବି

ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 298 | ଭାଗ ୩୩ | ସଂଖ୍ୟା ୨୯୮ | Tuesday 20 January 2026 | Page 8 Rs. 5.00 | ଭୁବନେଶ୍ୱର ମଙ୍ଗଳବାର ୨୦ ଜାନୁଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ଆଇଏମ୍ଏଫ୍ ପୂର୍ବାନୁମାନରେ ବଢ଼ିଲା ଭାରତର ଅଭିବୃଦ୍ଧି ହାର

## ୨୦୨୬ ଆର୍ଥିକ ବର୍ଷରେ ରହିବ ୭.୩ ପ୍ରତିଶତ



ନୂଆଦିଲ୍ଲୀ,୧୯।୧: ସାମ୍ପ୍ରତିକ ସମୟରେ ବିଶ୍ୱର ଏକାଧିକ ଦେଶ ଯୁଦ୍ଧରେ ଲିପ୍ତ ଥିବାରୁ ମୋଟାମୋଟି ଭାବେ ଅନ୍ତର୍ଜାତୀୟ ପରିବେଶ ଅନିଶ୍ଚିତତାପୂର୍ଣ୍ଣ ରହିଛି। ଏପରି ନକାରାତ୍ମକ ପରିସ୍ଥିତି ଲାଗି ରହିଥିଲେ ମଧ ଭାରତୀୟ ଅର୍ଥବ୍ୟବସ୍ଥାରେ ଏହାର କାଣିଚାଏ ପ୍ରଭାବ ବି ପଡ଼ିନାହିଁ। ବରଂ ଦିନକୁ ଦିନ ଦେଶର ଅଭିବୃଦ୍ଧି ସଶକ୍ତ ହେଉଛି। ନିକଟରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଭାରତର ଅଭିବୃଦ୍ଧି ହାର ପୂର୍ବରୁ ୬.୬ ପ୍ରତିଶତ ରହିବା ନେଇ ଆକଳନ କରିଥିଲା। କିନ୍ତୁ ଏବେ ଏହି ଅନ୍ତର୍ଜାତୀୟ ସଂସ୍ଥା ଏଥିରେ ଆହୁରି ୦.୭ ପ୍ରତିଶତ ବୃଦ୍ଧି କରି ଏହାକୁ ୭.୩ ପ୍ରତିଶତରେ ପହଞ୍ଚାଇଦେଇଛି।

ଆଇଏମ୍ଏଫ୍ ଏହାର ସଦ୍ୟତମ 'ୱାର୍ଲ୍ଡ ଇକୋନୋମିକ ଆଉଟଲୁକ୍'ରେ ଦର୍ଶାଇଛି ଯେ ୨୦୨୫-୨୫ ଆର୍ଥିକ ବର୍ଷର ତୃତୀୟ ଓ ଚତୁର୍ଥ ତ୍ରୈମାସିକରେ ଆଶାଠାରୁ ଅଧିକ ଭଲ ପ୍ରଦର୍ଶନ ଓ ଶକ୍ତିଶାଳୀ ଗତିଶୀଳତା ଯୋଗୁଁ ପୂର୍ବାନୁମାନରେ ଏପରି ପରିବର୍ତ୍ତନ କରାଯାଇଛି। ଏଥିସହ ଆଇଏମ୍ଏଫ୍‌ର ଯୋଗାଯୋଗ ବିଭାଗ ନିର୍ଦ୍ଦେଶିକା ଜୁଲି କୋଜାକ ଭାରତକୁ ବିଶ୍ୱର ଏକ 'ପ୍ରମୁଖ ଅଭିବୃଦ୍ଧିର ଇଞ୍ଜିନ' ଭାବେ ବର୍ଣ୍ଣନା କରିଛନ୍ତି।

ଅନ୍ୟପକ୍ଷରେ ଭାରତର ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍ଏସ୍ଓ) ଚଳିତ ମାସ ପ୍ରାରମ୍ଭରେ ଆଗାମୀ ମାର୍ଚ୍ଚ ୩୧ ସୁଦ୍ଧା ଅଭିବୃଦ୍ଧି ହାର ୭.୪ ➪ପୃଷ୍ଠା-୬

# ଆଜିଠୁ ବିଜେପିର ମଙ୍ଗ ଧରିବେ ନୀତିନ

- ନାମାଙ୍କନ ଶେଷ, ପିଏମ୍ ମୋଦି ହେଲେ ପ୍ରସ୍ତାବକ
- ମଙ୍ଗଳବାର ପୂର୍ବାହ୍ଣରେ ଆନୁଷ୍ଠାନିକ ଘୋଷଣା
- ୨୧ରେ ଜାତୀୟ ପଦାଧିକାରୀଙ୍କ ସହ ବୈଠକ





ନୂଆଦିଲ୍ଲୀ,୧୯।୧: ବିଜେପି ରାଷ୍ଟ୍ରୀୟ ଅଧକ୍ଷ ନିର୍ବାଚନ ପାଇଁ ନାମାଙ୍କନ ପ୍ରକ୍ରିୟା ପୂରା ହୋଇସାରିଛି। ବିଜେପି କାର୍ଯ୍ୟକାରୀ ଅଧକ୍ଷ ନୀତିନ ନବୀନଙ୍କ ପାଇଁ ମୋଟ ୩୭ ନାମାଙ୍କନ ପତ୍ର ଦାଖଲ କରାଯାଇଛି। ଏହି ନାମାଙ୍କନ ରାଜ୍ୟ ତଥା କେନ୍ଦ୍ରଶାସିତ ପ୍ରଦେଶ ପକ୍ଷରୁ ଦାଖଲ କରାଯାଇଛି। ସଂସଦୀୟ ଦଳର ନାମାଙ୍କନ ପତ୍ର ଉପରେ ପ୍ରସ୍ତାବକ ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦସ୍ତଖତ କରିଥିଲେ। ସଂସଦୀୟ ଦଳ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ୍ ଶାହ, ନୀତିନ ଗଡ଼କରୀ, ରାଜନାଥ ସିଂହଙ୍କ ପରି ପାର୍ଟିର ପ୍ରମୁଖ ନେତା ଉପସ୍ଥିତ ରହିଥିଲେ। ପ୍ରତି ନାମାଙ୍କନ ପତ୍ର ଉପରେ ୨୦ ପ୍ରସ୍ତାବକଙ୍କ ଦସ୍ତଖତ ରହିଛି।

ବିଜେପିର ମୁଖ୍ୟ ନିର୍ବାଚନ ଅଧିକାରୀ କେ.ଲକ୍ଷ୍ମଣ ଏ ସଂକ୍ରାନ୍ତରେ ସବିଶେଷ ସୂଚନା ଦେଇଛନ୍ତି। ଏହାପରେ ମଙ୍ଗଳବାର ପୂର୍ବାହ୍ଣ ୧୧ଟାରେ ବିଜେପି ମୁଖ୍ୟାଳୟରେ ୭୦୦ ପ୍ରତିନିଧି ଏକାଠି ହେବେ। ପ୍ରଧାନମନ୍ତ୍ରୀ ମୋଦି ମଧ ଉପସ୍ଥିତ ରହିବେ। ତାଙ୍କ ଉପସ୍ଥିତିରେ ନୀତିନ ନବୀନଙ୍କ ନାଁ ଆନୁଷ୍ଠାନିକ ଭାବେ ଘୋଷଣା କରାଯିବ। ବିଜେପିର ସମ୍ବିଧାନ ଅନୁଯାୟୀ, ରାଷ୍ଟ୍ରୀୟ ଅଧକ୍ଷ ନିର୍ବାଚନ ପାଇଁ ପ୍ରସ୍ତାବ ଅତି କମରେ ୫ଟି ରାଜ୍ୟରୁ ଆସିବା ଆବଶ୍ୟକ, ପ୍ରତ୍ୟେକ ରାଜ୍ୟରୁ ୨୦ ଜଣ ପ୍ରସ୍ତାବକ ରହିବେ। କିନ୍ତୁ ଏଥର ସମର୍ଥନର ଏକ ଦୃଢ଼ ବାର୍ତ୍ତା ପଠାଇବା ପାଇଁ ବିଜେପି ସମସ୍ତ ରାଜ୍ୟରୁ ପ୍ରସ୍ତାବ ଲୋଡ଼ିଥିଲା।

ନୀତିନ ନବୀନଙ୍କୁ ଜାନୁଆରୀ ୨୦ରେ ସଭାପତି ଭାବେ ଆନୁଷ୍ଠାନିକ ଭାବରେ ଘୋଷଣା କରାଯିବ। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ସହ ଗୃହମନ୍ତ୍ରୀ ଅମିତ ଶାହ ଓ ସମସ୍ତ ବିଜେପିଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ, ରାଜ୍ୟ ସଭାପତି, ରାଜ୍ୟ ସଂଗଠନ ସାଧାରଣ ସମ୍ପାଦକ, ➪ପୃଷ୍ଠା-୬

ଚୌଦ୍ୱାର ଜେଲରେ ଅଜବ ସ୍ଥିତି

## କଏଦୀ ଫେରାର୍ ପରେ କାଦୁଅଫିଙ୍ଗା

- ଜେଲ ଅଧୀକ୍ଷକ-ପୂର୍ବତନ ଜେଲର୍ ମୁହାଁମୁହିଁ
- ଡିଜିପି ଓ ଜେଲ ଡିଜି ସାଜିଛନ୍ତି ନୀରବଦ୍ରଷ୍ଟା





ଭୁବନେଶ୍ୱର,୧୯।୧(ସଂଚାର ବ୍ୟୁରୋ): ଚୌଦ୍ୱାର ଜେଲ୍‌ରେ ବିଚିତ୍ର ସ୍ଥିତି ସୃଷ୍ଟି ହୋଇଛି। ଜେଲରୁ ଦୁଇ ଜଣ ହାର୍ଡକୋର କଏଦୀ ୩ ମାସ ତଳେ ଫେରାର୍ ହୋଇଯାଇଥିଲେ। ଏଯାଏଁ ହତ୍ୟା ଅଭିଯୁକ୍ତ ଦୁଇ ଅପରାଧୀଙ୍କୁ ପୁଲିସ ଧରିପାରୁନି। ସେପଟେ ଏହି ମାମଲାରେ ମୁହାଁମୁହିଁ ହୋଇଛନ୍ତି ଜେଲ୍ ଅଧୀକ୍ଷକ ଓ ପୂର୍ବତନ ଜେଲର। ଜଣେ ଅନ୍ୟ ଜଣଙ୍କ ନାଁରେ ଚୌଦ୍ୱାର ଥାନାରେ ଏତଲା ଦେଇଛନ୍ତି। କୁହାଯାଏ ଯେ ପୁଲିସ ପ୍ରଶାସନରେ ଶୃଙ୍ଖଳାକୁ ସବୁବେଳେ ପ୍ରାଥମିକତା ଦିଆଯାଇଥାଏ। କିନ୍ତୁ ଦୁଇ ଜେଲ ଅଧିକାରୀ ପରସ୍ପର ବିରୋଧରେ ଏଫଆଇଆର ଦେବା ଓ ଏଫଆଇଆର କପି ସୋସିଆଲ ମିଡିଆରେ ଘୂରି ବୁଲିବା ରାଜ୍ୟ ପୁଲିସ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଜେଲ ଅଧୀକ୍ଷକ ସୁଜିତ ରାଉଳଙ୍କ ବିରୋଧରେ ପୂର୍ବତନ ଜେଲର୍ ସନ୍ତୋଷିନୀ ଦାଶ ଚୌଦ୍ୱାର ଥାନାରେ ଏଫଆଇଆର ଦେବାର ୨୪ ଘଣ୍ଟା ପରେ ପାଲଟା ଏତଲା ଦେଇଛନ୍ତି ଜେଲ୍ ଅଧୀକ୍ଷକ। ସୁଜିତଙ୍କ ନାଁରେ ଜାଲିଆତି ଓ ପଦବୀର ଅପବ୍ୟବହାର ଅଭିଯୋଗ ଆଣି ଏତଲା ଦେଇଥିଲେ ସନ୍ତୋଷିନୀ। କଏଦୀ ଫେରାର ଘଟଣାରେ ସୁଜିତ ସର୍ଭିସ ରେକର୍ଡ ଟ୍ୟାମ୍ପରିଂ କରିଥିବା ଏତଲାରେ ଦର୍ଶାଇଥିଲେ। ଏପରିକି କଏଦୀ ଫେରାର ପଛରେ ସୁଜିତଙ୍କ ସମ୍ପୃକ୍ତି ଥିବା ଭଳି ସାଂଘାତିକ ଅଭିଯୋଗ ଆଣିଥିଲେ ସନ୍ତୋଷିନୀ।

ପୂର୍ବତନ ଜେଲର୍‌ଙ୍କ ଏତଲାର ୨୪ ଘଣ୍ଟା ନ ପୂରୁଣୁ ଜେଲ ଅଧୀକ୍ଷକ ଦେଇଛନ୍ତି ପାଲଟା ଅଭିଯୋଗ। ବଦଳି ପରେ ମଧ ଦାୟିତ୍ୱ ହସ୍ତାନ୍ତର ନ କରିବା, ସରକାରୀ କ୍ୱାର୍ଟର୍ସକୁ ଏପର୍ଯ୍ୟନ୍ତ ଦଖଲରେ ରଖିବା ଓ ଜେଲ କ୍ୟାଣ୍ଟିନ ଅର୍ଥ ହସ୍ତାନ୍ତର ନ କରିବା ଭଳି ଅଭିଯୋଗ କରିଛନ୍ତି ଅଧୀକ୍ଷକ। ସେହିଭଳି ଦୁଇ ହାର୍ଡକୋର କଏଦୀ ଫେରାର ହେବା ପଛରେ ମଧ ସନ୍ତୋଷିନୀଙ୍କର ହାତ ଥିବା ସନ୍ଦେହ ପ୍ରକାଶ କରିଛନ୍ତି ସୁଜିତ। ଜେଲ୍‌ର ଦୁଇ ଅଧିକାରୀଙ୍କ ➪ପୃଷ୍ଠା-୬

ବଡ଼ବିଲ୍‌ରେ ବଡ଼ ଧରଣର ବ୍ୟାଙ୍କ୍ ଡକାୟତି

## ଲୁଟିନେଲେ ୫ କୋଟିର ସୁନା



ବଡ଼ବିଲ,୧୯।୧(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲାର ବଡ଼ବିଲସ୍ଥିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରେ ଆଜି ସଶସ୍ତ୍ର ଡକାୟତି ହୋଇଛି। ଡକାୟତମାନେ ବନ୍ଧୁକ ମୂନରେ ୮ ଲକ୍ଷ ଟଙ୍କା ସହ ୫ କୋଟିରୁ ଅଧିକ ଟଙ୍କାର ସୁନା ଲୁଟ୍ କରି ଫେରାର ହୋଇଯାଇଛନ୍ତି। କେନ୍ଦୁଝର ଜିଲ୍ଲାର ଖଣିଜ ସହର ବଡ଼ବିଲର କଳିଙ୍ଗ ରାସ୍ତାସ୍ଥିତ ଏହି ବ୍ୟାଙ୍କ୍‌ରେ ଦିନଦ୍ୱିପ୍ରହରରେ ହୋଇଥିବା ଏପରି ଲୁଟ୍‌ପାଟ ଘଟଣା ସାଧାରଣରେ ଆତଙ୍କ ଓ ଚାଞ୍ଚଲ୍ୟ ସୃଷ୍ଟି କରିଛି।

ମିଳିଥିବା ସୂଚନାନୁସରେ, ୫ରୁ ୬ ଜଣ ଡକାୟତ ଗ୍ରାହକ ସେବା ନେବା ପାଇଁ ନାଟକ କରି ବ୍ୟାଙ୍କ ଭିତରେ ପ୍ରବେଶ କରିଥିଲେ। ତେବେ ସୁଯୋଗ ଉଣ୍ଡି ସେମାନେ ହଠାତ୍ ବନ୍ଧୁକ ବାହାର କରି ବ୍ୟାଙ୍କ କର୍ମଚାରୀ ଓ ଉପସ୍ଥିତ ଗ୍ରାହକଙ୍କୁ ଭୟଭୀତ କରାଇଥିଲେ। ପରେ ସେମାନେ ବନ୍ଧୁକ ମୂନରେ ପ୍ରାୟ ୮ ଲକ୍ଷ ଟଙ୍କା ଓ ବ୍ୟାଙ୍କରେ ରଖାଯାଇଥିବା ପ୍ରାୟ ୫ କୋଟି ଟଙ୍କାର ସୁନା ଗହଣା ଲୁଟ୍ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ➪ପୃଷ୍ଠା-୬

## ଶ୍ରୀଜଗନ୍ନାଥଙ୍କ ଏଆଇ ଭିଡିଓ ଭାଇରାଲ

- ଭକ୍ତଙ୍କ ମଧ୍ୟରେ ଘୋର ଅସନ୍ତୋଷ
- କଡ଼ା କାର୍ଯ୍ୟାନୁଷ୍ଠାନ ଦାବି



ଭୁବନେଶ୍ୱର,୧୯।୧ (ସଂଚାର ବ୍ୟୁରୋ): ପୁଣି ଥରେ ମହାପ୍ରଭୁ ଜଗନ୍ନାଥଙ୍କୁ ଅପମାନିତ କରାଯାଇଛି। ମହାପ୍ରଭୁଙ୍କ କୃତ୍ରିମ ବୁଦ୍ଧିମତା (ଏଆଇ) ଦ୍ୱାରା ପ୍ରସ୍ତୁତ ଏକ ଭିଡିଓ ମୋବାଇଲରୁ ମୋବାଇଲକୁ ଘୂରି ବୁଲୁଛି। ଉକ୍ତ ଭିଡିଓରେ ପରମ୍ପରାବିରୋଧୀ ଅବାସ୍ତବ ଦୃଶ୍ୟ ରହିଛି, ଯାହା କୋଟି କୋଟି ଭକ୍ତଙ୍କ ଭାବାବେଗ ପ୍ରତି କୁଠାରଘାତ କରିଛି। ଭକ୍ତଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ଏହା ବିରୋଧରେ କଠୋର ➪ପୃଷ୍ଠା-୬

## ଅଫିସରଙ୍କ ମନମାନୀ, ସରକାର ବଦନାମ

- ଅନ୍‌ଲାଇନରେ ଉପଲବ୍ଧ ହେଉନି ସରକାରୀ ଚିଠି
- ବର୍ଷ ବର୍ଷ ଧରି ଅପଡେଟ୍ ହେଉନି 'ଇ-ଡେସ୍‌ପାଚ'



ଭୁବନେଶ୍ୱର,୧୯।୧(ସଂଚାର ବ୍ୟୁରୋ): ପ୍ରଶାସନିକ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବାକୁ ରାଜ୍ୟ ସରକାର ଇ-ଡେସ୍ପାଚ ବ୍ୟବସ୍ଥା ଆରମ୍ଭ କରିଥିଲେ। ଉଦ୍ଦେଶ୍ୟ ଥିଲା ରାଜ୍ୟ ସରକାରଙ୍କ ବିଭିନ୍ନ ଚିଠି ଯାହା ସାଧାରଣ ଲୋକଙ୍କ ପାଇଁ ଆବଶ୍ୟକ ତାହା ରାଜ୍ୟ ସରକାରଙ୍କ ୱେବସାଇଟ୍‌ରେ ଉପଲବ୍ଧ କରାଯିବ। ଏହାଦ୍ୱାରା ସାଧାରଣ ଲୋକଙ୍କୁ କୌଣସି ସରକାରୀ ନିର୍ଦ୍ଦେଶନାମା ପାଇଁ ବିଭିନ୍ନ ଦପ୍ତରକୁ ଦୌଡିବାକୁ ପଡିବନାହିଁ। କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି ଅଧିକାଂଶ ସରକାରୀ ବିଭାଗର ଚିଠି ଅନଲାଇନରେ ଆସୁନାହିଁ, ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦବେଗ ପ୍ରକାଶ ପାଇଛି।

ବିଜେଡି ସରକାର ଅମଳରେ ଏହା ଏକ ନିୟମିତ ପ୍ରକ୍ରିୟା ଥିଲା। ସବୁ ଗୁରୁତ୍ୱପୂର୍ଣ୍ଣ ଚିଠିକୁ ଚାପି ଦେବାକୁ ଉଦ୍ଦେଶ୍ୟମୂଳକ ଭାବେ ଅନଲାଇନରେ ଉପଲବ୍ଧ କରାଯାଉନଥିଲା। କିନ୍ତୁ ସରକାର ବଦଳିବା ପରେ ଅଫିସରଙ୍କ ଏହି ମାନସିକତାରେ ➪ପୃଷ୍ଠା-୬

ନିର୍ମାଣ ବିଭାଗର ୪ଟି ରାସ୍ତା ପ୍ରକଳ୍ପର ସମୀକ୍ଷା

## ଭୁବନେଶ୍ୱରରୁ କନ୍ଧରପୁର ପର୍ଯ୍ୟନ୍ତ ଗ୍ରୀନ୍‌ଫିଲ୍ଡ ରୋଡ୍

- ସିଆର୍‌ଆର୍‌ଆର୍ କାର୍ଯ୍ୟ ଆଗେଇନେବାକୁ ନିର୍ଦ୍ଦେଶ
- ଦୁଇଟି ପ୍ରମୁଖ ରାସ୍ତା ପ୍ରଶସ୍ତିକରଣ ନେଇ ଆଲୋଚନା



ଭୁବନେଶ୍ୱର,୧୯।୧(ସଂଚାର ବ୍ୟୁରୋ): ରାଜ୍ୟର ବିଭିନ୍ନ ରୋଡ୍ ନେଟ୍‌ୱାର୍କକୁ ସୁଦୃଢ଼ କରି ରାଜ୍ୟର ବିକାଶକୁ ଆଗେଇ ନେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସ୍ପଷ୍ଟ ଆଭିମୁଖ୍ୟ ରହିଛି। ଏହି ଲକ୍ଷ୍ୟକୁ ତ୍ୱରିତ ବେଗରେ ଆଗେଇ ନେବା ସହ ରାଜ୍ୟର ସବୁ ପ୍ରମୁଖ ଅଞ୍ଚଳକୁ ଉତ୍ତମ ରୋଡ୍ ନେଟ୍‌ୱାର୍କ ଯୋଗାଇ ଦେବା ପାଇଁ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ କହିଛନ୍ତି। ଆଜି ବିଭାଗୀୟ ସମ୍ମିଳନୀ କକ୍ଷରେ ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟର ବିଭିନ୍ନ ରାସ୍ତା ପ୍ରକଳ୍ପର ନିର୍ମାଣ ଓ ପ୍ରଶସ୍ତୀକରଣ ନେଇ ଆଲୋଚନା ହୋଇଯାଇଛି। ଏଥିରେ ରାଜଧାନୀ ଭୁବନେଶ୍ୱରର ଚାରିପାଖରେ ନିର୍ମାଣ ହେବାକୁ ଥିବା ପ୍ରାୟ ୧୧୧ କିମି ଦୀର୍ଘ କ୍ୟାପିଟାଲ ରିଜିଅନ୍ ରିଂ ରୋଡ୍ (ସିଆର୍‌ଆର୍‌ଆର୍)ନିର୍ମାଣ, ଜଙ୍ଗଲ ଓ ପରିବେଶ ବିଭାଗର ଅନୁମୋଦନ ଏବଂ ଜମି ଅଧିଗ୍ରହଣ ସହ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରିତ ବେଗରେ ଆଗେଇ ➪ପୃଷ୍ଠା-୬

## ବଦଳିବ ଲ୍ୟାଣ୍ଡ ସେଟଲମେଣ୍ଟ ଆଇନ

ଭୁବନେଶ୍ୱର,୧୯।୧(ସଂଚାର ବ୍ୟୁରୋ): ରାଜ୍ୟରେ ଜମିଜମା ଜନିତ ସମସ୍ୟାକୁ ସରଳ କରିବା ଏବଂ ଦୀର୍ଘ ଦିନ ଧରି ସମାଧାନ ହୋଇପାରୁନଥିବା ସମସ୍ୟାଗୁଡ଼ିକ ପାଇଁ ସରକାର ଆଗାମୀ ବିଧାନସଭା ଅଧିବେଶନରେ ଏକ ନୂଆ ଆଇନ ପ୍ରଣୟନ କରିବାକୁ ଯାଉଥିବା ସୋମବାର ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ସମସ୍ତ ବିଦ୍ୟମାନ ଜମି ଓ ରାଜସ୍ୱ ସମ୍ପର୍କିତ ଆଇନକୁ ସ୍ପଷ୍ଟ ଆଇନଗତ ଢାଞ୍ଚା ଅଧୀନରେ ଆଣିବା ନୂଆ ଆଇନର ମୂଳ ଲକ୍ଷ୍ୟ ବୋଲି ସେ କହିଛନ୍ତି।

ପ୍ରସ୍ତାବିତ ନୂଆ ବ୍ୟବସ୍ଥାରେ ଆଇନଗତ ଦ୍ୱନ୍ଦ୍ୱ ଦୂର କରିବା ସହ ଜମି ବନ୍ଦୋବସ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ। ବ୍ୟବସ୍ଥାକୁ ଅଧିକ ➪ପୃଷ୍ଠା-୬



**କାନ ଡେରିଆ**

ବାପାଙ୍କୁ ତଡ଼ିଲେ ପ୍ୟାରୀ ମହାପାତ୍ର
ପୁଅଙ୍କୁ ତଡ଼ିଲେ ପାଣ୍ଡୁ
ବିଜେଡି ରଥର ଚକା ସ୍ଲିପ୍ ହୁଏ
ଲାଗୁଛି ଯେମିତି ପେଣ୍ଡୁ
କିଏ ଏଠି ଗବଗାଣ୍ଡୁ...
ମୁଖିଆ ସଜକୁ ଖୋଜୁ ଖୋଜୁ ଏବେ
ପାଇଗଲେ ବାସୀ ଗେଣ୍ଡୁ ।

■ ଦେବାଶିଷ

ଖୋଲିବ ବାଲି ସିଣ୍ଡିକେଟ୍ ଗୁମର

## ଇଡି ଚଢ଼ାଉ ପରେ ମାଫିଆ ଥରହର

- ମନ୍ତ୍ରୀଙ୍କ ସମ୍ପୃକ୍ତି ଅଭିଯୋଗ ଆଣିଲା ବିଜେଡି
- ବେଆଇନ ଖନନ ଉପରେ ଶୂନ୍ୟ ସହନଶୀଳତା



ଭୁବନେଶ୍ୱର,୧୯।୧(ସଂଚାର ବ୍ୟୁରୋ): ରାଜ୍ୟରେ ଲଘୁ ଖଣିଜର ଲୁଟପାଟକାରୀ ମାଫିଆଙ୍କ ନିଦ ହଜାଇଦେଇଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ମାଫିଆଙ୍କ ଠିକଣା ଜାଗାରେ ଇଡିର କ୍ରମାଗତ ଚଢ଼ାଉ ଓ ବାଲି ସହ ପଥର ଖାଦାନଗୁଡ଼ିକରେ ଜିଲ୍ଲା ପ୍ରଶାସନର ଚଢ଼ାଉ ପରେ ଏବେ ଟେନସନରେ ପଡ଼ିଯାଇଛନ୍ତି ଏହି ଲୁଟେରା ଦଳ। ବିଜେଡି ଅମଳରେ ଲଘୁ ଖଣିଜ ପଦାର୍ଥକୁ ଖୋଳ କରିଥିବା କେଉଁ ମାଫିଆଙ୍କ ଆଲମାରୀରୁ କୋଟି କୋଟି ତ ଆଉ କାହା ଘରୁ ଲକ୍ଷ ଲକ୍ଷ ନଗଦ ନୋଟ୍ ଜବତ ହୋଇଛି। ବିଶେଷ କରି ଗଞ୍ଜାମରେ ବାଲି ମାଫିଆଙ୍କ ବିରାଟ ସିଣ୍ଡିକେଟ ଉପରେ ମାଡ଼ ପଡ଼ିବା ପରେ ଏବେ ଖାଁ ଖାଁ ହୋଇଗଲାଣି ଖଣିଖାଦାନ। ➪ପୃଷ୍ଠା-୬


SIKSHA 'O' ANUSANDHAN
(DEEMED TO BE UNIVERSITY)

Empowering students for a brighter future

LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 15th Best in University Category
- 10th Best in Law Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through CLAT 2026, Please visit: www.soa.ac.in


ବିଜେଡିରେ ନିଲମ୍ବନ ପାଲା

## ନାଟର ଗୋବର୍ଦ୍ଧନ ହେଉଛନ୍ତି କ୍ରୀତଦାସ



ଭୁବନେଶ୍ୱର,୧୯।୧(ସଂଚାର ବ୍ୟୁରୋ): ବିଜେଡିର ଦୁଇ ବିଧାୟକ ଅରବିନ୍ଦ ମହାପାତ୍ର ଓ ସନାତନ ମହାକୁଡ଼ଙ୍କ ନିଲମ୍ବନକୁ ନେଇ ଚାଲିଥିବା ପାଲା ଥମିବାର ନାଁ ଧରୁନଥିବା ବେଳେ କ୍ରୀତଦାସ ହିଁ ନାଟର ଗୋବର୍ଦ୍ଧନ ବୋଲି କର୍ମୀମାନେ କହି ବୁଲୁଛନ୍ତି।ନବୀନଙ୍କ ବିରୋଧୀ ବିଜୟ ମହାପାତ୍ରଙ୍କ ପୁଅଙ୍କୁ ଆଣି କ୍ରୀତଦାସ ବିଜେଡିରେ ମିଶାଇଥିବା ବେଳେ ଏବେ ଦଳଭଙ୍ଗା ଘଟଣାରେ ସେ ଧରାଛୁଆଁ ଦେଉନାହାନ୍ତି। କର୍ମୀମାନଙ୍କ କହିବା କଥା

**ଦେବାଶିଷଙ୍କ କଥା ସତ ହେଲା**

ଯେ ନବୀନ ଓ ବିଜୟଙ୍କ ମଧ୍ୟରେ ୨୪ ବର୍ଷର ଶତ୍ରୁତା ବିଷୟରେ ଜାଣି ବି କ୍ରୀତଦାସ ବିଜୟଙ୍କ ପୁଅଙ୍କୁ ଆଣି ବିଜେଡିରେ ମିଶାଇଥିଲେ। ସେତେବେଳେ ନବୀନ ପଟ୍ଟନାୟକ ବିଜୟଙ୍କ ସପକ୍ଷରେ ଅଛନ୍ତି ବୋଲି ସାଧାରଣରେ ବାର୍ତ୍ତା ଦିଆଯାଇଥିଲା। ପୁଅ ଅରବିନ୍ଦଙ୍କ ବିଜେଡିରେ ପ୍ରବେଶ ପରେ ପିତା ବିଜୟ ରାଜନୀତିରେ ଅଧିକ ସକ୍ରିୟ ହୋଇଥିଲେ। ବିଜେଡିର କିଛି ନେତା ବି ନିୟମିତ ଭାବେ ତାଙ୍କୁ ଭେଟୁଥିଲେ। ଏସବୁ କଥା କ୍ରୀତଦାସ ଜାଣିଥିବା ନେଇ ଚର୍ଚ୍ଚା ହେଉଛି । ଏବେ ଖୋଦ ବିଜେଡି ଅଭିଯୋଗ କରୁଛି ଯେ ପୁଅକୁ ଆଗରେ ରଖି ବିଜୟ ବିଜେଡିକୁ ଭାଙ୍ଗିବାକୁ ଉଦ୍ୟମ କରୁଥିଲେ। ତେବେ ବିଜୟଙ୍କ ପୁଅ କିଭଳି ଓ କେଉଁ ପରିସ୍ଥିତିରେ ଆସି ବିଜେଡିରେ ମିଶିଲେ ଓ ତାଙ୍କୁ ମିଶାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା କ୍ରୀତଦାସ କ'ଣ ପାଇଁ ଏଭଳି ପଦକ୍ଷେପ ନେଇଥିଲେ, ସେ ସଂକ୍ରାନ୍ତରେ କିନ୍ତୁ ବିଜେଡି ମୁହଁ ଖୋଲୁନାହିଁ। ଦଳର ମୁଖପାତ୍ର ଓ ନେତାମାନେ ଏହି ନିଲମ୍ବନକୁ ନେଇ ବିଜେଡିକୁ ସୁରକ୍ଷା ଦେଉଥିବା ବେଳେ ଅସଲ କାର୍ପେଟଦାର କ୍ରୀତଦାସ କିନ୍ତୁ ନିରବତା ଅବଲମ୍ବନ କରୁଛନ୍ତି। ➪ପୃଷ୍ଠା-୬

# ମହାକାଳପଡ଼ା ବ୍ଲକରେ ନାହାନ୍ତି ସ୍ଥାୟୀ ବିଡିଓ

## ତହସିଲଦାରଙ୍କୁ ବିଡିଓ ଦାୟିତ୍ୱ

**ମହାକାଳପଡ଼ା,୧୯।୧(ସଂଚାର ବ୍ୟୁରୋ):** ବିଡ଼ିଓଙ୍କ ବଦଳି ନିର୍ଦ୍ଦେଶକୁ ୫୩ ଦିନ ବିତିଲାଣି। ହେଲେ ବ୍ଲକରେ ଆଜି ପର୍ଯ୍ୟନ୍ତ ନୂତନ ସ୍ଥାୟୀ ବିଡ଼ିଓ ଦାୟିତ୍ୱ ଗ୍ରହଣ କରୁନାହାନ୍ତି। ତହସିଲଦାର ରବିନାରାୟଣ ଆଚାର୍ଯ୍ୟଙ୍କୁ କାମଚଳା ବିଡ଼ିଓ ଭାବରେ ଅତିରିକ୍ତ ଦାୟିତ୍ୱ ମୁଣ୍ଡେଇ ଦେଇଛି ପ୍ରଶାସନ। ବିଭାଗୀୟ ନିର୍ଦ୍ଦେଶ ପରେବି କାହିଁକି ନୂତନ ବିଡିଓ କାର୍ଯ୍ୟରେ ଯୋଗଦାନ କରୁ ନାହାନ୍ତି ତାହାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି।

ସୂଚନା ଥାଉକି ମହାକାଳପଡାର ତତ୍କାଳୀନ ବିଡ଼ିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କୁ ୨୯ ନଭେମ୍ବର ୨୦୨୫ରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ବଦଳି କରିଥିଲା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ। ସୌମ୍ୟଙ୍କ ବଦଳରେ ସୋନପୁରର ବିଡ଼ିଓ ଭାବରେ କାର୍ଯ୍ୟ କରୁଥିବା ସଞ୍ଜିବ କୁମାର ସାହୁଙ୍କୁ ମହାକାଳପଡ଼ାର ନୂତନ ବିଡିଓ ଭାବେ ବିଭାଗ ଚିଠି କରିଥିଲା। ସଞ୍ଜିବ ଯୋଗନଦେବାରୁ ସୌମ୍ୟଙ୍କ ବଦଳି ପରେ ମଧ ସେ ଦାୟିତ୍ୱ ମୁକ୍ତ ହୋଇ ପାରୁନଥିଲେ। ବଦଳି ଆଦେଶର ୧ ମାସ ପରେ ବି ନୂଆ ବିଡ଼ିଓ ସଞ୍ଜିବ ମହାକାଳପଡ଼ା ନଆସିବାରୁ ବାଧ ହୋଇ ୩୧ ଡିସେମ୍ବର ଦିନ ସୌମ୍ୟଙ୍କୁ ଦାୟିତ୍ୱ ମୁକ୍ତ କରିଥିଲା ଜିଲ୍ଲା ପ୍ରଶାସନ।

### ନୂତନ ବିଡିଓଙ୍କ ଯୋଗନଦେବା ବଢ଼ାଇଲା ସନ୍ଦେହ




ନୂଆ ବିଡ଼ିଓଙ୍କ ଯୋଗନଦେବା କାରଣରୁ ଜିଲ୍ଲା ପ୍ରଶାସନ ବର୍ତ୍ତମାନର ତହସିଲଦାର ଭାବେ କାର୍ଯ୍ୟ ତୁଲାଉଥିବା ରବିନାରାୟଣ ଆଚାର୍ଯ୍ୟଙ୍କୁ କାମଚଳା ବିଡ଼ିଓ ଭାବରେ ଅତିରିକ୍ତ ଦାୟିତ୍ୱ ମୁଣ୍ଡେଇ ଦେଇଛି। ମହାକାଳପଡ଼ା ଭଳି ଏକ ସମ୍ବେଦନଶୀଳ ଅଞ୍ଚଳର ବିଭିନ୍ନ କାର୍ଯ୍ୟ ତୁଲାଉଥିବା ତହସିଲଦାର ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ସହିତ ବିଡ଼ିଓ ପଦବୀ ତୁଲାଇବା ଏବେ ରବିନାରାୟଣଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ଭଳି ଘଟଣା ପାଲଟିଛି। ତହସିଲରୁ ବ୍ଲକ୍, ବ୍ଲକ୍‌ରୁ ତହସିଲ ଓ ପ୍ରଶାସନିକ ବୈଠକ ଆଦିରେ ଯାଆଆସ ଭିତରେ ସାଧାରଣ ଲୋକେ ସେମାନଙ୍କ କାର୍ଯ୍ୟ ପାଇଁ ତହସିଲ ଓ ବ୍ଲକ୍‌କୁ ଆସି ଘଣ୍ଟା ଘଣ୍ଟା ଅପେକ୍ଷା କରୁଥିବା ଦେଖିବାକୁ ମିଳୁଛି। କେବଳ ସେତିକି ନୁହେଁ ଫାଇଲ୍‌ରେ ଦସ୍ତଖତ ପାଇଁ ମଧ କର୍ମଚାରୀମାନେ ବି ସମଦଶା ଭୋଗୁଛନ୍ତି ବୋଲି କିଛି କର୍ମଚାରୀ ନିଜର ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ହେଲେ ବିଭାଗୀୟ ଆଦେଶକୁ ୫୩ ଦିନ ବିତିଯାଇଥିଲେ ମଧ ମହାକାଳପଡ଼ାକୁ ସଞ୍ଜିବ ନଆସିବା ଓ ଦାୟିତ୍ୱ ଗ୍ରହଣ ନକରିବା ମହାକାଳପଡ଼ାରେ କିଛି ଗଡ଼ବଡ଼ ଚାଲିଥିବା ଚର୍ଚ୍ଚାକୁ ଖୋରାକ୍ ଯୋଗାଇଛି। କେବେ ନୂତନ ବିଡିଓ କାର୍ଯ୍ୟରେ ଯୋଗ ଦେବେ ତାହା ଦେଖିବାକୁ ବାକି ରହିଲା।

## ଉଦୟ ଇଣ୍ଡିଆ ପ୍ରତିଭା ସମ୍ମାନ-୨୦୨୬ରେ ସମ୍ମାନିତ ପ୍ରଫେସର କମଳାକାନ୍ତ ଦାଶ




**କେନ୍ଦ୍ରାପଡ଼ା,୧୯।୧(ସଂଚାର ବ୍ୟୁରୋ):** ବିକଶିତ ଓଡ଼ିଶା ଭିଜନ-୨୦୩୬କୁ କେନ୍ଦ୍ର କରି ଉଦୟ ଇଣ୍ଡିଆ ପକ୍ଷରୁ ଆୟୋଜିତ ଜାତୀୟ ସମ୍ମିଳନୀରେ କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ବ୍ରହ୍ମପୁର ଗ୍ରାମର ପ୍ରଫେସର କମଳାକାନ୍ତ ଦାଶଙ୍କୁ 'ଉଦୟ ଇଣ୍ଡିଆ ପ୍ରତିଭା ସମ୍ମାନ-୨୦୨୬' ପ୍ରଦାନ କରାଯାଇଛି । ଗତ ୧୮ ଜାନୁଆରୀରେ ଭୁବନେଶ୍ୱର ସ୍ଥିତ ସ୍ୱସ୍ତି ପ୍ରିମିୟମରେ ଆୟୋଜିତ ଏହି ଗରିମାମୟ ସମାରୋହରେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ପୂର୍ବତନ ବିଧାୟକ ତଥା ବିଜେପି ନେତା ପ୍ରିୟଦର୍ଶୀ ମିଶ୍ର, ଓଡ଼ିଶା ସରକାରଙ୍କ ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମତ୍ସ୍ୟ, ପଶୁସମ୍ପଦ ଉନ୍ନୟନ ଓ ଏମଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୁଜାରୀଙ୍କ ଗରିମାମୟ ଉପସ୍ଥିତିରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା । ଶିକ୍ଷା, ସାହିତ୍ୟ, ମାଧ୍ୟମ, ସାର୍ବଜନିକ ନୀତି ଓ ଆନ୍ତର୍ଜାତୀୟ ସହଯୋଗ କ୍ଷେତ୍ରରେ ଦୁଇ ଦଶକ ଧରି ନିରନ୍ତର ଓ ନିଷ୍ଠାପୂର୍ଣ୍ଣ ଅବଦାନ ପାଇଁ ପ୍ରଫେସର ଦାଶଙ୍କୁ ଏହି ସମ୍ମାନ ଦିଆଯାଇଛି ।

## ଯୁବ ସ୍ୱାଭିମାନ ଟ୍ରଷ୍ଟ ତରଫରୁ ଆର୍ଥିକ ସହାୟତା



**କେନ୍ଦ୍ରାପଡା,୧୯।୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡାର ଯୁବ ସ୍ୱାଭିମାନ ଟ୍ରଷ୍ଟ ତରଫରୁ ମହାକାଳପଡା ଚଢେଇଗୁହା ଗ୍ରାମରେ ଗ୍ରାମର ସ୍ୱର୍ଗତ ପ୍ରମୋଦ ଦାସଙ୍କ ପରିବାର ଅସହାୟ ଅବସ୍ଥାରେ ଥିବା ଜାଣିବାକୁ ପାଇ ଯୁବ ସ୍ୱାଭିମାନ ଟ୍ରଷ୍ଟ ପକ୍ଷରୁ ତାଙ୍କ ପରିବାରକୁ ୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଇଂ ସ୍ମୃତିରଂଜନ ଜେନାଙ୍କ ସମେତ ସନତ କୁମାର ନାୟକ, ଅମରେନ୍ଦ୍ର କୁମାର ଦାସ, ବିଶ୍ୱଜିତ୍ ଜେନା, ରମେଶ ଚନ୍ଦ୍ର ଦାସ, ସୁବାସ ଚନ୍ଦ୍ର ଦାସ, ମନୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଉପଜିଲ୍ଲାପାଳଙ୍କ ବଦଳି ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର

● କାର୍ଯ୍ୟାନୁଷ୍ଠାନ ନହେଲେ ଆନ୍ଦୋଳନ



**କେନ୍ଦ୍ରାପଡ଼ା,୧୯।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ଉପଜିଲ୍ଲାପାଳଙ୍କୁ ତୁରନ୍ତ ବଦଳି ଓ ତାଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେଇ ଆଜି ରାଜ୍ୟ ସାମ୍ବାଦିକ ସଙ୍ଘ କେନ୍ଦ୍ରାପଡ଼ା ଶାଖା ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବି ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ପ୍ରଦାନ କରାଯାଇଛି। ଦାବିରେ ଉଲ୍ଲେଖ ରହିଛି ଯେ କେନ୍ଦ୍ରାପଡ଼ାର ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ବେଖାତିର ଓ ବେଫିକର ଭାବେ ଆଇନକୁ ହାତକୁ ନେଉଛନ୍ତି । ସେ ନିଜକୁ ଜଣେ ସରକାରୀ ଅଧିକାରୀ ଭାବେ ଦେଖୁନାହାନ୍ତି। ଦିନକୁ ଦିନ ତାଙ୍କର ଔଦ୍ଧତାମି ବଢ଼ି ଚାଲିଛି । ତାଙ୍କ କାର୍ଯ୍ୟାଳୟକୁ ଯେଉଁ ଜନ ସାଧାରଣ ଭେଟିବାକୁ ଆସୁଛନ୍ତି ଅତ୍ୟନ୍ତ ଅସଭ୍ୟ ଭାଷାରେ ଗାଳି କରୁଛନ୍ତି। ଖାଲି ସେତିକି ନୁହେଁ ସାମ୍ବାଦିକମାନଙ୍କୁ ଗାଳି ମନ୍ଦ କରିବା ସହ ଧକ୍କା ମାରୁଛନ୍ତି । ଏବେ ନିକଟରେ ପଲ୍ଲୀଶ୍ରୀ ମେଳା ଚାଲିଥିବା ବେଳେ ଜଣେ ଓଡ଼ିଶାର ସୁନାମଧନ୍ୟ କଳାକାରକୁ ଗ୍ୟାଲେରୀରୁ ବାହାରି ଯିବାକୁ କହିଥିଲେ। ସେହି କଳାକାରଙ୍କୁ କଳା ପ୍ରଦର୍ଶନ ପାଇଁ ନିମନ୍ତ୍ରଣ କରାଯାଇଥିଲା। ଏହି ଘଟଣାକୁ ନେଇ ବିଭିନ୍ନ ଖବର କାଗଜ ଓ ଜାତୀୟ ଗଣମାଧମରେ ପ୍ରକାଶ ପାଇବା ସହ ସୋସିଆଲ ମିଡ଼ିଆରେ ପ୍ରଘଟ ହେଲା। ମୋହନ ସରକାର ଲୋକଙ୍କ ସରକାର କହୁଥିବା ବେଳେ ଏହି ଅଧିକାରୀଙ୍କ ଆଚରଣ ଯୋଗୁ ସରକାରଙ୍କ ପ୍ରତି ଲୋକେ ବିମୁଖ ହେବେ। ତେଣୁକରି ଏହି ଅଧିକାରୀଙ୍କ ବଦଳି ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସାମ୍ବାଦିକ ସଙ୍ଘ କେନ୍ଦ୍ରାପଡ଼ା ଶାଖାର ସାମ୍ବାଦିକମାନେ ଦାବି କରିଛନ୍ତି। ଯଦି ଏପରି କିଛି ନହୁଏ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାବ ରାଜ୍ୟ ସାମ୍ବାଦିକ ସଙ୍ଘର ସଭାପତି ଦୈତାରୀ ଜେନା ଚେତାବନୀ ଦେଇଛନ୍ତି ।

## ଭିତରକନିକାରେ ଡଲଫିନ ଗଣନା ପାଇଁ ପ୍ରଶିକ୍ଷଣ

### ଆଜିଠୁ ୩ ଦିନ ଚାଲିବ



**ରାଜନଗର,୧୯।୧(ସଂଚାର ବ୍ୟୁରୋ):** ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ଓ ଗହୀରମଥାରେ ସାମୁଦ୍ରିକ ଅଭୟାରଣ୍ୟରେ ମଙ୍ଗଳବାର ଠାରୁ ଆରମ୍ଭ ହେବ ଡଲଫିନ ଗଣନା । ଏହି ଗଣନା ପକ୍ରିୟା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଧାମରା ମୁହାଁଣ ଠାରୁ ଦେବୀ ମୁହାଁଣ ଯାଏଁ ସମୁଦ୍ର ମଧରେ ଓ ଭିତରକନିକା ମଧରେ ଥିବା କ୍ରିକ୍ ଓ ନଦୀରେ ୯ଟି ଗଣନାକାରୀ ଟିମ୍ ଡଲଫିନ ଗଣନା କରିବେ। ଆଉଟର ହୁଇଲର୍ ରୁ ଚିଂଚିରି ମାଉଥ୍, ବରୁଣେଇ ରୁ ପାରାଦ୍ୱିପ, ହଂସିଣା ବ୍ରିଜ୍‌ରୁ ମାଇପୁରା ମାଉଥ୍, ରାଜନଗର ହଂସୁଆ ନଦୀରୁ ଖୋଳା, ଖୋଳାରୁ ଧାମରା ମାଉଥ୍ ଭାୟା ନଳିତାପାଟିଆ, କାଳିଭଂଜଡିଆଁ, ଜମ୍ବୁ ଖରନାସିରୁ ହୁକିଟେଲା, ପାରାଦ୍ୱୀପରୁ ଜଟାଧାର ମୁହାଁଣ ଓ ଦେବୀ ମୁହାଁଣରୁ ଜଟାଧାର ମୁହାଁଣ ଯାଏଁ ୯ଟି ଗ୍ରୁପ ଗଣନା କରିବେ।

ସମୁଦ୍ର ମଧରେ ୫ଟି ଟିମ୍ ଓ ନଦୀ, କ୍ରୀକ୍‌ରେ ୪ଟି ଟିମ୍ ଡଲ୍‌ଫିନ୍ ମାନଙ୍କର ଗଣନା କରିବେ। ଆଜି ଗୁପ୍ତି ଠାରେ କିପରି ଡଲଫିନ ଗଣନା କରାଯିବ ସେ ନେଇ ଗଣନାକାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଡକ୍ଟର ଶିବ ପ୍ରସାଦ ପରିଡା , ଏସିଏଫ ମାନସ କୁମାର ଦାସ, ରାଜନଗର ରେଞ୍ଜ ଅଫିସର ଚିତ୍ତ ରଞ୍ଜନ ବେହୁରା, ମହାକାଳପଡା ରେଞ୍ଜ ଅଫିସର ଶାନ୍ତନୁ ଦଳାଇ ପ୍ରଶିକ୍ଷଣ ଦେଇଛନ୍ତି। ତିନି ଦିନ ଧରି ସକାଳ ୬ଟାରୁ ୧୨ଟା ଯାଏଁ ଡଲଫିନ ଗଣନା କରାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ବଡକୁଳ ପ୍ରାଥମିକ କୃଷି ସମବାୟ ସମିତିରେ ଧାନ ମଣ୍ଡି ଉଦ୍‌ଘାଟିତ

**ମହାକାଳପଡ଼ା,୧୯।୧ (ସଂଚାର ବ୍ୟୁରୋ):** ମହାକାଳପଡା ବ୍ଲକ ଅନ୍ତର୍ଗତ ବଡକୁଳ ପ୍ରାଥମିକ କୃଷି ସମବାୟ ସମିତି ଲି଼ରେ ଧାନ ମଣ୍ଡି ପୂଜାର୍ଚ୍ଚନା ପୂର୍ବକ ବିଧିବଦ୍ଧ ଭାବେ ଉଦଘାଟିତ ହୋଇଯାଇଛି। ବଡକୁଳ ଗ୍ରାମପଞ୍ଚାୟତ ସଂଲଗ୍ନ ବଡକୁଳ ପ୍ୟାକ୍ସ ଠାରେ ସଂପାଦକ ମନୋରଞ୍ଜନ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତି ରଞ୍ଜନ କୁମାର ରାଉତ, ନିର୍ଦ୍ଦେଶକ ଟହଲି ସୂତାର, ଅଭୟ ରାଉତ, ହରପ୍ରିୟା ଲେଙ୍କା, ହିରାମଣୀ ରାଉତ ପ୍ରମୁଖ ଉପସ୍ଥିତ ଥିବାବେଳେ କର୍ମଚାରୀ ପ୍ରଶାନ୍ତ କୁମାର ରାଉତ ଓ ନୀଳମଣି ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଏହି କାର୍ଯ୍ୟକ୍ରମରେ ବଡକୁଳ ଓ ଦହିମାଛ ଗ୍ରାମର ଅନେକ ଚାଷୀ ଉପସ୍ଥିତ ଥିଲେ ।



## ସନ୍ତୋଷ ବେହେରା ହେଲେ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ



**କେନ୍ଦ୍ରାପଡ଼ା,୧୯।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସର ସାଧାରଣ ସମ୍ପାଦକ ଭାବେ ସନ୍ତୋଷ ବେହେରାଙ୍କୁ ମନୋନିତ କରାଯାଇଛି । ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ସନ୍ତୋଷଙ୍କୁ ଜିଲ୍ଲା ସାଧାରଣ ସମ୍ପାଦକ ଭାବେ ମନୋନିତ କରିଛନ୍ତି । ଶ୍ରୀ ବେହେରା ଦୀର୍ଘ ବର୍ଷ ଧରି ଦଳର ସଂଗଠନକୁ ସୁଦୃଢ଼ କରିବାକୁ ପ୍ରୟାସ କରିଆସୁଛନ୍ତି । ଦଳର ଜଣେ ଦକ୍ଷ ସଂଗଠକ ଭାବେ ଶ୍ରୀ ବେହେରାଙ୍କ ସୁନାମ ରହିଛି । ଲୋକମାନଙ୍କୁ ଏକାଠି କରି ଦଳ ସପକ୍ଷରେ ସଂଗଠିତ କରିବା ସହିତ ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ଦଳର ସମର୍ଥକମାନଙ୍କୁ ଏକଜୁଟ କରିବାରେ ଶ୍ରୀ ବେହେରା ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି । ଦଳ ତାଙ୍କୁ ପ୍ରଦାନ କରିଥିବା ଦାୟୀତ୍ୱକୁ ସେ ନିଷ୍ଠାର ସହିତ ପାଳନ କରିବେ ବୋଲି କହିଛନ୍ତି । ଏଥିନିମନ୍ତେ ଶ୍ରୀ ବେହେରା ପିସିସି ସଭାପତି ଶ୍ରୀ ଦାସ, ଜିଲ୍ଲା ସଭାପତି ଡାକ୍ତର ଦେବସ୍ମିତା ଶର୍ମାଙ୍କୁ କୃତଜ୍ଞତା ଅର୍ପଣ କରିଛନ୍ତି ।

### ଚନ୍ଦନନଗର ପଦ୍ମଲୋଚନ ବିଦ୍ୟା ପୀଠର ବାର୍ଷିକୋତ୍ସବ ଉଦ୍‌ଯାପିତ

## ଉତ୍ତମ ଶିକ୍ଷା ଜୀବନକୁ ଆଲୋକିତ ଓ ସଫଳ କରେ



**ପଟ୍ଟାମୁଣ୍ଡାଇ,୧୯।୧ (ସଂଚାର ବ୍ୟୁରୋ):** "ଶିକ୍ଷା ମଣିଷ ଜୀବନକୁ ଆଲୋକିତ ଓ ସଫଳ କରିଥାଏ। ଅଜ୍ଞାନତାକୁ ବିନାଶ କରି ଜ୍ଞାନର ଆଲୋକ ବିତରଣ କରି ଛାତ୍ରଛାତ୍ରୀମାନଙ୍କୁ ସୁନାଗରିକ ଭାବେ ଗଢ଼ି ତୋଳିବାରେ ସହାୟକ ହୋଇଥାଏ ବୋଲି ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନନଗର ପଦ୍ମଲୋଚନ ନୋଡାଲ ବିଦ୍ୟାପୀଠର ୨ଦିନିଆ ବାର୍ଷିକ ଉତ୍ସବର ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ପ୍ରକାଶ କରିଛନ୍ତି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ବନୋଜିନି ସାହୁଙ୍କ ପୌରହିତ୍ୟରେ ଆୟୋଜିତ ମନୋଜ୍ଞ ଉଦଯାପନୀ ଉତ୍ସବରେ ବିଶିଷ୍ଟ କବି,ସ୍ତମ୍ଭକାର ତଥା ପୂର୍ବ ତଟ ରେଳଥର ପ୍ରାକ୍ତନ ବରିଷ୍ଠ ଅଧିକାରୀ ନିରାକାର ଦାସ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ " ଶିକ୍ଷା ହିଁ ସାମର୍ଥ୍ୟ ଗଢିବାର ଚାବିକାଠି ହୋଇଥିବାରୁ ପ୍ରଗତିର ମାର୍ଗକୁ ଆଲୋକିତ କରିଥାଏ ବୋଲି ପ୍ରକାଶ କରିଥିଲେ । ଏଥିରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ କଲେଜ ପ୍ରାକ୍ତନ ଇଂରାଜୀ ବିଭାଗ ପ୍ରାଧାପକ ଦୁର୍ଯ୍ୟୋଧନ ପରିଡା, ପଟ୍ଟାମୁଣ୍ଡାଇ ତହସିଲଦାର ପଂଚାନନ ନାୟକ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ପଂଚାନନ ଧଳ,ପ୍ରାକ୍ତନ ଯୁଗ୍ମ ଶାସନ ସଚିବ ଅଶୋକ କୁମାର ଦାସ, ଚନ୍ଦନ ନଗର ପଂଚାୟତ ସମିତି ସଭ୍ୟ ମାନସ ମଲ୍ଲିକ ଓ ସାମ୍ବାଦିକ ଭାସ୍କର ଚନ୍ଦ୍ର ରାଉତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ଏଇ ଅବସରରେ ଅତିଥିମାନେ ବିଦ୍ୟାପୀଠର ମୁଖପତ୍ର 'ଚନ୍ଦନ' ଉନ୍ମୋଚନ କରିବା ସହିତ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ।

### ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି

## ମୁକ୍ତେଶ୍ୱର ଭୁବନେଶ୍ୱରକୁ ହରାଇ ୟୁନାଇଟେଡ ବ୍ରହ୍ମପୁର ବିଜୟୀ

**ରାଜନଗର,୧୯।୧ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ବଡପଲ୍ଲୀ ମିନି ଷ୍ଟାଡିୟମରେ ଚାଲିଥିବା ରାଜ୍ୟ ସ୍ତରୀୟ ୪୪ ତମ ଚଞ୍ଚଳା ଟ୍ରଫିର ଫାଇନାଲରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ ଭୁବନେଶ୍ୱରକୁ ୭ ରନରେ ହରାଇ ୟୁନାଇଟେଡ ଇଲେଭେନ ବ୍ରହ୍ମପୁର ଚମ୍ପିୟାନ ହୋଇଛି। ପ୍ରଥମେ ଟସ ଜିତି ୟୁନାଇଟେଡ ଇଲେଭେନ ବ୍ରହ୍ମପୁର ନିର୍ଧାରିତ ୨୨ ଓଭରରେ ୭ ଉଇକେଟ ହରାଇ ୨୩୮ ରନ କରିଥିଲା। ଦଳର ସରୋଜ ପଣ୍ଡା ୩୫ ବଲରୁ ଧୂଆଁଧାର ୬୩ ରନ ଓ ସୁରତାଜ ମଞ୍ଜୁର ୩୮ ବଲରୁ ୮୩ ରନ କରିଥିଲେ। ୨୩୯ ରନର ବିଜୟ ଲକ୍ଷ ନେଇ ପଡିଆକୁ ଓଲ୍ଲାଇଥିବା ଭୁବନେଶ୍ୱର ୨୨ ଓଭରରେ ୭ ଉଇକେଟ ହରାଇ ୨୩୧ ରନ କରିବାକୁ ସକ୍ଷମ ହୋଇଥିଲା। ଦଳର ବିସ୍ମୟ ରାଉତ ୮୩ ରନ ଓ ତନୟ ବିଶ୍ୱାଳ ୪୧ ରନ କରିଥିଲେ ମଧ ଦଳକୁ ବିଜୟୀ କରାଇପାରିନଥିଲେ। ସୁରତାଜ ମଞ୍ଜୁରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର, ଇଲୁ ଗୋଛାୟତଙ୍କୁ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ କ୍ରିଡା ମନ୍ତ୍ରୀ ସୁରେଶ କୁମାର ରାଉତରାୟ ଯୋଗଦେଇ ଚମ୍ପିୟାନ ଦଳକୁ ନଗଦ ୫୦ ହଜାର ସହିତ ଟ୍ରଫି ଓ ରନର୍ସ ଅଫ ଦଳକୁ ୩୦ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ।

## ବିଜେଡି ସଭାପତି ଜ୍ୟୋତିପ୍ରକାଶ ସ୍ୱାଇଁଙ୍କୁ ସମ୍ବର୍ଦ୍ଧନା



**ନିଶ୍ଚିନ୍ତକୋଇଲି,୧୯।୧ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକର ବିଜୁ ଜନତା ଦଳ ସଭାପତି ଭାବେ ଜ୍ୟୋତିପ୍ରକାଶ ସ୍ୱାଇଁଙ୍କୁ ମନୋନୀତ କରାଯାଇଛି। ରାଜ୍ୟ ବିଜେଡ଼ି ସଭାପତି ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱିକୃତୀ କ୍ରମେ କଟକ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ କଟକ ଜିଲ୍ଲାପାଇଁ ବିଭିନ୍ନ ବ୍ଲକ ଓ ନଗର ସଭାପତି ମାନଙ୍କ ନାମ ଘୋଷଣା କରାଯାଇଛି। ପୂର୍ବରୁ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ପୂର୍ବତନ ବିଧାୟକ ପ୍ରତାପ ଜେନା ଏକ କର୍ମୀ ସମ୍ମିଳନୀରେ ପୂର୍ବରୁ ଦାୟିତ୍ୱ ନିର୍ବାହ କରୁଥିବା ବ୍ଲକ ବିଜେଡ଼ି ସଭାପତି ରମାକାନ୍ତ ମହାନ୍ତିଙ୍କୁ ଦାୟିତ୍ୱରୁ ନିବୃତ୍ତ କରି ମୌଖିକ ଭାବେ ଜ୍ୟୋତିପ୍ରକାଶ ସ୍ୱାଇଁଙ୍କୁ ନିଶ୍ଚିନ୍ତକୋଇଲି ବ୍ଲକ ବିଜୁ ଜନତା ଦଳ ନୂତନ ସଭାପତି ଭାବେ ଘୋଷଣା କରିଥିଲେ। ଏବେ ଶଙ୍ଖ ଭବନ ଭୁବନେଶ୍ୱର ପକ୍ଷରୁ ଜ୍ୟୋତିପ୍ରକାଶ ସ୍ୱାଇଁଙ୍କୁ ନିଶ୍ଚିନ୍ତକୋଇଲି ବ୍ଲକ ବିଜୁ ଜନତା ଦଳ ସଭାପତି ରୂପେ ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି। ଖବର ଜଣାପଡ଼ିବା ପରେ ନିଶ୍ଚିନ୍ତକୋଇଲି ବିଜୁ ଛାତ୍ର ଜନତା ଦଳ ତରଫରୁ ନବନିଯୁକ୍ତ ବ୍ଲକ ସଭାପତିଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି।

## କେନ୍ଦ୍ରାପଡା କ୍ରେଡିଟ୍ କୋ-ଅପରେଟିଭ୍ ସୋସାଇଟିର ସ୍ୱନକ୍ଷତ୍ର ଦିବସ



**କେନ୍ଦ୍ରାପଡା,୧୯।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ଅଗ୍ରଣୀ କୋ-ଅପରେଟିଭ୍ ସୋସାଇଟି ଭାବେ ପରିଚିତ କେନ୍ଦ୍ରାପଡା କ୍ରେଡିଟ୍ କୋ-ଅପରେଟିଭ୍ ସୋସାଇଟି ଲି଼ ର ମୁଖ୍ୟ ଶାଖାର ୨୬ତମ ସ୍ୱନକ୍ଷତ୍ର ଦିବସ ପାଳନ ହୋଇଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ତଥା ସମବାୟବିତ୍ ବରିଷ୍ଠ ସମାଜସେବୀ ପ୍ରମୋଦ କୁମାର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏକ ସଭାରେ ସମ୍ପାଦକ ଅରବିନ୍ଦ ସାହୁ, ମୁଖ୍ୟ ଶାଖା ପରିଚାଳକ ମନୋଜ କୁମାର ସାହୁ, ଏଜିଏମ୍ (ମାର୍କେଟିଂ) ରମେଶ ସେଠୀ, ଶାଖା ପରିଚାଳକ ପଙ୍କଜ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଶାଖା ଜିଲ୍ଲା ଏବଂ ଜିଲ୍ଲା ବାହାରେ ଥିବା ଶାଖା ଗୁଡିକରେ କ୍ଷୁଦ୍ର ବ୍ୟବସାୟୀଙ୍କୁ ଋଣ ପ୍ରଦାନ କରି ତାଙ୍କୁ ସ୍ୱାବଲମ୍ବୀ କରିଥିବାରୁ ରାଜ୍ୟରେ ସୁନାମ ଧନ୍ୟ ଅର୍ଜନ କରିଛି। ଏହି ପ୍ରତିଷ୍ଠା ଦିବସରେ ଋଣ ନେଇ ଠିକ୍ ସମୟରେ ପରିଶୋଧ କରିଥିବା ଦୁଇଜଣ ଋଣ ଦାତାଙ୍କୁ ଯଥା ଚାନ୍ଦୋଳର କାଳନ୍ଦି ସାହୁ ଓ ପୁରୁଣା ବସଷ୍ଟାଣ୍ଡର ଉର୍ମିଳା ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମସ୍ତ ନିର୍ଦ୍ଦେଶକଙ୍କ ସମେତ ବରିଷ୍ଠ ଶାଖା ପରିଚାଳକ ତପନ ମହାନ୍ତି (ଯାଜପୁର) ଓ ରାଜେନ୍ଦ୍ର ପାତ୍ର (ମାର୍ଶାଘାଇ) ପ୍ରମୁଖ ସହଯୋଗ କରିଥିଲେ ।

## ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଦିବ୍ୟାଙ୍ଗମାନଙ୍କ ମଧରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା



**କେନ୍ଦ୍ରାପଡ଼ା,୧୯।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବଳଦେବ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦିବ୍ୟାଙ୍ଗ ମାନଙ୍କ ମଧରେ ଜିଲ୍ଲା ସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରାପଡ଼ା ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀ ନାରାୟଣ ପ୍ରସାଦ ମନ୍ତ୍ରୀ, ଆନୁଷ୍ଠାନିକ ଭାବରେ ଏହାକୁ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ନିମାଇଁ ଚରଣ ମାନସିକ ନୃତ୍ୟାଙ୍ଗନା ସଂସ୍ଥାନର ଅଧକ୍ଷ ଶ୍ୱପ୍ନାନ୍ସୁ କୁମାର ଦାସଙ୍କ ସଂଚାଳନରେ ଅନୁଷ୍ଠିତ ସଭାରେ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ବଳଦେବ ଜେନା, ମଣ୍ଡଳ ସାମାଜିକ ସୁରକ୍ଷା ଅଧିକାରୀ ସୁଦୀପ୍ତ ମହାପାତ୍ର, ବିଶିଷ୍ଟ ଶିକ୍ଷାବିତ୍ ମଧୁସୂଦନ ରାଉତ, ପ୍ରଧାନ ଶିକ୍ଷୟତ୍ରୀ ରୁବିନା ପ୍ରଧାନ , କେନ୍ଦ୍ରାପଡ଼ା ପାରାକ୍ରୀଡା ସଂଘ ର ସମ୍ପାଦକ ସାଗର କୁମାର ଜେନା ଯୋଗ ଦେଇ ଏହା ପିଲାମାନଙ୍କୁ ଅଧିକ ଉତ୍ସାହିତ ଓ ପ୍ରତିଭା ବିକାଶରେ ଆହୁରି ଅନୁପ୍ରାଣିତ କରିବ ବୋଲି ବକ୍ତା ମାନେ ମତ ସହ ଏହାର ସଫଳତା କାମନା କରିଥିଲେ । ଏଥିରେ ନଅଟି ବ୍ଲକ୍, ଦୁଇଟି ମ୍ୟୁନିସିପାଲଟି ଓ ଛଅଟି ସ୍ୱତନ୍ତ୍ର ବିଦ୍ୟାଳୟର ଶତାଧିକ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ବାର ଜଣ ପ୍ରତିଯୋଗୀ କୃତକାର୍ଯ୍ୟ ହୋଇଥିଲେ। ଏମାନେ ସଧାରଣତନ୍ତ୍ର ଦିବସରେ ପୁରସ୍କୃତ ହେବେ।

## ବରକନ୍ଧା ପ୍ରିମିୟର ଲିଗ୍‌ର ଦଶମ ଦିବସ



**ମହାକାଳପଡ଼ା,୧୯।୧ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ବରକନ୍ଧା ପଞ୍ଚାୟତର ବରକନ୍ଧା ଗ୍ରାମରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ବରକନ୍ଧା ପ୍ରିମିୟର ଲିଗ୍‌ର ପଞ୍ଚମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଆଜି ଦଶମ ଦିନରେ ମୁଖ୍ୟ ଅତିଥି ଭାବେ ବିଜେପି ନେତା ସଞ୍ଜୟ ରଥ, ମୁଖ୍ୟ ବକ୍ତା ଭାବେ ବଡିଘର ପଞ୍ଚାୟତର ସମିତି ସଭ୍ୟ କ୍ରିଷ୍ଣପଦ ମଣ୍ଡଳ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ମହାକାଳପଡା ବ୍ଲକର ୬ଟି ପଞ୍ଚାୟତର ୧୪୦ ଜଣ ଖେଳାଳୀଙ୍କୁ ନେଇ ଏହି ପ୍ରିମିୟର ଲିଗ୍ ଆରମ୍ଭ ହୋଇଛି। ଅଞ୍ଚଳରେ ଯୁବକ ମାନଙ୍କ ମଧରେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ତିଆରି କରିବା ସହ ସାମାଜିକ ଓ ଅନୁଷ୍ଠାନିକ କାର୍ଯ୍ୟ ପ୍ରତି ଉତ୍ସାହ ସୃଷ୍ଟି କରିବା ଓ କ୍ରୀଡ଼ା ପ୍ରତି ଯୁବକ ମାନଙ୍କ ଅନାଗ୍ରହକୁ ଏଡ଼ାଇ, କ୍ରୀଡ଼ାର ବିକାଶ କରିବା ସହ ପରବର୍ତ୍ତୀ ସମୟରେ ଭବିଷ୍ୟତ ପିଢି କ୍ରୀଡ଼ାକୁ ନେଇ ଜୀବିକା ନିର୍ବାହ କରିବା ଏହାର ପ୍ରମୁଖ ଲକ୍ଷ୍ୟ।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

### ୧୮୪ ଅଭିଯୋଗରୁ ୧୬୩ଟି ବ୍ୟକ୍ତିଗତ, ୨୧ଟି ସାମୂହିକ

**ରାଜକନିକା,୧୯।୧(ସଂଚାର ବ୍ୟୁରୋ):** ରାଜକନିକା ବ୍ଲକଠାରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଆଜିର ଶିବିରରେ ମୋଟ ୧୮୪ ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା, ସେଥି ମଧରୁ ୧୬୩ଟି ବ୍ୟକ୍ତିଗତ ଏବଂ ୨୧ଟି ସାମୂହିକ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ ଜଣଙ୍କୁ ୮ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ପଞ୍ଜିକୃତ ଅଭିଯୋଗ ଗୁଡିକରେ ତୁରନ୍ତ ସମାଧାନ କରିବାକୁ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ରଘୁରାମ ଆର ଆୟର, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କୋଟାରିଆ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।



# ମାନପୁର ନୋଡାଲ ସ୍କୁଲରେ ପିଇବା ପାଣି ସମସ୍ୟା



### ଦୂଷିତ ପାଣି ପିଉଛନ୍ତି ଛାତ୍ରଛାତ୍ରୀ

### ନିଘା ନାହିଁ ସ୍କୁଲ ପ୍ରଶାସନର

**ଆଳି,୧୯।୧(ସଂଚାର ବ୍ୟୁରୋ):** ଆଳି ବ୍ଲକ ମାନପୁର ସରକାରୀ ଉଚ୍ଚ ନୋଡାଲ ବିଦ୍ୟାଳୟରେ ପିଇବା ପାଣି ସମସ୍ୟା ଦେଖା ଦେଇଛି। ଦୁଇ ବର୍ଷ ହେଲା ଦୂଷିତ ପାଣି ପିଉଛନ୍ତି ବିଦ୍ୟାଳୟର ଛାତ୍ର ଛାତ୍ରୀ। ସୂଚନା ଅନୁଯାଇ ଏହି ବିଦ୍ୟାଳୟରେ ପ୍ରଥମ ଶ୍ରେଣୀ ଠାରୁ ଦଶମ ଯାଏ ଦୁଇଶହ ପଚାଶ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ପାଠ ପଢୁଥିବା ବେଳେ ଗୋଟିଏ ନଳକୂପ ରହିଛି ।ଏହି ନଳକୂପ ପାଣି ଏବେ ଦୂଷିତ ହେବା ସହ ପାଣିରୁ ଦୁର୍ଗନ୍ଧ ଓ ଲୁହା କଳିଙ୍ଗି ପାଣି ବାହାରୁ ଥିବା ବେଳେ ତାହା ପିଇବା ଉପଯୋଗୀ ନୁହେଁ ବୋଲି ସ୍କୁଲ କମିଟିର ସଦସ୍ୟ ମାନେ ଅଭିଯୋଗ କରିଛନ୍ତି। ଯାହାକି ଏହି ପାଣି ଛାତ୍ର ଛାତ୍ରୀ ମାନେ ପିଉ ଥିବାରୁ ରୋଗରେ ପଡ଼ିବାରେ ସମ୍ଭାବନା ରହିଛି।ସବୁଠୁ ବଡ଼ କଥା ହେଲା ଏହି ନଳକୂପଟି ଦୁଇ ବର୍ଷ ରୁ ଉର୍ଦ୍ଧ ହେବ ଖରପା ହେବା ସହ ଦୂଷିତ ପାଣି ବାହାରୁଥିବା ବେଳେ ଛାତ୍ର ଛାତ୍ରୀ ମାନେ ଏହି ପାଣି ପିଇବା ସହ ମଧାହ୍ନ ଭୋଜନ ରେ ବ୍ୟବହାର କରାଯାଉଛି। ଅନ୍ୟପଟେ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ବଜାରରୁ ପାଣି କିଣିକି ପିଉଛନ୍ତି । ଏଭଳି ଅଭିଯୋଗ ହୋଉଥିବା ବେଳେ ଛାତ୍ର ଛାତ୍ରୀ ମାନଙ୍କ ପାଇଁ କାହିଁକି ବୈମାତୃକ ମନଭାବ ଆପଣେଇଛନ୍ତି ତାହା ବଡ଼ ପ୍ରଶ୍ନ ବାଚି ସୃଷ୍ଟି କରିଛି। ଏହି ବିଦ୍ୟାଳୟ ତି ପୂର୍ବ ସରକାରରେ ଫାଇଭ୍ ଟି ରେ କାର୍ଯ୍ୟ ହୋଇଥିଲେ ମଧ ଆକ୍ୱାଗାଡ ଲାଗିବାର ବ୍ୟବସ୍ଥା ଥିବା ସତ୍ତ୍ୱେ ତାହା ଲାଗି ନଥିବା ଅଭିଯୋଗ ହୋଇଛି। ଖୁବ୍ ଶୀଘ୍ର ନଳକୂପର ପାଣି ନମୁନା ପରୀକ୍ଷା କରିବା ସହ ପିଇବା ପାଣିର ବ୍ୟବସ୍ଥା କରିବା ସହ ନୂତନ ନଳକୂପ ଯୋଗାଇ ଦେବାକୁ ସରକାରଙ୍କ ପାଖରେ ଦାବି କରିଛନ୍ତି ସ୍କୁଲ କମିଟି ସଦସ୍ୟ ମାନେ। ଏନେଇ ପ୍ରଧାନ ଶିକ୍ଷକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ପଟ୍ଟାମୁଣ୍ଡାଇ ଏମଏନ ହାଇସ୍କୁଲର ବାର୍ଷିକ ଉତ୍ସବ




**ପଟ୍ଟାମୁଣ୍ଡାଇ,୧୯।୧ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଅଞ୍ଚଳର ସର୍ବ ପୁରାତନ ସରକାରୀ ଶିକ୍ଷାନୁଷ୍ଠାନ ପିଏମ ଶ୍ରୀ ଏମଏନ ହାଇସ୍କୁଲ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅଶୋକ କୁମାର ରାଉତରାୟଙ୍କ ପୌରହିତ୍ୟରେ ଆୟୋଜିତ ମନୋଜ୍ଞ ଉତ୍ସବରେ ପଟ୍ଟାମୁଣ୍ଡାଇ ବିଡ଼ିଓ ଶୀତଲ ଅଗ୍ରୱାଲ ମୁଖ୍ୟଅତିଥି, ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଦିଲ୍ଲୀପ କୁମାର ନାୟକ ମୁଖ୍ୟବକ୍ତା ଓ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ଶିକ୍ଷାବିତ ସଚ୍ଚିଦାନନ୍ଦ ଦାସ,ସ୍କୁଲ ପରିଚାଳନା କମିଟି ସଭାପତି ତପନ କୁମାର ଦାଶ, ପୁରାତନ ଛାତ୍ର ସଂସଦ ସମ୍ପାଦକ ଆଡ଼ଭୋକେଟ ଗୋପୀନାଥ ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନେ ଉତ୍ତମ ଶିକ୍ଷା ଗ୍ରହଣ କରି ଜୀବନରେ ସଫଳ ହେବା ସହିତ ଏହି ମହାନ ଶିକ୍ଷାନୁଷ୍ଠାନର ସୁନାମ ବଜାୟ ରଖିବାକୁ ପରାମର୍ଶ ଦେବା ସହିତ କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଏଇ ଅବସରରେ ସ୍କୁଲ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

ଓୟୁଟିଆରର ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ

# ଉଦ୍ୟମିତା ଓ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରନ୍ତୁ ଛାତ୍ରଛାତ୍ରୀ




**ଭୁବନେଶ୍ୱର, ୧୯।୧ (ସଂଚାର ବ୍ୟୁରୋ):** ଛାତ୍ରଛାତ୍ରୀମାନେ ଉଦ୍ୟମିତା, ନବସୃଜନ ଏବଂ ପ୍ରଯୁକ୍ତିବିଦ୍ୟାକୁ ଗ୍ରହଣ କରିବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ପରାମର୍ଶ ଦେଇଛନ୍ତି। ସେମାନେ ଚାକିରି ଖୋଜିବା ଅପେକ୍ଷା ନିଯୁକ୍ତି ସୃଷ୍ଟିକାରୀ ହେବାକୁ ମଧ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି। ଆଜି ସ୍ଥାନୀୟ ରେଲ ଅଡିଟୋରିଅମଠାରେ ଅନୁଷ୍ଠିତ ଓୟୁଟିଆରର ତୃତୀୟ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ଦେଇ ରାଜ୍ୟପାଳ ଏହି ଆହ୍ୱାନ ଦେଇଛନ୍ତି।

ଏହି ଅବସରରେ ରାଜ୍ୟପାଳ ଡ. କମ୍ଭମପାଟି କହିଛନ୍ତି ଯେ ସ୍ନାତକମାନେ ଉଦ୍ୟୋଗୀ ହେବା ନିମନ୍ତେ ସୁଯୋଗ ଅନୁସନ୍ଧାନ କରିବା ଆବଶ୍ୟକ। ଷ୍ଟାର୍ଟଅପ୍ ଓ ଉଦ୍ୟମିତା ନବସୃଜନ, ନିଯୁକ୍ତି ସୃଷ୍ଟି ଏବଂ ଆର୍ଥିକ ଅଭିବୃଦ୍ଧି ପାଇଁ ଏକ ଶକ୍ତିଶାଳୀ ପଥ ପ୍ରଦାନ କରେ। ନୀତି, ପାଣ୍ଠି, ଇନକ୍ୟୁବେସନ୍ ଓ ପରାମର୍ଶ ମାଧ୍ୟମରେ ଓଡ଼ିଶା ସ ଭାରତ ସ୍ପନ୍ଦନଶୀଳ ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ପୋଷଣ କରୁଛନ୍ତି ଏବଂ ଛାତ୍ରଛାତ୍ରୀମାନେ ଏହି ସୁଯୋଗଗୁଡ଼ିକର ପୂର୍ଣ୍ଣ ଉପଯୋଗ କରି କିଛି ନୂତନ ନିର୍ମାଣ କରିବାକୁ ରାଜ୍ୟପାଳ ଉତ୍ସାହିତ କରିଛନ୍ତି। ଦ୍ରୁତ ପରିବର୍ତ୍ତିତ ବିଶ୍ୱ ଦୃଶ୍ୟପଟ ଉପରେ ଆଲୋକପାତ କରି ରାଜ୍ୟପାଳ କହିଛନ୍ତି ଯେ ବିଶ୍ୱ କୃତ୍ରିମ ବୁଦ୍ଧିମତା, ଡାଟା ବିଜ୍ଞାନ, ସ୍ୱୟଂକ୍ରିୟତା, ନବୀକରଣୀୟ ଶକ୍ତି, ଜୈବ ପ୍ରଯୁକ୍ତିବିଦ୍ୟା ଓ ମହାକାଶ ପ୍ରଯୁକ୍ତିବିଦ୍ୟା ଭଳି ପ୍ରଯୁକ୍ତିବିଦ୍ୟା ଦ୍ୱାରା ପରିଚାଳିତ ହେଉଛି। ଏପରି ପରିସ୍ଥିତିରେ ପ୍ରକୃତ ଚ୍ୟାଲେଞ୍ଜ ନିଜେ ପରିବର୍ତ୍ତନ ନୁହେଁ, ବରଂ ଜଣେ ଏହାକୁ କେତେ ପ୍ରଭାବଶାଳୀ ଭାବେ ଗ୍ରହଣ କରିପାରେ ତା' ଉପରେ ନିର୍ଭର କରେ। ସ୍ନାତକମାନେ ଜୀବନବ୍ୟାପୀ ଶିକ୍ଷାର୍ଥୀ ହେବା ସହ ଜିଜ୍ଞାସୁ ଏବଂ ମୁକ୍ତମନା ରହିବାକୁ ଏବଂ ଅନିଶ୍ଚିତତାକୁ ନବସୃଜନର ସୁଯୋଗ ଭାବେ ଦେଖିବା ପାଇଁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି। ଓୟୁଟିଆରକୁ ଇଞ୍ଜିନିୟରିଂ ଏବଂ ପ୍ରଯୁକ୍ତିବିଦ୍ୟା ମହାବିଦ୍ୟାଳୟ ଭାବେ ଆରମ୍ଭରୁ ଏକ ଗତିଶୀଳ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ ଭାବେ ଏହାର ଉଲ୍ଲେଖନୀୟ ଅଭିବୃଦ୍ଧି ପାଇଁ ରାଜ୍ୟପାଳ ପ୍ରଶଂସା କରିଛନ୍ତି। କୃତ୍ରିମ ବୁଦ୍ଧିମତ୍ତା, ରୋବୋଟିକ୍ସ ଓ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ନୂତନ କାର୍ଯ୍ୟକ୍ରମ ପ୍ରଚଳନକୁ ମଧ ପ୍ରଶଂସା କରିଛନ୍ତି। ଏହି ଉତ୍ସବରେ ପିଏଚଡି ଡିଗ୍ରୀ, ଚାନ୍ସେଲରଙ୍କ ସ୍ୱର୍ଣ୍ଣ ପଦକ ଓ ଅନ୍ୟ ବର୍ଗରେ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଛି। ଆଇଆଇଟି କାନପୁରର ନିର୍ଦ୍ଦେଶକ ପ୍ରଫେସର ମନୀନ୍ଦ୍ର ଅଗ୍ରୱାଲ ମଧ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଛନ୍ତି।

# ବିଦ୍ୟୁତ୍ ବଳକା ରାଜ୍ୟରେ ମିଳୁନି ଟଙ୍କାକର ରିହାତି

- ଉପଭୋକ୍ତାଙ୍କ ଶୋଷଣ ବିରୋଧରେ ଆନ୍ଦୋଳନ
- ୨୨ରେ ଚୂଡ଼ାନ୍ତ ହେବ ରୂପରେଖ
- କୋଟି କୋଟି ଲାଭ ପରେ ବି ଶୁଳ୍କ ବୃଦ୍ଧି ପ୍ରସ୍ତାବକୁ ନିନ୍ଦା

**ଭୁବନେଶ୍ୱର, ୧୯।୧ (ସଂଚାର ବ୍ୟୁରୋ):** ଶକ୍ତି କ୍ଷେତ୍ରରେ ଉପଭୋକ୍ତାଙ୍କୁ ଶୋଷଣ ବିରୋଧରେ ଆସନ୍ତା ୨୨ ତାରିଖରେ ଆନ୍ଦୋଳନ ପାଇଁ ରୂପରେଖ ପ୍ରସ୍ତୁତ ହେବ। ଶକ୍ତି କ୍ଷେତ୍ର ସହ ଜଡିତ ରାଜ୍ୟ ସରକାରଙ୍କ ସବୁ ସଂସ୍ଥା କୋଟି କୋଟି ଟଙ୍କା ଲାଭ କରୁଛନ୍ତି। ବିତରଣ ଦାୟିତ୍ୱ ନେଇଥିବା ଘରୋଇ କମ୍ପାନୀ ମଧ ଲାଭ କରୁଛି। ହେଲେ ପ୍ରତିଦିନ ଉପଭୋକ୍ତାଙ୍କ ଉପରେ ନୂଆ ନୂଆ ବୋଝ ଲଦି ଦିଆଯାଉଛି। ସବୁଠାରୁ ଉଦବେଗର କଥା ହେଉଛି ରାଜ୍ୟ ସରକାର ଓ ଓଇଆରସି ବିତରକ କମ୍ପାନୀକୁ ନିରବ ସମର୍ଥନ ଦେଉଛନ୍ତି। ଏହା ବିରୋଧରେ ଆସନ୍ତା ୨୨ ତାରିଖରେ ଭୁବନେଶ୍ୱରରେ ରାଜ୍ୟର ସବୁ ଜିଲ୍ଲାରୁ ବିଦ୍ୟୁତ ଉପଭୋକ୍ତା ପ୍ରତିନିଧିଙ୍କ ଏକ ବୈଠକ ଅନୁଷ୍ଠିତ ହେବ। ଏଥିରେ ସରକାର ଓ ଓଇଆରସି ବିରୋଧରେ ଲଢେଇ ପାଇଁ ରୂପରେଖ ଚୂଡ଼ାନ୍ତ ହେବ ବୋଲି ରାଜ୍ୟ ବିଦ୍ୟୁତ ଉପଭୋକ୍ତା ମହାସଂଘ ସଭାପତି ପଞ୍ଚାନନ କାନୁନଗୋ କହିଛନ୍ତି।

ଗତ ଆର୍ଥିକ ବର୍ଷରେ ଗ୍ରୀଡକୋ ୩୪୭ କୋଟି ଟଙ୍କା ଲାଭାଂଶ ସରକାରଙ୍କୁ ଦେଇଥିବା ବେଳେ



ଓପିଜିସି ୫୩୪ କୋଟି, ଓପିଟିସିଏଲ ୨୩୮ କୋଟି ଏବଂ ଓଏଚପିସି ୩୫୮ କୋଟି ଟଙ୍କା ଲାଭାଂଶ ସରକାରଙ୍କୁ ଦେଇଛି। ସେହିପରି ବିତରକ କମ୍ପାନୀ ଟାଟା ପାୱାରର ଶୁଳ୍କ ଆଦାୟ ୯୬ ପ୍ରତିଶତକୁ ବଢ଼ିଛି। ଏଥିସହ ବଣ୍ଟନ ଓ ପରିବହନ କ୍ଷତି ମଧ ୪୦ ପ୍ରତିଶତରୁ ୧୭ ପ୍ରତିଶତକୁ ହ୍ରାସ ପାଇଛି। ଶକ୍ତି କ୍ଷେତ୍ର ସହ ଜଡିତ ସବୁ ସରକାରୀ ଓ ଘରୋଇ କମ୍ପାନୀମାନେ କୋଟି କୋଟି ଟଙ୍କା ଲାଭ କରୁଛନ୍ତି। ଉପଭୋକ୍ତାଙ୍କୁ ଟଙ୍କାଟିଏ ରିହାତି ନଦେଇ ପୁଣି ଥରେ ସବୁ ସରକାରୀ ବିଦ୍ୟୁତ ଉତ୍ପାଦନକାରୀ ଓ ବିତରକ କମ୍ପାନୀ ବିଦ୍ୟୁତ ଶୁଳ୍କ ବଢ଼ାଇବାକୁ ଓଇଆରସିରେ ଆବେଦନ କରିଛନ୍ତି। ସରକାର ଓ ଓଇଆରସିର ଉପଭୋକ୍ତାଙ୍କ ପ୍ରତି ଏଭଳି ଆଚରଣ ନିନ୍ଦନୀୟ ବୋଲି ସେ କହିଛନ୍ତି।

ବିଦ୍ୟୁତ ଉପଭୋକ୍ତା ନିଜ ଘରକୁ ବିଦ୍ୟୁତ ସଂଯୋଗ ନେବାକୁ ଖୁଣ୍ଟ ପକେଇବାକୁ ପଇସା ଦେବା ସହ ଖୁଣ୍ଟ ପାଇଁ ମୂଲ ମଧ ଦେଇଥାଏ। ସବୁ ରାଜ୍ୟରେ ବିଦ୍ୟୁତ ଉପଭୋକ୍ତାଙ୍କୁ ସରକାର ରିହାତି ଦେଉଛନ୍ତି। ଓଡ଼ିଶା ବିଦ୍ୟୁତ ବଳକା ରାଜ୍ୟ ହୋଇ ମଧ ସାଧାରଣ ଉପଭୋକ୍ତାଙ୍କ କଥା ଦୂର ଚାଷୀଙ୍କୁ ବି ରିହାତି ମିଳୁନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ସବୁଠୁ ଉଦବେଗର କଥା ହେଉଛି ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ଉପଭୋକ୍ତା ଅପେକ୍ଷା କମ୍ପାନୀଙ୍କ ସ୍ୱାର୍ଥରକ୍ଷାକୁ ଜଗିଛନ୍ତି ବୋଲି ସେ କହିଛନ୍ତି। ସେହିଭଳି ସ୍ମାର୍ଟ ମିଟରକୁ ବିରୋଧ କରାଯାଉନି। କିନ୍ତୁ ଏନେଇ ଲୋକଙ୍କ ମଧରେ ବିଶ୍ୱାସନୀୟତା ଆସିବା ଦରକାର। ପ୍ରତ୍ୟେକ ଉପଭୋକ୍ତାଙ୍କ ଘରେ ପୂର୍ବ ମିଟର ପାଖରେ ଏକ ସ୍ମାର୍ଟ ମିଟର ୫ ମାସ ପର୍ଯ୍ୟନ୍ତ ପରୀକ୍ଷାମୂଳକ ଭାବେ ଲଗାଯାଉ। ଉଭୟ ମିଟରର ରିଡିଂକୁ ପରଖିବା ପରେ ଯଦି ଉପଭୋକ୍ତାଙ୍କ ବିଶ୍ୱାସ ସୃଷ୍ଟି ହେବ ତେବେ ସ୍ମାର୍ଟ ମିଟର ଲଗାଯାଉ ବୋଲି ପଞ୍ଚାନନ ଦାବି କରିଛନ୍ତି।

## ବ୍ରାଉନସୁଗର ଜବତ, ୨ ଗିରଫ

**ଜୟପୁର, ୧୯।୧ (ସଂଚାର ବ୍ୟୁରୋ):** ବ୍ରାଉନସୁଗର କାରବାର ସମୟରେ ଟାଉନ ପୁଲିସ ଚଢ଼ାଉ କରିଛି। ଚଢ଼ାଉ ବେଳେ ୨ ଅଭିଯୁକ୍ତଙ୍କୁ ଗିରଫ କରି ବ୍ରାଉନସୁଗର ଜବତ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ଖ୍ରୀଷ୍ଟିଆନପେଟାର ସଞ୍ଜିବ କୁମାର ନାୟକ (୪୦) ଓ ଇରିଗେସନ କୋଲନିର ଖଗେନ ତନ୍ତି (୧୯)। ଗିରଫ ଅଭିଯୁକ୍ତଙ୍କଠାରୁ ୨ ଗ୍ରାମ ୮ଶହ ୩୦ ମିଲିଗ୍ରାମ ବ୍ରାଉନସୁଗର ଜବତ ହୋଇଛି। ଜୟପୁର ସହର ଖ୍ରୀଷ୍ଟିଆନପେଟା ବିୟୁରିଆନ ପଡିଆରେ ଏହି ଚଢ଼ାଉ କରାଯାଇଛି। ପୁଲିସ ଚଢ଼ାଉ କରି ୩୦ଟି ପ୍ୟାକେଟରୁ ୨ ଗ୍ରାମ ୮ଶହ ୩୦ ଗ୍ରାମ ମିଲିଗ୍ରାମ ଜବତ କରିଛି।

## ଦୁର୍ଘଟଣାରେ ହେଟା ବାଘର ମୃତ୍ୟୁ

**ମାଲକାନଗିରି, ୧୯।୧ (ସଂଚାର ବ୍ୟୁରୋ):** ୩୨୬ ନମ୍ବର ଜାତୀୟ ରାଜପଥ ଏମଭି ୭୨ ନିକଟରୁ ଏକ ହେଟା ବାଘର ମୃତଦେହ ବନ ବିଭାଗ ଉଦ୍ଧାର କରିଛି। ଅଜଣା ଗାଡି ହେଟା ବାଘକୁ ଧକ୍କାରେ ବାଘଟିର ମୃତ୍ୟୁ ଘଟିଛି। ବନ ବିଭାଗ କର୍ମଚାରୀ ମୃତଦେହ ଜବତ କରି କାଲିମେଲା ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ବ୍ୟବଚ୍ଛେଦ କରିଥିଲେ। ଏହା ଏକ ଅଣ୍ଡିରା ହେଟା ବାଘ ଓ ବୟସ ପ୍ରାୟ ୫ ବର୍ଷ ।

## ଓଲଟିଲା ଅଟୋ: ୧୨ ଗୁରୁତର

**ଗଜପତି, ୧୯।୧ (ସଂଚାର ବ୍ୟୁରୋ):** ଅତ୍ୟଧିକ ଯାତ୍ରୀ ଥିବାରୁ ଭାରସାମ୍ୟ ହରାଇ ଓଲଟି ପଡ଼ିଲା ଅଟୋ। ଗଜପତି ଜିଲ୍ଲା ମୋହନା ନିକଟ ଗୋବିନ୍ଦପୁର ଗାଁରୁ ଏକ ଅଟୋରେ ଅତ୍ୟଧିକ ଯାତ୍ରୀ ଗଞ୍ଜାମ ଜିଲ୍ଲା ବଡ଼ଗଡ଼ ଅଭିମୁଖେ ଯାଉଥିଲେ। ଭେଟନଈ ନିକଟରେ ଅଟୋଟି ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ଫଳରେ ୨୦ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି। ଖବର ପାଇ ଘଟଣାସ୍ଥଳରେ ଆମ୍ବୁଲାନ୍ସ ପହଞ୍ଚି ସମସ୍ତଙ୍କୁ ବଡ଼ଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଏଥିମଧ୍ୟରୁ ୧୨ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ପଠାଯାଇଛି। ଅଟୋରେ ୭-୮ ଜଣ ପୁରୁଷ, ୪-୫ ଜଣ ମହିଳା ଓ ୧୦-୧୧ ଜଣ ଥିବା ଜଣାପଡ଼ିଛି।

## ଶୁଭ୍ରାଂଶୁଙ୍କ ଶ୍ରାଦ୍ଧବାର୍ଷିକୀରେ ପାଠ୍ୟୋପକରଣ ବଣ୍ଟନ



**ବାଙ୍କୀ, ୧୯।୧ (ସଂଚାର ବ୍ୟୁରୋ):** ଦୁଲଣାପୁର ଗ୍ରାମ ପଞ୍ଚାୟତର ହାମିରା ପ୍ରାଥମିକ ବିଦ୍ୟାଳୟରେ ଶୁଭ୍ରାଂଶୁ ସବ୍ୟସାଚୀ ସାହୁ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀରେ ପାଠ୍ୟ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉକ୍ତ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ରର ୩୮ ଜଣ ଛାତ୍ରଛାତ୍ରୀଙ୍କୁ ବହି, ଖାତା, କଲମ, ବିସ୍କୁଟ, ଚକୋଲେଟ ଆଦି ବଣ୍ଟନ କରାଯାଇଥିଲା। ସାମାଜିକ କର୍ମୀ ନିରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ତାଳବସ୍ତ ଶ୍ରୀରାମ କମିଟି ସଭାପତି ବିଶ୍ୱରଞ୍ଜନ ସ୍ୱାଇଁ, ସମାଜସେବୀ ମୁକେଶ ରାଉତ, ଗୋବିନ୍ଦ ଚନ୍ଦ୍ର ଦାଶ, ସଞ୍ଜୟ ସାହୁ, ବିଦ୍ୟାଳୟ ପ୍ରଧାନଶିକ୍ଷକ ଦୀନବନ୍ଧୁ ନାଏକ, ଆଦର୍ଶ ଶିକ୍ଷକ ସୁଶାନ୍ତ କୁମାର ସେଠୀ, ଅଙ୍ଗନବାଡ଼ି ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ନାୟକ ପରିଚାଳନା କରିଥିଲେ।

## ନ୍ୟାୟ ଦାବିରେ ଥାନା ଭିତରେ ପଶିଲେ କିନ୍ନର

- ହୋହାଲ୍ଲା କରି ଧାରଣାରେ ବସିଲେ



**ଆସ୍କା, ୧୯।୧ (ସଂଚାର ବ୍ୟୁରୋ):** ଜଣେ କିନ୍ନରଙ୍କୁ ନ୍ୟାୟ ଦାବିରେ ଗଞ୍ଜାମ ଜିଲ୍ଲାର କବିସୂର୍ଯ୍ୟନଗର ଥାନା ଭିତରେ ପଶିଲେ ଶତାଧିକ କିନ୍ନର । ଥାନା ଭିତରେ ହୋ ହାଲ୍ଲା କରିବା ସହ ନ୍ୟାୟ ଲାଗି ଦାବି କରିଛନ୍ତି। ଥାନା ଆଗରେ ଏବେ ଧାରଣାରେ ବସିଛନ୍ତି କିନ୍ନର ସଂଘ। ସୂଚନା ଅନୁସାରେ କବିସୂର୍ଯ୍ୟନଗର କେରୁଆଁ ପଲ୍ଲୀ ଗ୍ରାମର ଜ୍ୟୋତି ନାମକ ଜଣେ କିନ୍ନରକୁ କବିସୂର୍ଯ୍ୟନଗର ବାଲିଛାଇ ଗ୍ରାମର ଜଣେ ଯୁବକ ପ୍ରେମ କରୁଥିଲେ । ଦୁହିଁଙ୍କର ପ୍ରେମ ପ୍ରଥମେ ସୋସିଆଲ ମିଡିଆରୁ ଆରମ୍ଭ ହୋଇଥିବା ବେଳେ ପରେ ମିଳାମିଶା ଓ ବିବାହ ପ୍ରତିଶ୍ରୁତି ଦେଇ ଯୁବକ ଜଣଙ୍କ କିନ୍ନରଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ । ହେଲେ ଯୁବକ ଜଣଙ୍କ ପ୍ରତାରଣା କରି କିନ୍ନର ଜଣଙ୍କୁ ବିବାହ କରିବାକୁ ମନା କରୁଥିବାରୁ କିନ୍ନର ଜଣଙ୍କ ପୂର୍ବରୁ କବିସୂର୍ଯ୍ୟ ନଗର ଥାନାର ଦ୍ୱାରସ୍ଥ ହୋଇଥିଲେ । ହେଲେ ନ୍ୟାୟ ନ ମିଳିବାରୁ ଆଜି କିନ୍ନର ସଂଘର ଶତାଧିକ କିନ୍ନର କବିସୂର୍ଯ୍ୟନଗର ଥାନା ଭିତକୁ ପଶି ପ୍ରଥମେ ଥାନା ଭିତରେ ହୋହାଲ୍ଲା କରିଥିଲେ ଓ ପରେ ଥାନା ଆଗରେ ଧାରଣାରେ ବସିଥିଲେ।

- ବନ୍ତ ପୁଲିସ୍ ଓ ଖଣି ବିଭାଗର ଚଢ଼ଉ

## ୨୦ ଗାଡ଼ି ଜବତ, ୫ ଚାଳକ ଅଟକ

**ଭଦ୍ରକ, ୧୯।୧ (ସଂଚାର ବ୍ୟୁରୋ):** ବନ୍ତ ପୁଲିସ୍ ଓ ଭଦ୍ରକ ଖଣି ବିଭାଗ ପକ୍ଷରୁ ଅପରେସନ୍ ବାଲୁବଜ୍ର ଅର୍ନ୍ତଗତ ୨୦ ହାଇୱା ଟ୍ରକ୍ ଜବତ୍ କରାଯାଇଥିବା ବେଳେ ୫ ଜଣ ଚାଳକଙ୍କୁ ଅଟକ ରଖାଯାଇଛି। ଭଦ୍ରକ-ଆନନ୍ଦପୁର ୫୩ ନଂ ରାଜ୍ୟ ରାଜପଥର ଆପଣ୍ଡା ଛକଠାରୁ ବନ୍ତ ବଜାର ମଧରେ ଏହି ଧରପଗଡ ଗତ ରାତିରୁ କରାଯାଇଥିଲା। ଏହି ବ୍ଲକ ସନ୍ନିକଟ ହାଟଡିହି ତହସିଲ୍ ଅଞ୍ଚଳର ହାବଳେଶ୍ୱର, ଅମୃତପୁର, ଆଇତପୁର ସମେତ ବିଭିନ୍ନ ବେଆଇନ୍ ବାଲିଘାଟରୁ ହାଇୱା ଟ୍ରକ ମାଧ୍ୟମରେ ବେଧଡକ ଭଦ୍ରକ-ଆନନ୍ଦପୁର ରାଜ୍ୟ ରାଜପଥ ଦେଇ ଟ୍ରକ୍ ଗୁଡିକ ଯାତାୟାତ କରୁଛି। ଏହି ଟ୍ରକ୍ ଗୁଡିକ ମଧରେ ବାଲି ପରିବହନର କାଗଜପତ୍ର ନଥିବା ବେଳେ କେତେକ ଗାଡିର କାଗଜପତ୍ର ମଧ ଠିକ୍ ନଥିବା ଜଣାପଡିଛି। ଗତ ରାତିରେ କଡାକଡି ଯାଞ୍ଚକୁ ନଜର ରଖି ଏହି ରାସ୍ତାର ଉଭୟ ଟ୍ରକ୍ ଖସି ଯିବାକୁ ଚେଷ୍ଟିତ ବେଳେ ପୁଲିସ୍ ହାତରେ ଧରାପଡିଛନ୍ତି। ଜବଦ୍ ବାଲିଟ୍ରକ ଗୁଡିକ ମଧରେ ୧୧ଟି ରହିଥିବା ବେଳେ ରାସ୍ତା କଡରେ ବାଲି ଢାଳି ଠିଆ ହୋଇଥିବାର ୯ ଟି ଗାଡିକୁ ପରିବହନ ବିଭାଗ ପକ୍ଷରୁ ଯାଞ୍ଚ କରାଯାଇଛି।

# ଓଡ଼ିଶା ଗସ୍ତରେ ମହାରାଷ୍ଟ୍ର ସିଏମ୍‌ଓର ପ୍ରତିନିଧି ଦଳ



ପଞ୍ଚସଖା ଶିକ୍ଷା ସେତୁ କାର୍ଯ୍ୟକ୍ରମକୁ ପ୍ରଶଂସା

**ଭୁବନେଶ୍ୱର, ୧୯।୧ (ସଂଚାର ବ୍ୟୁରୋ):** ଓଡ଼ିଶାକୁ ପାଞ୍ଚଦିନିଆ ଗସ୍ତରେ ଆସିଥିବା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ୫ଜଣିଆ ପ୍ରତିନିଧି ଦଳ ପଞ୍ଚସଖା ଶିକ୍ଷା ସେତୁ ସଂଗଠନ କାର୍ଯ୍ୟାଳୟ ବୁଲି ଦେଖିଛନ୍ତି। ଏଭଳି କାର୍ଯ୍ୟକ୍ରମ ଅନନ୍ୟ ଓ ବିଦ୍ୟାଳୟର ବିକାଶ ସହ ଶିକ୍ଷାର ଉନ୍ନତି ଦିଗରେ ଏହା ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଏହି ପ୍ରତିନିଧି ଦଳର ସଦସ୍ୟମାନେ କହିଛନ୍ତି। ମହାରାଷ୍ଟ୍ରରୁ ଆସିଥିବା ପ୍ରତିନିଧିଙ୍କ ମଧରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅଧିକାରୀ ପ୍ରିୟା ଖାନ୍, ପ୍ରଶାସନିକ ଅଧିକାରୀ (ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ) ରାହୁଲ ମହାଡ୍ରେଙ୍କ ସମେତ ଆଉ ୩ ଜଣ ପ୍ରଥମେ ପଞ୍ଚସଖା ଶିକ୍ଷା ସେତୁ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ।

କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ବୈଠକ ଆୟୋଜିତ ହୋଇଥିବା ବେଳେ ପିଏସ୍ଏସ୍‌ର ସଦସ୍ୟ ସଚିବ ତଥା ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାସ ଆଭାସୀ ଜରିଆରେ ଯୋଗ ଦେଇଥିଲେ। ମୁଖ୍ୟ ପରିଚାଳନା ଅଧିକାରୀ ରାଜଲକ୍ଷ୍ମୀ ଦାଶ ଅନୁଷ୍ଠାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ବୁଝାଇଥିଲେ। ପୁରାତନ ଛାତ୍ରଛାତ୍ରୀଙ୍କ ଅବଦାନରେ ବିଦ୍ୟାଳୟରେ ଆସିଥିବା ପରିବର୍ତ୍ତନ ବିଷୟରେ ଶ୍ରୀମତୀ ଦାଶ କହିଛନ୍ତି। ଏଥିସହ ସେ ପଞ୍ଚସଖା ଶିକ୍ଷା ସେତୁ ଅଧୀନରେ କରାଯାଉଥିବା ସିଏସ୍ଆର୍ କାର୍ଯ୍ୟକ୍ରମ, ଐତିହ୍ୟ ବିଦ୍ୟାଳୟ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ବିଦ୍ୟାଳୟ ସୁରକ୍ଷା ଓ ରକ୍ଷଣାବେକ୍ଷଣ, ଆକାଂକ୍ଷୀ ପାଠ୍ୟକ୍ରମ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ବିଷୟରେ ସେମାନଙ୍କୁ ବୁଝାଇଥିଲେ। ପରେ ଅପରାହ୍ଣ ରେ ପ୍ରତିନିଧି ଦଳ ବଡ଼ଗଡ଼ ଉଚ୍ଚ ବିଦ୍ୟାଳୟ ଓ ବନମାଳୀପୁରସ୍ଥିତ କୁଶଭଦ୍ର ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ପୁରାତନ ଛାତ୍ରଛାତ୍ରୀଙ୍କ ଅବଦାନରେ ବିଦ୍ୟାଳୟରେ ହୋଇଥିବା ବିଭିନ୍ନ ବିକାଶ ପରୀଖିଥିଲେ।

## ବାଲି ଚୋରିରେ ଖଣିମନ୍ତ୍ରୀଙ୍କ ସମ୍ପୃକ୍ତି ରହିଛି: ବିଜେଡି



**ଭୁବନେଶ୍ୱର, ୧୯।୧ (ସଂଚାର ବ୍ୟୁରୋ):** ରାଜ୍ୟରେ ବାଲି, ମୋରମ ଓ ପଥର ଚୋରି ବ୍ୟାପକ ହୋଇଥିବା ବେଳେ ଏଥିରେ ସରକାରୀ ଦଳର ନେତା କର୍ମୀଙ୍କ ସମ୍ପୃକ୍ତି ସ୍ପଷ୍ଟ ହୋଇଛି ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ନିକଟରେ ଗଞ୍ଜାମ ଜିଲ୍ଲାରେ ଇଡି ଚଢ଼ାଉରେ ଖଣି ମନ୍ତ୍ରୀ ବିଭୂତି ଜେନାଙ୍କ ପ୍ରତିନିଧି ସମ୍ପୃକ୍ତ ଥିବା ସ୍ପଷ୍ଟ ହେବା ପରେ ତାଙ୍କୁ ମନ୍ତ୍ରିମଣ୍ଡଳରୁ ତୁରନ୍ତ ବହିଷ୍କାର ପାଇଁ ଦଳ ଦାବି କରିଛି। ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡ ଲେନିନ ମହାନ୍ତି କହିଛନ୍ତି ଯେ ରାଜ୍ୟରେ ବିଜେପି କ୍ଷମତାସୀନ ହେବା ପରଠାରୁ ବାଲି ଚୋରି, ଖଣି ଚୋରି ଆଦି ଅହେତୁକ ବୃଦ୍ଧି ପାଇଛି। ସରକାରଙ୍କ ପ୍ରୋତ୍ସାହନରେ ହେଉଥିବା ଚୋରିର ଫଳସ୍ୱରୂପ ଲଘୁ ଓ ଗୁରୁ ଖଣିଜ ସମ୍ପଦ ବାବଦରେ ଆଦାୟ ହେଉଥିବା ରାଜସ୍ୱରେ ଉଲ୍ଲେଖନୀୟ ହ୍ରାସ ଘଟିଛି। ଏହାଛଡା ଚୋରା ଚାଲାଣ ଯୋଗୁଁ ବାଲି ଦର ମଧ ଅହେତୁକ ଭାବେ ବୃଦ୍ଧି ପାଇଛି। ସେ ଆହୁରି ମଧ କହିଛନ୍ତି ଯେ ଏହି ଚୋରି ସମ୍ପର୍କରେ ବିଜେଡି ପକ୍ଷରୁ ବାରମ୍ବାର କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଆସୁଥିଲେ ମଧ ସରକାର ନିଦାବିଷ୍ଟୁ ସାଜିଛନ୍ତି। ନିକଟରେ ଗଞ୍ଜାମ ଜିଲ୍ଲାରେ ହୋଇଥିବା ଇଡି ଚଢ଼ାଉରେ ଖଣି ମନ୍ତ୍ରୀଙ୍କ ପ୍ରତିନିଧି ସୁନୀଲ ଜେନା ଚୋରିରେ ସାମିଲ୍ ଥିବା ଜଣାପଡ଼ିଛି। ତେଣୁ ଶ୍ରୀ ଜେନାଙ୍କ ଅସଲ ମୁଖା ଖୋଲିଯାଇଛି। ତେଣୁ ତାଙ୍କୁ ମନ୍ତ୍ରିମଣ୍ଡଳରୁ ତୁରନ୍ତ ହଟାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ସୁଶାସନ ଚାଲିଛି ବୋଲି କହୁଥିବା ଉକ୍ତିକୁ ସତ୍ୟ ପ୍ରମାଣିତ କରିବାକୁ ଡ. ମହାନ୍ତି ଆହ୍ୱାନ ଦେଇଛନ୍ତି।

## ଓଏସ୍‌ବିସିର ଛତ୍ରପୁର କାର୍ଯ୍ୟାଳୟ ଓ ଡିପୋ ଉଦ୍‌ଘାଟିତ




**ଭୁବନେଶ୍ୱର, ୧୯।୧ (ସଂଚାର ବ୍ୟୁରୋ):** ଓଡ଼ିଶା ରାଜ୍ୟ ପାନୀୟ ନିଗମ (ଓଏସ୍‌ବିସି) ଲିମିଟେଡ୍‌ର ଛତ୍ରପୁର କାର୍ଯ୍ୟାଳୟ ଓ ଡିପୋ ଆଜି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ଉଦ୍‌ଘାଟିତ ହୋଇଛି। ୩ ଏକର ପରିମିତ ଜାଗାରେ ୧୭.୪୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି କାର୍ଯ୍ୟାଳୟ ଓ ଡିପୋରେ ୨୮ ହଜାର ବର୍ଗଫୁଟ ଷ୍ଟୋରେଜ୍ କ୍ଷମତା ରହିଛି। ଏହି ଡିପୋ ଓ କାର୍ଯ୍ୟାଳୟ ନିର୍ମାଣ ଫଳରେ ଗଞ୍ଜାମ, ଗଜପତି, କନ୍ଧମାଳ ଓ ବ୍ରହ୍ମପୁର ଅବକାରୀ ଜିଲ୍ଲାର ୧୯୦ଟି ଖୁଚୁରା ବ୍ୟବସାୟୀଙ୍କୁ ସହଜ ଯୋଗାଣ ସମ୍ଭବ ହୋଇପାରିବ। ଏହି କାର୍ଯ୍ୟାଳୟ ଓ ଡିପୋ ଉଦ୍‌ଘାଟନ କରିବା ଅବସରରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ଅବକାରୀ ବ୍ୟବସ୍ଥାରେ ସୁଧାର ଆଣିବା ଓ ବେଆଇନ ମଦ କାରବାର ରୋକିବା ପାଇଁ ରାଜ୍ୟ ସରକାର ବଦ୍ଧପରିକର। ଆଜି ଉଦ୍‌ଘାଟିତ ଛତ୍ରପୁର କାର୍ଯ୍ୟାଳୟ ଓ ଡିପୋ ଶୃଙ୍ଖଳିତ ବିତରଣ, ପାର୍କିଂ ବ୍ୟବସ୍ଥା ଓ ରାଜ୍ୟର ଅଯଥା ରାଜସ୍ୱ ହାନିକୁ ରୋକିବାରେ ସହାୟକ ହେବ।

## କଳାହାଣ୍ଡି ଉତ୍ସବରେ ମନ କିଣିଛି ବେଦାନ୍ତ ପ୍ୟାଭିଲିଅନ୍



**ଭବାନୀପାଟନା, ୧୯।୧ (ସଂଚାର ବ୍ୟୁରୋ):** ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ କଳାହାଣ୍ଡି ଉତ୍ସବ-ଘୁମୁରା ୨୦୨୬ର ୨୮ତମ ସଂସ୍କରଣରେ ଅଂଶଗ୍ରହଣ କରି ଏହାର ଲାଞ୍ଜିଗଡ଼ ବିଶୋଧନାଗାରର ପରିଚାଳନା ଓ ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମର ପ୍ରମୁଖ ଦିଗକୁ ପ୍ରଦର୍ଶିତ କରିଥିଲା। କମ୍ପାନୀର ପ୍ୟାଭିଲିୟନକୁ ୩୦ ହଜାରରୁ ଅଧିକ ପରିଦର୍ଶକ ଆଗମନ କରିଥିବା ବେଳେ ସେଠାରେ ବକ୍ସାଇଟ୍‌ରୁ ଆଲୁମିନିୟମ୍ ଉତ୍ପାଦନ ଓ ଏହାର ପ୍ରୟୋଗ ବିଷୟରେ ଏକ ସ୍ପଷ୍ଟ ଦୃଷ୍ଟିକୋଣ ପ୍ରଦାନ କରାଯାଇଛି।

ଭବାନୀପାଟଣାରେ ଆୟୋଜିତ ଏହି ଉତ୍ସବ ବେଦାନ୍ତ ଆଲୁମିନିୟମ ପାଇଁ ଜିଲ୍ଲା ସହ ଏହାର ଦୀର୍ଘକାଳୀନ ସମ୍ପର୍କ ଓ ସ୍ଥାନୀୟ ସାମାଜିକ-ଅର୍ଥନୈତିକ ବିକାଶକୁ ସମର୍ଥନ କରିବାରେ ଏହାର ଭୂମିକା ଉପରେ ଆଲୋକପାତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବେ କାର୍ଯ୍ୟ କରିଥିଲା। ଏହି ପାଞ୍ଚଦିନିଆ ଉତ୍ସବରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ ଉପସ୍ଥିତ ଥିଲେ। ଶିଳ୍ପ ଉତ୍କର୍ଷତା ବ୍ୟତୀତ ଏହି ପ୍ରଦର୍ଶନୀ ପ୍ରକଳ୍ପ 'ସଖୀ' ଓ ପ୍ରକଳ୍ପ 'ଆଦିକଳା' କମ୍ପାନୀର ଗୋଷ୍ଠୀ ପରିବର୍ତ୍ତନ ଯାତ୍ରାକୁ ଆଲୋକିତ କରିଥିଲା। ପ୍ରକଳ୍ପ ସଖୀ ମାର୍କେଟ ପ୍ଲେସରେ ଗ୍ରାମୀଣ ଓଡ଼ିଶାର ୪ ହଜାରରୁ ଅଧିକ ମହିଳା ଉଦ୍ୟୋଗୀଙ୍କ ଦ୍ୱାରା ଜୈବିକ ଉତ୍ପାଦଠାରୁ ଆରମ୍ଭ କରି ହସ୍ତଶିଳ୍ପ ସାମଗ୍ରୀ ପର୍ଯ୍ୟନ୍ତ ବ୍ୟାପକ ଉତ୍ପାଦ ପ୍ରଦର୍ଶିତ ହୋଇଥିଲା। ଏଥିସହ ପାରମ୍ପରିକ ଢୋକ୍ରା ଓ ସଉରା କଳାରେ ଦକ୍ଷ ସ୍ଥାନୀୟ କାରିଗରମାନଙ୍କ ସିଧାସଳଖ ପ୍ରଦର୍ଶନ ମାଧ୍ୟମରେ ପ୍ରକଳ୍ପ ଆଦିକଳା ଏହି ଅଞ୍ଚଳର ସମୃଦ୍ଧ ଆଦିବାସୀ ଐତିହ୍ୟକୁ ଜୀବନ୍ତ କରିଥିଲା। ନିରନ୍ତର ତାଲିମ, ଡିଜାଇନ୍ ସହାୟତା ଏବଂ ବଜାର ସଂଯୋଗ ମାଧ୍ୟମରେ ବେଦାନ୍ତ ଆଲୁମିନିୟମ୍ ୨୦୦ରୁ ଅଧିକ କାରିଗର ପରିବାର ପାଇଁ ସ୍ଥାୟୀ ଜୀବିକା ସହ ଏହି ପ୍ରାଚୀନ ପରମ୍ପରା ଏକ ଆଧୁନିକ ଅର୍ଥନୀତିରେ ସମୃଦ୍ଧ ହେବା ନିଶ୍ଚିତ କରିଛି। ଉତ୍ସବ ସମୟରେ କମ୍ପାନୀ କଳାହାଣ୍ଡିର ୮ ଜଣ ଦଶମ ଜିଲ୍ଲା ଟପ୍ପରଙ୍କୁ ବେଦାନ୍ତ ଜ୍ଞାନଶ୍ରୀ ପୁରସ୍କାର ପ୍ରଦାନ କରିଥିଲା। କଳାହାଣ୍ଡି ଜିଲ୍ଲା ଜଜ୍ ଅନୁପ ରଞ୍ଜନ ପଟ୍ଟନାୟକ, ଜିଲ୍ଲାପାଳ ସଚିନ ପ୍ରକାଶ ପାୱାର, ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ, ସୁବର୍ଣ୍ଣପୁର ଜିଲ୍ଲାପାଳ ନୃପରାଜ ଏସ୍. ସାହୁ ଓ ବେଦାନ୍ତ ଆଲୁମିନା ବିଜିନେସ୍ ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ ଏହି ପୁରସ୍କାର ପ୍ରଦାନ କରିଥିଲେ।

- ଦ୍ୱିତୀୟ ଗୁରୁ ପଦ୍ମସମ୍ଭବ ସମାରୋହ

# ଖ୍ରୀଷ୍ଟପୂର୍ବ ୩ୟ ଶତାବ୍ଦୀର ବୌଦ୍ଧ ଅବଶେଷ ପ୍ରଦର୍ଶିତ



**ଲଳିତଗିରି, ୧୯।୧ (ସଂଚାର ବ୍ୟୁରୋ):** ଡିବତୀୟ ଗୁରୁ ପଦ୍ମସମ୍ଭବ ସମାରୋହ ଅନୁଷ୍ଠିତ ହେବା ସହ ଲଳିତଗିରି ଏକ ଗଭୀର ଆଧ୍ୟାତ୍ମିକ ଓ ଐତିହାସିକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତର ସାକ୍ଷୀ ହୋଇଛି। ଏହି କାର୍ଯ୍ୟକ୍ରମରେ ଦେଶ ତଥା ବିଦେଶରୁ ବୌଦ୍ଧଭିକ୍ଷୁ, ବିଶିଷ୍ଟ ପଣ୍ଡିତ, ଆଧ୍ୟାତ୍ମିକ ସାଧକ ଓ ଭକ୍ତ ଯୋଗ ଦେଇଛନ୍ତି। ଏହି ସମାରୋହ ବଜ୍ରଯାନ ବୌଦ୍ଧ ଧର୍ମର ପ୍ରଚାରକ ଭାବେ ପରିଚିତ ପୂଜ୍ୟ ବୌଦ୍ଧ ଗୁରୁ ପଦ୍ମସମ୍ଭବଙ୍କ ସ୍ମୃତିରେ ଆୟୋଜିତ ହୋଇଥିଲା। ଏହି ଅବସରରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ଦ୍ୱାରା ଚିହ୍ନିତ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ଏକ ବିରଳ ବୌଦ୍ଧ ଅବଶେଷକୁ ଗତ ୧୬ରେ ଏଏସଆଇ ଲଳିତଗିରି ସଂଗ୍ରହାଳୟରେ ସର୍ବସାଧାରଣଙ୍କ ଦର୍ଶନ ପାଇଁ ରଖାଯାଇଥିଲା। ସାଧାରଣତଃ କଡ଼ା ସଂରକ୍ଷଣ ନିୟମ ମଧରେ ରଖାଯାଉଥିବା ଏହି ଅବଶେଷକୁ ଧାର୍ମିକ ପାଳନର ଏକ ଅଂଶ ଭାବେ ସର୍ବସାଧାରଣଙ୍କ ପାଇଁ ଉପଲବ୍ଧ କରାଯାଇଥିଲା। ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା, ପର୍ଯ୍ୟଟନ ବିଭାଗ ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ସହଯୋଗରେ ଆୟୋଜିତ ଏହି ଅବଶେଷର ପ୍ରଦର୍ଶନ ପ୍ରଶଂସନୀୟ ପ୍ରୟାସ। ଏହି ପଦକ୍ଷେପ ଓଡ଼ିଶାର ସମୃଦ୍ଧ ବୌଦ୍ଧ ଐତିହ୍ୟର ସଂରକ୍ଷଣ ଓ ପ୍ରସାର ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକର ଏକନିଷ୍ଠ ପ୍ରତିବଦ୍ଧତାକୁ ଦର୍ଶାଉଛି। ଅବଶେଷର ଉନ୍ମୋଚନ ମୁଖ୍ୟ ଆଧ୍ୟାତ୍ମିକ ଆକର୍ଷଣ ଥିଲା। ଏହା ବୌଦ୍ଧ ଧର୍ମର ଏକ ପ୍ରାରମ୍ଭିକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବରେ ଲଳିତଗିରିର ସ୍ଥାୟୀ ଆଧ୍ୟାତ୍ମିକ ମହିମାକୁ ପ୍ରମାଣିତ କରିଛି। ଏହି କାର୍ଯ୍ୟକ୍ରମ ଲଳିତଗିରିର ଗୁରୁତ୍ୱକୁ ବିଶ୍ୱ ବୌଦ୍ଧ ମାନଚିତ୍ରରେ ପୁନଃ ପ୍ରତିଷ୍ଠିତ କରିବା ସହ ପ୍ରାଚୀନ ବୌଦ୍ଧ ସଭ୍ୟତା, ଐତିହ୍ୟ ଓ ଜୀବନ୍ତ ପରମ୍ପରାର ରକ୍ଷକ ଭାବେ ଓଡ଼ିଶାର ସ୍ଥାନକୁ ଅଧିକ ସୁଦୃଢ଼ କରିଛି।

# ଆଗକୁ ଆହୁରି ଚାକିରି ଖାଇବ ଏଆଇ

**ଭୁବନେଶ୍ୱର, ୧୯।୧:** କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ର ବ୍ୟବହାର ଯେତେ ଅଧିକ ବଢ଼ିବ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ନିଯୁକ୍ତି ସମ୍ଭାବନା ସେତେ ସଙ୍କୁଚିତ ହେବ ବୋଲି ବିଶେଷଜ୍ଞମାନେ ଆଶଙ୍କାବ୍ୟକ୍ତ କରୁଛନ୍ତି। ଏଆଇ ଯୋଗୁଁ ୟୁରୋପ, ଆମେରିକା ଭଳି ଆଗୁଆ ଦେଶଗୁଡ଼ିକରେ ସରକାରୀ ଓ ଘରୋଇ କ୍ଷେତ୍ରରେ କର୍ମନିଯୁକ୍ତି କମିବା ସହ ବେକାରୀ ଓ ବେରୋଜଗାରୀ ବଢୁଛି। ପୂର୍ବରୁ କମ୍ପ୍ୟୁଟର ବ୍ୟବହାର କରାଯାଉନଥିବା ସମୟରେ ସରକାରୀ କ୍ଷେତ୍ରରେ ଯେତେ କର୍ମଚାରୀଙ୍କର ଆବଶ୍ୟକତା ପଡୁଥିଲା ତାହା ଢେର କମିଛି। ଏବେ ଏଆଇ ପ୍ରୟୋଗ ପରେ ଏହା ଆହୁରି ହ୍ରାସ ପାଇବ।

ଭାରତ ଭଳି ପ୍ରାୟ ୧୪୫ କୋଟି ଜନସଂଖ୍ୟା ବିଶିଷ୍ଟ ବୃହତ୍ ଦେଶରେ ଏହି ସମସ୍ୟା ମଧ ଉପୁଜିଲାଣି। ବିଶେଷକରି ସଫ୍ଟୱେର କମ୍ପାନୀଗୁଡିକରେ ଏଆଇ ରାଜୁତି ଆରମ୍ଭ ହେଉଥିବାରୁ ବ୍ୟାପକ ଛଟେଇପର୍ବ ଚାଲିଛି। କେବଳ ସେତିକି ନୁହେଁ, ସଫ୍ଟୱେର ଇଞ୍ଜିନିୟରିଂ କ୍ଷେତ୍ରରେ ବି ନୂତନ ନିଯୁକ୍ତି କ୍ଷେତ୍ର ସଙ୍କୁଚିତ ହୋଇଯାଉଛି। ଏଭଳି ସ୍ଥିତିରେ ସଫ୍ଟୱେର ଇଞ୍ଜିନିୟରମାନଙ୍କୁ ବହୁ କମ୍ପାନୀ ପୂର୍ବ ତୁଳନାରେ ଢେର କମ୍ ପାରିଶ୍ରମିକରେ ନିୟୋଜନ କରୁଛନ୍ତି ଏବଂ ଯେତେବେଳେ ଇଚ୍ଛା ସେତେବେଳେ




କାର୍ଯ୍ୟରୁ ବିଦା କରିଦେଉଛନ୍ତି। ଓଡ଼ିଶା ସରକାରଙ୍କ ବିଭିନ୍ନ ପାହ୍ୟାରେ ଏବେ ପାଖାପାଖି ୬ଲକ୍ଷ ମଞ୍ଜୁରୀପ୍ରାପ୍ତ ସରକାରୀ କର୍ମଚାରୀ ପଦବୀ ରହିଛି। ଏଥିରୁ ପ୍ରାୟ ୨ଲକ୍ଷ ପଦବୀ ଖାଲି ପଡିଥିବା ଆଶଙ୍କା କରାଯାଉଛି। ତେବେ ସର୍ବଶେଷ ଏଷ୍ଟାବ୍ଲିଶମେଣ୍ଟ ରିଭ୍ୟୁପରେ ବାସ୍ତବ ତଥ୍ୟ ଜଣାପଡିପାରେ। ଦୁର୍ବଳ ଆର୍ଥିକ ସ୍ଥିତିରୁ ନିସ୍ତାର ପାଇବାପାଇଁ ୨୦୦୦ ମସିହା ପୂର୍ବରୁ ଓଡିଶା ସରକାର କେନ୍ଦ୍ର ସରକାରଙ୍କ ସହ ଯେଉଁ ବୁଝାମଣାପତ୍ର କରିଥିଲେ ତଦନୁଯାୟୀ ମିତବ୍ୟୟିତା ଆଳରେ ପଦ ପଦବୀ ଉଚ୍ଛେଦ ସହିତ ଖାଲି ପଡିଥିବା ପଦବୀ ପୂରଣ ଉପରେ କଟକଣା ଜାରି ହୋଇଥିଲା। ଏହାର ପ୍ରଭାବ ଏବେ ଅନ୍ୟ ବିଭାଗରେ ଯେତେ ଦେଖିବାକୁ ମିଳୁଛି ତାହା ତୁଳନାରେ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗରେ ଅଧିକ ବାରିହୋଇ ପଡୁଛି। ରାଜ୍ୟରେ ଶିଳ୍ପ ଓ ବ୍ୟବସାୟ ପ୍ରତିଷ୍ଠାନଗୁଡିକ କମ୍ପ୍ୟୁଟର ଉପଯୋଗ କରିବା ପରଠାରୁ ସେମାନଙ୍କ ସଂସ୍ଥାରେ ବି ନିଯୁକ୍ତି ସମ୍ଭାବନା କମିଛି। ଏବେ ଏଆଇ ଉପଯୋଗ କରିବା ପାଇଁ ଉଭୟ ସରକାରୀ ଓ ବେସରକାରୀ ସଂସ୍ଥାଗୁଡିକ ବିଶେଷ ଆଗ୍ରହ ପ୍ରକାଶ କରୁଛନ୍ତି। ଏହା ଫଳରେ କମ୍ ଲୋକରେ ବେଶିକାମ କରାଇ ବ୍ୟବସାୟିକ ସଂସ୍ଥାଗୁଡିକ ବେଶ୍ ମୁନାଫା ଉଠାଇବେ ଏବଂ ସରକାରୀକଳ ଉପରେ ତାହାର ପ୍ରଭାବ ପଡିବ ବୋଲି ଅର୍ଥନୀତି ବିଶାରଦମାନେ ବାରମ୍ବାର ଚେତାବନୀ ଦେଉଛନ୍ତି। ଏହାକୁ ଆଖିଆଗରେ ରଖି ଏବେ ଅନେକ ବୈଷୟିକ ଶିକ୍ଷାନୁଷ୍ଠାନରେ ଏଆଇ ପାଠ୍ୟକ୍ରମ ଚାଲୁଛି।

ଏହାଛଡ଼ା ସ୍ୱତନ୍ତ୍ର ଭାବରେ ମଧ ଏଆଇ ତାଲିମ ଦିଆଯାଉଛି। ୨୦୩୦ ବେଳକୁ ବସ୍ତୁତଃ ବିଭିନ୍ନ କ୍ଷେତ୍ରରେ ଏଆଇର ରାଜୁତି ଚାଲୁଥିବ ଏବଂ କର୍ମନିଯୁକ୍ତି ସମ୍ଭାବନା ସଙ୍କୁଚିତ ହୋଇ ବେକାରୀ ଓ ବେରୋଜଗାରୀ ବହୁ ପରିମାଣରେ ବୃଦ୍ଧି ପାଇବ ବୋଲି ଅର୍ଥନୀତି ବିଶାରଦମାନେ ଯେଉଁ ଆଶଙ୍କାବ୍ୟକ୍ତ କରୁଛନ୍ତି ତାହାକୁ ଗୁରୁତ୍ୱର ସହ ଏବେଠାରୁ ନନେଲେ ଉଭୟ ରାଜ୍ୟ ଓ ଦେଶର ସମସ୍ୟା ବୃଦ୍ଧି ପାଇବ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। (ତଥ୍ୟ)

## ଜଟଣୀରେ ପଞ୍ଚାୟତସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି

**ଭୁବନେଶ୍ୱର, ୧୯।୧ (ସଂଚାର ବ୍ୟୁରୋ):** ଜଟଣୀ ବ୍ଲକ ଅନ୍ତର୍ଗତ ପଦନପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗ୍ରାମ ପଞ୍ଚାୟତସ୍ତରୀୟ ପ୍ରତ୍ୟକ୍ଷ ଯୁଗ୍ମ ଅଭିଯୋଗ ଶୁଣାଣି ଜନଶୁଣାଣି ଅନୁଷ୍ଠିତ ହୋଇଛି। ଖୋର୍ଦ୍ଧା ଜିଲ୍ଲାପାଳ ଅମୃତ ଋତୁରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଆଜି ମୋଟ ୫୮ଟି ଆପତ୍ତି ଅଭିଯୋଗ ଦାଖଲ ହୋଇଥିଲା। ସେଥିମଧ୍ୟରୁ ୫୧ଟି ଅଭିଯୋଗ ବ୍ୟକ୍ତିଗତ ହୋଇଥିବା ବେଳେ ୭ଟି ଗୋଷ୍ଠୀଗତ ଅଭିଯୋଗ ଥିଲା। ସେଥିମଧ୍ୟରୁ ୪ଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକୁ ବିଚାରକୁ ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ସକାଶେ ବିଭାଗୀୟ ଅଧିକାରୀମାନଙ୍କୁ ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

**ଜୀବନ ଅମୃତ ଅନୁଚିନ୍ତା**

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ମହାରାଷ୍ଟ୍ରରେ ମହାରାଜନୀତି



ମହାରାଷ୍ଟ୍ରର ରାଜନୀତି ସର୍ବଦା ନାଟକୀୟ ମୋଡ଼ ନେଇଥାଏ, ଏବଂ ଉଦ୍ଧବ ଥାକରେ ଏବଂ ଏକନାଥ ଶିନ୍ଦେଙ୍କ ମଧ୍ୟରେ ଚାଲିଥିବା ବିବାଦ ତାହାର ଏକ ଜ୍ୱଳନ୍ତ ଉଦାହରଣ। ୨୦୨୨ ମସିହାରେ ଶିବସେନାର ବିଦ୍ରୋହରୁ ଆରମ୍ଭ ହୋଇଥିବା ଏହି ସଂଘର୍ଷ ୨୦୨୬ ମସିହାର ନଗରପାଳିକା ନିର୍ବାଚନରେ ନୂତନ ରୂପ ନେଇଛି। ମୁମ୍ବାଇ ମ୍ୟୁନିସିପାଲ୍ କର୍ପୋରେସନ୍ (ବିଏମ୍ସି) ନିର୍ବାଚନରେ ମହାୟୁତି ମେଣ୍ଟର ବିଜୟ ଥାକରେ ପରିବାରର ଦଶନ୍ଧି ପୁରାତନ ଆଧିପତ୍ୟକୁ ଭାଙ୍ଗିଦେଇଛି, ଯାହା ରାଜ୍ୟର ରାଜନୈତିକ ଭାରସାମ୍ୟକୁ ପରିବର୍ତ୍ତନ କରିବାର ସଙ୍କେତ ଦେଉଛି।

ବାଲାସାହେବ ଥାକରେଙ୍କ ନିର୍ମିତ ଶିବସେନା ସର୍ବଦା ମରାଠୀ ଅସ୍ମିତାର ପ୍ରତୀକ ରହିଆସିଛି। କିନ୍ତୁ ୨୦୧୯ରେ ଉଦ୍ଧବଙ୍କ ଏନ୍ସିପି ଏବଂ କଂଗ୍ରେସ ସହ ମେଣ୍ଟ ଶିବସେନାର ପାରମ୍ପରିକ ହିନ୍ଦୁତ୍ୱ ଆଦର୍ଶରୁ ବିଚ୍ୟୁତି ବୋଲି ଶିନ୍ଦେ ଅଭିଯୋଗ କରିଥିଲେ। ତାଙ୍କ ନେତୃତ୍ୱରେ ହୋଇଥିବା ବିଦ୍ରୋହ ଉଦ୍ଧବ ସରକାରକୁ ପତନ କରାଇଥିଲା ଏବଂ ବିଜେପି ସହ ମେଣ୍ଟରେ ଶିନ୍ଦେ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଏହି ବିଭାଜନ କେବଳ ଦଳୀୟ ନୁହେଁ, ବରଂ ଆଦର୍ଶଗତ ଏବଂ ବ୍ୟକ୍ତିଗତ ମନୋବିଭେଦର ପରିଚୟ ଦେଇଛି। ଉଦ୍ଧବ ନିଜକୁ ବାଲାସାହେବଙ୍କ ଉତ୍ତରାଧିକାରୀ ବୋଲି ଦାବି କରନ୍ତି, ଯେତେବେଳେ ଶିନ୍ଦେ ନିଜକୁ ପ୍ରକୃତ ଶିବସେନାର ରକ୍ଷକ ବୋଲି ପ୍ରଚାର କରନ୍ତି।

୨୦୨୪ର ବିଧାନସଭା ନିର୍ବାଚନରେ ମହାୟୁତିର ବିଜୟ ଶିନ୍ଦେଙ୍କ ପ୍ରଭାବକୁ ସ୍ଥାପିତ କରିଥିଲା, କିନ୍ତୁ ୨୦୨୬ର ନଗରପାଳିକା ନିର୍ବାଚନ ଏହି ବିବାଦକୁ ନୂତନ ଉଚ୍ଚତା ଦେଇଛି। ବିଏମ୍ସିରେ ବିଜେପି ୮୯ ଆସନ ଏବଂ ଶିନ୍ଦେ ଶିବସେନା ୨୯ ଆସନ ଜିତି ବହୁମତ ହାସଲ କରିଛନ୍ତି, ଯେତେବେଳେ ଉଦ୍ଧବଙ୍କ ଶିବସେନା (ୟୁବିଟି) କେବଳ ୬୫ ଆସନରେ ସୀମିତ ରହିଛି। ଏହା ଥାକରେ ପରିବାରର ମୁମ୍ବାଇ ଉପରେ ଦଶନ୍ଧି ପୁରାତନ ନିୟନ୍ତ୍ରଣର ଅନ୍ତ ଘଟାଇଛି। ରାଜ ଥାକରେଙ୍କ ଏମ୍ଏନ୍ଏସ୍ ସହ ଉଦ୍ଧବଙ୍କ ମେଣ୍ଟ ସତ୍ତ୍ୱେ ଏହି ପରାଜୟ ଉଦ୍ଧବଙ୍କ ରଣନୀତି ଉପରେ ପ୍ରଶ୍ନ ଉଠାଇଛି। ଥାନେରେ ଶିନ୍ଦେଙ୍କ ଘର ଅଞ୍ଚଳରେ ଉଦ୍ଧବ ପ୍ରାର୍ଥୀର ବିଜୟ ଏକ ଛୋଟ ସାନ୍ତ୍ୱନା ହୋଇପାରେ, କିନ୍ତୁ ସାମଗ୍ରିକ ଚିତ୍ର ମହାୟୁତିର ଆଧିପତ୍ୟ ଦର୍ଶାଉଛି।

ଏହି ନିର୍ବାଚନ ପରେ ରିସର୍ଟ ରାଜନୀତିର ପୁନରାବୃତ୍ତି ଦେଖିବାକୁ ମିଳିଛି। ଶିନ୍ଦେ ନିଜର ୨୯ ଜଣ କର୍ପୋରେଟରଙ୍କୁ ଏକ ବିଳାସପୂର୍ଣ୍ଣ ହୋଟେଲରେ ରଖିଛନ୍ତି, ଯାହାକୁ ଉଦ୍ଧବ ବିଜେପିର ଭୟ ବୋଲି କହିଛନ୍ତି। ଉଦ୍ଧବଙ୍କ ଅଭିଯୋଗ ଯେ, ଯେଉଁମାନେ ଥରେ ବିଦ୍ରୋହ କରିଛନ୍ତି, ସେମାନେ ପୁନର୍ବାର କରିପାରନ୍ତି। ମେୟର ପଦ ପାଇଁ ମହାୟୁତି ଭିତରେ କଳହ ଦେଖାଦେଇଛି; ଶିନ୍ଦେ ପ୍ରଥମ ୨.୫ ବର୍ଷ ଦାବି କରୁଥିବା ବେଳେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ ସହମତିର କଥା କହୁଛନ୍ତି। ଏହା ଦର୍ଶାଉଛି ଯେ ଶିନ୍ଦେଙ୍କ ଭୂମିକା କିଙ୍ଗମେକର ଭାବରେ ରହିଛି, କିନ୍ତୁ ବିଜେପିର ବଢ଼ୁଥିବା ପ୍ରଭାବ ତାଙ୍କୁ ଅସୁରକ୍ଷିତ କରୁଛି।

ଏହି ବିବାଦର ପ୍ରଭାବ ମହାରାଷ୍ଟ୍ରର ବିକାଶ ଉପରେ ପଡ଼ିଛି। ମୁମ୍ବାଇର ବଜେଟ୍ ୭୪,୦୦୦ କୋଟି ଟଙ୍କାରୁ ଅଧିକ, ଯାହା ବିକାଶ ପ୍ରକଳ୍ପଗୁଡ଼ିକୁ ପ୍ରଭାବିତ କରିପାରେ। ଉଦ୍ଧବଙ୍କ ପାଇଁ ଏହା ଏକ ପରାଜୟ, କିନ୍ତୁ ସେ ମରାଠୀ ମାନୁଷଙ୍କ ସମର୍ଥନ ଦାବି କରି ଲଢ଼େଇ ଜାରି ରଖିବେ। ଶିନ୍ଦେଙ୍କ ପାଇଁ ଏହା ବିଜୟ, କିନ୍ତୁ ଆଭ୍ୟନ୍ତରୀଣ ଅସ୍ଥିରତା ଏକ ଚ୍ୟାଲେଞ୍ଜ। ରାଜନୀତିରେ କେହି ସ୍ଥାୟୀ ନୁହେଁ; ଏହି ସଂଘର୍ଷ ମହାରାଷ୍ଟ୍ରର ଭବିଷ୍ୟତକୁ ନିର୍ଦ୍ଧାରଣ କରିବ। ରାଜ୍ୟବାସୀ ଆଶା କରନ୍ତି ଯେ ଏହି ବିବାଦ ବିକାଶର ପଥରେ ବାଧକ ନହୋଇ ସକାରାତ୍ମକ ପରିବର୍ତ୍ତନ ଆଣିବ।

# ତ୍ରିବେଣୀ ଅମାବାସ୍ୟା ଓ ଦେବୀ ବିରଜାଙ୍କ ଜୟନ୍ତୀ

**ବିକ୍ରମ କେଶରୀ ବିଶ୍ୱାଳ**



ଗଙ୍ଗା, ଯମୁନା, ସରସ୍ୱତୀଙ୍କର ମିଳନ ସ୍ଥଳରେ ମାଧବ ଉପସ୍ଥିତ ଥିବାରୁ ତାକୁ ତ୍ରିବେଣୀ ସଙ୍ଗମ କୁହାଯାଏ। ତାକୁ ସ୍ମରଣ କରିବା ପାଇଁ ଏହି ଅମାବାସ୍ୟାର ନାମ କରଣ କରାଯାଇଅଛି। ସୂର୍ଯ୍ୟମହତି ସ୍ନାନ ଯୋଗ ଯାହା ବୁଝାଏ ସୂର୍ଯ୍ୟ ନାରାୟଣ (ପ୍ରତ୍ୟକ୍ଷ ଦର୍ଶନ ଦେଉଥିବା ଦେବତା)ଙ୍କ ଉଦ୍ଦେଶ୍ୟରେ ସୂର୍ଯ୍ୟୋଦୟ ପୂର୍ବରୁ ଅର୍ଥାତ୍ ୩.୩୦ରୁ ୪ ଟା ମଧ୍ୟରେ ମହୋଦଧିରେ ସ୍ନାନ କିମ୍ବା ନଦୀ ଓ ଝରଣାରେ ସ୍ନାନ କରି ସୂର୍ଯ୍ୟାର୍ଘ୍ୟ ଦେବାର ବିଧି ରହିଛି। କାରଣ ନମସ୍କାର ପ୍ରିୟ ସୂର୍ଯ୍ୟ ଅଳଙ୍କାର ପ୍ରିୟ ବିଷ୍ଣୁ ଜଳ ପ୍ରିୟ ମହାଦେବ ବ୍ରାହ୍ମଣ ଭୋଜନ ପ୍ରିୟ ଯାହା ଶାସ୍ତ୍ର କୁହନ୍ତି। ଓଡ଼ିଶାରେ ରହିଥିବା ପ୍ରମୁଖ ଶକ୍ତିପୀଠ ମଧ୍ୟରେ ମା' ବିରଜାଙ୍କ ଶକ୍ତିପୀଠ ଅନ୍ୟତମ। ଓଡ଼ିଶାର ଯାଜପୁର ଜିଲ୍ଲାରେ ଅବସ୍ଥିତ ମା'ବିରଜାଙ୍କ ମନ୍ଦିର, ଖୁବ୍ ପୁରାତନ ଦେବୀ ମନ୍ଦିର। ଏହି କ୍ଷେତ୍ର ବିରଜାକ୍ଷେତ୍ର ନାମରେ ମଧ ପରିଚିତ। ଏଠାରେ ଦେବୀ ଦ୍ୱିଭୁଜା ଦୁର୍ଗା ରୂପରେ ପୂଜା ପାଆନ୍ତି। ଗୋଟିଏ ଭୂଜରେ ତ୍ରିଶୂଳ ଓ ଅନ୍ୟ ଭୂଜରେ ଦେବୀ ମହିଷାସୁରର ଲାଙ୍ଗୁଳ ଧରିଥିବାର ଦେଖାଯାଏ। ଦେବୀ ନିଜ ମୁକୁଟରେ ଗଣେଶ, ଶିବଲିଙ୍ଗ, ଯୋନି, ନାଗରାଜ ଓ ଅର୍ଦ୍ଧଚନ୍ଦ୍ର ଧାରଣ କରିଥାନ୍ତି। ପୁରାଣ ଅନୁସାରେ ଦେବୀ ସମସ୍ତ ରଜୋଗୁଣକୁ ଧୋଇ ଦେଉଥିବାରୁ ତାଙ୍କର ନାମ ବିରାଜ ହୋଇ ଏହି କ୍ଷେତ୍ରର ନାମ ବିରଜାକ୍ଷେତ୍ର ହୋଇଛି। ମା'ବିରଜା ଏହି ପୀଠରେ ଅଧିଷ୍ଠାତ୍ରୀ ଦେବୀ। ସେ ବିଭିନ୍ନ ସମୟରେ ବିଭିନ୍ନ ବେଶ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି। ଏହି ପବିତ୍ର ତ୍ରିବେଣୀ ଅମାବାସ୍ୟା ମା' ବିରଜାଙ୍କ ଜନ୍ମଦିନ।

ମାଘ ମାସର ଅମାବାସ୍ୟାକୁ ତ୍ରିବେଣୀ ଅମାବାସ୍ୟା ବା ମୌନୀ ଅମାବାସ୍ୟା କୁହାଯାଏ। ଏହି ଦିନରେ କୁମ୍ଭମେଳାର ପବିତ୍ର ସ୍ଥାନରେ ବୁଡ଼ ପକାଇବାକୁ ଶ୍ରଦ୍ଧାଳୁମାନେ ଅଧିକ ପସନ୍ଦ କରିଥାନ୍ତି। ଏହି ଦିନରେ ତ୍ରିବେଣୀ ସଙ୍ଗମରେ ସ୍ନାନ ପୂର୍ବକ ମୌନବ୍ରତ ପାଳନ କରାଯାଇଥାଏ। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ମକର ସଂକ୍ରାନ୍ତିରେ ସୂର୍ଯ୍ୟ ମକର ରାଶିକୁ ଗମନ କରିଥାନ୍ତି। ଶନି ହେଉଛନ୍ତି ମକରର ସ୍ୱାମୀ ବା ପ୍ରଭୁ ଏବଂ ଚନ୍ଦ୍ରଙ୍କ ବିରୋଧୀ। ମକରରେ ସୂର୍ଯ୍ୟଙ୍କ ଅବସ୍ଥାନ ଦ୍ୱାରା ଶନିଙ୍କ ପ୍ରଭାବ ବୃଦ୍ଧି ପାଇଥାଏ। ଫଳରେ ଚନ୍ଦ୍ର ଦୁର୍ବଳ ହୋଇଥାନ୍ତି। ଚନ୍ଦ୍ରଙ୍କ ଦ୍ୱାରା ଆମର ମନ ଓ ଭାବ ନିୟନ୍ତ୍ରଣ ହେଉଥିବାରୁ ମୌନୀ ଅମାବାସ୍ୟା ଦିନ କଥା କହିବା ଏବଂ ନିଷ୍ପତ୍ତି ନେବାର ଶକ୍ତି ଅପେକ୍ଷାକୃତ ଦୁର୍ବଳ ହୋଇଥାଏ। ତେଣୁ ମୌନୀ ଅମାବାସ୍ୟାରେ ମୌନ ବ୍ରତ ଅବଲମ୍ବନ କରିବା ଭଲ। ମାଘ ସ୍ନାନ ଦ୍ୱାରା ପୁଣ୍ୟ ଅର୍ଜନ ହୁଏ ବୋଲି ବିଶ୍ୱାସ ରହିଛି। ମୌନୀ ଅମାବାସ୍ୟାରେ ତୀର୍ଥସ୍ଥଳରେ ବୁଡ଼, ଉପବାସ ପାଳନ ଓ ବିଷ୍ଣୁଙ୍କ ପୂଜା ଦ୍ୱାରା ମହାପୁଣ୍ୟ ଲାଭ ହୋଇଥାଏ। ଏହି ଦିନ ଅଶ୍ୱତ୍ଥ ବୃକ୍ଷ ପ୍ରଦକ୍ଷୀଣ କରିବାର ମଧ ବିଧି ରହିଛି। ମକର ମାସ ସାରା ପ୍ରୟାଗର ସଂଗମସ୍ଥଳରେ ହିନ୍ଦୁଭକ୍ତ ଓ ଶ୍ରଦ୍ଧାଳୁମାନେ ସ୍ନାନ, ଦାନ ଓ ପୂଜାର୍ଚ୍ଚନା ବା କଳ୍ପବାସ କରି ମୌନୀ ଅମାବାସ୍ୟାକୁ ଅପେକ୍ଷା କରି ରହିଥାନ୍ତି। ମାସବ୍ୟାପୀ କେତେକ ସାଧୁସନ୍ଥ ଜଳପାନ କରନ୍ତି ଏବଂ ଆଉ କେତେ ଦିନକୁ ଥରେ ହବିଷ ପାଳନ କରନ୍ତି। ଏକଥା ମଧ କୁହାଯାଏ, ସୃଷ୍ଟିର ଆରମ୍ଭରେ ସବୁ ଶାନ୍ତ, ନିରବ ଥିଲା। ତାପରେ ଶବ୍ଦ ସୃଷ୍ଟି ହେଲା ଏବଂ ଏହି ଶବ୍ଦ ଥିଲା ଓଁ ବା ବ୍ରହ୍ମନାଦ। ପ୍ରତ୍ୟେକ ଶବ୍ଦରେ ଶକ୍ତି ରହିଛି। ଏହି ଶକ୍ତି ହିଁ ଚତୁଃପାର୍ଶ୍ୱର ସ୍ଥିତିକୁ ପରିବର୍ତ୍ତନ କରିପାରେ। ମୌନୀ ଅମାବାସ୍ୟାରେ ମୌନ ରହିଲେ ଶରୀରରେ ପ୍ରାଣ ସଞ୍ଚରିତ ହୋଇ ରହେ। ଏହା ଶକ୍ତି ସାମର୍ଥ୍ୟ ପ୍ରଦାନ କରିଥାଏ। ମୌନୀ ଅମାବାସ୍ୟାକୁ ବିରଜା ଅମାବାସ୍ୟା ମଧ କୁହାଯାଏ।

ତ୍ରିବେଣୀ ଅମାବାସ୍ୟା ଦିନ ସ୍ନାନ କରି ନିତ୍ୟକର୍ମ ସାରି ତିଳ, ତିଳଲଡ୍ଡୁ, ତିଳତେଲ, ଅଁଳା ଆଉ ବସ୍ତ୍ର ଆଦି ଦାନ କଲେ ପୁଣ୍ୟଫଳ ପ୍ରାପ୍ତ ହୁଏ ବୋଲି ବିଶ୍ୱାସ କରାଯାଏ। ଏହି ଅମାବାସ୍ୟା ଠାରୁ ଗୋଟିଏ ଦିନ, ଗୋଟିଏ ସପ୍ତାହ, ଗୋଟିଏ ମାସ କି ଗୋଟିଏ ବର୍ଷ ମୌନବ୍ରତ ଧାରଣ କଲେ ମାନସିକ ଓ ଶାରୀରିକ କଷ୍ଟ ନାଶ ହୁଏ। ପବିତ୍ର ତ୍ରିବେଣୀ ସଂଗମ ସ୍ଥଳରେ ସ୍ନାନ କଲେ ହଜାର ରାଜଯଜ୍ଞର ସମାନ ଫଳ ମିଳେ। ସଂଗମସ୍ଥଳରେ ସ୍ନାନ କରିବାର ସୁଯୋଗ ନଥିଲେ ତେବେ ଗୃହ କିମ୍ବା ପୁଷ୍କରିଣୀରେ ଗଙ୍ଗାଜଳ ମିଶ୍ରିତ ପାଣିରେ ସ୍ନାନ ସାରି ସୂର୍ଯ୍ୟଙ୍କୁ ଉପାସନା କରି ଦାନ ଧର୍ମ କଲେ ଦେବତା ଓ ପୂର୍ବ ପୁରୁଷମାନଙ୍କର ଆଶୀର୍ବାଦ ମିଳେ। ଆଉ ଲକ୍ଷେ ବର୍ଷର ପୁଣ୍ୟଫଳ ମିଳେ ବୋଲି ବିଶ୍ୱାସ ରହିଛି। ମୁନି ଋଷିମାନଙ୍କର ମାନ୍ୟତା ଅନୁସାରେ ତ୍ରିବେଣୀ ଅମାବାସ୍ୟାର ବହୁତ ମହତ୍ତ୍ୱ ଅଛି। ମୌନ ଅମାବାସ୍ୟା ଠାରୁ ମହାଶିବରାତ୍ରି ଯାଏ ସେମାନେ ମୌନବ୍ରତ ଧାରଣ କରନ୍ତି। ସେମାନେ ମାନନ୍ତି ଯେ, ଯେତେବେଳେ ସୂର୍ଯ୍ୟଚକ୍ର ପୁରା ହେଉଥାଏ ସେତେବେଳେ ସବୁ ଜଳରାଶି ଉପରେ ଏହାର ବହୁତ ପ୍ରଭାବ ପଡ଼ିଥାଏ। ଆମ ଜାଣୁ ଯେ, ମାନବ ଶରୀରର ୭୦ ଭାଗ ଜଳ। ତେଣୁ ସୂର୍ଯ୍ୟଚକ୍ରର ପ୍ରଭାବ ଆମ ଶରୀର ଉପରେ ପଡ଼ିଥାଏ। ଏହି ପବିତ୍ର ଅମାବାସ୍ୟାକୁ ମୌନ ରହି ପାଳନ କଲେ ମନୁଷ୍ୟ ଶରୀରକୁ ବହୁତ ଉପକାର ମିଳିବା ସହ ମାନସିକ ଶାନ୍ତି ମଧ ମିଳିଥାଏ।


**ଯାଜପୁର ରୋଡ଼, ଯାଜପୁର, ମୋବାଇଲ୍: ୯୯୩୮୫୩୬୦୭୬**


# ବ୍ୟବସ୍ଥିତ ଶିକ୍ଷା ଓ ଆଗାମୀ ପିଢ଼ି

**ଡକ୍ଟର ଲକ୍ଷ୍ମଣ ସାହୁ**



ସମାଜ ସହ ବ୍ୟକ୍ତି ଜୀବନର ସମନ୍ୱୟ ନଘଟିଲେ ଜୀବନର ବିକାଶ ସମାଜ କ୍ଷେତ୍ରରେ ପୂର୍ଣ୍ଣ ସମ୍ଭବ ନୁହେଁ। ମନୁଷ୍ୟ ଏକ ସାମାଜିକ ପ୍ରାଣୀ। ସମାଜକୁ ଛାଡି ବଞ୍ଚିବା ତା'ପକ୍ଷରେ ଅସମ୍ଭବ। ସାମାଜିକ ସଂପର୍କ ସହ ପ୍ରତ୍ୟକ୍ଷ ଭାବରେ ସେ ସଂପୃକ୍ତ। ସମାଜର ନିରବଚ୍ଛିନ୍ନ ପ୍ରକ୍ରିୟା ସହ ସେ ସାମିଲ ନହେଲେ, ଜୀବନର ବିଭିନ୍ନ ଦିଗ ଗୁଡିକ ପ୍ରତି ଦୃଷ୍ଟି ରଖି ଆଗକୁ ଆଗେଇ ପାରିବ ନାହିଁ। ମାନବ ସଭ୍ୟତାର ଓ ସଂସ୍କୃତିର ପ୍ରାଣକେନ୍ଦ୍ର ହିଁ ସମାଜ। ତେଣୁ ମନୁଷ୍ୟ ଏକ ସାଂସ୍କୃତିକ ଓ ସାମାଜିକ ପ୍ରାଣୀ ହୋଇଥିବାରୁ ମାନସିକ କ୍ଷେତ୍ରରେ ଯାହା ସବୁ ଅର୍ଜନ କରିଥାଏ ଓ ତାକୁ କାର୍ଯ୍ୟରେ ଲଗାଇ ଥାଏ। ଏସବୁ ସ୍ଥଳେ ଭାବି ପିଢିର ସୁରକ୍ଷିତ ଭବିଷ୍ୟତର ଲକ୍ଷ୍ୟ ନେଇ ପ୍ରତ୍ୟେକ ଅଭିଭାବକ ବିଚାର ବିମର୍ଷ କରିବାର ସମୟ ଉପଗତ। ଭାବି ପିଢିର ଉପଯୁକ୍ତ ଶିକ୍ଷା ନିମନ୍ତେ ଓ ସବୁ ପ୍ରକାର ସଂକଟରୁ ଦୂରେଇ ନେବା ପାଇଁ ଅଭିଭାବକମାନେ ବ୍ୟଗ୍ର ଓ ପ୍ରସ୍ତୁତ କୁହାଯାଇ ପାରେ। କିନ୍ତୁ ବାସ୍ତବରେ ଦେଖିବାକୁ ଗଲେ ଶିକ୍ଷା ଭବିଷ୍ୟତ ପ୍ରତି କେହି କେବେ ଅନୁଶୋଚନା କରନ୍ତି ନାହିଁ।

ଭାବିଦେଖିଲେ ଶିକ୍ଷା ଦ୍ୱାରା ହିଁ ମାନବ ସଭ୍ୟତାର ଆରମ୍ଭ ଘଟେ। କାରଣ ମନୁଷ୍ୟ ଅନ୍ୟାନ୍ୟ ପ୍ରାଣୀମାନଙ୍କଠାରୁ ପୃଥକ। ସେ ପରିବର୍ତ୍ତିତ ପରିସ୍ଥିତିରେ ଖୁବ୍ ଶୀଘ୍ର ଶିକ୍ଷା ଗ୍ରହଣ କରିପାରେ। ଏହା ମନୁଷ୍ୟର ପ୍ରାକୃତିକ ଐଶ୍ୱରୀୟ ଶକ୍ତି। ତେଣୁ ଶିକ୍ଷାର ଲକ୍ଷ୍ୟ ଏଭଳି ପ୍ରସ୍ତୁତି ହେବା ଉଚିତ, ଯାହାକି ଯେ କୌଣସି ଅପ୍ରୀତିକର ପରିସ୍ଥିତିରେ ସମସ୍ୟାର ସମାଧାନ କରିପାରିବ। ସାଂପ୍ରତିକ ପରିବେଶ ସହ ଉପଯୁକ୍ତ ସାମଞ୍ଜସ୍ୟ କରିପାରିବ। ଏଦୃଷ୍ଟିରୁ ଲେଖିବା, ପଢିବା ଓ ଗଣିବାର ଦକ୍ଷତା, ଉତ୍ପାଦନର କଳା କୌଶଳ ଓ ପ୍ରଭାବ ପୂର୍ଣ୍ଣ ମାନସିକ ସ୍ଥିତି ଓ ଶାରିରୀକ ଶ୍ରମର ଉପଯୁକ୍ତ ବିକାଶ ଶିକ୍ଷା ବ୍ୟବସ୍ଥାର ଲକ୍ଷ୍ୟ ହେବା ଅପରିହାର୍ଯ୍ୟ। ଆଜିର ଶିକ୍ଷା ପଦ୍ଧତିରେ ଏଭଳି ମହନୀୟ ଭାବର ଯଥେଷ୍ଟ ଆବଶ୍ୟକତା ରହିଛି, ଯାହା ଆଗାମୀ ଭବିଷ୍ୟତ ଶିକ୍ଷା ପଦ୍ଧତି ନିମନ୍ତେ ଅପରିହାର୍ଯ୍ୟ ଅଟେ।

ତେଣୁ ଶିକ୍ଷା କ୍ଷେତ୍ରରେ ତିନୋଟି ସଂକଳ୍ପ ବା ଉଦ୍ଦେଶ୍ୟ ନିହିତ ହେବାର ଗୁରୁତ୍ୱ ଅଛି। ପ୍ରଥମେ ସତ୍ୟକୁ ଖୋଜ, ଦ୍ୱିତୀୟରେ ମାନବର ଗୁଣକୁ ସଂଶୋଧନ କରିବା ଓ ତୃତୀୟରେ ବୌଦ୍ଧିକ ଓ ଶାରୀରିକ ଶ୍ରମର ଉପଯୋଗ କରିବା। ଏକଦା ଟମାସ ବେଜିଙ୍ଗଟନ୍ ମେକଲେ ତତ୍କାଳୀନ ବଡଲାଟ ବେଣ୍ଟିଙ୍କଙ୍କ ଅନୁରୋଧ କ୍ରମେ ଶିକ୍ଷାର ଲକ୍ଷ୍ୟକୁ ବିଚାର କରି କହିଥିଲେ " ଇଂରେଜମାନେ ଭାରତୀୟ ମାନଙ୍କ ସ୍ୱାସ୍ଥ୍ୟ କିପରି ହେବ ସେ ବିଷୟରେ ଚିନ୍ତା କରିବା ଆବଶ୍ୟକ। ଭାରତୀୟ ମାନେ କେବଳ ରଙ୍ଗ ଓ ରକ୍ତରେ ଭାରତୀୟ ହେବେ, କିନ୍ତୁ ରୁଚି, ମତ, ନୈତିକତା ଓ ବୁଦ୍ଧି ଇଂରେଜ ମାନଙ୍କ ପରି ହୋଇପାରିବ"।

ସୂକ୍ଷ୍ମ ଦୃଷ୍ଟିରେ ଏହା ଗ୍ରହଣୀୟ କି ଏହା ଅଗ୍ରାହ୍ୟ, ଏଥିରେ କୌଣସି ଫରକ ନାହିଁ କିନ୍ତୁ ସେମାନଙ୍କ ବିଚାର ଧାରା ଭାରତୀୟ ସେହି ଭାରତୀୟ ହୋଇ ରହୁ। କିନ୍ତୁ ଇଂରେଜମାନଙ୍କ ଭଳି ସ୍ମାର୍ଟ ହେଉ। ଗାନ୍ଧୀଙ୍କ ଶିକ୍ଷା ଦର୍ଶନ ଶ୍ରମ ପ୍ରତି ମର୍ଯ୍ୟାଦା ଦେବା। ତାଙ୍କ ବିଚାରରେ ଶ୍ରମହିଁ ଶିକ୍ଷାର ଅବିଚ୍ଛେଦ୍ୟ ଅଙ୍ଗ। ଭବିଷ୍ୟତ ଆତ୍ମନିର୍ଭରଶୀଳ, ଆତ୍ମାବଲମ୍ବନ ଜୀବନରେ ସଂସ୍କାର ପାଇଁ ଅପରିହାର୍ଯ୍ୟ ମନେ କରିଥିଲେ। କିନ୍ତୁ ସାଂପ୍ରତିକ ଶିକ୍ଷା ବ୍ୟବସ୍ଥା ଏସବୁ ବାଦ ଦେଇ ଦୁଇଟି ଉଦ୍ଦେଶ୍ୟକୁ ଦର୍ଶାଇଥାଏ। ଯାହା କେବଳ ମୌଳିକ ରୂପରେ ଶିଷ୍ୟକୁ ଖୋଜିବାରେ ସତତ ପ୍ରକ୍ରିୟା ଅଟେ। ଯଦିଓ ଏହା ଅନ୍ତିମ ଲକ୍ଷ୍ୟରେ ପହଞ୍ଚି ପାରେ ବା ନପାରେ ଏହା ମାପ କରିବା ନୁହେଁ। ଆଜିର ଶିକ୍ଷା କେବଳ ନିଜକୁ ତୁଳନା କରେ। ନିଜ ପ୍ରତିଯୋଗିତା ମନ ନେଇ ଅନ୍ୟକୁ ପ୍ରତିଦ୍ୱନ୍ଦି ଭାବରେ ଠିଆ କରାଏ। ବିଶେଷ କରି ମନୁଷ୍ୟ ଜୀବନର ଅନ୍ୟ ଏକ ବଡ ଦିଗ ହେଉଛି ଆର୍ଥିକ ଉନ୍ନତି। ବ୍ୟକ୍ତି ଜୀବନର ଆର୍ଥିକ ସ୍ୱଚ୍ଛଳତା ପ୍ରତି ଧ୍ୟାନ ଦେବାକୁ ପଡିଥାଏ।

ଏକ ସୁସ୍ଥ ସବଳ ମଣିଷ କେବଳ ଦେଶ ତଥା ସବୁ ମଣିଷର ସୁସ୍ଥତା ଚିନ୍ତା କରିପାରେ। କେବେ ପ୍ରତିଦ୍ୱନ୍ଦି ଭାବ ତାକୁ ଛୁଏଁ ନାହିଁ ବରଂ ମନ ଭିତରେ ଅମାପ ବନ୍ଧୁତା ଆସେ। ଜ୍ଞାନ ଦ୍ୱାରା ସତ୍ୟର ସୁନ୍ଦର ଓ ସହଜ ଜୀବନ ଯାପନ କରିବାକୁ ହେଲେ ଶିକ୍ଷାର ମହତ୍ତ୍ୱପୂର୍ଣ୍ଣ ପଦ୍ଧତି ପ୍ରତି ଦୃଷ୍ଟି ଦେବାକୁ ହେବ। ଶିକ୍ଷା ମାଧମରେ ଶୃଙ୍ଖଳା, ପରୋପକାରୀତା, ଆତ୍ମ ନିରୀକ୍ଷଣ, ଆଜ୍ଞାନୁବର୍ତ୍ତିତା, ଅତିଥି ପରାୟଣତା ଆଦି ଅପରିହାର୍ଯ୍ୟ। ନୋହିଲେ ଶିକ୍ଷାରେ ପୂର୍ଣ୍ଣ ବିକାଶ ଘଟି ପାରିବ ନାହିଁ। ଆମର ବିଚାର ବୋଧରେ ବସ୍ତୁତଃ କାମଧେନୁ ସଦୃଶ୍ୟ ଦୋହଣ କରିବାର ଭାବ ପ୍ରକ୍ରିୟା ଜାଗ୍ରତ ହେବାର ଯଥେଷ୍ଟ ଆବଶ୍ୟକତା ରହିଛି। ଯେତେବେଳେ ଭାରତୀୟ ପରଂପରାରେ ଆର୍ଥିକ, ସାମାଜିକ, ସାଂସ୍କୃତିକ ଆଦି କ୍ଷେତ୍ରରେ ପରସ୍ପର ସହ ଯୋଡିହେବାର ଭାବ ଆସିଲେ ଆମ ଭିତରେ ମଧୁର ସଂପର୍କର ବନ୍ଧୁତ୍ୱ ଆପେଆପେ ଆସିଯିବ।

ଆମ ପରଂପରାରେ ଶିକ୍ଷା କେବଳ ବିବେକର ନିର୍ମାଣ ନୁହେଁ, ବରଂ ଉଚିତ୍ ଅନୁଚିତ୍ ବୋଧ ବିକଶିତ କରୁଥିବା ପ୍ରଜ୍ଞା। ଶିକ୍ଷା କେବଳ ବିକାଶର ମାଧମ ନୁହେଁ, ବରଂ ସତ୍ୟ ଅସତ୍ୟକୁ ଚିହ୍ନଟ କରିବାର ପ୍ରକ୍ରିୟା। ବୋଧର ବିକାଶହିଁ ଶିକ୍ଷା। ଏଭଳି ଶିକ୍ଷା ପାଇଁ କେବଳ ଔପଚାରିକ ପ୍ରୟାସ ଦ୍ୱାରା ନିର୍ଭର କଲେ ଚଳିବ ନାହିଁ ବରଂ ସାମାଜିକ କ୍ଷେତ୍ରରେ ଆୟୋଜିତ ହେଉଥିବା ସମୁଦାୟ ଓ ସାଂସ୍କୃତିକ ଗତିବିଧି ରୀତିନୀତି ପ୍ରତ୍ୟେକ ଶିକ୍ଷାର ମାଧମ ଅଟେ।

ପ୍ରତ୍ୟେକଙ୍କୁ ଏସବୁ ମାଧମରେ ନିଜର ଭୂମିକା ନିର୍ବାହ କରିବା ଓ ବିଚାରଶୀଳ ହେବା ନିହାତି ଆବଶ୍ୟକ ରହିଛି। ତେଣୁ ପିଲାମାନଙ୍କୁ ଉଚ୍ଚ ଶିକ୍ଷା ବା ଶିକ୍ଷିତ କରିବା ପ୍ରୟାସ ପ୍ରତି ଓ ଶିକ୍ଷା ଦାନ ପ୍ରକ୍ରିୟା ପ୍ରତି ଧ୍ୟାନ ଦେବାକୁ ପଡିବ। ଏସବୁ ପ୍ରତି ଦୃଷ୍ଟି ଦିଆନଗଲେ ଶିକ୍ଷା ବ୍ୟବସ୍ଥା ସଂପୂର୍ଣ୍ଣ ଭୁଷୁଡି ଯିବ। କାରଣ ଏମାନଙ୍କ ଭିତରେ ବୈଜ୍ଞାନିକ, ଇଂଜିନିୟର, ଡାକ୍ତର, ଚିତ୍ରକର, ଆଇଏଏସ୍, ରାଜନେତା, ବିଦ୍ୟାଳୟର ଶିକ୍ଷକ ଠାରୁ ଆରମ୍ଭ କରି ସୁନ୍ଦର ଗୃହିଣୀ, ନୃତ୍ୟ ଶିଳ୍ପୀ, ଗାୟିକା ଆଦି ଲୁଚି ରହିଛନ୍ତି। ପ୍ରତ୍ୟେକଙ୍କୁ ଏସଂପର୍କରେ ବିଚାର କରିବା, ଯୋଗଦାନ ଦେବା ଅଭିଭାବକ/ ପିତାମାତାଙ୍କ ମୁଖ୍ୟକାମ। ବିଦ୍ୟାଳୟରେ ଯାହା ସବୁ ବିଚାର ବିମର୍ଶ ହୁଏ, ସେ ସବୁ ମାନି ନେବାକୁ ହେବ।

ଗ୍ରାମାଞ୍ଚଳରେ ଅନେକ ଅଶିକ୍ଷିତ ଅଭିଭାବକ କିଛି ନବୁଝି ବାକ୍ ବିତଣ୍ଡା ଅଯଥା ଯୁକ୍ତି ତର୍କ କରନ୍ତି। ବୁଝନ୍ତି ନାହିଁ ଯାହା କିଛି କୁହାଯାଇଛି, ସେସବୁ କେବଳ ପିଲାମାନଙ୍କ ଭଲ ପାଇଁ। ତେଣୁ ଭଲ ଉଦ୍ଦେଶ୍ୟ ରହିତ ମହାବିଦ୍ୟାଳୟରେ ଅଭିବାବକଙ୍କ ଏସବୁ କ୍ଷେତ୍ରରେ ଭୂମିକା କଣ ସେ ସଂପର୍କରେ ସେମାନଙ୍କୁ ସମକ୍ୟ ଧାରଣା ଦେବା, ବାରମ୍ବାର ସୂଚନା ଦେବା ଅପରିହାର୍ଯ୍ୟ ମନେହୁଏ। ଏକଥା ସତଯେ ଅଭିଭାବକମାନେ କେବେ ଜାଣିନାହାନ୍ତି ବା ଜାଣିବାର ଆଗ୍ରହ କେବେବି ପ୍ରୟାସ କରି ନାହାନ୍ତି, ସେମାନଙ୍କ ପିଲାମାନଙ୍କ ପ୍ରତି ବିଦ୍ୟାଳୟରେ କଣ ଚାଲିଛି।

କ'ଣ ପାଇଁ ପିଲା ବିଷର୍ଣ୍ଣ ରହୁଛି, ନିର୍ଯାତନାର ଶିକାର ହେଉଛି, ଅଘଟଣ ଘଟି ମୃତ୍ୟୁବରଣ କରୁଛି ? ଆବାସିକ ମହାବିଦ୍ୟାଳୟରେ ରହୁଥିବା ପିଲାଙ୍କ ପ୍ରତି କିପ୍ରକାର ବ୍ୟବହାର କରାଯାଉଛି, ସେମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ପ୍ରତି ଉପଯୁକ୍ତ ଦୃଷ୍ଟି ଦିଆଯାଉଛି କି ନାହିଁ, ସେମାନଙ୍କ ଭବିଷ୍ୟ କିପରି ଗତିମୁଖର ହେଉଛି ବା ହେବାକୁ ଯାଉଛି ନିରକ୍ଷର ହେଲେବି ପ୍ରତ୍ୟେକ ଅଭିଭାବକଙ୍କ ଜାଣିବାର ଅଧିକାର ରହିଛି।ଏପରିକି ପ୍ରତ୍ୟେକ ପିତାମାତା ପ୍ରଥମେ ବୁଝିବା ଆବଶ୍ୟକ ମହାବିଦ୍ୟାଳୟରେ ଦିଆଯାଉଥିବା ଶିକ୍ଷା ଶିଶୁର ଭବିଷ୍ୟତ ପ୍ରତି ଯେଭଳି କ୍ଷତି/ହାନି ନଆସୁ। ବିଚାର କରାଯାଇପାରେ ଆଜିର ସମୟରେ ଅଭିଭାବକ ମାନେ ନିଜର ପିଲାମାନଙ୍କ ପ୍ରତି କେତେ ଯତ୍ନଶୀଳ ଓ ସମୟ ଦେଇ ପାରୁଛି, ବିଚାର କଲେ ବୋଧହୁଏ ଫଳ ଶୂନ ହେବ। ପିଲାଙ୍କ ଭବିଷ୍ୟତ ପ୍ରତି କେତେ ଚିନ୍ତା କରୁଛନ୍ତି ବା ଅନୁଭବଶୀଳ ଅଛନ୍ତି।

ଏସଂପର୍କରେ ଅନେକ କଥା କୁହାଯାଇ ପାରେ। ନାମ ଲେଖି ସାରିବା ପରେ ଯଦି ଅଭିଭାବକଙ୍କ କର୍ତ୍ତବ୍ୟ ଶେଷ ହୋଇଯାଏ, ତେବେ ପିଲାଙ୍କ ଗତିବିଧିକୁ କିଏ ବା ଲକ୍ଷ୍ୟ ରଖିବ ! କେବେ ଶିକ୍ଷକ ଓ ଅଭିଭାବକ ମିଳିତ ହୋଇ ଶିଶୁର ଦୁର୍ବଳତା ଉପରେ ଆଲୋଚନା କରନ୍ତି ନାହିଁ। ପ୍ରତ୍ୟେକ ଅଭିଭାବକ କେବଳ ନିଜ ପିଲାର ଶିକ୍ଷା ପାଇଁ ପରିଶେଷରେ ଶିଶୁର ଅସଫଳରେ ବିଦ୍ୟାଳୟକୁ ଦାୟୀ କରି ନିଜର ଦାୟିତ୍ୱ/କର୍ତ୍ତବ୍ୟ ଭୁଲି ଯାଆନ୍ତି। କେବଳ ଏମାନେ ବିଦ୍ୟାଳୟ ଉପରେ ଭରସା କରି ଛାଡି ଦିଅନ୍ତି। ତେଣୁ ଶିକ୍ଷାର ଭବିଷ୍ୟ ଅଭିଭାବକ ଓ ସମୁଦାୟ ସଦସ୍ୟଙ୍କ ଓ ପ୍ରତ୍ୟେକଙ୍କର ମଧ ସକ୍ରିୟ ଅଂଶଗ୍ରହଣକୁ ଅପେକ୍ଷା ରଖେ। ଅନେକ ଆବାସିକ ବିଦ୍ୟାଳୟ/ ମହାବିଦ୍ୟାଳୟ ପିଲାଙ୍କ ଭବିଷ୍ୟତ ନେଇ ଖେଳ ଖେଳୁଛନ୍ତି, ବିଭିନ୍ନ ପ୍ରଲୋଭନ ଦର୍ଶାଇ ମୋଟା ଅର୍ଥ ଆଦାୟ କରୁଛନ୍ତି।

ଏହି ବ୍ୟବସ୍ଥାର ପ୍ରମାଣ ଥରେ ଯେକେହି ସୁସ୍ଥ ମନରେ ବିଚାର କଲେ ଜାଣି ପାରିବ। ବିଶେଷ କରି ବିକେତ୍ରା ଯେଭଳି ଗ୍ରାହକ ଆଖିରେ ଅନ୍ଧ ପୁଟୁଳି ବାନ୍ଧି ଠକିବାକୁ ଚାହେଁ, ଆଜିର ଶିକ୍ଷା ବ୍ୟବସ୍ଥାରେ ତାହାହିଁ ଘଟୁଛି। ଆଜିର ଶିଶୁ ଲେଖିବା, ପଢିବା ଓ ଗଣିବା ଶିଖିଗଲେ, ଦକ୍ଷତା ଆଣିଲେ ଜାତି, ଦେଶ, ପୃଥିବୀର ବିକାଶ ଯେ ଘଟିବ, ଏବେ ଆମର ବୁଝିବାର ଯଥେଷ୍ଟ ଆବଶ୍ୟକ ପ୍ରୟୋଜନ ଅଛି।

ଶିକ୍ଷାର ଅର୍ଥ ବିଷୟରେ ବିଶେଷ ଜ୍ଞାନ ଦେବା ଅନୁଶାସନ ଓ ଚରିତ୍ରର ବିକାଶ କରିବା ମାତ୍ର ନୁହେଁ କି ଉପଯୁକ୍ତ ଅନୁଶାସନ ଓ ଚାରିତ୍ରିକ ବିକାଶରେ ସୀମିତ ନୁହେଁ। ଉପଯୁକ୍ତ ଶିକ୍ଷାଦାନ କରୁଥିବା ବ୍ୟକ୍ତି ତପସ୍ୟା ଭଳି କଠିନ ପରିଶ୍ରମ କରେ, ନୂଆ ନୂଆ ଦୃଷ୍ଟି କୋଣ ନେଇ କାର୍ଯ୍ୟ କରେ। ଫଳତଃ ନୂତନ ଜ୍ଞାନର ବିକାଶ ଘଟେ। ଜୀବନ ଓ ପ୍ରକୃତି ପ୍ରତି ନୂତନ ଆଶାର ବିକାଶ ଘଟେ। ଆତ୍ମ ପ୍ରକୃତିରୁ ମୁକ୍ତି ମିଳିଥାଏ । ସାର୍ବଜନୀନ ଚେତନାର ବିକାଶ ଘଟେ। ଧ୍ୟାନ ରଖିବାକୁ ହେବ ଯେ ଆଜିର ସମୟ ଅନିବାର୍ଯ୍ୟ ସତ୍ୟ। ଶିକ୍ଷାର ଭବିଷ୍ୟତ ଉଦ୍ଦେଶ୍ୟ ପ୍ରାପ୍ତି ପାଇଁ ବିଶେଷ ଜ୍ଞାନ ଭିତରେ ସୀମିତ ନରହୁ।

ଏହାର ସାମାଜିକ ଓ ଭାବାତ୍ମକ ଓ ନୈତିକ ଭାବ ସହ ଗୁଣ ସହ ଯୋଡିବାର ଜରୁରୀ ଆବଶ୍ୟକ ରହିଛି। ଯାହାଦ୍ୱାରା ଭବିଷ୍ୟତ ପିଢିର ବିଶ୍ୱାସ ପ୍ରେମ, ସହଯୋଗ ଓ ଆତ୍ମୀୟତାରେ ଭରିଯିବ। ଏହା କେବଳ ବ୍ୟକ୍ତିର କ୍ଷମତାକୁ ଜାଗରିତ କରିବା ସହ ତାର ଜୀବନକୁ ସଂପୂର୍ଣ୍ଣତାର ସହ ବଞ୍ଚିବାର ପ୍ରେରଣା ଓ ଖୋରାକ ଦେବ, ଏହାସହ ଜୀବନର ମୂଲ୍ୟବୋଧକୁ ପୋଷଣ କରିବ।

କହିବା ବାହୁଲ୍ୟ ମାନିବା ଓ ସହିବା ନ ରହିଲେ ସୁନ୍ଦର ସମାଜ ଗଠନ ଅସମ୍ଭବ ହୋଇଯିବ। ଆମ ଶିକ୍ଷା ଦାନର ଓ ଗ୍ରହଣର ମୂଲ୍ୟ ରହିବ ନାହିଁ। ବାସ୍ତବରେ ଏହି ଲକ୍ଷ୍ୟ ସ୍ୱାଭାବିକ ଭାବ ରଖିବା ସହ ବ୍ୟକ୍ତିର ଓ ସମାଜ ଜୀବନକୁ ଖୁସି ଭରି ଦେବ, ଏଭଳି ବିଶ୍ୱାସ ରହୁ। ଏହାହିଁ ହେଉ ଆଜିର ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟର ୨୬ତମ ବାର୍ଷିକୀ ମହୋତ୍ସବ ଦିବସରେ ସବୁରି କାମ୍ୟ। ଜୟ ଜଗନ୍ନାଥ, ବନ୍ଦେ ଉତ୍କଳ ଜନନୀ...!!!


**ଅଧକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ-୪**
**ମୋବାଇଲ୍: ୯୦୪୦ ୧୫୧୪୭୫**


# ମାଳଦ୍ୱୀପ ଭଳି ଭାରତ ମଧ୍ୟ ତମାଖୁ ମୁକ୍ତ ଦେଶ ହେବ କେବେ ?

**ଗୋପାଳ ମହାପାତ୍ର**



ମାଳଦ୍ୱୀପର ସରକାର ଲୋକଙ୍କୁ ସୁସ୍ଥ ଓ ନୀରୋଗ ରଖିବା ପାଇଁ ଏକ ବଡ଼ ପଦକ୍ଷେପ ନେଇଛନ୍ତି, ଏହା ହେଉଛି ମାଳଦ୍ୱୀପକୁ ଧୂମପାନ ମୁକ୍ତ କରିବା। ମାଳଦ୍ୱୀପ ସରକାର "ଜେନେରସନାଲ ସ୍ମୋକିଙ୍ଗ ବ୍ୟାନ" ନାମକ ଏକ କଠୋର ଆଇନ ପ୍ରଣୟନ କରିଛନ୍ତି। ଆଇନ୍ ଅନୁସାରେ ୨୦୦୭ ପରେ ମାଳଦ୍ୱୀପରେ ଜନ୍ମଗ୍ରହଣ କରିଥିବା ଲୋକ ଏବେ କିମ୍ବା ଭବିଷ୍ୟତରେ ମଧ ଧୂମପାନ କରିପାରିବେ ନାହିଁ। ଯଦି କେହି ଭୂଲବଶତଃ ବି ଧୂମପାନ କରେ ତେବେ ତାକୁ ଭାରିମାତ୍ରାରେ ଜୋରିମାନା ଦେବାକୁ ପଡ଼ିବ। ଆଇନ୍ ଲାଗୁହେବା ପରେ ଏବେ ତମାଖୁ, ଖଇନି, ଗୁଟଖା, ବିଡି-ସିଗାରେଟ, ଚରସ-ଗଞ୍ଜେଇ, ଅଫିମ ବା ଇ-ସିଗାରେଟ କିଣିବା ଓ ବିକ୍ରୀ କରିବା ଅପରାଧ ଶ୍ରେଣୀ ଭୁକ୍ତ ହୋଇଯାଇଛି। ଲୁଚା ଛପାରେ କୌଣସି ଦୋକାନୀ ଯଦି ତମାଖୁ ବା ବିଡି ସିଗାରେଟ ବିକୁଥିବା ଜଣାପଡ଼େ ତେବେ ସମ୍ପୃକ୍ତ ଦୋକାନୀକୁ ୫୦ହଜାର ମାଳଦ୍ୱୀପ ରୁଫିଆ ବା ଭାରତୀୟ ମୁଦ୍ରାରେ ୨ଲକ୍ଷ ୮୮ ହଜାର ଟଙ୍କା ଜୋରିମାନା ଦେବାକୁ ପଡ଼ିବ। ସେହିପରି ସିଗାରେଟ ଟାଣୁଥିବା ବା ସ୍ମୋକିଙ୍ଗ କରୁଥିବା ବେଳେ ଧରାପଡ଼ିଲେ ୫ହଜାର ମାଳଦ୍ୱୀପ ମୁଦ୍ରା ବା ୨୯ହଜାର ଟଙ୍କା ଜୋରିମାନା ଦେବାକୁ ପଡ଼ିବ। କ୍ରମାଗତଭାବେ ଦୁଇଥର ସିଗାରେଟ ଟାଣୁଥିବା ବେଳେ ଧରାପଡ଼ିଲେ ସାରାଜୀବନ ପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଡ୍ରାଇଭିଙ୍ଗ ଲାଇସେନ୍ସ ମିଳିବ ନାହିଁ ବୋଲି "ଜେନେରେସନାଲ ସ୍ମୋକିଙ୍ଗ ବ୍ୟାନ" ଆଇନରେ ପ୍ରାବଧାନ ରହିଛି। ଏପରିକି ଅନ୍ୟ ଦେଶରୁ ମାଳଦ୍ୱୀପ ଯାଉଥିବା ଲୋକଙ୍କ ପାଇଁ ମଧ ଏହି ଆଇନ୍ ଲାଗୁହେବ।

ମାଳଦ୍ୱୀପ ସଂସଦରେ ସରକାରୀ ଦଳ ଓ ବିରୋଧି ଦଳ ଏହି ଆଇନକୁ ସମର୍ଥନ କରିଥିଲେ ଫଳରେ ଏହା ସଂସଦରେ ଗୃହୀତ ହୋଇ ଆଇନ୍‌ରେ ପରିଣତ ହୋଇଛି। ଏହି ଆଇନ୍ ଲାଗୁ ହେବା ପରେ ମାଳଦ୍ୱୀପର ଲୋକେ ଏହାକୁ ସ୍ୱାଗତ କରି ଉତ୍ସବ ପାଳନ କରିଥିଲେ। କଥା ହେଉଛି ଧୂମପାନ ଏମିତି ଏକ ଆଧୁନୀକ ବେମାରୀ ରୂପରେ ଦେଖାଦେଇଛି ଯାହା ସର୍ବତ୍ର ବ୍ୟାପି ଯାଇଛି। ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଧୂମପାନ ବିରୋଧରେ ମାଳଦ୍ୱୀପ ସରକାର ଯେଭଳି ପଦକ୍ଷେପ ଗ୍ରହଣ କଲେ ସେଭଳି ପଦକ୍ଷେପ ଭାରତ ସରକାର ଉଠାଉ ନାହାଁନ୍ତି କାହିଁକି? କ'ଣ ଅସୁବିଧା ରହିଛି ଏଭଳି ପଦକ୍ଷେପ ପାଇଁ? ବିଶ୍ୱସ୍ୱାସ୍ଥ୍ୟ ସଂଗଠନ (ଡ଼ବ୍ଲ୍ୟୁଏଚ୍ଓ) ର ତଥ୍ୟ ଅନୁସାରେ ଭାରତରେ ନିଶାରେ ମୃତ୍ୟୁବରଣ କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ ଭାରତର କିଛି ରାଜ୍ୟରେ ଅଧିକ ସଂଖ୍ୟାକ ଯୁବବର୍ଗ ନିଶାର ଶୀକାର। ନିଶା ଯୋଗୁଁ ଘର ପରିବାର ନଷ୍ଟ ହୋଇଯାଉଛି। ନିଶାଖୋର ଲୋକଙ୍କୁ ସବୁବେଳେ ସବୁସ୍ଥାନରେ ଉପହାସର ପାତ୍ର ହେବାକୁ ପଡୁଛି। କିନ୍ତୁ ନିଶାଖୋରଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ତମାଖୁ, ବିଡ଼ି, ସିଗାରେଟ ଭଳି ନିଶାଦ୍ରବ୍ୟ ବ୍ୟବହାର କାରଣରୁ ବିଶ୍ୱରେ ପ୍ରତିବର୍ଷ ୮୦ ଲକ୍ଷରୁ ଅଧିକ ଲୋକଙ୍କର ମୃତ୍ୟୁ ହେଉଛି କିନ୍ତୁ କେହି ଡ଼ରୁନାହାଁନ୍ତି।



ଧୂମପାନ ଭଳି ସମସ୍ୟା ବୃଦ୍ଧି କୁ ଦେଖି ଏକଥା କୁହାଯାଇପାରେ ଯେ ଭାରତ ସରକାର ଯଦି ମାଳଦ୍ୱୀପ ସରକାରଙ୍କ ଭଳି ପଦକ୍ଷେପ ଗ୍ରହଣ ନ କରିବେ ତେବେ ସ୍ଥିତି ସୁଧୁରିବା ମୁସ୍କିଲ। ଭାରତ ତମାଖୁର ସବୁଠାରୁ ବଡ଼ ଉପଭୋକ୍ତା ଏବଂ ଉତ୍ପାଦକ ଦେଶ ଅଟେ। ସରକାର ରାଜସ୍ୱର ଅଧିକ ଅଂଶ ଏଥିରୁ ହିଁ ପାଇଥାନ୍ତି। ଡ଼ବ୍ଲ୍ୟୁଏଚଓର ତଥ୍ୟ ଅନୁସାରେ ତମାଖୁ ସେବନ ଓ ଧୂମପାନ କାରଣରୁ ଭାରତରେ ପ୍ରତିବର୍ଷ ସାଢେ ୧୩ ଲକ୍ଷରୁ ଅଧିକ ଲୋକଙ୍କର ମୃତ୍ୟୁ ହେଉଛି। ତମାଖୁ ସେବନ ଓ ବିଡି-ସିଗାରେଟ କ୍ୟାନସର, ଲିଭର ରୋଗ ଏପରିକି ହୃଦରୋଗର କାରଣ ବୋଲି ଜାଣି ମଧ ନିଶା ସେବନ ବଢ଼ିଚାଲିଛି। ଆମଦେଶର ସୀମାନ୍ତବର୍ତ୍ତୀ ରାଜ୍ୟ ପଞ୍ଜାବକୁ ପାକିସ୍ଥାନରୁ ଦୈନନ୍ଦିନ ଶହ ଶହ କିଲୋଗ୍ରାମ ମାଦକଦ୍ରବ୍ୟ ପାକିସ୍ଥାନ ବାଟଦେଇ ଆସୁଛି। ଏ ବାବଦରେ ଅନେକବାର ଗଣମାଧମରେ ସମ୍ବାଦ ପ୍ରକାଶ ପାଉଛି। ନିଶାଦ୍ରବ୍ୟ ଚୋରାଚାଲଣକାରୀ ମାନେ ମାଦକଦ୍ରବ୍ୟ ଚାଲାଣ ପାଇଁ ଡ୍ରୋନ ବ୍ୟବହାର କରୁଥିବା ବାବଦରେ ମଧ ଜଣାପଡ଼ିଛି। କିନ୍ତୁ ଏହାକୁ ରୋକାଯାଇ ପାରୁନାହିଁ କାହିଁକି?

ମାଳଦ୍ୱୀପ ସରକାର ସେ ଦେଶର ଲୋକଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଯେଉଁ ଆଇନ୍ ପ୍ରଣୟନ କରିଛନ୍ତି ତାହା ଅନ୍ୟ ଦେଶ ମାନଙ୍କ ପାଇଁ ଉଦାହରଣ ନିଷ୍ଚୟ। ଭାରତ ସରକାର ମଧ ମାଳଦ୍ୱୀପଠାରୁ ଶିଖିବା ଉଚିତ୍। ମାଳଦ୍ୱୀପ ଧୂମପାନକୁ ନିଶେଧ କରିଥିବା ବିଶ୍ୱର ପ୍ରଥମ ଦେଶ। ତଥ୍ୟ ଅନୁସାରେ ମାଳଦ୍ୱୀପରେ ପ୍ରତିବର୍ଷ ଧୂମପାନ ଓ ତମାଖୁ ସେବନ କାରଣରୁ ମାତ୍ର ୧୫୦ କିମ୍ବା ତାଠାରୁ କିଛି ଅଧିକ ଲୋକଙ୍କ ମୃତ୍ୟୁ ହୋଇଥାଏ ତଥାପି ସେ ଦେଶର ସରକାରଙ୍କର ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତାକୁ ସ୍ୱାଗତ କରାଯିବା ଉଚିତ୍। ଭାରତ ସରକାର ଯଦି ଏ ପ୍ରସଙ୍ଗରେ ଚିନ୍ତା କରନ୍ତେ ତେବେ ଧୂମପାନ କୁ ବନ୍ଦ କରାଯାଇ ପାରନ୍ତା। ଏହା ମଧ ଅସମ୍ଭବ ନୁହେଁ। ଧୂମପାନକୁ ଯୁବବର୍ଗ/ ଲୋକେ ଏବେ ମଡ଼ର୍ଣ୍ଣ ଷ୍ଟାଟସ ବୋଲି ଭାବିନେଇଛନ୍ତି ଯେଉଁଥିପାଇଁ ଧୂମପାନକାରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ନାବାଳକ ଏପରିକି ମହିଳା ମାନେ ମଧ ଧୂମପାନ ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ମାଦକ ପଦାର୍ଥର କ୍ରୟବିକ୍ରୟ ଏସିଆ ମହାଦେଶରେ ଅଧିକ ହେଉଛି। ମାଳଦ୍ୱୀପର "ଜେନେରେସନାଲ ସ୍ମୋକିଙ୍ଗ୍ ବ୍ୟାନ୍" ହେଉଛି ବିଶ୍ୱର ପ୍ରଥମ ତମାଖୁ ମୁକ୍ତି ପାଇଁ ଆଇନ୍। ଭାରତରେ ଏମିତି କିଛି ଆଇନ୍ ନାହିଁ କିନ୍ତୁ ରାଷ୍ଟ୍ରୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଭଳି ଆଇନ୍ ରହିଛି। ଏତଦ୍ ବ୍ୟତୀତ ସମୟ ସମୟରେ ରାଜ୍ୟର ସରକାରମାନେ ଏହା ଉପରେ ପ୍ରତିବନ୍ଧ ଲଗାଇଥାନ୍ତି। କିନ୍ତୁ ଦୁର୍ଭାଗ୍ୟ ଯେ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଓ ରାଜ୍ୟ ସରକାରଙ୍କ ପ୍ରତିବନ୍ଧ ବିଫଳ ସାବ୍ୟସ୍ତ ହେଉଛି। ଅନ୍ତତଃ ନିଶା ବିରୁଦ୍ଧରେ ସଂଘର୍ଷ ଏକ ନିରନ୍ତର ଅଭିଯାନ ଅଟେ। ଏହା ଗୋଟିଏ ଥରର କାର୍ଯ୍ୟକ୍ରମ ନୁହେଁ। ପୌରାଣିକକାଳ ଠାରୁ ଆଜି ପର୍ଯ୍ୟନ୍ତର ଅନୁଭବରୁ ଶିକ୍ଷା ମିଳେ ଯେ ଯେଉଁଠି ସଞ୍ଜମ, ବିବେକ ଏବଂ ମୂଲ୍ୟ ଥାଏ ସେଠି ସମାଜର ବିକାଶ ହୋଇଥାଏ। କିନ୍ତୁ ଯେଉଁଠି ଆବଶ୍ୟକତା ହେଉଛି ଆମେ ଆମର ସାଂସ୍କୃତିକ ମୂଲ୍ୟ ଆଡ଼କୁ ଫେରିବା ଏବଂ ନିଶା-ମୁକ୍ତ, ସୁସ୍ଥ ଏବଂ ସଶକ୍ତ ସମାଜ ଗଠନ କରିବା ଦିଗରେ ଅଗ୍ରସର ହେବା।


**ରାମଚନ୍ଦ୍ରପୁର, ରଣପୁର**
**ମୋବାଇଲ୍: ୯୪୩୮୪୮୫୦୯୪**

କଶ୍ମୀରରେ ସେନା-ଆତଙ୍କବାଦୀ ଗୁଳି ବିନିମୟ

# ଗୁଳିମାଡ଼ରେ ୭ ଯବାନ ଆହତ

ଶ୍ରୀନଗର,୧୯।୧: ସେନା ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ। ରବିବାର ଜମ୍ମୁ-କାଶ୍ମୀରର କିସ୍ତୱାରରେ ସୁରକ୍ଷାକର୍ମୀ ଏବଂ ଆତଙ୍କବାଦୀ ମୁହାଁମୁହିଁ ହୋଇଛନ୍ତି। ଏଥିରେ ୭ଜଣ ଯବାନ ଆହତ ହୋଇଥିବା ସୂଚନା ମିଳିଛି।

## ସର୍ଚ୍ଚ ଅପରେଶନ ଜୋରଦାର

## ଡ୍ରୋନ୍ ଏବଂ ସନ୍ଧାନୀ କୁକୁର ନିୟୋଜିତ

ରିପୋର୍ଟ ଅନୁସାରେ ଯବାନମାନଙ୍କୁ କିସ୍ତୱାର ଚାତରୁରେ କିଛି ଆତଙ୍କବାଦୀ ଲୁଚିଥିବା ଖବର ମିଳିଥିଲା। ଏହାପରେ ସେମାନେ ସର୍ଚ୍ଚ ଅପସେରନ ଆରମ୍ଭ କରିଥିଲେ। ଏହି ସମୟରେ ଆତଙ୍କବାଦୀମାନେ ଆମ୍ନସ କରି ଆକ୍ରମଣ କରିଥିଲେ। ଏଥିରେ ୭ଜଣ ଯାବନଙ୍କ ଦେହରେ ଗୁଳି ବାଜିଛି। ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ହସ୍ପିଟାଲକୁ ପଠାଯାଇଛି। ଯବାନମାନେ ମଧ୍ୟ ପାଲଟା ଗୁଳିଚାଳନା କରିଥିଲେ। ଏବେବି ଉଭୟ ପକ୍ଷ ମଧ୍ୟରେ ଛକାପଞ୍ଝା ଲାଗି ରହିଛି।

ବରିଷ୍ଠ ଅଧିକାରୀଙ୍କ କହିବାନୁସାରେ, ଦୁଇରୁ ତିନିଜଣ ପାକିସ୍ତାନୀ ଆତଙ୍କବାଦୀ ଯବାନଙ୍କ ଉପରେ ଆକ୍ରମଣ କରିଥିଲେ। ଏହି ଆତଙ୍କବାଦୀ ଜୈଶ-ଏ-ମହମ୍ମଦ ସହ ଜଡ଼ିତ। ସେମାନେ ଗୁଳି ଚାଳନା କରିବା ସହ ଗ୍ରେନେଡ୍ ମଧ୍ୟ ଫିଙ୍ଗିଥିଲେ। ଆତଙ୍କୀଙ୍କୁ ଧରିବା ପାଇଁ ଡ୍ରୋନ୍ ଏବଂ ସନ୍ଧାନୀ କୁକୁରକୁ ନିୟୋଜିତ କରାଯାଇଛି। ସୂଚନାଯୋଗ୍ୟ, ଏହା ପୂର୍ବରୁ ଜାନୁଆରୀ ୭ ଏବଂ ୧୩ ତାରିଖରେ କଠୁଆ ଜିଲ୍ଲାର କାହୋଗ ଏବଂ ନାଜୋତ ଅଞ୍ଚଳରେ ସୁରକ୍ଷାକର୍ମୀ ଏବଂ ଆତଙ୍କବାଦୀ ମୁହାଁମୁହିଁ ହୋଇଥିଲେ। ସର୍ଚ୍ଚ ଅପରେସନ ପରେ ଯବାନମାନେ ବିପୁଳ ମାତ୍ରାରେ ଗୁଳିଗୋଳା ଜବତ କରିଥିଲେ।

# ନରୱେ ପ୍ରଧାନମନ୍ତ୍ରୀଙ୍କୁ ଟ୍ରମ୍ପଙ୍କ ଧମକ



ୱାଶିଂଟନ,୧୯।୧: ନୋବେଲ ପୁରସ୍କାର ନ ପାଇବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କ୍ରୋଧ ଏବେ ଭୀଷଣ ବଢ଼ିବାରେ ଲାଗିଛି। ଆମେରିକା ରାଷ୍ଟ୍ରପତି ନରୱେ ପ୍ରଧାନମନ୍ତ୍ରୀ ଜୋନାସ ଗାହର ଷ୍ଟୋରଙ୍କୁ ଏକ ଧମକପୂର୍ଣ୍ଣ ଚିଠି ପଠାଇଛନ୍ତି। ଚିଠିରେ ଟ୍ରମ୍ପ କହିଛନ୍ତି, ତାଙ୍କୁ ନୋବେଲ ପୁରସ୍କାର ଦିଆଯାଇ ନ ଥିବାରୁ ଶାନ୍ତି ଆଉ ତାଙ୍କ ପାଇଁ ପ୍ରାଥମିକତା ନୁହେଁ। ନରୱେ ପ୍ରଧାନମନ୍ତ୍ରୀ ଜୋନାସ ଗାହର ଷ୍ଟୋର ସୋମବାର ଟ୍ରମ୍ପଙ୍କ ଏହି ଚିଠି ନେଇ ନିଶ୍ଚିତ କରିଛନ୍ତି। ନରୱେ ପ୍ରଧାନମନ୍ତ୍ରୀଙ୍କୁ ଚିଠିରେ ଟ୍ରମ୍ପ କହିଛନ୍ତି, ଯେହେତୁ ତୁମର ଦେଶ ୮ଟି ଯୁଦ୍ଧ ରୋକିବା ପାଇଁ ମୋତେ ନୋବେଲ ଶାନ୍ତି ପୁରସ୍କାର ନ ଦେବାକୁ ନିଷ୍ପତ୍ତି ନେଇଛି, ତେଣୁ ମୋତେ ଆଉ କେବଳ ଶାନ୍ତି ବିଷୟରେ ଚିନ୍ତା କରିବାକୁ ପଡିବ ନାହିଁ। ଶାନ୍ତି ସର୍ବଦା ସର୍ବୋପରି ରହିବ, ମୁଁ ଏବେ ଆମେରିକା ପାଇଁ କ'ଣ ଭଲ ଏବଂ ଠିକ ତାହା ବିଚାର କରିବି। ଡୋନାଲ୍ଡ ଟ୍ରମ୍ପ ଆହୁରି କହିଛନ୍ତି, ଡେନମାର୍କ ସେହି ଭୂମି (ଗ୍ରୀନଲାଣ୍ଡ)କୁ ରୁଷିଆ କିମ୍ବା ଚାଇନା ଠାରୁ ରକ୍ଷା କରିପାରିବ ନାହିଁ। ଡେନମାର୍କର କୌଣସି ଲିଖିତ ଦଲିଲ ନାହିଁ, ତେବେ ଏହାର ମାଲିକାନା ଅଧିକାର ରହିଛଇ କିପରି।

ଗ୍ରୀନଲ୍ୟାଣ୍ଡ ଉପରେ ମତ କଠୋର କଲେ ଟ୍ରମ୍ପ

# ସମୟ ଆସିଯାଇଛି, ଦଖଲ କରିବି

## ୭ ନାଟୋ ସହଯୋଗୀଙ୍କ ଉପରେ ଲାଗିବ ଶୁଳ୍କ

## ଫେବୃଆରୀରୁ ୧୦% ଶୁଳ୍କ ବୋଝ

## ଜୁନ ୧ରୁ ଲାଗିବ ୨୫% ଶୁଳ୍କ

## ଋଷ ପ୍ରଭାବ ବୃଦ୍ଧି ଚିନ୍ତାର କାରଣ



ନୂଆଦିଲ୍ଲୀ,୧୯।୧: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗ୍ରୀନଲ୍ୟାଣ୍ଡ ଉପରେ ତାଙ୍କର ମତକୁ ଆହୁରି କଠୋର କରିଛନ୍ତି। ଟ୍ରମ୍ପ କହିଛନ୍ତି ଯେ ଡେନମାର୍କ ଗତ ୨୦ବର୍ଷ ଧରି ଗ୍ରୀନଲ୍ୟାଣ୍ଡରେ ରୁଷର ବଢୁଥିବା ପ୍ରଭାବକୁ ରୋକିବାରେ ବିଫଳ ହୋଇଛି। ଏହାକୁ ଆଧାର କରି ସେ ଗ୍ରୀନଲ୍ୟାଣ୍ଡକୁ ଆମେରିକା ନିୟନ୍ତ୍ରଣକୁ ଆଣିବାର ଆବଶ୍ୟକତା କହିଛନ୍ତି।

ଟ୍ରମ୍ପ ସୋସିଆଲ ମିଡିଆରେ ପୋଷ୍ଟ କରି ଦାବି କରିଛନ୍ତି ଯେ, ନାଟୋ ଡେନମାର୍କକୁ ରୁଷର ବିପଦକୁ ଦୂର କରିବା ପାଇଁ ବହୁଦିନ ଧରି ଚେତାବନୀ ଦେଉଥିଲା। କିନ୍ତୁ କୌଣସି ଠୋସ୍ ପଦକ୍ଷେପ ନିଆଯାଇନାହିଁ। ସେ ଲେଖିଛନ୍ତି, ସମୟ ଆସିଯାଇଛି ଏବଂ ଏହା ଘଟିବ। ଏହି ବିବୃତ୍ତିକୁ ଗ୍ରୀନଲ୍ୟାଣ୍ଡ ଉପରେ ସିଧାସଳଖ ଚାପ ଭାବରେ ଦେଖାଯାଉଛି। ଟ୍ରମ୍ପ ଘୋଷଣା କରିଥିଲେ ଯେ, ଫେବୃଆରୀ, ୨୦୨୬ ଠାରୁ, ଡେନମାର୍କ ସମେତ ସାତ ନାଟୋ ସହଯୋଗୀ ଦେଶ ନରୱେ, ସ୍ୱିଡେନ, ଫ୍ରାନ୍ସ, ଜର୍ମାନୀ, ବ୍ରିଟେନ, ନେଦରଲ୍ୟାଣ୍ଡ ଏବଂ ଫିନଲ୍ୟାଣ୍ଡ ଉପରେ ୧୦ ପ୍ରତିଶତ ଶୁଳ୍କ ଲାଗୁ କରାଯିବ। ଟ୍ରମ୍ପ କହିଥିଲେ ଯେ ଏହି ଶୁଳ୍କ ଜୁନ ୧ ଠାରୁ ୨୫ ପ୍ରତିଶତକୁ ବୃଦ୍ଧି ପାଇବ। ଗ୍ରୀନଲ୍ୟାଣ୍ଡ ସମସ୍ୟାର ସମ୍ପୂର୍ଣ୍ଣ ଏବଂ ସ୍ଥାୟୀ ସମାଧାନ ନମିଳିବା ପର୍ଯ୍ୟନ୍ତ ରହିବ।

ଟ୍ରମ୍ପ ଯୁକ୍ତି ଦେଉଛନ୍ତି ଯେ, ଗ୍ରୀନଲ୍ୟାଣ୍ଡ ଆମେରିକାର ଜାତୀୟ ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ। ସେ କହିଛନ୍ତି ଯେ, ପ୍ରସ୍ତାବିତ ଗୋଲଡେନ୍ ଡୋମ୍ ମିଶାଇଲ ପ୍ରତିରକ୍ଷା ପ୍ରଣାଳୀ ନିର୍ମାଣ ପାଇଁ ଗ୍ରୀନଲ୍ୟାଣ୍ଡର ଭୌଗୋଳିକ ସ୍ଥିତି ଗୁରୁତ୍ୱପୂର୍ଣ୍ଣ। ଯଦିଓ ଡେନମାର୍କ ପ୍ରଧାନମନ୍ତ୍ରୀ ମେଟେ ଫ୍ରେଡେରିକ୍ସେନ୍ ଏବଂ ଗ୍ରୀନଲ୍ୟାଣ୍ଡ ପ୍ରଧାନମନ୍ତ୍ରୀ ମ୍ୟୁଟ୍ ବୋରୁପ୍ ଏଗେଡେ କହିଛନ୍ତି 'ଗ୍ରୀନଲ୍ୟାଣ୍ଡ ବିକ୍ରୟ ପାଇଁ ନୁହେଁ। ୟୁରୋପୀୟ ନେତାମାନେ ଟ୍ରମ୍ପଙ୍କ ଶୁଳ୍କ ଧମକକୁ ବ୍ଲାକମେଲ ଏବଂ ଅଗ୍ରହଣୀୟ ଚାପ ବୋଲି ବର୍ଣ୍ଣନା କରିଛନ୍ତି। ପରିସ୍ଥିତି ଏବେ ଏତେ ଉତ୍ତେଜନାପୂର୍ଣ୍ଣ ହୋଇଛି ଯେ, ଡେନମାର୍କ ଅଭୂତପୂର୍ବ ଅନ୍ତର୍ଜାତୀୟ ଚାପରେ ଅଛି ବୋଲି ଜଣାପଡୁଛି। ଆମେରିକା, ଡେନମାର୍କ ଏବଂ ଗ୍ରୀନଲ୍ୟାଣ୍ଡ ପ୍ରତି ଦୁଇରୁ ତିନି ସପ୍ତାହରେ ବୈଠକ କରିବା ପାଇଁ ଏକ କାର୍ଯ୍ୟକାରୀ ଗୋଷ୍ଠୀ ଗଠନ କରିବାକୁ ରାଜି ହୋଇଛନ୍ତି କିନ୍ତୁ ଗ୍ରୀନଲ୍ୟାଣ୍ଡର ଭବିଷ୍ୟତ ସମ୍ପର୍କରେ ତିନି ପକ୍ଷ ମଧ୍ୟରେ ମୌଳିକ ପାର୍ଥକ୍ୟ ରହିଛି।

## ଗ୍ରୀନଲ୍ୟାଣ୍ଡକୁ ସେନା ପଠାଇଲେ ୭ ୟୁରୋପୀୟ ଦେଶ

ୱାଶିଂଟନ,୧୯।୧: ଗ୍ରୀନଲାଣ୍ଡକୁ ଦଖଲ କରିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକ ପରେ ୟୁରୋପୀୟ ଦେଶ ଏହା ବିରୋଧରେ ଏକାଠି ହୋଇଛନ୍ତି। ନାଟୋ ଦେଶର ସଦସ୍ୟମାନେ 'ଅପରେସନ ଆର୍କଟିକ ଏଣ୍ଡୁରାନ୍ସ' ନାମରେ ଯୁଗ୍ମ ସାମରିକ ଅଭିଯାନ ଆରମ୍ଭ କରିଛନ୍ତି। ଏହି ଅପରେସନ ପାଇଁ ଫ୍ରାନ୍ସ ଏହାର ୨୭ ତମ ମାଉଣ୍ଟେନ ଇନଫାଣ୍ଟ୍ରି ବ୍ରିଗେଡର ୧୫ ଜଣ ସୈନ୍ୟଙ୍କୁ ଗ୍ରିନଲାଣ୍ଡ ପଠାଇଛି। ଜର୍ମାନୀ ୧୩ ଜଣ ସୈନ୍ୟ ଗ୍ରିନଲ୍ୟାଣ୍ଡକୁ ପଠାଇଛି। ନରୱେ, ନେଦରଲାଣ୍ଡ ଓ ଫିନଲାଣ୍ଡ ୨ ଜଣ ଲେଖାଏଁ ସୈନ୍ୟ ପଠାଇଛନ୍ତି। ବ୍ରିଟେନ୍ ଜଣେ ମିଲିଟାରୀ ଅଫିସରଙ୍କୁ ପଠାଇଛି। ସ୍ୱିଡେନ ମଧ୍ୟ ଗ୍ରିନଲାଣ୍ଡକୁ ସୈନ୍ୟ ପଠାଇବ ବୋଲି କହିଛି। ତେବେ ସ୍ୱିଡେନ କେତେ ସୈନ୍ୟ ପଠାଇବ ତାହା ସ୍ପଷ୍ଟ କରିନାହିଁ। ଡେନମାର୍କ ସେନା ସହିତ ୟୁରୋପୀୟ ଦେଶର ୩୫-୪୦ ସୈନ୍ୟ ଗ୍ରିନଲ୍ୟାଣ୍ଡ ପହଞ୍ଚିଛନ୍ତି। ଅନ୍ୟପକ୍ଷରେ ଇଟାଲିର ପ୍ରତିରକ୍ଷା ମନ୍ତ୍ରୀ ଗୁଇଡୋ କ୍ରୋସେଟୋ ଏହି ପୂରା ଅପରେସନକୁ ଉପହାସ ବୋଲି କହି ପ୍ରତ୍ୟାଖ୍ୟାନ କରିଛନ୍ତି। ପୋଲାଣ୍ଡ, ଇଟାଲି ଓ ତୁର୍କୀ ଗ୍ରିନଲ୍ୟାଣ୍ଡକୁ ସୈନ୍ୟ ପଠାଇବାକୁ ମନା କରିଦେଇଛନ୍ତି। ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋଁ କହିଛନ୍ତି, ଆଗାମୀ ଦିନରେ ଗ୍ରିନଲ୍ୟାଣ୍ଡକୁ ସ୍ଥଳ ମାର୍ଗ, ଆକାଶ ତଥା ସମୁଦ୍ର ମାର୍ଗରେ ଅଧିକ ସୈନ୍ୟ ପଠାଯିବ। ସୈନ୍ୟ ସଂଖ୍ୟା କମ୍ ଥିଲେ ମଧ୍ୟ ଗ୍ରିନଲ୍ୟାଣ୍ଡ ପ୍ରସଙ୍ଗରେ ନାଟୋ ସଦସ୍ୟ ଏକାଠି ଥିବା ଏହା ଦର୍ଶାଉଛି। ଅପରେସନ ଆର୍କଟିକ ଏଣ୍ଡୁରାନ୍ସ ଡେନମାର୍କ ନେତୃତ୍ୱରେ କାର୍ଯ୍ୟକାରୀ ହେଉଥିବା ବେଳେ ଗ୍ରୀନଲ୍ୟାଣ୍ଡରେ ଭବିଷ୍ୟତରେ ବଡ଼ଧରଣ ସୈନ୍ୟ ମୁତୟନ ଲକ୍ଷ୍ୟରେ ଏହା ଆରମ୍ଭ କରାଯାଇଛି।

# କୁଲଦୀପ ସେଙ୍ଗାରକୁ ଦିଲ୍ଲୀ ହାଇକୋର୍ଟଙ୍କ ଝଟକା



## ହାଜତ ହତ୍ୟା ମାମଲାରେ ଦଣ୍ଡ ନିଲମ୍ବନ ନିବେଦନ ଖାରଜ

ନୂଆଦିଲ୍ଲୀ,୧୯।୧: ଉନ୍ନାଓ ହାଜତ ମୃତ୍ୟୁ ମାମଲାରେ ଦୋଷୀ ସାବ୍ୟସ୍ତ ପୂର୍ବତନ ବିଜେପି ବିଧାୟକ କୂଳଦୀପ ସିଂହ ସେଙ୍ଗାରଙ୍କ ନିବେଦନକୁ ଦିଲ୍ଲୀ ହାଇକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ତାଙ୍କ ଦଣ୍ଡ ନିଲମ୍ବନ ନିମନ୍ତେ ସେ ନିବେଦନ କରିଥିଲେ। କୋର୍ଟ ସ୍ପଷ୍ଟ ରୂପେ କହିଛନ୍ତି ଯେ ମାମଲାର ଜଟିଳତା ଓ ଅପରାଧର ପ୍ରକୃତିକୁ ନଜରରେ ରଖି ଦଣ୍ଡ ଉପରେ ରୋକ ଲଗାଇବାର କୌଣସି ଆଧାର ନାହିଁ। ସେଙ୍ଗରର ଲୋଅର କୋର୍ଟର ଦଣ୍ଡକୁ ଚ୍ୟାଲେଞ୍ଜ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ଜାମିନ ନିବେଦନ ମଧ୍ୟ କରିଥିଲା। ତେବେ କୋର୍ଟ ହାଜତ ହତ୍ୟା ଭଳି ଗୁରୁତର ଅପରାଧରେ ଦୋଷୀକୁ ଆଶ୍ୱସ୍ତ କରିବା ଆଦୌ ନ୍ୟାୟ ନୁହେଁ ବୋଲି କହିବା ସହିତ ନିମ୍ନ କୋର୍ଟଙ୍କ ଦ୍ୱାରା କରାଯାଇଥିବା ଦଣ୍ଡାଦେଶକୁ ନିଲମ୍ବନ କରିବାକୁ ସ୍ପଷ୍ଟ ମନା କରିଦେଇଛନ୍ତି। ସେହିପରି କୋର୍ଟ ତା'ର ଜାମିନ ନିବେଦନ ମଧ୍ୟ ଅଗ୍ରାହ୍ୟ କରିଦେଇଛନ୍ତି।

ଏହି ମାମଲା ଉତ୍ତରପ୍ରଦେଶ ଉନ୍ନାଓ ଜିଲ୍ଲାରେ ୨୦୧୭ ମସିହାରେ ହୋଇଥିବା ହାଜତ ହତ୍ୟା ମାମଲା ସହ ସମ୍ପୃକ୍ତ। ପୀଡ଼ିତକୁ ପୁଲିସ ହାଜତରେ ନିର୍ମମ ମାଡ଼ ମରାଯାଇଥିଲା, ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା। ମାମଲାର ଯାଞ୍ଚରେ ଏହି ପୂରା ଘଟଣାକ୍ରମରେ କୂଳଦୀପ ସିଂହ ସେଙ୍ଗାରର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ଓ ବିଧାୟକ ଭାବେ ନିଜ ପ୍ରଭାବର ଦୁରୁପଯୋଗ କରିଥିବା ଜଣାପଡିଥିଲା। ପରେ ଏହି ମାମଲା ସିବିଆଇକୁ ନ୍ୟସ୍ତ ହୋଇଥିଲା। ମାମଲାର ତଦନ୍ତ ପୂରା ହେବା ପରେ ସ୍ୱତନ୍ତ୍ର ନ୍ୟାୟାଳୟ ସେଙ୍ଗରକୁ ଦୋଷୀ ସାବ୍ୟସ୍ତ କରିବା ସହ ଦଣ୍ଡାଦେଶ କରିଥିଲେ। ମାମଲାର ଶୁଣାଣିରେ କୋର୍ଟ ସ୍ୱୀକାର କରିଥିଲେ ଯେ, ଏହି ହତ୍ୟା ମାମଲା ସୁନିୟୋଜିତ ଥିଲା ଓ ଏଥିପାଇଁ ଶାସନ କ୍ଷମତା ଓ ପ୍ରଭାବର ଦୁରୁପଯୋଗ କରାଯାଇଥିଲା। କୋର୍ଟ କହିଛନ୍ତି ଯେ, ହାଜତ ମୃତ୍ୟୁ ଗଣତାନ୍ତ୍ରିକ ବ୍ୟବସ୍ଥା ନିମନ୍ତେ ଚିନ୍ତାର ବିଷୟ ଓ ଏପରି ମାମଲାରେ ଆଦୌ ଆଶ୍ୱସ୍ତି ଦିଆଯାଇ ପାରିବନି।

ଖାମେନିଙ୍କ ଉପରେ ଆକ୍ରମଣ ଯୁଦ୍ଧ ସହ ସମାନ

# ସୀମା ଭିତରେ ରହିବାକୁ ଆମେରିକାକୁ ଚେତାବନୀ

**ତେହେରାନ,୧୯।୧:** ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମେନିଙ୍କ ଉପରେ ଯେକୌଣସି ଆକ୍ରମଣ ଯୁଦ୍ଧ ଘୋଷଣା ସହିତ ସମାନ ହେବ। ଏଭଳି ଚେତାବନୀ ଦେଇଛନ୍ତି ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ। ଇରାନ ତାଙ୍କ ବିରୁଦ୍ଧରେ ଯେକୌଣସି ଆକ୍ରମଣର ପୂର୍ଣ୍ଣ ବଳରେ ଜବାବ ଦେବ। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ଲେଖିଛନ୍ତି, ଯଦି ଇରାନର ଲୋକମାନେ ସେମାନଙ୍କ ଜୀବନରେ କଷ୍ଟ ଏବଂ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ତେବେ ଏହାର ଏକ ମୁଖ୍ୟ କାରଣ ହେଉଛି ଆମେରିକା। ଏହାର ସହଯୋଗୀମାନଙ୍କ ଦ୍ୱାରା ଲଗାଯାଇଥିବା ଦୀର୍ଘକାଳୀନ ଶତ୍ରୁତା ଏବଂ ଅମାନବୀୟ କଟକଣା। ଆମ ଦେଶର ସର୍ବୋଚ୍ଚ ନେତାଙ୍କ ବିରୁଦ୍ଧରେ ଯେକୌଣସି ଆକ୍ରମଣ ଇରାନ ରାଷ୍ଟ୍ର ବିରୁଦ୍ଧରେ ଏକ ପୂର୍ଣ୍ଣ-ସ୍ତରର ଯୁଦ୍ଧ ସହିତ ସମାନ। ପେଜେସ୍କିଆନଙ୍କ ମନ୍ତବ୍ୟ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବୟାନ ପରେ ଆସିଛି। ଶନିବାର ପଲିଟିକୋ ସହିତ ଏକ ସାକ୍ଷାତକାରରେ, ଡୋନାଲ୍ଡ ଟ୍ରମ୍ପ ଖାମେନିଙ୍କ ପ୍ରାୟ ୪୦ ବର୍ଷର ଶାସନର ଅନ୍ତ କରିବାକୁ ଆହ୍ୱାନ ଦେଇଥିଲେ। ସେ ଇରାନର ସର୍ବୋଚ୍ଚ ନେତାଙ୍କୁ ଜଣେ ଅସୁସ୍ଥ ବ୍ୟକ୍ତି ଭାବରେ ବର୍ଣ୍ଣନା କରିଥିଲେ।

# ୪୦ ମସଜିଦ ଭାଙ୍ଗିଲା ପାକିସ୍ତାନୀ ସେନା

ବାଲୋଚିସ୍ତାନ,୧୯।୧ : ସୀମା ଟପୁଛି ପାକିସ୍ତାନୀ ସେନା। ବାଲୋଚିସ୍ତାନରେ ମନଇଚ୍ଛା ଭାଙ୍ଗୁଛି ମସଜିଦ୍। ଗୋଟିଏ କି ଦୁଇଟି ନୁହେଁ, ୪୦ରୁ ଅଧିକ ମସଜିଦକୁ ଭାଙ୍ଗି ଦେଇଛି ପାକ୍ ସେନା। ଏପରି କିଛି ଅଭିଯୋଗ କରିଛନ୍ତି ବାଲୋଚ୍ ଲିଡର ମୀର୍ ୟାର୍ ବାଲୋଚ୍। ଗୋଟିଏ ପଟେ ପାକିସ୍ତାନ ଭାରତ ବିରୋଧରେ କାଶ୍ମୀରରେ ମୁସଲିମ ଅସୁରକ୍ଷିତ ଥିବା ନେଇ ଅଭିଯୋଗ କରୁଛି। କିନ୍ତୁ ଅନ୍ୟ ଦିଗରେ ନିଜ ଦେଶରେ ମସଜିଦକୁ ଭାଙ୍ଗିରୁଜି ଚୁରମାର କରୁଥିବା ମୀର୍ କହିଛନ୍ତି। ପାକିସ୍ତାନ ଗତ କିଛିଦିନ ହେଲା ଭାରତ କାଶ୍ମୀର ମୁସଲିମଙ୍କ ଧର୍ମୀୟ ଭାବନାକୁ କ୍ଷୁର୍ଣ୍ଣ କରୁଥିବା ଅଭିଯୋଗ ଲଗାଇଥିଲା। ପାକିସ୍ତାନୀ ବୈଦେଶିକ ମନ୍ତ୍ରୀ କାଶ୍ମୀର ପ୍ରସଙ୍ଗରେ ଭାରତ ବିରୋଧରେ ମିଛ ଅଭିଯୋଗ ଆଣିଥିଲେ। ଏସବୁକୁ ନେଇ ବାଲୋଚ୍ ନେତା ମୀର୍ କହିଛନ୍ତି ଯେ, ପାକିସ୍ତାନ ହେଉଛି ଆତଙ୍କବାଦୀଙ୍କ ଦେଶ। ଏଠାରେ ହିନ୍ଦୁ-ଖ୍ରୀଷ୍ଟିଆନ-ଶିଖଙ୍କ ଉପରେ ଅତ୍ୟାଚାର ହେଉଛି। ପିଓକେ ହେଉଛି ଭାରତର। ପାକିସ୍ତାନ ଏହାକୁ ବେଆଇନ ଭାବେ ଅଧିକୃତ କରୁଛି। କାଶ୍ମୀର ପ୍ରସଙ୍ଗରେ ଭାରତକୁ ବାଲୋଚ୍ ଆର୍ମୀ ସମର୍ଥନ କରିଛି। ସଂଖ୍ୟାଲଘୁଙ୍କୁ ନେଇ ପାକିସ୍ତାନ ଭାରତ କିମ୍ବା ଆଫଗାନିସ୍ତାନ ଉପରେ ମନ୍ତବ୍ୟ ଦେବାର ଅଧିକାର ହରାଇଥିବା ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ପାକିସ୍ତାନର କିଛି ସୁରକ୍ଷା ବଳ ବାଲୋଚିସ୍ତାନରେ ୪୦ରୁ ଅଧିକ ମସଜିଦକୁ ଭାଙ୍ଗି ଦେଇଛି। ବୋମାମାଡ଼ କରାଯାଇ ଏସବୁକୁ ଧ୍ୱଂସ କରାଯାଇଛି। ଏହା ସହ ପବିତ୍ର କୋରାନକୁ ମଧ ଜାଳି ଦିଆଯାଉଛି। ପ୍ରଥମେ ଖାନ୍ ଅଫ୍ କଲାତ୍ ମସଜିଦକୁ ପାକିସ୍ତାନୀ ସେନା ବୋମାମାଡ଼ କରି ଧ୍ୱଂସ କରିଥିଲା। ସାଧାରଣ ଲୋକେ ରହୁଥିବା ଜନବସିତରେ ଏହି ମସଦିଜ ରହିଥିଲା। ତଥାପି ଏଠାରେ ମୋର୍ଟାର ମାଡ଼ କରାଯାଇଥିଲା। ଯାହା ଇସଲାମାବାଦର କ୍ରୁରତାକୁ ପ୍ରମାଣ କରୁଥିବା ସେ କହିଛନ୍ତି।



## ବଲୋଚିସ୍ତାନରେ ଜାଳିଦେଲା 'ପବିତ୍ର କୋରାନ'

# ଆମେରିକାରେ ଭାରତୀୟ ବଂଶୋଦ୍ଭବ ଦମ୍ପତି ଗିରଫ

ୱାଶିଂଟନ,୧୯।୧: ଆମେରିକାର ଭର୍ଜିନିଆରେ ସେକ୍ସ ଓ ଡ୍ରଗ୍ସ ରାକେଟ ଚଳାଉଥିବା ଅଭିଯୋଗରେ ଭାରତୀୟ ବଂଶୋଦ୍ଭବ ଦମ୍ପତିଙ୍କ ସହିତ ଅନ୍ୟ ତିନି ଜଣଙ୍କୁ ଗିରଫ କରାଯାଇଛି। ଏକ ମୋଟେଲରେ ଫେଡେରାଲ ତଥା ସ୍ଥାନୀୟ ଏଜେଣ୍ଟଙ୍କ ଚଢ଼ଉ ବେଳେ ଏମାନଙ୍କ ଅପରାଧିକ କାର୍ଯ୍ୟକଳାପ ଜଣାପଡ଼ିଥିଲା। ଉତ୍ତର ଭର୍ଜିନିଆର ଫେଡେରାଲ୍ ଓକିଲଙ୍କ ଅନୁଯାୟୀ, କୋଶା ଶର୍ମା (୫୨) ଓ ତରୁଣ ଶର୍ମା (୫୫) ସେମାନଙ୍କ ରେଡ୍ କାର୍ପେଟ୍ ଇନ୍‌ର ତୃତୀୟ ମହଲାକୁ ଡ୍ରଗ୍ସ ବିକ୍ରି ଏବଂ ବେଶ୍ୟାବୃତ୍ତି ପାଇଁ ବ୍ୟବହାର କରୁଥିଲେ ଏବଂ ତଳ ମହଲାରେ ଅତିଥିମାନଙ୍କୁ ରଖୁଥିଲେ।

ଫେଡେରାଲ ଓ ସ୍ଥାନୀୟ ଏଜେଣ୍ଟଙ୍କ ପକ୍ଷରୁ ଅନେକ ଗୁପ୍ତ ଅପରେସନ ପରେ ଅପରାଧିକ କାର୍ଯ୍ୟକଳାପର କେନ୍ଦ୍ରରେ ଥିବା ଏମାନଙ୍କ ମୋଟେଲରେ ଚଢଉ କରି ଦମ୍ପତିଙ୍କୁ ଗିରଫ କରାଯାଇଥିଲା। କୋର୍ଟ ଡକ୍ୟୁମେଣ୍ଟ ଅନୁଯାୟୀ, ମେ' ୨୦୨୩ ରେ କୋଶା ଶର୍ମା ଓରଫ ମା' ଓରଫ ମାମା କେ ଏବଂ ତରୁଣ ଶର୍ମା ଓରଫ ପପ୍ ଓରଫ ପା ଏବଂ ରେଡ କାର୍ପେଟ ଇନରେ ବ୍ୟବସାୟ କରୁଥିବାବେଳେ ମୋଟେଲକୁ ଭଡାରେ ନେଇ ପରିଚାଳନା କରୁଥିଲେ।

ପୁଲିସ ଚଢ଼ଉ ସମୟରେ ସେ ଅପରାଧୀଙ୍କୁ ସତର୍କ କରିବା ସହିତ ଅଧିକାରୀଙ୍କୁ ଉପର ମହଲାକୁ ଯିବାରୁ ରୋକୁଥିଲେ। ଗିରଫ ହୋଇଥିବା ଅନ୍ୟ ତିନି ଜଣକ ମଧ୍ୟରେ ମାର୍ଗୋ ପିୟର୍ସ (୫୧), ଜୋସୁଆ ରୋଡିକ୍ (୪୦) ଏବଂ ରାସାର୍ଡ ସ୍ମିଥ୍ (୩୩) ଅଛନ୍ତି। ୮ ଜଣ ମହିଳାଙ୍କ ବେଶ୍ୟାବୃତ୍ତି ପାଇଁ ନିୟୋଜନ କରାଯାଇଥିଲା। ଲୋକମାନଙ୍କଠାରୁ ଏଥିପାଇଁ ଜଣକ ପିଛା ୮୦ରୁ ୧୫୦ ଡଲାର ଦାବି କରାଯାଉଥିଲା। ଏହାସହିତ ଫେଣ୍ଟାନାଇଲ ଓ କୋକେନ ମଧ ବିକ୍ରି କରାଯାଉଥିବା ଫେଡେରାଲ ଏଜେଣ୍ଟ ପ୍ରମାଣ ପାଇଥିଲେ।

# ପତ୍ନୀଙ୍କଠୁ ଅଲଗା ହେବେ ଅଖିଳେଶଙ୍କ ସାନଭାଇ

ଲକ୍ଷ୍ନୌ,୧୯।୧: ସମାଜବାଦୀ ପାର୍ଟିର ପ୍ରତିଷ୍ଠା ମୁଲାୟମ ସିଂହ ଯାଦବଙ୍କ ସାନ ପୁଅ ପ୍ରତୀପ ଯାଦବ ଓ ତାଙ୍କ ପତ୍ନୀ ଅପର୍ଣ୍ଣା ଅଲଗା ହେବାକୁ ଯାଉଛନ୍ତି। ପ୍ରତୀକ ହେଉଛନ୍ତି ସପା ମୁଖ୍ୟ ଅଖିଳେଶ ଯାଦବଙ୍କ ସାନ ଭାଇ। ଅପର୍ଣ୍ଣା ହେଉଛନ୍ତି ବିଜେପି ନେତ୍ରୀ। ଅପର୍ଣ୍ଣା ଯାଦବ ତାଙ୍କ ପରିବାରକୁ ପୂରା ବର୍ବାଦ କରି ଦେଇଥିବା ଅଭିଯୋଗ କରିଛନ୍ତି ପ୍ରତୀକ। ଏଥିପାଇଁ ସେ ଖୁବଶୀଘ୍ର ଅପର୍ଣ୍ଣାଙ୍କୁ ଛାଡ଼ପତ୍ର ସେବାକୁ ଯାଉଥିବା କହିଛନ୍ତି। ଅପର୍ଣ୍ଣାଙ୍କ ଗୋଟିଏ ଫଟୋକୁ ଇନଷ୍ଟାଗ୍ରାମରେ ପୋଷ୍ଟ କରି ତାଙ୍କୁ ପରିବାର ବିଧ୍ୱଂସକାରୀ ଓ ସ୍ୱାର୍ଥପର ବୋଲି କହିଛନ୍ତି ପ୍ରତୀକ। ସେ କହିଛନ୍ତି, ଏହି ସ୍ୱାର୍ଥପର ମହିଳାଙ୍କୁ ମୁଁ ଯଥାଶୀଘ୍ର ସମ୍ଭବ ଛାଡ଼ପତ୍ର ଦେବାକୁ ଯାଉଛି। ତେବେ ଅପର୍ଣ୍ଣାଙ୍କ ଭାଇ ଅମନ ବିଷ୍ଟଙ୍କ କହିବା କଥା ଯେ, ପ୍ରତୀକଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟ ହ୍ୟାକ ହୋଇଥିଲା। କେହି ଏହାକୁ ହ୍ୟାକ କରି ଏପରି ପୋଷ୍ଟ କରିଥିବା ସେ କହିଛନ୍ତି। ପ୍ରତୀକ ଓ ଅପର୍ଣ୍ଣା ୨୦୧୧ରେ ବିବାହ କରିଥିଲେ। ସେମାନଙ୍କର ଜଣେ ଝିଅ ବି ଅଛି। ଅପର୍ଣ୍ଣା ପ୍ରଥମେ ସପାର ସଦସ୍ୟ ଥିଲେ। ୨୦୧୭ରେ ଦଳ ପକ୍ଷରୁ ସେ ଲକ୍ଷ୍ନୌ କ୍ୟାଣ୍ଟନମେଣ୍ଟ ନିର୍ବାଚନ ମଣ୍ଡଳୀରୁ ଲଢ଼ିଥିଲେ ହେଁ ତାଙ୍କୁ ପରାସ୍ତ ହେବାକୁ ପଡ଼ିଥିଲା। ବିଜେପିର ରିତା ବହୁଗୁଣା ଯୋଶୀ ତାଙ୍କୁ ହରାଇଥିଲେ। ତେବେ ୨୦୨୨ରେ ସେ ଜାତୀୟତାବାଦ କଥା କହି ବିଜେପିରେ ସାମିଲ ହୋଇଥିଲେ। ଏବେ ସେ ଉତ୍ତର ପ୍ରଦେଶ ମହିଳା କମିଶନର ଉପାଧ୍ୟକ୍ଷ ଭାବେ କାର୍ଯ୍ୟ କରୁଛନ୍ତି।



ଗାଜା ପୁନଃନିର୍ମାଣ ଲାଗି ପ୍ରୟାସ

# 'ବୋର୍ଡ ଅଫ ପିସ୍'ରେ ସାମିଲ ଲାଗି ପୁଟିନଙ୍କୁ ନିମନ୍ତ୍ରଣ

**ମସ୍କୋ, ୧୯।୧:** ଋଷିଆ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନଙ୍କୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ 'ବୋର୍ଡ ଅଫ ପିସ୍'ରେ ସାମିଲ ହେବା ଲାଗି ଆମନ୍ତ୍ରଣ କରାଯାଇଛି। ଏହାର ଉଦ୍ଦେଶ୍ୟ ହେଉଛି ଯୁଦ୍ଧ ପରବର୍ତ୍ତି ଗାଜାରେ ଶାସନ ଓ ପୁନର୍ନିର୍ମାଣ ଦେଖରେଖ କରିବା। ଏହି ସୂଚନା ଋଷିଆ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ କ୍ରେମଲିନ ପକ୍ଷରୁ ସୋମବାର ଦିଆଯାଇଛି। କ୍ରେମଲିନ ମୁଖପାତ୍ର ଦିମିତ୍ରି ପେସ୍କୋଭ କହିଛନ୍ତି ଯେ, ରାଷ୍ଟ୍ରପତି ପୁଟିନଙ୍କୁ ମଧ ବୋର୍ଡ ଅଫ ପିସ୍ ରେ ସାମିଲ ହେବାକୁ ନିମନ୍ତ୍ରଣ ମିଳିଛି। ଏହି ଆମନ୍ତ୍ରଣ ମିଳିବା ପରେ ୱାସିଂଟନ ସହ ମିଶି ମସ୍କୋ ପ୍ରସ୍ତାବର ସବୁ ଦିଗ ପ୍ରତି ସ୍ପଷ୍ଟ ହେବାକୁ ଉଦ୍ୟମ କରୁଛି। ଗାଜାକୁ ନେଇ ବୋର୍ଡ ଅଫ ପିସ୍ ର ଅଧକ୍ଷତା ନିଜେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କରିବେ। ତେବେ ଯୁଦ୍ଧଗ୍ରସ୍ତ କ୍ଷେତ୍ରରେ ଶାସନର ଦାୟିତ୍ୱ ସମ୍ଭାଳିବା ଲାଗି ବୈଷୟିକ ବିଶେଷଜ୍ଞଙ୍କ ଏକ ପାଲେଷ୍ଟେନୀୟ କମିଟି ମଧ ଏଥିରେ ସାମିଲ ହେବ। ଯାହାଦ୍ୱାରା ଗାଜାର ଆଇନଶୃଙ୍ଖଳା ଓ ଯୁଦ୍ଧ ପରବର୍ତ୍ତି ପୁନର୍ନିର୍ମାଣକୁ ମାର୍ଗଦର୍ଶନ କରାଯାଇ ପାରିବ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗାଜାରେ ଦୀର୍ଘ ସମୟରୁ ଜାରିଥିବା ସଂଘର୍ଷକୁ ସମାପ୍ତ କରିବା ପାଇଁ 'ବୋର୍ଡ ଅଫ ପିସ୍' ଗଠନ କରିଛନ୍ତି। ଏଥିରେ ସାମିଲ ହେବାକୁ ଟ୍ରମ୍ପ ବିଶ୍ୱ ନେତାମାନଙ୍କୁ ଆମନ୍ତ୍ରଣ କରୁଛନ୍ତି। ଟ୍ରମ୍ପ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଧ ଏଥି ପାଇଁ ନିମନ୍ତ୍ରଣ କରିଛନ୍ତି। ହ୍ୱାଇଟ୍ ହାଉସର ଅଧିକାରୀଙ୍କ ବୟାନ ଅନୁସାରେ ଏହି ବୋର୍ଡ ଟ୍ରମ୍ପଙ୍କ କମ୍ପ୍ରିହେନସିଭ ପ୍ଲାନ ଟୁ ଏଣ୍ଡ ଦି ଗାଜା କନଫ୍ଲିକ୍ଟ ନାମକ ୨୦ ସୂତ୍ରୀ ରୋଡ ମ୍ୟାପ୍ ର ଅଂଶ ବିଶେଷ। ଏହାର ମୁଖ୍ୟ ଉଦ୍ଦେଶ୍ୟ ଗାଜାରେ ଶାନ୍ତି ସୁନିଶ୍ଚିତ କରିବା।

## ପୂର୍ବରୁ ମୋଦିଙ୍କୁ ନିମନ୍ତ୍ରଣ କରିଥିଲେ ଟ୍ରମ୍ପ

# ପଶ୍ଚିମବଙ୍ଗରେ ନିର୍ମାଣ ହେବ ଭବ୍ୟ ରାମମନ୍ଦିର



**କୋଲକାତା,୧୯।୧:** ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ ଶାସିତ ପଶ୍ଚିମବଙ୍ଗରେ ଚଳିତ ବର୍ଷ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ମାତ୍ର ଏହା ପୂର୍ବରୁ ରାଜ୍ୟରେ ମନ୍ଦିର-ମସଜିଦ ବାହାନାରେ ଧ୍ରୁବୀକରଣ କରିବାକୁ ରାଜନୈତିକ ଦଳ ପକ୍ଷରୁ ପ୍ରୟାସ କରାଯାଉଛି। ପଶ୍ଚିମବଙ୍ଗରେ ଏକ ଭବ୍ୟ ରାମ ମନ୍ଦିର ନିର୍ମାଣ କରାଯିବ ବୋଲି କୁହାଯାଇଛି। ଗତ ମାସରେ ତୃଣମୂଳ କଂଗ୍ରେସରୁ ନିଲମ୍ବିତ ବିଧାୟକ ହୁମାୟୁଁ କବୀର ରାଜ୍ୟର ମୁର୍ଶିଦାବାଦ ଜିଲ୍ଲାର ବେଲଦାଙ୍ଗାରେ ଡିସେମ୍ବର ୬ରେ ବାବରି ମସଜିଦର ଶିଳାନ୍ୟାସ କରିଥିଲେ। ଏହା ପରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଜେ ଦୁର୍ଗା ଆଙ୍ଗନ ଓ ମହାକାଳ ମନ୍ଦିରର ଶିଳାନ୍ୟାସ କରିଛନ୍ତି। ଏବେ ନଦିଆ ଜିଲ୍ଲାର ଶାନ୍ତିପୁରରେ 'ବଙ୍ଗାଳି ରାମ' ଥିମରେ ଭବ୍ୟ ରାମ ମନ୍ଦିର ନିର୍ମାଣ କରିବାର ଯୋଜନା ସାମ୍ନାକୁ ଆସିଛି। ଏହା ଏବେ ସଂପ୍ରତି ଚର୍ଚ୍ଚାର ବିଷୟ ପାଲଟିଛି।

ଏହି ମନ୍ଦିର କେବଳ ପୂଜା-ପାଠର ସ୍ଥଳ ହେବନି ବରଂ ପଶ୍ଚିମବଙ୍ଗର ସାଂସ୍କୃତିକ ଐତିହ୍ୟକୁ ସମର୍ପିତ ଏକ ବଡ଼ କେନ୍ଦ୍ର ପାଲଟିବ। ମନ୍ଦିରର ଅବଧାରଣା ୧୫ତମ ଶତାବ୍ଦୀର ପ୍ରସିଦ୍ଧ କବି କୃତିବାସ ଓଝାଙ୍କ ପରମ୍ପରା ଉପରେ ଆଧାରିତ। କୃତିବାସ ଓଝା ହିଁ ସଂସ୍କୃତ ରାମାୟଣର ବଙ୍ଗାଳି ଅନୁବାଦ ଶ୍ରୀରାମ ପାଞ୍ଚାଳି ରଚନା କରିଥିଲେ। ରାମ ମନ୍ଦିରର ନିର୍ମାଣ ଶ୍ରୀକୃତିବାସ ରାମ ମନ୍ଦିର ଟ୍ରଷ୍ଟ କରିବାକୁ ଚାହୁଁଛି। ଏହି ଟ୍ରଷ୍ଟ ୨୦୧୭ରୁ ହିଁ ଏହି ପ୍ରକଳ୍ପ ଉପରେ କାମ କରୁଛି। ରବିବାର ଟ୍ରଷ୍ଟ ଏହାର ସୂଚନା ଦେଇଛି। ମନ୍ଦିର ପାଇଁ ଜମିର ଚୂଡ଼ାନ୍ତ ସର୍ଭେ କାମ ପୂରା ହୋଇଛି। ଏହାକୁ ପ୍ରକଳ୍ପର ଆନୁଷ୍ଠାନିକ ଆରମ୍ଭ ବୋଲି କୁହାଯାଉଛି। ଏହି ଟ୍ରଷ୍ଟର ଅଧକ୍ଷ ତଥା ଶାନ୍ତିପୁରର ପୂର୍ବତନ ଟିଏମସି ବିଧାୟକ ଅରିନ୍ଦମ ଭଟ୍ଟାଚାର୍ଯ୍ୟ ଅଛନ୍ତି। ଏବେ ସେ ବିଜେପିରେ ଅଛନ୍ତି। କିନ୍ତୁ ତାଙ୍କର କହିବା କଥା ଏହା କୌଣସି ନିର୍ବାଚନୀ ପ୍ରକଳ୍ପ ନୁହେଁ। ଶାନ୍ତିପୁର ଭକ୍ତି ଆନ୍ଦୋଳନର ମାଟି ଏବଂ କୃତିବାସ ଓଝା ରାମଙ୍କୁ ବଙ୍ଗାଳି ସଂସ୍କୃତି ସହ ଯୋଡ଼ିଛନ୍ତି। ଏହାକୁ ଆଗକୁ ବଢ଼ାଇବା ପାଇଁ ଭବ୍ୟ ରାମ ମନ୍ଦିରର ନିର୍ମାଣ ଯୋଜନା କରାଯାଉଛି। ମନ୍ଦିରର ନିର୍ମାଣ ପ୍ରାରମ୍ଭିକ ପର୍ଯ୍ୟାୟରେ ପହଞ୍ଚି ସାରିଛି।

କ୍ଷମତାକୁ ନେଇ ମହାରାଷ୍ଟ୍ରରେ ମହାନାଟକ

# ବିଏମ୍‌ସି ମେୟର ପଦ ନେବାକୁ ସିନ୍ଦେଙ୍କ ଜିଦ୍

## ବିଜେପିକୁ ବାଟ ଛାଡ଼ିବାକୁ ନାରାଜ

## ହୋଇପାରେ ଘୋଡ଼ା ବେପାର



ମୁମ୍ବାଇ,୧୯।୧ : ବ୍ରିହନ ମୁମ୍ବାଇ ନଗର ନିଗମ (ବିଏମସି) ନିର୍ବାଚନରେ ମହାୟୁତିକୁ ସଫଳତା ମିଳିବା ପରେ ମହାରାଷ୍ଟ୍ର ରାଜନୀତି ନୂଆ ପେଞ୍ଚରେ ଫସିଛି। ବିଜେପି ମୁମ୍ବାଇରେ ସବୁଠୁ ବଡ଼ ଦଳ ହୋଇ ଉଭା ହୋଇଥିବା ବେଳେ ପ୍ରଥମ କରି ବିଜେପିର କେହି ମୁମ୍ବାଇ ମେୟର ହେବାର ସଙ୍କେତ ମିଳୁଛି। କିନ୍ତୁ ବିଜେପି ରାସ୍ତାକୁ ଅଡୁଆ କରିଛନ୍ତି ଏହାର ସହଯୋଗୀ ଏକନାଥ ସିନ୍ଦେ।

ସିନ୍ଦେଙ୍କ ଶିବସେନା ୨୯ କର୍ପୋରେଟର ଆସନ ଜିତିଥିବାରୁ ମେୟର ନିର୍ବାଚନରେ ଏହା ବଡ଼ ଭୂମିକା ତୁଲାଇବ। କାରଣ ୨୨୭ ୱାର୍ଡରୁ ବିଜେପି ୮୯ ୱାର୍ଡରେ ଜିତିଛି। ବହୁମତ ସଂଖ୍ୟା ୧୧୪ ରହିଥିବାରୁ ବିଜେପିକୁ ସିନ୍ଦେ ଗୋଷ୍ଠୀର କର୍ପୋରେଟର ଆବଶ୍ୟକ ପଡ଼ିବ। ଏପରି ସ୍ଥିତିରେ ସିନ୍ଦେ କିନ୍ତୁ ମେୟର ପଦ ହାତକୁ ନେବାକୁ ଅଡ଼ି ବସିଥିବା ଚର୍ଚ୍ଚା ହେଉଛି। ତେଣୁ ସିନ୍ଦେ ତାଙ୍କ ୨୯ କର୍ପୋରେଟରଙ୍କୁ ବାନ୍ଦ୍ରା ସ୍ଥିତ ଏକ ପଞ୍ଚତାରକା ହୋଟେଲକୁ ପଠାଇ ଦେଇଛନ୍ତି। ବାହାରେ କଡ଼ା ପହରା ଦିଆଯାଉଛି।

ରିପୋର୍ଟ ଅନୁସାରେ,୨୦୨୬ ହେଉଛି ଶିବସେନା ସଂସ୍ଥାପକ ବାଲା ସାହେବ ଠାକରେଙ୍କ ଜନ୍ମ ଶତାବ୍ଦୀ ବର୍ଷ । ତେଣୁ ଅତିକମରେ ଅଢ଼େଇ ବର୍ଷ ପାଇଁ ଶିବସେନା ମେୟର ପଦ ଦାବି କରୁଛି। ଏହାକୁ ନେଇ ବିଜେପି ଏବଂ ସିନ୍ଦେ ଗୋଷ୍ଠୀ ମଧ୍ୟରେ ତୁତୁ ମେଁମେଁ ଆରମ୍ଭ ହୋଇଯାଇଛି । ସିନ୍ଦେଙ୍କୁ ମନାଇବା ବିଜେପି ପାଇଁ ବଡ଼ ଟେନ୍ସନ ହୋଇଛି। ଅନ୍ୟପକ୍ଷରେ ଉଦ୍ଧବ ଗୋଷ୍ଠୀ ଶିବସେନା ନେତା ସଞ୍ଜୟ ରାଉତ ଦାବି କରିଛନ୍ତି ଯେ,ଏକନାଥ ସିନ୍ଦେ ନିଜେ ଚାହୁଁନାହାନ୍ତି ଯେ, ବିଏମସିରେ ବିଜେପି ମେୟର ଦେଉ। ତେଣୁ ସିନ୍ଦେ ନିଜ କର୍ପୋରେଟରଙ୍କୁ ହୋଟେଲରେ ବନ୍ଦୀକରି ରଖିଛନ୍ତି।

ଏବେକାର ମୁମ୍ବାଇ ସ୍ଥିତି ୨୦୨୨ରେ ଶିବସେନାରେ ହୋଇଥିବା ବିଭାଜନ ସ୍ମୃତିକୁ ତାଜା କରିଛି। ସେତେବେଳେ ମହାରାଷ୍ଟ୍ର ସରକାରରେ ମନ୍ତ୍ରୀ ଥିବା ଏକନାଥ ସିନ୍ଦେ ନିଜ ୩୯ ସମର୍ଥକ ବିଧାୟକଙ୍କୁ ଏକାଠି କରି ଶିବସେନାରେ ବିଦ୍ରୋହ କରିଥିଲେ। ମୁମ୍ବାଇରେ ଦ୍ୱିତୀୟ ସବୁଠୁ ବଡ଼ ଦଳ ହୋଇ ଉଭା ହୋଇଥିବା ଉଦ୍ଧବଙ୍କ ଶିବସେନା (୬୫ ୱାର୍ଡରେ ବିଜୟୀ) ପକ୍ଷରୁ କୁହାଯାଇଛି ଯେ, ଭଗବାନ ଚାହିଁଲେ ତାଙ୍କ ଦଳର କେହି ମଧ ମେୟର ବନିପାରନ୍ତି। ଏହି ବୟାନ ଚର୍ଚ୍ଚାକୁ ଆହୁରି ଖୋରାକ ଯୋଗାଇଛି। ରାଜ୍ ଠାକରେ ଏମଏନଏସ ପାଖରେ ୬ କର୍ପୋରେଟର ଥିବାବେଳେ ଶରଦ ପାୱାରଙ୍କ ଏନସିପି ପାଖରେ ଗୋଟିଏ ସିଟ୍ ରହିଛି।

ସେହିପରି କଂଗ୍ରେସ ପାଖରେ ୨୪,ଏଆଇଏମଆଇଏମ ପାଖରେ ୮ ଏବଂ ସମାଜବାଦୀ ପାର୍ଟି ୨ ୱାର୍ଡରେ ବିଜୟୀ ହୋଇଛି। ଯଦି ସବୁ ବିରୋଧୀ ବି ଏକଜୁଟ ହୁଅନ୍ତି ତେବେ ମୋଟ କର୍ପୋରେଟରଙ୍କ ସଂଖ୍ୟା ୧୦୬ ହେବ। ଅର୍ଥାତ ବହୁମତ ପାଇଁ ଆହୁରି ୮ ସିଟ୍ ଆବଶ୍ୟକ। ତେଣୁ ଏଠାରେ ଘୋଡ଼ା ବେପାର କିମ୍ବା ଦଳବଦଳ ଘଟଣା ମଧ ଘଟିପାରେ। ଯଦି ଠାକରେ ପରିବାର ଆଉ ୮ କର୍ପୋରେଟରଙ୍କୁ ନିଜ ସହ ସାମିଲ କରାଇଦେଇ ପାରନ୍ତି ତେବେ ବିଜେପିକୁ ମେୟର ପଦରୁ ଦୂରେଇ ରଖିପାରିବେ।



# ଭାରତରେ ୟୁଏଇ ରାଷ୍ଟ୍ରପତି

● ପ୍ରୋଟୋକଲ୍ ଭାଙ୍ଗି ବିମାନବନ୍ଦରରେ ସ୍ୱାଗତ କଲେ ମୋଦି

**ନୂଆଦିଲ୍ଲୀ,୧୯।୧:** ୟୁଏଇ ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାୟଦ ଅଲ୍ ନାହୟାନ ଦିନିକିଆ ସରକାରୀ ଗସ୍ତରେ ସୋମବାର ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରୋଟୋକଲ୍ ଭାଙ୍ଗି ବିମାନ ବନ୍ଦରକୁ ଯାଇ ନିଜେ ତାଙ୍କୁ ସ୍ୱାଗତ ଜଣାଇଥିଲେ। ଏହାପରେ ଦୁଇ ନେତାଙ୍କ ମଧ୍ୟରେ ବାଣିଜ୍ୟିକ, ନିବେଶ ଓ ଉର୍ଜା ସୁରକ୍ଷା ପରି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଉଚ୍ଚସ୍ତରୀୟ ଆଲୋଚନା ହୋଇଛି। ରାଷ୍ଟ୍ରପତି ପଦ ଗ୍ରହଣ କରିବା ପରେ ଏହା ଶେଖ୍ ମହମ୍ମଦଙ୍କ ତୃତୀୟ ଏବଂ ଗତ ଦଶନ୍ଧିରେ ପଞ୍ଚମ ଭାରତ ଗସ୍ତ। ଏହି ଗସ୍ତକୁ ଭାରତ-ୟୁଏଇ ସମ୍ପର୍କରେ ଆଉ ଏକ ମାଇଲଖୁଣ୍ଟି ଭାବରେ ଦେଖାଯାଉଛି।

ଦୁଇ ନେତା ଆଞ୍ଚଳିକ ଏବଂ ବୈଶ୍ୱିକ ପ୍ରସଙ୍ଗରେ ସମାନ ସ୍ୱାର୍ଥ ପାଇଁ ଏକ ନୂତନ ମାର୍ଗ ପ୍ରସ୍ତୁତ କରିବେ। ଭାରତ ଏବଂ ୟୁଏଇ ମଧ୍ୟରେ ସମ୍ପର୍କ କେବଳ ବାଣିଜ୍ୟ ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ଏହା ଗଭୀର ରଣନୈତିକ ବିଶ୍ୱାସ ଉପରେ ଆଧାରିତ। ସାମ୍ପ୍ରତିକ ବର୍ଷଗୁଡ଼ିକରେ, ଦୁଇ ଦେଶ ମଧ୍ୟରେ ଉଚ୍ଚସ୍ତରୀୟ ସମ୍ପର୍କ ବୃଦ୍ଧି ପାଇଛି। ସେପ୍ଟେମ୍ବର ୨୦୨୪ରେ ଆବୁଧାବିର କ୍ରାଉନ ପ୍ରିନ୍ସ ଶେଖ ଖାଲିଦ ବିନ୍ ମହମ୍ମଦ ବିନ୍ ଜାୟଦ ଏବଂ ଏପ୍ରିଲ ୨୦୨୫ରେ ଦୁବାଇର କ୍ରାଉନ ପ୍ରିନ୍ସ ଶେଖ ହମଦାନ ବିନ୍ ମହମ୍ମଦ ବିନ୍ ରସିଦ ଅଲ୍ ମକତୁମଙ୍କ ଭାରତ ଗସ୍ତ ଏହି ସହଭାଗୀତାକୁ ନୂଆ ଶିଖରରେ ପହଞ୍ଚାଇଛି। ଆଜିର ଗସ୍ତ ସେହି ପଦକ୍ଷେପର ଏକ ଅଂଶ, ଯାହା ପ୍ରତିରକ୍ଷା ଏବଂ ପ୍ରଯୁକ୍ତିବିଦ୍ୟା ଭଳି କ୍ଷେତ୍ରରେ ସହଯୋଗକୁ ଆହୁରି ମଜବୁତ କରିବ।

# ‘ଦକ୍ଷତା ବିକାଶ ଉଦ୍ୟମିତାକୁ ପ୍ରୋତ୍ସାହିତ କରିବା ଉଚିତ’



**ଭୁବନେଶ୍ୱର, ୧୯।୧(ସଂଚାର ବ୍ୟୁରୋ):** ଦକ୍ଷତା ବିକାଶ ଉଦ୍ୟମିତା ସହିତ ଘନିଷ୍ଠ ଭାବରେ ଜଡିତ । ତାଲିମର ଉଦ୍ଦେଶ୍ୟ କେବଳ ଚାକିରି ଖୋଜିବା ନୁହେଁ ବରଂ ଉଦ୍ୟୋଗୀ ସୃଷ୍ଟି କରିବା ଉପରେ ଅଧିକ ଧ୍ୟାନ ଦେବା ଉଚିତ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି । ସୋମବାର ଲୋକଭବନର ଅଭିଷେକ ହଲରେ ମୁଖ୍ୟମନ୍ତ୍ରୀଙ୍କ ଦକ୍ଷତା ବିକାଶ ଫେଲୋସିପ୍ କାର୍ଯ୍ୟକ୍ରମର ଅଂଶଗ୍ରହଣକାରୀଙ୍କ ସହ ଆଲୋଚନା ବେଳେ ରାଜ୍ୟପାଳ ଏହା କହିଛନ୍ତି।

ରାଜ୍ୟପାଳ କହିଥିଲେ ଯେ, ଯେତେବେଳେ ବ୍ୟକ୍ତିମାନଙ୍କୁ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ତାଲିମ ଦିଆଯାଏ, ସେତେବେଳେ ସେମାନଙ୍କୁ ଏପରି ଦକ୍ଷତା ସହିତ ସଜ୍ଜିତ କରାଯିବା ଉଚିତ, ଯାହା ସେମାନଙ୍କୁ କେବଳ ନିଯୁକ୍ତିରେ ସୀମିତ ରଖିବା ପରିବର୍ତ୍ତେ ଉଦ୍ୟୋଗୀ ସୁଯୋଗ ଅନୁସନ୍ଧାନ କରିବାକୁ ସକ୍ଷମ କରିବ। ଦକ୍ଷତା ବିକାଶ ପ୍ରଶିକ୍ଷାର୍ଥୀମାନଙ୍କୁ ନବସୃଜନଶୀଳ ଉପରେ ଚିନ୍ତା କରିବା ଏବଂ ଉଦ୍ୟୋଗ ସୃଷ୍ଟି କରିବା ପାଇଁ ସଶକ୍ତ କରିବା ଉଚିତ ବୋଲି ରାଜ୍ୟପାଳ କହିଥିଲେ।

ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ ଯେ ତାଲିମ ଦେଉଥିବା କର୍ମକର୍ତ୍ତାମାନେ ବିଭିନ୍ନ କ୍ଷେତ୍ରରେ ଉପଲବ୍ଧ ସୁଯୋଗ ବିଷୟରେ ଆକାଂକ୍ଷୀ ଉଦ୍ୟୋଗୀମାନଙ୍କୁ ମାର୍ଗଦର୍ଶନ କରିବାରେ ସକ୍ଷମ ହେବା ଉଚିତ। ଆଲୋଚନାରେ ଅଂଶଗ୍ରହଣକାରୀମାନଙ୍କୁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଜାଣିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଯାହା ଦ୍ୱାରା ସେମାନେ ଉଦ୍ୟୋଗ ସ୍ଥାପନ କରିବାରେ ମାର୍ଗଦର୍ଶନ କରିପାରିବେ । ଆଲୋଚନା ସମୟରେ ରାଜ୍ୟପାଳ ତାଲିମର ପ୍ରକୃତି, ହିତାଧିକାରୀଙ୍କ ଆଶା, ଶିଳ୍ପ ସହିତ ସଂଯୋଗ ଏବଂ ତାଲିମ ସମାପ୍ତ ହେବା ପରେ ଉପଲବ୍ଧ ନିଯୁକ୍ତି ସୁଯୋଗ ବିଷୟରେ ପଚାରି ବୁଝିଥିଲେ।

● କମ୍ପାନୀ ବିରୋଧରେ ତାତିଲେ ଆଦିବାସୀ

# ରାସ୍ତାରୋକରୁ ଯାତାୟାତ ପ୍ରଭାବିତ

**ରାଉରକେଲା, ୧୯।୧(ସଂଚାର ବ୍ୟୁରୋ):** ରାଉରକେଲା ନିକଟ ରାଜଗାଙ୍ଗପୁରରେ ଥିବା ଡାଲମିଆ ସିମେଟ କାରଖାନା ଗତ ୭ ବର୍ଷ ଧରି ତା’ର ଖଣି ଇଲାକା ଲାଞ୍ଜିବେର୍ନା ଅଞ୍ଚଳରେ ଜୋର ଜବରଦସ୍ତ ଆଦିବାସୀମାନଙ୍କ ନିଜ ଜମିଗୁଡିକୁ କୌଣସି ଲେଖାପଢ଼ା ନଥାଇ ନିଜ ନାମରେ କରାଇ ନେଇଥିବା ଅଭିଯୋଗ କରି ଆଜି ଆଦିବାସୀମାନେ ବିଜୁ ଏକ୍ସପ୍ରେସକୁ ସକାଳୁ ବନ୍ଦ କରିଦେଇଛନ୍ତି। ଫଳରେ ଉଭୟ ପାଖରେ ହଜାର ହଜାର ଗାଡି ଅଟକି ରହିବା ସହ ଅଚଳାବସ୍ଥା ସୃଷ୍ଟି ହୋଇଛି। ଖବରରୁ ପ୍ରକାଶ ଯେ, ଲାଞ୍ଜିବେର୍ନା ଅଞ୍ଚଳରେ ଡାଲମିଆ ଭାରତ ତା’ର ପ୍ରକଳ୍ପ ଲାଗି ଜନଶୁଣାଣି କରିଛି ବୋଲି ଦେଖାଇ ଆଦିବାସୀମାନେ ତାଙ୍କ ଜମିକୁ ପଇସା ନେଇ ଦେଇଛନ୍ତି ବୋଲି ଦର୍ଶାଇ ସରକାରୀ ଖାତାରେ ନିଜ ନାମକୁ ନେଇଯାଇଛି। ଏହାର ପ୍ରତିବାଦ କରି ଲୋକେ କହୁଛନ୍ତି ସେମାନେ କୌଣସି ପଇସା ନେଇନାହାନ୍ତି ଓ ଜମି ମଧ୍ୟ ଦେଇନାହାନ୍ତି, ଜନଶୁଣାଣିକୁ ମଧ୍ୟ ଯାଇ ନାହାନ୍ତି। ତେଣୁ କେମିତି ତାଙ୍କ ଜମିକୁ ଡାଲମିଆ ନେଲା ବୋଲି ପ୍ରଶ୍ନ କରିଛନ୍ତି ଆଦିବାସୀ। ଏତିକି ବେଳେ କମ୍ପାନୀ ପୁଲିସ ଲଗାଇ ଜମି ନେବାକୁ ଉଦ୍ୟମ କରୁଛି। ଏହାର ପ୍ରତିବାଦରେ ଆଜି ସକାଳୁ ହଜାର ହଜାର ଆଦିବାସୀ ମହିଳା ରାସ୍ତା ଉପରେ ବସି ରହି ସରକାର ପାଖରେ ନ୍ୟାୟ ମାଗିଛନ୍ତି। ସେମାନଙ୍କ ଜମି ଫେରାଇ ଦେବାକୁ ଦାବି କରିଛନ୍ତି। ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଦାସ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି।

# ସ୍ପେନରେ ରେଳ ଦୁର୍ଘଟଣା, ୨୧ ମୃତ

**ମେଡ୍ରିଡ, ୧୯।୧ :** ସ୍ପେନର କୋର୍ଡୋବାସ୍ଥ ଏଡାମୁଜ୍ ଅଞ୍ଚଳରେ ଦ୍ରୁତଗତିରେ ଚାଲୁଥିବା ଦୁଇଟି ଯାତ୍ରୀବାହୀ ରେଳଗାଡ଼ି ଟ୍ରାକରୁ ଖସିପଡ଼ିଛି। ଏହି ଦୁର୍ଘଟଣାରେ ଅତିକମରେ ୨୧ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୩୦ ଜଣଙ୍କର ଅବସ୍ଥା ଗୁରୁତର ରହିଛି। ପ୍ରଥମେ ଗୋଟିଏ ଟ୍ରେନ ଟ୍ରାକରୁ ଖସି ପଡ଼ି ଗୋଟିଏ ଆମ୍ବୁଲାନ୍ସ ସହ ଧକ୍କା ହୋଇଥିଲା, ଯାହାର ଫଳରେ ଏହାର ଅନେକ ଡବା ଅଲଗା ହୋଇଯାଇଥିଲା। ମୃତ୍ୟୁବରଣ କରିଥିବା ଲୋକମାନଙ୍କ ମଧ୍ୟରେ ଦ୍ୱିତୀୟ ଟ୍ରେନର ଡ୍ରାଇଭର ମଧ୍ୟ ଅଛନ୍ତି। ଏହି ଦୁର୍ଘଟଣା ରବିବାର ବିଳମ୍ବିତ ରାତିରେ ଘଟିଥିଲା। ଆହତମାନଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ନେତାଜୀଙ୍କ ନାତିକୁ ଏସ୍ଆଇଆର୍ ନୋଟିସ୍



**କୋଲକାତା, ୧୯।୧(ସଂଚାର ବ୍ୟୁରୋ):** ଭୋଟର ତାଲିକାର ବ୍ୟାପକ ସଂଶୋଧନ (ଏସ୍ଆଇଆର୍‌ର ଶୁଣାଣି ପ୍ରକ୍ରିୟା ଚାଲିଛି। ଏଥର, ନିର୍ବାଚନ କମିଶନ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ନାତି ଚନ୍ଦ୍ର କୁମାର ବୋଷ ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ଶୁଣାଣି ପ୍ରକ୍ରିୟାରେ ନୋଟିସ ପଠାଇଛନ୍ତି। ଚନ୍ଦ୍ର କୁମାର ବୋଷଙ୍କ ସମେତ ତାଙ୍କ ପରିବାରର ମୋଟ ପାଞ୍ଚଜଣ ସଦସ୍ୟ ଅଛନ୍ତି। ନିର୍ବାଚନ କମିଶନ ଚନ୍ଦ୍ର କୁମାର ବୋଷ ଏବଂ ତାଙ୍କ ପରିବାର ସହିତ ପୂର୍ବତନ ମୁଖ୍ୟ ସଚିବଙ୍କୁ ମଧ୍ୟ ନୋଟିସ ପଠାଇଛନ୍ତି। ନିର୍ବାଚନ କମିଶନର ପ୍ରତିନିଧିମାନେ ସୋମବାର ନୋଟିସ ପ୍ରଦାନ କରିବାକୁ ଅଶୋକ ମୋହନ ଚକ୍ରବର୍ତ୍ତୀଙ୍କ ଘରକୁ ଯାଇଥିଲେ। ନିର୍ବାଚନ କମିଶନ ଜଣାଇଛନ୍ତି ଯେ, ତାଙ୍କ ନାମ ୨୦୦୨ ମସିହା ସହିତ ମ୍ୟାପ୍ ହୋଇନାହିଁ। ତାଙ୍କୁ ଅନ୍ୟମାନଙ୍କ ପରି ଶୁଣାଣି ପର୍ଯ୍ୟାୟରେ ଅଂଶଗ୍ରହଣ କରିବାକୁ ପଡିବ। ଏ ସମ୍ପର୍କରେ ଅନେକ ବିଶିଷ୍ଟ ବ୍ୟକ୍ତିଙ୍କ ଘରକୁ ଏସ୍ଆଇଆର୍ ନୋଟିସ ପଠାଯାଇଛି।

# ଜାତିସଂଘ ସୁରକ୍ଷା ପରିଷଦରେ ସଂସ୍କାର ପାଇଁ ଜାତିସଂଘ ମୁଖ୍ୟଙ୍କ ଆହ୍ୱାନ

**ନୂଆଦିଲ୍ଲୀ,୧୯।୧:** ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ପୁଣିଥରେ ସୁରକ୍ଷା ପରିଷଦରେ ସଂସ୍କାର ପାଇଁ ସମର୍ଥନ ଜଣାଇଛନ୍ତି । ସେ ଏହାକୁ କେବଳ ଗୁରୁତ୍ୱପୂର୍ଣ୍ଣ ନୁହେଁ ବରଂ ଏକ ଅତ୍ୟାବଶ୍ୟକ ପଦକ୍ଷେପ ବୋଲି କହିଛନ୍ତି। ଜାତିସଂଘ ମୁଖ୍ୟ ଏକ୍ସରେ ଏକ ପୋଷ୍ଟରେ କହିଛନ୍ତି, ସୁରକ୍ଷା ପରିଷଦରେ ସଂସ୍କାର କେବଳ ଗୁରୁତ୍ୱପୂର୍ଣ୍ଣ ନୁହେଁ - ଏହା ଅତ୍ୟାବଶ୍ୟକ । ଯେଉଁମାନେ ଆଜି ବିଶେଷାଧିକାରକୁ ଧରି ରଖିବାକୁ ଚେଷ୍ଟା କରନ୍ତି ସେମାନେ କାଲି ମୂଲ୍ୟ ଦେବାକୁ ବିପଦରେ ପଡ଼ିପାରନ୍ତି। ଆମ ସମସ୍ତଙ୍କୁ ପରିବର୍ତ୍ତନ ପାଇଁ ଯଥେଷ୍ଟ ସାହସୀ ହେବାକୁ ପଡିବ। ବିଶ୍ୱ ଅପେକ୍ଷା କରୁନାହିଁ । ଆମେ ମଧ କରିବା ଉଚିତ୍ ନୁହେଁ। ବର୍ତ୍ତମାନ, ୟୁଏନଏସସିରେ ଆମେରିକା, ଚୀନ୍, ଫ୍ରାନ୍ସ, ରୁଷ ଏବଂ ବ୍ରିଟେନ୍ ସ୍ଥାୟୀ ସଦସ୍ୟ ଅଛନ୍ତି। ଏମାନେ ନିଜ ପାଖରେ ଭିଟୋ କ୍ଷମତା ରଖନ୍ତି। ପରିଷଦରେ ଦୁଇ ବର୍ଷ ପାଇଁ ନିର୍ବାଚିତ ଦଶ ଜଣ ଅସ୍ଥାୟୀ ସଦସ୍ୟ ମଧ ଅଛନ୍ତି। ଭାରତ ୟୁଏନଏସସିର ସ୍ଥାୟୀ ସଦସ୍ୟ ନୁହେଁ। ଦୀର୍ଘ ଦିନ ଧରି ଏହି ଟେବୁଲରେ ନିଜ ପାଇଁ ଏକ ସ୍ଥାନ ଖୋଜୁଛି। ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ବି ସ୍ପଷ୍ଟ କରିସାରିଛନ୍ତି ଯେ ଭାରତ ଏହି ଲକ୍ଷ୍ୟକୁ ସର୍ବୋଚ୍ଚ ପ୍ରାଥମିକତା ଦିଏ। ୨୦୨୪ରେ ସଂସଦରେ ସେ କହିଥିଲେ, ଭାରତ ଦୃଢ଼ ଭାବରେ ବିଶ୍ୱାସ କରେ ଯେ ସମସାମୟିକ ବିଶ୍ୱରେ ୟୁଏନଏସସିର ସ୍ଥାୟୀ ସଦସ୍ୟ ହେବା ପାଇଁ ଏହାର ସମସ୍ତ ଯୋଗ୍ୟତା ଅଛି। ଏହା ବ୍ୟତୀତ ଗୁଟେରେସ ଏବଂ ଜାତିସଂଘର ମୁଖପାତ୍ର ଷ୍ଟିଫେନ ଡୁଜାରିକ୍ ପୂର୍ବରୁ ଭାରତର ଅବଦାନକୁ ଉଲ୍ଲେଖ କରିସାରିଛନ୍ତି, ଏହାକୁ ସଂଯୁକ୍ତ ରାଷ୍ଟ୍ର ବ୍ୟବସ୍ଥାର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି କହିଛନ୍ତି। ମହାସଚିବଙ୍କ ଭାରତ ସରକାରଙ୍କ ସହିତ ବହୁତ ଭଲ ସମ୍ପର୍କ ରହିଛି। ଆମର ଅନେକ ଭାରତୀୟ ସହକର୍ମୀ ଅଛନ୍ତି ଯେଉଁମାନେ ଆମ ସହିତ ଏଠାରେ କାମ କରନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ୧୫ ସୂତ୍ରୀ ନିର୍ଦ୍ଦେଶ କାର୍ଯ୍ୟକାରୀ ପାଇଁ ସମୀକ୍ଷା ବୈଠକ

# ସବୁ ସରକାରୀ କାର୍ଯ୍ୟ ଓଡ଼ିଆରେ କରିବାକୁ ନିର୍ଦ୍ଦେଶ



**ଭୁବନେଶ୍ୱର,୧୯।୧(ସଂଚାର ବ୍ୟୁରୋ):** ରାଜ୍ୟର ବିକାଶକୁ ତ୍ୱରିତ ଗତିରେ ଆଗେଇ ନେବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ସବୁ ବିଭାଗକୁ ଯେଉଁ ୧୫ ସୂତ୍ରୀ ବିଷୟ ଉପରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି, ତାହାକୁ କିଭଳି ଅନୁପାଳନ କରାଯାଇପାରିବ ସେ ନେଇ ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ବିଭାଗୀୟ

**ନିୟମିତ ନିଯୁକ୍ତି ଓ ପଦୋନ୍ନତି ଉପରେ ଗୁରୁତ୍ୱ**

ବରିଷ୍ଠ ଅଧିକାରୀମାନଙ୍କର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଶ୍ରୀ ସିଂହ ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏଥିରେ ସବୁ ସରକାରୀ କାର୍ଯ୍ୟ ଏପରିକି ଚିଠିପତ୍ର, ସରକାରୀ ନିର୍ଦ୍ଦେଶନାମା ଆଦି ଓଡ଼ିଆରେ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ରାଜ୍ୟ ସରକାର ସବୁବେଳେ ନୂତନ ନିଯୁକ୍ତିକୁ ଗୁରୁତ୍ୱ ଦେଇ ଆସୁଛନ୍ତି। ତେଣୁ ଖାଲି ଥିବା ପଦ ପୂରଣ ଓ ପଦୋନ୍ନତି ଅପେକ୍ଷାରେ ଥିବା ଯୋଗ୍ୟ ଅଧିକାରୀଙ୍କୁ ତୁରନ୍ତ ପଦୋନ୍ନତି ଦେବା ପାଇଁ ବୈଠକରେ ଶ୍ରୀ ସିଂହ ଗୁରୁତ୍ୱ ଦେଇଥିଲେ।

ଏହି ଅବସରରେ ଶ୍ରୀ ସିଂହ କହିଛନ୍ତି ଯେ ବର୍ତ୍ତମାନ ଟେକ୍ନୋଲୋଜିର ଯୁଗ। ତେଣୁ ସମୟ ସହ ତାଳଦେଇ ଆଗକୁ ବଢ଼ିବାକୁ ପଡ଼ିବ। ପାରମ୍ପରିକ ଶୈଳୀରେ ଫାଇଲ କାର୍ଯ୍ୟ ଯୋଗୁଁ କାର୍ଯ୍ୟ ଅଯଥା ବିଳମ୍ବିତ ହେଉଛି। ତେଣୁ ଏଣିକି ସବୁ ସରକାରୀ କାର୍ଯ୍ୟ ଓ ଫାଇଲ ଅନ୍‌ଲାଇନ୍ ଓ ଓସ୍ୱାସ୍ ଜରିଆରେ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ବିଭିନ୍ନ ପ୍ରକଳ୍ପ ନିର୍ମାଣ ସମୟରେ ଜମି ଅଧିଗ୍ରହଣ, ଜଙ୍ଗଲ ଜମି ଅନୁମୋଦନ, ୟୁଟିଲିଟି ସିଫଟିଂ ଆଦି କିଭଳି ସହଜରେ କରିହେବ ସେଥିନେଇ ଆଲୋଚନା ହୋଇଛି।

ବୈଠକରେ ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଇଂ ଏଲ୍.କେ. ପାଢ଼ୀ, ଅତିରିକ୍ତ ଶାସନ ସଚିବ ଦୀପକ ରଞ୍ଜନ ଦାସ, ପ୍ରଦୀପ ସାହୁ, ଇଆଇସି ଇଂ ଧାନଚାନ୍ଦ ନାୟକ, ମୁଖ୍ୟଯନ୍ତ୍ରୀ (କୋଠାବାଡ଼ି) ଇଂ ପ୍ରିୟବ୍ରତ ସାମନ୍ତରାୟ, ମୁଖ୍ୟଯନ୍ତ୍ରୀ ଏନ୍‌ଏଚ୍-୧ ଇଂ ନାରାୟଣ ପଟେଲ, ମୁଖ୍ୟଯନ୍ତ୍ରୀ ଏନ୍‌ଏଚ୍-୨ ଇଂ ଦୀପକ ପାଣିଗ୍ରାହୀ, ମୁଖ୍ୟଯନ୍ତ୍ରୀ, ବ୍ରିଜ ଇଂ ଅରବିନ୍ଦ ତ୍ରୀପାଠୀ, ଯୁଗ୍ମ ଶାସନ ସଚିବ ଦୀପ୍ତିରଞ୍ଜନ ବେହେରା, ଅର୍ଥ ପରାମର୍ଶଦାତା ରତିକାନ୍ତ ମହାପାତ୍ରଙ୍କ ସମେତ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସାଇକେଲରୁ ପଡ଼ି ଶିକ୍ଷକ ମୃତ

**ସୁବର୍ଣ୍ଣପୁର, ୧୯।୧(ସଂଚାର ବ୍ୟୁରୋ):** ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ଅନ୍ତର୍ଗତ ଗଧାପାଲି ଗ୍ରାମର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶିକ୍ଷକ ସାଇକେଲରୁ ପଡି ପ୍ରାଣ ହରାଇଛନ୍ତି। ସୂଚନା ମୁତାବକ, ରଞ୍ଜନ ପଧାନ (୪୦) ନିଜ ପୁଅ ସହିତ ସ୍କୁଲ ଯାଉଥିବା ବେଳେ ଶିଶୁମନ୍ଦିର ଛକରେ ସାଇକେଲରେ ତାଙ୍କର ଛୁଆର ଗୋଡ଼ ଚକାରେ ଲାଗି ଯିବାରୁ ଉଭୟ ରୋଡ ଉପରେ ପଡି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ନେଇଥିଲେ। ତାଙ୍କର ମୁହଁରେ ଆଘାତ ଲାଗିଥିଲା। ତାଙ୍କର ଶିଶୁ ପୁତ୍ର ସାମାନ୍ୟ ଆହତ ହୋଇଥିଲେ। ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ମୃତ୍ୟୁ ଖବର ପାଇବା ମାତ୍ରେ ଶିଶୁମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା ଗ୍ରାମବାସୀ ଆସି ଡାକ୍ତରଖାନାରେ ପହଞ୍ଚିଥିଲେ। ଡୁଙ୍ଗୁରିପାଲି ପୁଲିସ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଥିବା ବେଳେ ଶବ ବ୍ୟବଚ୍ଛେଦ ପାଇଁ ବିନିକା ପଠାଇଥିଲେ।

# ଗୁଳିମାଡ଼ରେ ଯୁବକ ମୃତ

ବାଇକରେ ଆସି ଫାୟାରିଂ କରି ଫେରାର୍ ହୋଇଗଲେ ଦୁର୍ବୃତ୍ତ

**ଖୋର୍ଦ୍ଧା,୧୯।୧(ସଂଚାର ବ୍ୟୁରୋ):** ଗୁଳି ମାଡରେ ଯୁବକଙ୍କ ମୃତ୍ୟୁ। ବେଗୁନିଆ ଥାନା ଅନ୍ତର୍ଗତ ପରିଛଳ ଜାମୁସହିରେ ଏହି ଘଟଣା ଘଟିଛି। ମୃତ ବ୍ୟକ୍ତିଙ୍କ ନାମ ବାସୁଦେବ ପରିଡ଼ା ଓରଫ ଟୁଟୁ। ଗୁଳିମାଡ଼ର କାରଣ ଅସ୍ପଷ୍ଟ ରହିଛି। ଖୋର୍ଦ୍ଧା ମେଡିକାଲରେ ଡାକ୍ତର ମୃତ୍ୟୁ ଘୋଷଣା କରିଛନ୍ତି। ଘଟଣାସ୍ଥଳରେ ଖୋକା ପଡ଼ିଛି। ଦୁର୍ବୃତ୍ତମାନେ ଏକ ବାଇକରେ ଆସି ଫାୟାରିଂ କରି ଫେରାର୍ ହୋଇଯାଇଛନ୍ତି। ଘଟଣାସ୍ଥଳରେ ବୁଲେଟ ମୋଟର ସାଇକେଲ ଛାଡ଼ି ଯାଇଛନ୍ତି। ପୁଲିସର ତଦନ୍ତ ଜାରି ରହିଥିବା ବେଳେ ବେଆଇନ ଖଣି କାରବାର ଘଟଣାକୁ ନେଇ ଘଟଣା ହୋଇଛି ବୋଲି ଶୁଣାଯାଉଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନାଟର...

ଏକଦା ଦଳର ବରିଷ୍ଠ ନେତା ଦେବାଶିଷ ସାମନ୍ତରାୟ କହିଥିଲେ ଯେ କ୍ରୀତଦାସଙ୍କର ରାଜନୈତିକ ଅଭିଜ୍ଞତା ଶୂନ। ସେତେବେଳେ ଅନେକ ଏହାକୁ ହସରେ ଉଡ଼ାଇ ଦେଇଥିଲେ। କାରଣ ଦଳରେ ମିଶ୍ରଣଠାରୁ ପ୍ରାର୍ଥୀ ଚୟନ ପର୍ଯ୍ୟନ୍ତ ସବୁଥିରେ କ୍ରୀତଦାସ ହିଁ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲେ। ହେଲେ ନିର୍ବାଚନ ଫଳାଫଳ ଆସିବା ପରେ ଦେବାଶିଷଙ୍କ ମନ୍ତବ୍ୟରେ ସତ୍ୟତା ଥିବା ଜଣାପଡ଼ିଥିଲା। କ୍ରୀତଦାସ ଯେଉଁ ଜିଲ୍ଲା ଦାୟିତ୍ୱରେ ଥିଲେ, ସେଠାରେ ବିଜେଡି ଚିତ୍‌ପଟାଙ୍ଗ ମାରିବା ସହ ନିଜେ ହାରିଗଲେ ଓ ନିଜ ଜିଲ୍ଲାରେ ବି ବିଜେଡିକୁ ଜିତାଇପାରିଲେ ନାହିଁ।

ଏବେ ପୁଣିଥରେ ଦଳ କେବଳ ସଙ୍କଟରେ ପଡ଼ିନାହିଁ, ଭାଗ ଭାଗ ହେବାକୁ ଯାଉଥିବା ନେଇ ବିଜେଡି ନେତାମାନେ ଖୋଦ୍ ବୟାନବାଜି କରୁଥିବା ବେଳେ କ୍ରୀତଦାସ କାହିଁକି ନିରବ ରହୁଛନ୍ତି, ତାହାକୁ ନେଇ କର୍ମୀ ମହଲରେ ଆଶ୍ଚର୍ଯ୍ୟ ପ୍ରକଟ କରାଯାଇଛି। ନବୀନଙ୍କ ପାରମ୍ପରିକ ଶତ୍ରୁ କୁହାଯାଉଥିବା ବିଜୟ ମହାପାତ୍ରଙ୍କ ପୁଅକୁ ଆଣି ବିଜେଡିରେ ମିଶାଇବା ପରେ ଏବେ ଯେଉଁ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି, ସେଥିପାଇଁ ନବୀନ କ୍ରୀତଦାସଙ୍କୁ ଡାକି ପଚାରିବା ସହ ତାଙ୍କ ବିରୁଦ୍ଧରେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି କର୍ମୀମାନେ ମତ ଦେଉଛନ୍ତି। ଏଥିସହ କ୍ରୀତଦାସ ପକାଇଥିବା ମୂଳଦୂଆ ଉପରେ କେଉଁମାନେ ପାଦ ରଖି ବିଜେଡିକୁ ଭାଙ୍ଗିବାକୁ ଚେଷ୍ଟା କରୁଛନ୍ତି, ସେମାନଙ୍କୁ ମଧ ଖୋଜି ବାହାର କରି ମୁଖା ଖୋଲିବାକୁ ମତ ପ୍ରକାଶ ପାଉଛି ।

## ଇଡି...

ରୁଷିକୂଲ୍ୟା ନଦୀ ପଠା, ଯେଉଁଠି ଦିନ ରାତି ବେଧଡକ ବାଲି ଚାଲାଣ ହେଉଥିଲା, ସେଠି ଏବେ ଛତ୍ରଭଙ୍ଗ ଦେଇଛନ୍ତି ମାଫିଆ। କ୍ରମାଗତ ଭାବେ ଗଞ୍ଜାମ ମାଫିଆଙ୍କ ମୁଣ୍ଡରେ ଚଡ଼କ ପଡିବା ପରେ ସେମାନଙ୍କ ଚିନ୍ତା ବଢ଼ିଛି। ସୋମବାର ମୁହଁ ଖୋଲିଛନ୍ତି ଇଡି ଜାଲରେ ଫସିଥିବା ବିଜେଡି ନେତା ହୃଷିକେଶ ପାଢ଼ୀ। ତାଙ୍କ ଘରୁ ଜବତ ବିଡ଼ା ବିଡ଼ା ନୋଟ ସମ୍ପର୍କରେ ସଫେଇ ଦେବା ସହ ସେ କହିଛନ୍ତି, ମୋ ପାଖରୁ କେବଳ ୨୫ ଲକ୍ଷ ଟଙ୍କା ଜବତ ହୋଇଛି। ଆଉ ସେହି ଟଙ୍କା ସେ କରିଥିବା ଶିରିଡ଼ି ସାଇ ମନ୍ଦିର ହୁଣ୍ଡିର ଏବଂ ପୈତୃକ ସମ୍ପତ୍ତି ବିକ୍ରିର।

ଗଞ୍ଜାମରେ ମାଫିଆ ଏକପ୍ରକାର ଛାନିଆ ହେବା ପରେ ଏବେ ଭଦ୍ରକରେ ପଶିଲାଣି ଡର। ପୁଲିସ ଆକ୍ସନ ଭୟରେ ରାସ୍ତା ଉପରେ ବାଲି ଢାଳି ଦେଇ ହାଇୱା ଡ୍ରାଇଭର ଫେରାର୍ ମାରିଛନ୍ତି। ଏହି ଘଟଣାରେ ମଧ ପୁଲିସ ୫ ଜଣ ହାଇୱା ଚାଳକଙ୍କୁ ଅଟକ ରଖିଛି। ଆନନ୍ଦପୁର ବୈତରଣୀ ନଦୀର ବିଭିନ୍ନ ଘାଟରୁ ଏମାନେ ବାଲି ବୋଝେଇ କରି ଭଦ୍ରକ ଚାଲାଣ କରୁଥିବା ଜଣାପଡ଼ିଛି।

ସମାନ ଚିତ୍ର କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ। ବ୍ରାହ୍ମଣୀ ନଦୀର ବିଭିନ୍ନ ସ୍ଥାନରୁ ବାଲି ଉଠାଯାଉଛି। କିଛି ସ୍ଥାନରେ ଅନୁମତି ରହିଥିଲେ ବି ବିନା ଅନୁମତିରେ ଅଧିକାଂଶ ଜାଗାରୁ ବାଲି ଚୋରାଚାଲାଣ ହେଉଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଲୋକଙ୍କ ତହସିଲ ଅଫିସ ଘେରାଉ ପରେ ଭାଙ୍ଗିଛି ପ୍ରଶାସନର ନିଦ। ମାଇନିଂ ଅଫିସର, ଅତିରିକ୍ତ ତହସିଲଦାର, ପୁଲିସ ଅଧିକାରୀ ମିଶି ଉଚ୍ଛେଦ କରିଛନ୍ତି। ସେହିଭଳି ଭୁବନେଶ୍ୱର ପାହାଳ ସହ କଟକ ଓ ଗଞ୍ଜାମ ଜିଲ୍ଲାର ମୋଟ ୨୫ଟି ଜାଗାରେ ଚଢ଼ାଉ କରିଛି ଇଡି। ୬ଟି ରାଜ୍ୟରୁ ଇଡିର ବଛା ବଛା ୧୭୫ ଜଣ ଅଫିସର ଆସି ଘଣ୍ଟାଚକଟା କରିଛନ୍ତି। ତେଣେ ଖଣି ମନ୍ତ୍ରୀଙ୍କ ଜିଲ୍ଲାରେ ଖଣିଖାଦାନରୁ ଚୋରିକୁ ନେଇ ତାଙ୍କୁ ଘେରିଛି ବିରୋଧୀ ବିଜେଡି। ଇଡି ଚଢ଼ାଉ କରିଥିବା ସୁନୀଲ ପାତ୍ରଙ୍କ ସହ ଖଣି ମନ୍ତ୍ରୀ ବିଭୁତି ଜେନାଙ୍କ ଲିଙ୍କ ଅଭିଯୋଗ ଆଣି ବିଜେଡି ତାଙ୍କ ଇସ୍ତଫା ବି ଦାବି କରିଛି। ଜବାବରେ ଖଣି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ ଏହା ବିଜେଡିର ଏକ ବାଚଳାମୀ। ମନ୍ତ୍ରୀଙ୍କ ବନ୍ଧୁ ହୁଅନ୍ତୁ କି ଯିଏ ବି ହୁଅନ୍ତି, ବେଆଇନ ଖଣି ଖନନ ବିରୋଧରେ ମୋହନ ସରକାରଙ୍କ ଶୂନ୍ୟ ସହନଶୀଳତା ନୀତି ରହିଛି।

## ୨୦୨୬...

ପ୍ରତିଶତ ରହିବ ବୋଲି ଆକଳନ କରିଥିଲା। ଏବେ ଆଇଏମ୍‌ଏଫ୍‌ର ପୂର୍ବାନୁମାନ ମଧ ଏହାର ପାଖାପାଖି ରହିଛି। ୨୦୨୬ ପରେ ସାମୟିକ ଭାବେ ଅଭିବୃଦ୍ଧି ହାର ସାମାନ୍ୟ କମିବାର ସମ୍ଭାବନା ରହିଛି। ପରବର୍ତ୍ତୀ ଦୁଇ ଆର୍ଥିକ ବର୍ଷରେ ଏହା ପ୍ରାୟ ୬.୪ ପ୍ରତିଶତ ରହିବା ନେଇ ଆଇଏମ୍‌ଏଫ୍ ପକ୍ଷରୁ ଅନୁମାନ କରାଯାଇଛି। ଖାଦ୍ୟ ସାମଗ୍ରୀର ଦର ହ୍ରାସ ଯୋଗୁଁ ୨୦୨୫ ଶେଷ ସୁଦ୍ଧା ମୁଦ୍ରାସ୍ଫୀତି ନିୟନ୍ତ୍ରଣକୁ ଆସିବ। ଏଥିସହ ଆନ୍ତର୍ଜାତୀୟ ବଜାରରେ କଞ୍ଚା ତୈଳ ଦର ହ୍ରାସ ପାଇବା ଭାରତ ପରି ଏକ ପ୍ରମୁଖ ଆମଦାନୀକାରୀ ଦେଶ ପାଇଁ ନିଶ୍ଚିତ ଭାବେ ଆଶ୍ୱସ୍ତିକର ଖବର। ବିଶେଷକରି ଆମେରିକା ପକ୍ଷରୁ ଭାରତ ଉପରେ ଲାଗିଥିବା ଦୁଇ ଗୁଣ ଟାରିଫ୍ ଓ ବୈଶ୍ୱିକ ଅସ୍ଥିରତା ବିଶ୍ୱ ଅର୍ଥନୀତି ଉପରେ ଚାପ ପକାଇବାର ସମ୍ଭାବନା ଥିଲେ ହେଁ ଆଇଏମ୍‌ଏଫ୍‌ର ନୂଆ ଆକଳନ ନିଶ୍ଚିତ ଭାବେ ଭାରତୀୟ ଅର୍ଥନୀତିକୁ ବଳଶାଳୀ କରିବ। ଏହି ପରିପ୍ରେକ୍ଷୀରେ ୨୦୨୬ ଓ ୨୦୨୭ରେ ବିଶ୍ୱ ଅଭିବୃଦ୍ଧି ହାର ଯଥାକ୍ରମେ ୩.୩ ଓ ୩.୨ ପ୍ରତିଶତ ରହିବା ଆଶା କରାଯାଉଛି। ତା’ଛଡ଼ା ଆଇଏମ୍‌ଏଫ୍‌ର ଏହି ସକାରାତ୍ମକ ଆକଳନ ଭାରତୀୟ ବଜାରରେ ନିବେଶକଙ୍କ ଆତ୍ମବିଶ୍ୱାସ ମଧ ବଢ଼ାଇବ।

ଗତ ବର୍ଷ ନଭେମ୍ବରରେ ଜୁଲାଇ-ସେପ୍ଟେମ୍ବର ତ୍ରୈମାସ ପାଇଁ ଅଭିବୃଦ୍ଧି ହାର ସମସ୍ତ ପ୍ରକାର ଆକଳନକୁ ପଛରେ ପକାଇ ୮.୨ ପ୍ରତିଶତରେ ପହଞ୍ଚିଥିଲା। ଏହାକୁ ଭିତ୍ତି କରି ଗତ ଡିସେମ୍ବରରେ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ପକ୍ଷରୁ ଚଳିତ ଆର୍ଥିକ ବର୍ଷରେ ଅଭିବୃଦ୍ଧି ହାର ୭.୩ ପ୍ରତିଶତରେ ପହଞ୍ଚିବ ବୋଲି ଆକଳନ କରାଯାଇଥିଲା।

## ଆଜିଠୁ...

ରାଜ୍ୟ ପ୍ରଭାରୀ ଓ ଜାତୀୟ ପଦାଧିକାରୀ ସମେତ ଅନ୍ୟାନ୍ୟ ବରିଷ୍ଠ ନେତାମାନେ ଯୋଗଦେବେ। ନିର୍ବାଚନ ପ୍ରକ୍ରିୟା ବିଜେପି ମୁଖ୍ୟାଳୟରେ ସମାପ୍ତ ହେବ। ପ୍ରଧାନମନ୍ତ୍ରୀ ସମାବେଶକୁ ମଧ ସମ୍ବୋଧିତ କରିପାରନ୍ତି। ରାଷ୍ଟ୍ରୀୟ ସଭାପତି ନିର୍ବାଚିତ ହେବା ପରେ, ନୀତିନ ନବୀନ ଆସନ୍ତା ୨୧ରେ ସମସ୍ତ ଜାତୀୟ ପଦାଧିକାରୀଙ୍କ ସହ ଏକ ଆନୁଷ୍ଠାନିକ ବୈଠକ କରିବେ। ଏହି ବୈଠକରେ ସମସ୍ତ ଜାତୀୟ ପଦାଧିକାରୀଙ୍କ ସହ ରାଜ୍ୟ ସଭାପତି, ରାଜ୍ୟ ସଂଗଠନ ସାଧାରଣ ସମ୍ପାଦକ ଏବଂ ରାଜ୍ୟ ପ୍ରଭାରୀମାନେ ଯୋଗଦେବେ। ନୀତିନ ଏହି ଅବସରରେ ସମସ୍ତ ପଦାଧିକାରୀଙ୍କୁ ମଧ ସମ୍ବୋଧିତ କରିବେ। ଏଥିସହ ଦଳର ଅନ୍ୟାନ୍ୟ ପ୍ରମୁଖ ପଦପଦବୀ ସକାଶେ ମଧ ନିର୍ବାଚନ ଅନୁଷ୍ଠିତ ହୋଇଛି। ତେବେ ବିଜେପିର ଏହି ନିର୍ବାଚନର ଏକ ବିଶେଷତ୍ୱ ହେଉଛି ଯେ ଏଥିରେ ଦଳ ମୁଖ୍ୟତଃ ଯୁବପିଢ଼ିକୁ ଅଧିକ ଗୁରୁତ୍ୱ ଦେଇଛି। ତେଣୁ ନିର୍ବାଚିତ ହୋଇଥିବା ସଦସ୍ୟମାନଙ୍କ ବୟସ ୪୫ ବର୍ଷ ଭିତରେ ରହିଛି।

## କଏଦୀ...

ପରସ୍ପର ଉପରକୁ କାଦୁଅ ପିଙ୍ଗା ଜେଲ ପରିଚାଳନା ଓ ଶୃଙ୍ଖଳା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସବୁଠୁ ଉଦ୍‌ବେଗର କଥା ହେଉଛି ଯେ ଦୁଇ ଅଧିକାରୀଙ୍କ ପରସ୍ପର ବିରୋଧୀ ଏଫଆଇଆର ଏବେ ସୋସିଆଲ ମିଡିଆରେ ବୁଲୁଛି। ପୁଲିସ ପ୍ରଶାସନରେ ସବୁବେଳେ ଶୃଙ୍ଖଳା ଓ ନିର୍ଦ୍ଦେଶ ଅନୁପାଳନକୁ ପ୍ରାଧାନ୍ୟ ଦିଆଯାଉଥିବା ବେଳେ ଦୁଇ ବରିଷ୍ଠ ଅଧିକାରୀଙ୍କ କଳି ସୋସିଆଲ ମିଡିଆରେ ମୋବାଇଲରୁ ମୋବାଇଲକୁ ଘୂରି ବୁଲିବା ବ୍ୟବସ୍ଥାଗତ ତ୍ରୁଟିକୁ ପଦାରେ ପକାଇଛି। ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ବିଭାଗରେ ଏଭଳି ଘଟଣା ଘଟୁଥିବା ବେଳେ ପୁଲିସ ଡିଜି ଓ ଜେଲ ଡିଜି କାହିଁକି ନିରବଦ୍ରଷ୍ଟା ସାଜିଛନ୍ତି, ତାହା ବୁଦ୍ଧିଜୀବୀଙ୍କୁ ଚକିତ କରୁଛି। ତିନି ମାସ ଧରି ଆଭ୍ୟନ୍ତରୀଣ ତଦନ୍ତରେ କଏଦୀ ଫେରାର ପାଇଁ ଦାୟୀ କିଏ ଓ ସୁରକ୍ଷା ବ୍ୟବସ୍ଥାରେ କି ପ୍ରକାର ଅବହେଳା ହୋଇଥିଲା, ତାହା ବି ଲୋକଲୋଚନକୁ ଆସିଲା ନାହିଁ।

## ଲୁଟିନେଲେ...

ଅଭିଯୋଗ ହୋଇଛି। ସୂଚନା ପାଇବା ପରେ ବଡ଼ବିଲ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପୁଲିସ ପକ୍ଷରୁ ସିସିଟିଭି କ୍ୟାମେରା ଫୁଟେଜ୍ ଯାଞ୍ଚ କରାଯିବା ସହ ଡକାୟତମାନେ କେଉଁ ଦିଗକୁ ଫେରାର ହୋଇଛନ୍ତି, ସେନେଇ ତଦନ୍ତକୁ ଜୋରଦାର କରାଯାଇଛି। ଲୁଟେରାମାନଙ୍କୁ ଧରିବା ସକାଶେ ଜିଲ୍ଲାର ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରାଯାଇ ଡକାୟତମାନଙ୍କୁ ଧରିବା ପାଇଁ ପୁଲିସ ଚେଷ୍ଟା ଚଳାଇଛି। ବ୍ୟାଙ୍କ ପକ୍ଷରୁ ଲୁଟ୍ ହୋଇଥିବା ନଗଦ ଟଙ୍କା ଓ ସୁନାର ସଠିକ୍ ପରିମାଣ ସମ୍ପର୍କରେ ସୂଚନା ଏପର୍ଯ୍ୟନ୍ତ ମିଳିନାହିଁ। ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଏହି ଘଟଣା ପରେ ସହରବାସୀମାନଙ୍କ ମଧ୍ୟରେ ସୁରକ୍ଷାକୁ ନେଇ ଗଭୀର ଚିନ୍ତା ପ୍ରକାଶ ପାଇଛି। ବିଶେଷକରି ଅର୍ଥ ନେଣଦେଣ କାରବାର କରୁଥିବା ସଂସ୍ଥାମାନେ ଅଧିକ ଭୟଭୀତ ହୋଇପଡ଼ିଛନ୍ତି।

## ଶ୍ରୀଜଗନ୍ନାଥଙ୍କ...

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସକାଶେ ଦାବି ହୋଇଛି। ଉକ୍ତ ଭିଡିଓରେ ସିଂହଦ୍ୱାର ସମ୍ମୁଖରେ ବିଶାଳ ଶ୍ରୀବିଗ୍ରହ ଉପରେ କ୍ରେନ୍‌ରେ କ୍ଷୀର ଢଳାଯାଉଥିବା ଦୃଶ୍ୟ ରହିଛି।

ପରମ୍ପରା ଅନୁସାରେ, ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରନ୍ତି ଶ୍ରୀଜିଉ। କେବଳ ନବଦିନାତ୍ମକ ଯାତ୍ରା ପାଇଁ ମହାପ୍ରଭୁ ସିଂହଦ୍ୱାର ବାହାରକୁ ଆସିଥାନ୍ତି। କିନ୍ତୁ ଏଆଇ ଦ୍ୱାରା ତିଆରି ଉକ୍ତ ଭିଡିଓରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ମହାପ୍ରଭୁଙ୍କ ବିଶାଳ ବିଗ୍ରହ ରହିଥିବା ବେଳେ ତାଙ୍କ ଉପରେ କ୍ରେନ୍‌ରେ କ୍ଷୀର ଢଳାଯାଉଥିବା ଦେଖିବାକୁ ମିଳିଛି। ଏପରିକି ଉକ୍ତ ଭିଡିଓରେ ବିଗ୍ରହଙ୍କ ପାଦ ବି ଦେଖିବାକୁ ମିଳୁଛି, ଯାହାକି ସମ୍ପୂର୍ଣ୍ଣ ଭାବେ ଅବାସ୍ତବ ଓ ଅତିରଞ୍ଜିତ। ଏପରି ଧୃଷ୍ଟତା ପଛରେ କାହାର କି ଚିନ୍ତାଧାରା ରହିଛି, ସେନେଇ କିଛି ବି ଜଣାପଡ଼ିନାହିଁ। କିନ୍ତୁ ସମ୍ପ୍ରତି ନିଜର ଭିଉ ବଢ଼ାଇବା ପାଇଁ ସୋସିଆଲ୍ ମିଡିଆ ୟୁଜର୍‌ମାନେ କିଛି ବି ଭିଡିଓ ଅପଲୋଡ୍ କରିବାକୁ ପଛାଉନାହାନ୍ତି। ଯଦି ଏହା ଶସ୍ତା ଭିଉରଶିପ୍ ହାସଲ କରିବା ପାଇଁ ଉଦ୍ଦିଷ୍ଟ ହୋଇଥାଏ, ତା’ହେଲେ ଏହା ବିରୋଧରେ ଠୋସ୍ ପଦକ୍ଷେପ ନେବା ସକାଶେ ଭକ୍ତ ମହଲରେ ଦାବି ହେଉଛି।

## ଅଫିସରଙ୍କ...

ପରିବର୍ତ୍ତନ ଆସିବ ବୋଲି ଆଶା କରାଯାଉଥିଲା। କିନ୍ତୁ ଯଥାପୂର୍ବଂ ତଥା ପରଂ ଭଳି ଏବେ ବି ଅଧିକାଂଶ ବିଭାଗର ଚିଠି ସରକାରୀ ଓ୍ୱେବସାଇଟକୁ ଆସୁନାହିଁ। ଏମିତି ଅନେକ ଉଦାହରଣ ଥିବା ବେଳେ ଗୋଟିଏ ବିଭାଗର ଇ-ଡେସପାଚ ସ୍ଥିତିକୁ ଆମେ ଏଠି ଦର୍ଶାଇଛୁ। ତାହା ହେଉଛି ଅବକାରୀ ବିଭାଗ। ଗତ ୨୦୧୮ ଡିସେମ୍ବର ମାସ ପରଠାରୁ ବିଭାଗର ଗୋଟିଏ ହେଲେ ଚିଠି ଅନଲାଇନକୁ ଆସିନାହିଁ।

କେବଳ ଅବକାରୀ ବିଭାଗ ନୁହେଁ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ହେଉ କି ଶକ୍ତି ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ଗୋଟିଏ ହେଲେ ଚିଠି, ବିଜ୍ଞପ୍ତି, ନିର୍ଦ୍ଦେଶନାମା, ବଦଳି ନିର୍ଦ୍ଦେଶ କିଛି ବି ସରକାରୀ ଓ୍ୱେବସାଇଟରେ ଅପଲୋଡ କରାଯାଉନି। କୃଷି ବିଭାଗରେ ୨୦୧୮ ଡିସେମ୍ବର ୨୬ ତାରିଖ ପରେ ୨୦୨୪ ଅକ୍ଟୋବର ୧୭ ତାରିଖରେ ଗୋଟିଏ ଚିଠି ଅପଲୋଡ କରାଯାଇଥିଲା। ତାର ବର୍ଷେ ପରେ ଅର୍ଥାତ ୨୦୨୫ ନଭେମ୍ବର ୧୫ ତାରିଖରେ ଶେଷ ଚିଠି ଅପଲୋଡ ହୋଇଛି। ୩ ମାସ ହେଲା ଗୋଟିଏ ବି ଚିଠି ଅପଲୋଡ କରାଯାଇନାହିଁ। ସ୍ୱାସ୍ଥ୍ୟ, ବିଦ୍ୟାଳୟ ଓ ଗଣଶିକ୍ଷା ଭଳି କିଛି ବିଭାଗକୁ ଛାଡ଼ିଦେଲେ ଅନ୍ୟ ବିଭାଗର କୌଣସି ଚିଠି ସାଧାରଣ ଲୋକଙ୍କ ପାଇଁ ଉପଲବ୍ଧ ହେଉନାହିଁ।

## ଭୁବନେଶ୍ୱରରୁ...

ନେବା ପାଇଁ ଶ୍ରୀ ସିଂହ ବିଭାଗୀୟ ଅଧିକାରୀ ଓ ଇଞ୍ଜିନିୟର୍‌ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କଟକ ସହରର ଭିଡ଼ ନିୟନ୍ତ୍ରଣ ଓ ଭୁବନେଶ୍ୱରରୁ ଜଗତସିଂହପୁର ଏବଂ ପାରାଦୀପକୁ ସିଧାସଳଖ ରାସ୍ତା ନିର୍ମାଣ ଉପରେ ମଧ ଆଲୋଚନା ହୋଇଛି। ଧାକୁଳେଇ ପୀଠ ନିକଟରୁ କନ୍ଦରପୁର ପର୍ଯ୍ୟନ୍ତ ଏକ ନୂଆ ଗ୍ରୀନ୍ ଫିଲ୍‌ଡ ରୋଡ୍ ନିର୍ମାଣ ପାଇଁ ନକ୍ସା ଏବଂ ଡିପିଆର୍ ପ୍ରସ୍ତୁତି ପାଇଁ ପ୍ରମୁଖ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହି ରାସ୍ତା ନିର୍ମାଣ ହେଲେ ଭୁବନେଶ୍ୱରରୁ ଜଗତସିଂହପୁର ଓ ପାରାଦୀପକୁ ଯିବା ପାଇଁ ଆଉ କଟକ ସହର ଭିତରେ ଯିବାକୁ ପଡ଼ିବ ନାହିଁ। ଏଥିସହ ଭୁବନେଶ୍ୱରରୁ ଜଗତସିଂହପୁର ଓ ପାରାଦୀପକୁ ଦୂରତ୍ୱ ହ୍ରାସ ପାଇବ।

ଏଥିସହ ଏହି ବୈଠକରେ ୨୦୬ କିମି ଦୀର୍ଘ କୋରାପୁଟ-ମୋହନା ରାସ୍ତାର ପ୍ରଶସ୍ତିକରଣ ଏବଂ ଜମି ଅଧିଗ୍ରହଣ ନେଇ ଆଲୋଚନା ହୋଇଛି। ସେହିପରି ଖୋର୍ଦ୍ଧା-ନୟାଗଡ଼ ରାସ୍ତାର ଉନ୍ନତିକରଣ ଓ ପ୍ରଶସ୍ତିକରଣ ସହ ଡିପିଆର୍ ଅନୁଯାୟୀ କାର୍ଯ୍ୟକୁ ତ୍ୱରିତ ବେଗରେ ଆଗେଇ ନେବା ପାଇଁ ଶ୍ରୀ ସିଂହ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ନିର୍ମାଣ ବିଭାଗର ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଲକ୍ଷ୍ମୀକାନ୍ତ ପାଢ଼ୀ, ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟର ଆଞ୍ଚଳିକ ଅଧିକାରୀ ସୁନୀଲ କୁମାର, ଜାତୀୟ ରାଜପଥ (ଓଡ଼ିଶା)ର ମୁଖ୍ୟ ଯନ୍ତ୍ରୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବଦଳିବ...

ସ୍ୱଚ୍ଛ, ଦକ୍ଷ ଏବଂ ଲୋକାଭିମୁଖୀ କରିବା ପାଇଁ ଏହାକୁ ଡିଜାଇନ କରାଯାଇଛି। ଅନେକ ବିଦ୍ୟମାନ ରାଜସ୍ୱ ଆଇନକୁ ଗୋଟିଏ ଆଇନରେ ମିଶ୍ରଣ କରାଯିବ, ଯାହାଦ୍ୱାରା ଜମି ନିୟମ ବୁଝିବା ଓ କାର୍ଯ୍ୟକାରୀ କରିବା ସହଜ ହେବ ବୋଲି ଶ୍ରୀ ପୂଜାରୀ କହିଛନ୍ତି।

ବ୍ରିଟିଶ କାଳରେ ହୋଇଥିବା ବ୍ୟବସ୍ଥା ଯୋଗୁଁ ପୁରୀରେ ଜମି ସମସ୍ୟା ଜଟିଳ ହୋଇପଡ଼ିଥିବା ସେ କହିଛନ୍ତି। ତେଣୁ ସରକାର ଏହି ଐତିହାସିକ ସମସ୍ୟାଗୁଡ଼ିକର ସମାଧାନ ପାଇଁ ଏହି ସମସ୍ତ ଯୋଜନା କରିଥିବା କୁହାଯାଇଛି। ପୁରୁଣା ବିବାଦର ସମାଧାନ ଓ ଭବିଷ୍ୟତରେ ଜବରଦଖଲକୁ ରୋକିବା ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମି ଓ ପୌର ନିୟନ୍ତ୍ରଣରେ ଥିବା ଜମିର କଡ଼ାକଡ଼ି ଯାଞ୍ଚ କରାଯାଉଛି। ଏଥିପାଇଁ ସରକାର ବାର୍ ଆସୋସିଏସନ, ରାଜସ୍ୱ ବିଭାଗ ଓ ଆଇନ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବେ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

## ହାରୁଥିବା ନେତାର ଚକ୍ରବ୍ୟୂହ

# ନିଜେ ଅସଫଳ, ଅନ୍ୟର ରାଜନୀତିରେ ଦେଉଛନ୍ତି ବିଷ



**ଯାଜପୁର,୧୯।୧ (ସଂଚାର ବ୍ୟୁରୋ):** ଯାଜପୁର ରାଜନୀତି ଏବେ ଏକ ଗମ୍ଭୀର ମୁହାଁମୁହିଁରେ। ଏହା କୌଣସି ଦଳୀୟ ଆକ୍ରମଣ ନୁହେଁ, ବରଂ ଲୋକତନ୍ତ୍ର ପାଇଁ ଏକ ସ୍ପଷ୍ଟ ଓ ଭୟଙ୍କର ଚେତାବନୀ। ଚାରିଥର ଲଗାତାର ନିର୍ବାଚନରେ ପରାଜିତ ଜଣେ ନେତା, ଯିଏ ନିଜ ମାଟିରେ ଲୋକଙ୍କ ଭରସା ସମ୍ପୂର୍ଣ୍ଣ ହରାଇଛନ୍ତି, ସେଇ ନେତା ଆଜି ଯାଜପୁର ରାଜନୀତିର "ରିମୋଟ୍ କଣ୍ଟ୍ରୋଲ୍" ହେବାର ଅଭିନୟ କରୁଛନ୍ତି। ସେ ହେଉଛନ୍ତି ଗୌତମ ରାୟ। ନିଜ ନିର୍ବାଚନ ମଣ୍ଡଳୀରେ ବାରମ୍ବାର ଜନମତରେ ପ୍ରତ୍ୟାଖାନ ହେବା ସତ୍ତ୍ୱେ, ତିନିଜଣ ବିଧାୟକଙ୍କ "ଉପଦେଷ୍ଟା" ସାଜି ରାଜନୀତି ଚଳାଇବାର ଚେଷ୍ଟା କରୁଛନ୍ତି। ଏହା ଅନ୍ୟ କିଛି ନୁହେଁ, ଯାଜପୁର ରାଜନୀତିର ସବୁଠାରୁ ବଡ଼ ଭ୍ରମ।

୨୦୨୪ ନିର୍ବାଚନରେ ଧର୍ମଶାଳାରେ ଲିକୁ ସାହୁଙ୍କ ବିଜେପି ଟିକେଟ କାଟିବା, ବିଜେଡି ସହ ହାତ ମିଶେଇ ରାସ୍ତାରେ ରାଜନୈତିକ "ମାରପିଟ" କରିବା, ସ୍ୱାଧୀନ ପ୍ରାର୍ଥୀ ହେବା ପରେ "ବେଇମାନ" ଟାଗ୍ ଲଗାଇବା, ପୁଣି ସ୍ମୃତିରେଖାଙ୍କ ପାଇଁ ପ୍ରଚାର କରି ନିଜକୁ ସାଫ କରିବା ଏହା ସବୁ କ'ଣ ଯୋଜନାବଦ୍ଧ କରିଥିଲେ। ଆଜି ସେଇ ଗୌତମ ରାୟ ବବିଙ୍କୁ ବିଜେପିକୁ ଆଣିବା ପାଇଁ ଦଲାଲି କରୁଛନ୍ତି। ଦୀର୍ଘ ୨୪ ବର୍ଷ ଧରି ବିଜେଡି ସରକାର ସହ ସଂଘର୍ଷ କରିଥିବା ଦେବଦୁର୍ଲଭ କାର୍ଯ୍ୟକର୍ତ୍ତାଙ୍କ ପାଇଁ କ'ଣ ଏହି ଉପହାର।

ଯାଜପୁରରେ ବିଜେପି ସଂଗଠନ ଗଢ଼ିବା ପାଇଁ ବିଜେପି ଜିଲ୍ଲା ସଭାପତି ଦେବଯାନୀ ପ୍ରଧାନ, ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ହିମାଂଶୁ ଶେଖର ସାହୁ, ଆକାଶ ଦାସ ନାୟକ ଓ ଅନ୍ୟ ନେତାମାନେ ଅଣ୍ଟା ଭିଡ଼ିଛନ୍ତି। ହେଲେ ମିଶ୍ରଣ ପର୍ବ ହେଲେ ଗେଷ୍ଟ ଭାବେ ପହଞ୍ଚି ସବୁ କ୍ରେଡିଟ ନେବାରେ ଗୌତମ ରାୟ ଆଗୁଆ। ନିଜ ନିର୍ବାଚନ ମଣ୍ଡଳୀ ତଥା ବିଜେଡି ଉପସଭାପତି ପ୍ରଣବ ପ୍ରକାଶ ଦାସଙ୍କ ଏରିଆରେ ଗୌତମଙ୍କ ମିଶ୍ରଣ ପର୍ବ କାହିଁକି ଏପର୍ଯ୍ୟନ୍ତ ଦେଖାଯାଇନାହିଁ-ସେଥିପାଇଁ ରାଜନୈତିକ ମହଲରେ ପ୍ରଶ୍ନ ଉଠୁଛି। ଦଶରଥପୁର–ମଙ୍ଗଳପୁରରେ ଗୋଟିଏ ମହୋତ୍ସବ କରିବାର ସାହସ ନାହିଁ, କିନ୍ତୁ ଧର୍ମଶାଳା ମହୋତ୍ସବରେ ସକାଳୁ ସନ୍ଧ୍ୟାଯାଏଁ ଫଟୋ ଓ ଭିଡିଓ ପାଇଁ ପଡ଼ି ରହିବା ଏହା ଲୋକସେବା ନୁହେଁ।

ରାଜନୈତିକ ବିଶେଷଜ୍ଞଙ୍କ ମତ ଅନୁସାରେ, ଗୌତମ ରାୟଙ୍କ ଏହି ଚକ୍ରବ୍ୟୂହ ଆଗାମୀ ଦିନରେ ହିମାଂଶୁ ଶେଖର ସାହୁ, ଆକାଶ ଦାସ ନାୟକ, ଅମର ନାୟକ ପରି ନେତାଙ୍କ ରାଜନୈତିକ କ୍ୟାରିଅରକୁ କଳୁଷିତ କରିପାରେ। ଲୋକଙ୍କ ଭରସାରେ ଯେତେବେଳେ ଅମର ନାୟକ, ଆକାଶ ଦାସ ନାୟକ, ଲିକୁ ସାହୁ ପରି ନେତା ଦିନକୁ ଦିନ ଶକ୍ତିଶାଳୀ ହେଉଛନ୍ତି, ସେତେବେଳେ ଚାରିଥର ହାରୁଥିବା ଜଣେ ନେତାର ଏହି ଷଡ଼ଯନ୍ତ୍ର ଆଉ କେତେଦିନ ଚାଲିବ ଯାଜପୁର ରାଜନୀତି ଏବେ ଏହାର ଉତ୍ତର ଚାହୁଁଛି।

## ପ୍ରେସ ଫୋରମ୍ ପକ୍ଷରୁ ନୂତନ ଏସ୍‌ଡିପିଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**ଆନନ୍ଦପୁର,୧୯।୧ (ସଂଚାର ବ୍ୟୁରୋ):** ଆନନ୍ଦପୁରରେ କମଳ କୁମାର ପଣ୍ଡା ନୂତନ ଏସ୍‌ଡିପିଓ ଭାବେ ଯୋଗଦେବା ପରେ ଆଜି ଆନନ୍ଦପୁର ପ୍ରେସ ଫୋରମ୍ ପକ୍ଷରୁ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପୂର୍ବରୁ କାର୍ଯ୍ୟଭାର ଦାୟିତ୍ୱରେ ଥିବା ଏସ୍‌ଡିପିଓ ପ୍ରଶାନ୍ତ ବେହେରାଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଜଣାଇଥିଲେ। ତେବେ ଏଠାରେ ଥିବା ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରାଙ୍କର କେନ୍ଦୁଝରକୁ ବଦଳି ହୋଇଛି। ଆନନ୍ଦପୁରରେ ଶ୍ରୀ ବେହେରାଙ୍କ କାର୍ଯ୍ୟ ଶୈଳୀକୁ ନେଇ ଉପଖଣ୍ଡବାସୀ ବେଶ ପ୍ରଶଂସା କରିଛନ୍ତି। ଶ୍ରୀ ପଣ୍ଡା ବଲାଙ୍ଗୀରରୁ ବଦଳି ହୋଇ ଏଠାକୁ ଆସିବା ପରେ କେନ୍ଦୁଝର ଏସ୍‌ପିଙ୍କୁ ସାକ୍ଷାତ କରି ଦାୟିତ୍ୱ ଗ୍ରହଣ କରିଛନ୍ତି। ଆନନ୍ଦପୁରର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ବାଲି, ପଥର, ଗୋରୁ ମାଫିଆଙ୍କ ଦୌରାତ୍ମ୍ୟ ନୂତନ ଏସ୍‌ଡିପିଓଙ୍କ ପାଇଁ ଚ୍ୟାଲେଞ୍ଜ ହେବ ବୋଲି କୁହାଯାଉଥିବା ବେଳେ ଆଇନଶୃଙ୍ଖଳାକୁ ସୃଙ୍ଖଳିତ ଭାବେ ବଜାଇ ରଖିବା ପାଇଁ ଉପଖଣ୍ଡବାସୀ ଆଶା ପ୍ରକୋଟ କରିଛନ୍ତି। ଏହି ସମ୍ବର୍ଦ୍ଧନା ସଭାରେ ଆନନ୍ଦପୁର ପ୍ରେସ ଫୋରମ୍ ର ସଭାପତି ଉମେଶ ଚନ୍ଦ୍ର ପାଢ଼ୀ, ଲକ୍ଷ୍ମଣ କୁମାର ବେହେରା, ଜ୍ୟୋତିରଂଜନ ଜେନା, ଗଣେଶ୍ୱର ସା, ଅସିତ୍ କୁମାର ନାହାକ, ସାଧୁ ଚରଣ ବାରିକ୍ ଯୋଗ ଦେଇଥିଲେ।

## ଉତ୍କଳ ସାମ୍ବାଦିକ ସଂଘର ସାଙ୍ଗଠନିକ ବୈଠକ ଓ ମିଶ୍ରଣ ପର୍ବ



**ଧାମନଗର,୧୯।୧ (ସଂଚାର ବ୍ୟୁରୋ):** ଧାମନଗର ବ୍ଲକ ଉତ୍କଳ ସାମ୍ବାଦିକ ସଂଘର ନବ ବର୍ଷର ବନ୍ଧୁମିଳନ ଓ ସାଙ୍ଗଠନିକ ବୈଠକ ରବିବାର ସଂନ୍ଧ୍ୟାରେ ଧାମନଗର ସ୍ଥିତ ଜଳସେଚନ ବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସଂଘର ବରିଷ୍ଠ ସଦସ୍ୟ ସେକ ଜାଫର ଅଲ୍ଲୀଙ୍କ ପ୍ରସ୍ତାବ ଓ ସଂପାଦକ ବିବେକାନନ୍ଦ ପଣ୍ଡାଙ୍କ ସମର୍ଥନ କ୍ରମେ ଜିଲ୍ଲା ସଭାପତି ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ କମିଟିର ସଦସ୍ୟ ଅପୂର୍ବ ରଞ୍ଜନ ବହେରା, ଧାମନଗର ଉତ୍କଳ ସାମ୍ବାଦିକ ସଂଘର ସଭାପତି ସୁଶାନ୍ତ କୁମାର ରାଉତ, ସଂପାଦକ ବିବେକାନନ୍ଦ ପଣ୍ଡା, ବରିଷ୍ଠ ସାମ୍ବାଦିକ ଜାଫର ଅଲ୍ଲୀ, ସନ୍ତୋଷ କୁମାର ଦାସ, ଦିପ୍ତିରଞ୍ଜନ ନାୟକ, ସଂଜୀବ ନାୟକ, ଜଗନ୍ନାଥ ବେହେରା, ରତିକାନ୍ତ ନାୟକ, ପ୍ରଶାନ୍ତ ଦ୍ୱିବେଦୀ, ଦିନକୃଷ୍ଣ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସଂଘର ସଦସ୍ୟମାନଙ୍କୁ ପ୍ରଥମେ ନବ ବର୍ଷର ଅଭିନନ୍ଦନ ଜଣାଇବା ସହିତ ସଂଘର ସାଙ୍ଗଠନିକ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଆଗାମୀ ଦିନରେ ସଂଘକୁ କିପରି ଧାମନଗରେ ସୁଦୃଢ଼ କରାଯାଇପାରିବ ତାହା ଉପରେ ଉପସ୍ଥିତ ସଭ୍ୟମାନଙ୍କଠାରୁ ବହୁ ଉପାଦେୟ ମତାମତ ନେବା ସହିତ ନିଷ୍ପତି ନିଆଯାଇଥିଲା। ସେହିପରି ଆଜିର ସାଙ୍ଗଠନିକ ବୈଠକରେ ୧୫ରୁ ଅଧିକ ସାମ୍ବାଦିକଙ୍କୁ ନୂତନ ସଭ୍ୟ ଭାବରେ ନିଆଯାଇଛି। ନୂତନ ସଭ୍ୟମାନଙ୍କୁ ପୁଷ୍ପଗୁଛ ଓ ଉତ୍ତରୀୟ ଦିଆଯାଇ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆସନ୍ତା ମାସ ଧୁଷୁରି ଠାରେ ଏକ ପ୍ରସ୍ତୁତି ବୈଠକ ସହିତ ଜିଲ୍ଲାସ୍ତରୀୟ ସାଙ୍ଗଠନିକ ବୈଠକ ପାଇଁ ନିଷ୍ପତ୍ତି ନିଆଯିବାର କାର୍ଯ୍ୟକ୍ରମ ରଖାଯାଇଛି।

# ଚାରିଚକିଆ ଗାଡ଼ିକୁ ହେଲମେଟ୍ ଫାଇନ୍

## ଲୋକେ ହଟହଟ୍ଟା, ଅଫିସର ବେଫିକର




**ନବରଙ୍ଗପୁର/ପାପଡ଼ାହାଣ୍ଡିର,୧୯।୧ (ସଂଚାର ବ୍ୟୁରୋ):** ଚାରିଚକିଆ ଗାଡ଼ିକୁ ହେଲମେଟ ଫାଇନ୍ । ଚାରିଚକିଆ ଗାଡ଼ିକୁ ବାଇକ୍ ଦର୍ଶାଇ ବିନା ହେଲମେଟ୍‌ରେ ଗାଡ଼ି ଚଳାଉଥିବା ନେଇ ୧ ହଜାର ଟଙ୍କାର ଚାଲାଣ କଟାଯାଇଛି । କେବଳ ସେତିକି ନୁହେଁ, ଏକ ବୋଲେରୋକୁ ମିନି ବସ୍ ଦର୍ଶାଇ ଚାଲାଣ କଟାଯାଇଛି । ଏଭଳି ତ୍ରୁଟିପୂର୍ଣ୍ଣ ଚାଲାଣ କାଟି ଫାଇନ୍ ପରେ ଫାଇନ ଆଦାୟ କରାଯାଉଛି । ଗୋଟେପଟେ ତ୍ରୁଟିପୂର୍ଣ୍ଣ ଚାଲାଣ କଟାଯାଉଥିବା ବେଳେ ଜରିମାନା ଜମା ନହେଲେ ଗାଡ଼ିର ପ୍ରଦୂଷଣ ସାର୍ଟିଫିକେଟ୍ ଦିଆଯାଉନି। ଏଭଳି ଅଭିଯୋଗ କରିଛନ୍ତି, ପାପଡ଼ାହାଣ୍ଡିର ମନୋରଞ୍ଜନ ପଣ୍ଡା।

ଶ୍ରୀ ପଣ୍ଡା କହିଛନ୍ତି, ଏବେ ବିନା ପ୍ରଦୂଷଣ ସାର୍ଟିଫିକେଟରେ ରାସ୍ତାରେ ଗାଡ଼ି ଗଡ଼ିଲେ ୧୦ ହଜାର ଟଙ୍କା ଜରିମାନା ଦେବାକୁ ପଡୁଛି। ତ୍ରୁଟିପୂର୍ଣ୍ଣ ଚାଲାଣ କଟାଯାଇଥିବାରୁ ଜରିମାନା ପୈଠ ହୋଇନି। ଯଦ୍ୱାରା ପଦାକୁ ଗାଡ଼ି ବାହାର କରି ପାରୁନାହାନ୍ତି। କେବଳ ଏହି ଗୋଟିଏ ଘଟଣା ନୁହେଁ, ଜିଲ୍ଲାରେ ଅନେକ ଯାନବାହନକୁ ଏଭଳି ତ୍ରୁଟିପୂର୍ଣ୍ଣ ଚାଲାଣ କଟାଯାଉଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହୋଉଛନ୍ତି।

୨୬ନଂ ଜାତୀୟ ରାଜପଥରେ ଦ୍ରୁତଗତିରେ ଯାତାୟାତ କରୁଥିବା ଯାନବାହନ ଉପରେ ମେସିନ୍ ଲଗାଇ ଚାଲାଣ କଟାଯାଉଛି। କିନ୍ତୁ ଜାତୀୟ ରାଜପଥର କେଉଁ ଅଞ୍ଚଳରେ କେତେ ଗତିରେ ଯାନବାହନ ଚଳାଚଳ କରିବ କୌଣସିଠାରେ ସତର୍କ ଫଳକ ଲଗାଯାଇ ନାହିଁ। ଏସବୁ କାରଣରୁ ଯାନବାହନ ମାଲିକ ରାସ୍ତାରେ ଗାଡ଼ି ଚଳାଇବାକୁ ଭୟ କରୁଛନ୍ତି। ଜିଲ୍ଲାରେ ପିୟୁସି ପାଇଁ ଆବଶ୍ୟକ ଭିତ୍ତିଭୂମି ନାହିଁ, ବିଭାଗ ଲୋକଙ୍କୁ ସେବା ଯୋଗାଇବାରେ ବିଫଳ ହୋଇଛି। ଏସମ୍ପର୍କରେ ଆଞ୍ଚଳିକ ପରିବହନ ଅଧିକାରୀ ଜିତେନ୍ଦ୍ର ଭୋଇଙ୍କ ପ୍ରତିକ୍ରିୟା ମିଳିପାରିନି।

## ବାଇକ ଦୁର୍ଘଟଣାରେ ଦୁଇ ମୃତ



**ଫୁଲବାଣୀ,୧୯।୧ (ସଂଚାର ବ୍ୟୁରୋ):** ଫୁଲବାଣୀରୁ ମଣ୍ଡାସୂରକୁ ଆଶୁତୋଷ ପ୍ରଧାନ ଓ ସୁଷମା କହଁର ଏକ ବାଇକ୍‌ରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଯାଇଥିଲା। ଘଟଣା ସ୍ଥଳରେ ପୁଅ ମୃତ ହୋଇଥିବା ବେଳେ ମେଡିକାଲରେ ଝିଅର ମୃତ୍ୟୁ ଘଟିଛି। ମୃତ ଆଶୁତୋଷର ଘର ସଦର୍ ଥାନା ଅନ୍ତର୍ଗତ କେରେଡି ପଞ୍ଚାୟତର କାମ୍ବାଗୁଡ଼ା ବୋଲି ସୂଚନା ମିଳିଛି। ଦୁଇଟି ବାଇକ୍‌ରେ ଚାରି ଜଣ ଯାଉଥିଲେ। ପ୍ରଥମେ ଏକ ବାଇକ୍‌ରେ ଦୁଇଜଣ ଯିବା ପରେ ଏହି ଦୁଇ ଜଣ ଅନ୍ୟଏକ ବାଇକ୍‌ରେ ଯାଉଥିବାବେଳେ ଏପରି ଦୁର୍ଘଟଣା ଘଟିଛି। ସାରଙ୍ଗଗଡ ଥାନା ଅଧିକାରୀ ସ୍ମିତା ଜେନା, ଦେବାଶିଷ ମହାପାତ୍ର, ଚତୁର୍ଭୁଜ ମଲ୍ଲିକ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏ ନେଇ ଥାନାରେ ୨୧/୨୦୨୬ ରେ ଏକ ମାମଲା ରୁଜୁ ହୋଇଥିବାର ଜଣା ପଡ଼ିଅଛି।

## ରାୟଗଡ଼ା ଜିଲ୍ଲା ମିଡିଆ କେୟାର୍ସ ପକ୍ଷରୁ ବୈଠକ




**ରାୟଗଡ଼ା,୧୯।୧ (ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲା ମିଡିଆ କେୟାର୍ସ ପକ୍ଷରୁ ସାଧାରଣ ପରିଷଦ ବୈଠକ ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବୈଠକରେ ଜିଲ୍ଲାର ସମସ୍ତ ୧୧ ବ୍ଲକ ଓ ତିନି ସହରରେ କାର୍ଯ୍ୟରତ ୨୦୦ ଜଣ ସାମ୍ବାଦିକ ଯୋଗ ଦେଇଥିଲେ। ଏହି ଅବସରରେ ମିଡିଆ କେୟାର୍ସର ରାଜ୍ୟ ସଭାପତି ଭକ୍ତ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ରାଜ୍ୟର ବରିଷ୍ଠ ସାମ୍ବାଦିକ ଶୁଭଦର୍ଶନି ମିଶ୍ର, ରଞ୍ଜନ କୁମାର ଦାସ, ନାରାୟଣ ସାହୁ, ସମୀର ଆଚାର୍ଯ୍ୟ, ବାଲାଜି ସାହୁ, ଭବାନୀ ମିଶ୍ର, ରାଜେନ୍ଦ୍ର କୁମାର ଦାସ, ସତ୍ୟଜିତ ମହାନ୍ତି, ପବିତ୍ର ମୋହନ ସେଠୀ, ଉତ୍ତମ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ମିଡିଆ କେୟାର୍ସ ସଭ୍ୟ ଓ ସଭ୍ୟାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୋଆ ଲୋକସମ୍ପର୍କ ଅଧିକାରୀ ଶୁଭଦର୍ଶନି ମିଶ୍ର ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ରକ୍ଷା ସମ୍ପର୍କରେ ଅବଗତ କରିଥିବା ବେଳେ ସୋଆ ପରିଚାଳନା ନିର୍ଦ୍ଦେଶକ କିଭଳି ସେବା ପ୍ରଦାନ କରିଥିଲେ ଓ ସହାୟତା ହାତ ବଢ଼ାଇଥିଲେ ତାହାର ସୂଚନା ଦେଇଥିଲେ। ଏହି ଅବସରରେ ସୁନାମଧନ୍ୟ ଡାକ୍ତର ରାଜେନ୍ଦ୍ର ମଣ୍ଡଳ ଓ ସ୍ୱାସ୍ଥ୍ୟ ବିଭାଗ ଏପିଏମ୍ କିରଣ କୁମାର ପାତ୍ରଙ୍କୁ ମିଡ଼ିଆ କେୟାର୍ସ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ବିଦ୍ୟୁତ ସର୍ଟ ସର୍କିଟରୁ ଦୁଇ ବଖରା ଘର ଭସ୍ମିଭୂତ



**ନୀଳଗିରି,୧୯।୧ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ସିଆଡିମାଳ ଗ୍ରାମ ପଞ୍ଚାୟତ ବାବନ୍ଧ ଗ୍ରାମର ପ୍ରଶାନ୍ତ ବେହେରାଙ୍କ ଘର ଗତ ୧୮ତାରିଖ ରବିବାର ରାତି ପ୍ରାୟ ୮ ଘଟିକା ସମୟରେ ସପରିବାର ଘରେ ନ ଥିବା ବେଳେ ବିଦ୍ୟୁତ ସଟ ସର୍କିଟ ସଂସ୍ପର୍ଶରେ ଆସି ଦୁଇ ବଖରା ସମ୍ପୂର୍ଣ୍ଣ ଭସ୍ମିଭୂତ ହେଇଯାଇଛି। ନିଆଁର ପ୍ରକୋପ ଏତେ ପ୍ରଖର ଥିଲାଯେ ନିଆଁକୁ ଆୟତ କରିବା ପାଇଁ କେହିବି ଗ୍ରାମବାସୀ ସାହସ କରିପାରି ନଥିଲେ। ଖବର ପାଇ ନୀଳଗିରି ଅଗ୍ନିଶ୍ରମ ବିଭାଗ ସଦଳବଳେ ପହଞ୍ଚି ନିଆଁକୁ ଆୟତ କରିଥିଲେ ହେଁ ସେତେବେଳକୁ ଜଳି ପୋଡି ଲକ୍ଷ ଧିକ ଟଙ୍କା ସମ୍ପତ୍ତି ପାଉଁଶ ହୋଇଯାଇଥିଲା। ଏଥିରେ ଘରର ସମସ୍ତ ଆସବାବ ପତ୍ର, ଧାନ ଚାଉଳ,ଟଙ୍କା, ଜରୁରୀ କାଗଜାତ, ବସ୍ତ୍ର ଜଳି ପୋଡି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଖବର ପାଇ ଆଜି ସକାଳ ୮ ଘଟିକା ସମୟରେ ନୀଳଗିରି ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ, ସିଆଡିମାଳ ଗ୍ରା:ପ ସରପଞ୍ଚ ସୁରଥ ସିଂ, ସମିତି ସଭ୍ୟ ରାଜୀବ ଦାସବାବୁ, ନାଏବ ସରପଞ୍ଚ ସାବିତ୍ରୀ ବେହେରା, ନୀଳଗିରି ଲ୍ୟାମ୍ପ ସିଏସର ସଭାପତି ନମାସିଂ, ନରେନ୍ଦ୍ର ବେହେରା, ମଥୁରା ବେହେରା, ମଙ୍ଗୁଲୁ ସିଂ ପହଞ୍ଚି ସ୍ଥିତି ଅନୁଧାନ କରିଥିଲେ। ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ନାୟକ ପ୍ରଶାନ୍ତଙ୍କ ପରିବାରଙ୍କୁ ତମ୍ବୁ, ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

## ପ୍ରଥମ ସୋଆ ପୁଷ୍ପ ଉତ୍ସବ ଉଦ୍‌ଘାଟିତ



**ଭୁବନେଶ୍ୱର,୧୯।୧ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ କୃଷି ମହାବିଦ୍ୟାଳୟ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍) ପକ୍ଷରୁ ସୋମବାର ଦୁଇ ଦିନିଆ 'ପ୍ରଥମ ସୋଆ ପୁଷ୍ପ ଉତ୍ସବ' ଉଦ୍‌ଘାଟିତ ହୋଇଯାଇଛି। ଆନ୍ତର୍ଜାତିକ ପୁଷ୍ପ ଦିବସ ପରିପ୍ରେକ୍ଷୀରେ ଜାନୁଆରୀ ୧୯ ଓ ୨୦ ତାରିଖରେ ଦୁଇ ଦିନ ଧରି ସୋଆ କ୍ୟାମ୍ପସ -୪ କୃଷି ମହାବିଦ୍ୟାଳୟ ପରିସରରେ ଏହି ପୁଷ୍ପ ଉତ୍ସବର ଆୟୋଜନ କରାଯାଇଛି।

ଏହି ଅବସରରେ ସୋଆର ଉପସଭାପତି ଶ୍ରୀମତି ଶାଶ୍ୱତି ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁଷ୍ପ ଉତ୍ସବକୁ ଉଦ୍‌ଘାଟନ କରିବା ସହ ପ୍ରଥମ ଥର ପାଇଁ ଏହି ଉତ୍ସବର ଆୟୋଜନ କରାଯାଇଥିବା ନେଇ ଖୁସି ବ୍ୟକ୍ତ କରିଥିଲେ। ଚାଷୀ, ଛାତ୍ରଛାତ୍ରୀ, ଫୁଲ ବ୍ୟବସାୟୀ ଏବଂ ଗୃହିଣୀମାନଙ୍କୁ ପ୍ରୋତ୍ସାହିତ କରିବା ଏବଂ ସେମାନେ ପୁଷ୍ପ ଚାଷ ଦ୍ୱାରା କିପରି ସ୍ୱାବଲମ୍ବୀ ହୋଇପାରିବେ ତାହା ହିଁ ଏହି ଉତ୍ସବର ମୂଳ ଲକ୍ଷ୍ୟ ବୋଲି ଶ୍ରୀମତି ଦାସ କହିଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ଏଭଳି ଉତ୍ସବ ଦ୍ୱାରା ଛାତ୍ରଛାତ୍ରୀଙ୍କ ବ୍ୟତୀତ ଗୃହିଣୀ, ଚାଷୀ ଓ ବ୍ୟବସାୟୀମାନେ ଲାଭବାନ ହେବା ସହିତ ଆଧୁନିକ ବୈଜ୍ଞାନିକ ପଦ୍ଧତି ମାଧ୍ୟମରେ ଏହାକୁ ବିକଶିତ କରିପାରିବେ। ସୋଆର ଏହି ଭଳି ପ୍ରୟାସ ଦ୍ୱାରା ଲୋକମାନଙ୍କ ମଧ୍ୟରେ ପୁଷ୍ପକୁ ନେଇ ଉତ୍ସାହ ବୃଦ୍ଧି କରିବା ଏବଂ ଆଗ୍ରହ ସୃଷ୍ଟି କରିବା ଏକ ମହତ ଉଦ୍ଦେଶ୍ୟ ବୋଲି ସେ କହିଥିଲେ।

ଏହି ଉତ୍ସବରେ ପୁଷ୍ପ ପ୍ରଦର୍ଶନୀ ନିମନ୍ତେ ଭିନ୍ନ ଭିନ୍ନ ପ୍ରତିଯୋଗିତାରେ ଯୋଗଦାନ ପାଇଁ ଏବଂ ପୁଷ୍ପ ସମ୍ବନ୍ଧିତ ଆଲୋଚନାରେ ଭାଗ ନେବା ପାଇଁ ଫୁଲ ଚାଷୀ, ଫୁଲ ଉଦ୍ୟୋଗୀ, ବିଭିନ୍ନ ନର୍ସରୀ, ଅନୁଷ୍ଠାନ ଓ ଫୁଲ ପ୍ରେମୀମାନଙ୍କୁ ଆହ୍ୱାନ କରାଯାଇଛି। ଦୁଇ ଦିନ ଧରି ଚାଲିବାକୁ ଥିବା ଏହି ପୁଷ୍ପ ଉତ୍ସବରେ ୧୮ଟି ଷ୍ଟଲ ଏବଂ ୯୦ଟି ବର୍ଗର ଫୁଲକୁ ନେଇ ବିଭିନ୍ନ ପ୍ରକାର ପ୍ରତିଯୋଗିତା କରାଯାଇଥିବା ବେଳେ ଏହାକୁ ସାଧାରଣ ଲୋକଙ୍କ ପ୍ରଦର୍ଶନ ନିମନ୍ତେ ଦିନ ୧୧ ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଖୋଲା ରଖାଯାଇଛି। ପ୍ରତିଯୋଗିତାରେ ଫ୍ଲୋରାଲ ରଙ୍ଗୋଲୀ, ଲୁଜ ଫ୍ଲାୱାର ସେକ୍ସନ୍, ଫ୍ଲାୱାର ଆରେଞ୍ଜମେଣ୍ଟ, ଫୁଲତୋଡା ଇତ୍ୟାଦି ଅନ୍ତର୍ଭୁକ୍ତ ଅଛି।

# ଶିକ୍ଷୟତ୍ରୀଙ୍କ ବଦଳିକୁ ନେଇ ସ୍କୁଲ ଗେଟରେ ତାଲା ପକାଇ ଧାରଣା ଦେଲେ ଛାତ୍ରୀ



**ସତ୍ୟବାଦୀ,୧୯।୧ (ସଂଚାର ବ୍ୟୁରୋ):** ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷୟତ୍ରୀ ପୁଷ୍ପାଞ୍ଜଳି ଜେନାଙ୍କ ବଦଳି ବାତିଲ ଦାବି କରି ବିଦ୍ୟାଳୟର ଛାତ୍ରୀମାନେ ସ୍କୁଲ ଗେଟରେ ତାଲା ପକାଇ ସୋମବାର ସକାଳେ ଧାରଣା ଦେଇଥିଲେ। ଆକ୍ରୋଶ ମୂଳକ ଭାବେ ଷଡ଼ଯନ୍ତ୍ର କରି ଶିକ୍ଷୟତ୍ରୀଙ୍କୁ ବଦଳି କରାଯାଇଥିବାରୁ ଏହି ଆଦେଶ ପ୍ରତ୍ୟାହାର କରି ଶିକ୍ଷୟତ୍ରୀଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବାକୁ ଛାତ୍ରୀମାନେ ଗେଟ୍ ସମ୍ମୁଖରେ ବସି ହଟାଗୋଳ କରିଥିଲେ। ଏପରିକି କିଛି ପୁରାତନ ଛାତ୍ରୀ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଗେଟ୍ ବନ୍ଦ ରହିଥିବାରୁ ପ୍ରଧାନ ଶିକ୍ଷକ ନିରଞ୍ଜନ କରଙ୍କ ସମେତ ଅନ୍ୟ ଶିକ୍ଷୟତ୍ରୀ ଓ ଶିକ୍ଷକ ବିଦ୍ୟାଳୟ ଭିତରକୁ ଯାଇ ପାରିନଥିଲେ। ସୋମବାର ପ୍ରି-ମାଟ୍ରିକ ପରୀକ୍ଷା ରହିଥିଲେ ମଧ ଏହା ନିର୍ଦ୍ଧାରିତ ସମୟରେ ହୋଇ ପାରିନଥିଲା।

ଖବରପାଇ ସତ୍ୟବାଦୀ ମଣ୍ଡଳ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ପାଢ଼ୀ, ତହସିଲଦାର ସନ୍ତୋଷ ପାଣିଗ୍ରାହୀ ଓ ଥାନା ଆଇଆଇସି ସୌମ୍ୟରଞ୍ଜନ ମହାଲିକଙ୍କ ସହିତ ଅନ୍ୟ ଅଧିକାରୀମାନେ ଆନ୍ଦୋଳନ ଚଳାଇଥିବା ଛାତ୍ରୀମାନଙ୍କୁ ବୁଝାସୁଝା କରିଥିଲେ। ସେମାନଙ୍କ ଦାବି ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ଏବଂ ପରବର୍ତ୍ତୀ ଆଦେଶ କ୍ରମେ ପଦକ୍ଷେପ କରିବାକୁ ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ପରିଚାଳନା କମିଟିର ସଭାପତି ଅର୍ଜୁନ ମହାପାତ୍ର କହିଛନ୍ତି କୋମଳମତି ପିଲାମାନଙ୍କୁ ଭ୍ରମିତ କରି ଏଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରାଯାଇଛି। ଯେଉଁ ଶିକ୍ଷକ/ଶିକ୍ଷୟତ୍ରୀ ଏଥିରେ ସାମିଲ ଅଛନ୍ତି ଉପଯୁକ୍ତ ତଦନ୍ତ ପରେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ ସାମାଜିକ କର୍ମୀ ଆଶିଷ ମହାପାତ୍ର ଏଭଳି ଘଟଣାକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି। ପିଲାମାନେ ନିଜର ମୌଳିକ ସମସ୍ୟା ଉପରେ କେବେବି ସ୍ୱର ଉତ୍ତୋଳନ ନକରି ଏଭଳି ଏକ ପରିସ୍ଥିତି ସୃଷ୍ଟି କରିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ। ସତ୍ୟବାଦୀର ଶୈକ୍ଷିକ ପରିବେଶକୁ କଳୁଷିତ କରୁଥିବା ସମସ୍ତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବୀ କରିଛନ୍ତି।

## ମା' ଶ୍ୟାମଳାଈଙ୍କ ପୀଠରେ କଂଗ୍ରେସର ବୈଠକ



**ହିଞ୍ଜିଳିକାଟୁ,୧୯।୧ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ନିକଟବର୍ତ୍ତୀ ମା' ଶ୍ୟାମଳାଇ ପୀଠ ପରିସରରେ ଗଞ୍ଜାମ ଜିଲ୍ଲା (ପଶ୍ଚିମ)ସଭାପତି ରମେଶ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଓଡିଶା ପ୍ରଦେଶ କମିଟିର ସହ ପ୍ରଭାରୀ ଜେ. ଟି.କୁସୁମ କୁମାର ମା'ଙ୍କ ପୀଠରେ ପହଞ୍ଚି ଆଗାମୀ ନିର୍ବାଚନ ଗୁଡ଼ିକରେ ଉତ୍ତମ ପ୍ରଦର୍ଶନ ପାଇଁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। କଂଗ୍ରେସକୁ ସୁଦୃଢ଼ କରିବାକୁ ହେଲେ ତୃଣମୂଳ ସ୍ତରରୁ ସଂଗଠିତ ଢଙ୍ଗରେ କାର୍ଯ୍ୟ କରିବାକୁ ପଡିବ ବୋଲି ଗଞ୍ଜାମ (ପଶ୍ଚିମ )ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ଜେନା କହିଥିଲେ। ଖଲ୍ଲିକୋଟ କଂଗ୍ରେସ ବିଧାୟକ ପ୍ରାର୍ଥୀ ଚିତ୍ରସେନ ବେହେରା, ଆସିକା ଓ ସୋରଡ଼ା କଂଗ୍ରେସ ବିଧାୟକ ପ୍ରାର୍ଥୀ ସୁରଭି ବିଷୋୟୀ ଓ ହରିକ୍ରିଷ୍ଣା ରଥ, ଶେରଗଡ ବ୍ଲକ କଂଗ୍ରେସ ସଭାପତି କୁନା ବିଷୋୟୀ, ଯୁବ ନେତା ପ୍ରଦୀପ ମହାରଣା,ଟିଙ୍ଗିରି ଗୌଡ଼, ସୁନୀଲ ମହାନ୍ତି, ଆକାଶ ସେଠୀ, ଛାତ୍ର ନେତା ସଞ୍ଜୟ ସ୍ୱାଇଁ ଓ ଶହ ଶହ କର୍ମୀ ଉପସ୍ଥିତ ଥିଲେ।

## ଖୋର୍ଦ୍ଧା ପଲ୍ଲିଶ୍ରୀ ମେଳା ଓ ସୁଭଦ୍ରା ମେଳାର ତୃତୀୟ ସନ୍ଧ୍ୟା

# ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଦେଲା



**ଖୋର୍ଦ୍ଧା,୧୯।୧ (ସଂଚାର ବ୍ୟୁରୋ):** ଗତ ୧୭ ତାରିଖରୁ ଜିଲ୍ଲା ସଦର ମହକୁମା ଟି ଏ ସି ରୋଡ଼ ବି ଡି ଏ ପଡ଼ିଆରେ ଆରମ୍ଭ ହୋଇଥିବା ପଲ୍ଲୀଶ୍ରୀ ମେଳା ଓ ସୁଭଦ୍ରା ମେଳାର ଆଜି ତୃତୀୟ ସନ୍ଧ୍ୟାରେ ପାରମ୍ପାରିକ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ଭରପୁର ମନୋରଞ୍ଜନ ଦେଇଥିଲା । ଓଡ଼ିଶାର ବିଶ୍ୱ ବିଦିତ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ସଂସ୍କୃତିର ରାଜ୍ୟ ଏବଂ ଓଡ଼ିଆ ଅସ୍ମିତା ର କିମ୍ବଦନ୍ତୀ ଓଡ଼ିଶାର ବିଭିନ୍ନ ଜିଲ୍ଲାର ପାରମ୍ପାରିକ ନୃତ୍ୟ ଓ ସଙ୍ଗୀତ ଦର୍ଶକ ମାନଙ୍କୁ ବେଶ ମନୋରଞ୍ଜନ କରିଥିଲା । ଶ୍ରୀ ଅରବିନ୍ଦ ଶିକ୍ଷା କେନ୍ଦ୍ର, ଖୋର୍ଦ୍ଧା, ବାବା ବାଲୁଙ୍କେଶ୍ୱର ନୃତ୍ୟ ମନ୍ଦିର, ନିରାକାରପୂର୍, ବରୁଣେଇ ପାଇକ ଆଖଡ଼ା, ସାର ଦାଦା ସାଂସ୍କୃତିକ ଅନୁଷ୍ଠାନ, କଟକ, ପଲ୍ଲଭି, ମୟୂର ଭଞ୍ଜ ସହ ଓଡ଼ିଶୀ, ଗୋଟିପୁଅ, ଡ୍ରାମା ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା । ଖୋର୍ଦ୍ଧା ଜିଲ୍ଲାର ପାଇକ ମାନଙ୍କର ବୀରତ୍ୱର ଗାଥା ପାଇକ ଯୋଦ୍ଧା ଯୁଦ୍ଧ ତଥା ପାଇକ ଆଖଡ଼ା ନୃତ୍ୟ ବହୁ ସଂଖ୍ୟାରେ ଦର୍ଶକ ମାନେ ଉପଭୋଗ କରି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ । ଜିଲ୍ଲାର ବହୁ ଦୂରଦୂରାନ୍ତରୁ ମା ମାନେ ଏବଂ ଜନସାଧାରଣ ମେଳା କୁ ଆଗମନ ହେବାସହ ବହୁ ଜନ ସମାବେଶ ଦେଖିବାକୁ ମିଳିଥିଲା । ୨୩ ତାରିଖ ପର୍ଯ୍ୟନ୍ତ ଏହି ପଲ୍ଲୀଶ୍ରୀ ମେଳା ଓ ସୁଭଦ୍ରା ମେଳା ଚାଲିଥିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥିରୀକୃତ ହୋଇଥିବା ବେଳେ ଜନ ସାଧାରଣ ମାନେ ଗ୍ରାମୀଣ ଉତ୍ପାଦ କ୍ରୟ କରିବାରେ ସୁଯୋଗ ପାଇ ପାରିବେ ।

# ରାସ୍ତା ମରାମତି ନାଁରେ ଲକ୍ଷାଧିକ ଟଙ୍କା ଚଳୁ ଉଦ୍ୟମ

## ଠିକାଦାର ଓ ବିଭାଗୀୟ ଯନ୍ତ୍ରୀ ମଧୁଚନ୍ଦ୍ରିକା



**କାକଟପୁର/ଅସ୍ତରଙ୍ଗ,୧୯।୧ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ମାଣ୍ଡୁକି ପଂଚାୟତ ଚକରପଡା ନିକଟରେ ପୂର୍ବରୁ ଥିବା ରାସ୍ତା ସାମାନ୍ୟ ଖରାପ ହୋଇଥିଲେ ମଧ ବ୍ୟବହାର ଉପଯୋଗୀ ହେଉଛି। ତେବେ ରାସ୍ତାକୁ ମରାମତି କରିବାକୁ ବିଧାନସଭା ସଭ୍ୟଙ୍କ ସ୍ଥାନୀୟ ଅଞ୍ଚଳ ବିକାଶ ପାଣ୍ଠି ପକ୍ଷରୁ ୪ଲକ୍ଷ ଟଙ୍କା ଅନୁମୋଦନ କରାଗଲା। ତେବେ ୩ଶହ ମିଟର ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ମରାମତି କାମ ଏମିତି ଯେ, ଦିନକ ପରେ ତାହା ଉଠିଯାଉଛି। କେବଳ ପିଚୁ ରାସ୍ତା ଉପରେ ପିଚୁ ଦେଇ ତଥାକଥିତ ମରାମତି କରାଯାଉଛି। ରାସ୍ତା ମରାମତି ନାଁରେ ମିଳିମିଶି ଚଳୁ କରିଦେବାକୁ ଚକ୍ରାନ୍ତ ହେଉଥିଲା। ତେବେ ସ୍ଥାନୀୟ ବାସିନ୍ଦାଙ୍କ ବିରୋଧ ପରେ ପଦାରେ ପଡିଯାଇଛି ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଚକରପଡା ଠାରେ ରାସ୍ତା ମରାମତି କାମ ଚାଲିଛି। ବିଧାନସଭା ସଭ୍ୟଙ୍କ ସ୍ଥାନୀୟ ଅଞ୍ଚଳ ବିକାଶ ପାଣ୍ଠିରୁ ୪ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି। ତେବେ ସଦ୍ୟ ମରାମତି ରାସ୍ତାର ସ୍ଥିତି ଦେଖିଲେ, ଅର୍ଥ ଚଳୁ କରିବାର ଅପପ୍ରୟାସ ସ୍ପଷ୍ଟ ପରିଲକ୍ଷିତ ହୁଏ। ମାତ୍ର ଭଲ ରାସ୍ତା ଉପରେ ମରାମତି କାମ ଅସ୍ତିତ୍ୱ ହରାଇ ସାରିଲାଣି। ରାସ୍ତାରେ କେଉଁଠି ଆଦୌ ପିଚୁ, ଚିପ୍ସ ଉଠିସାରିଥିବା ବେଳେ କେଉଁଠି ହାତ /ଗୋଡ଼ରେ ଆଡେଇଦେଲେ ସବୁ ବାହାରି ଯାଉଛି। ଏମିତିକି ମରାମତି ପରେ ମଧ ରାସ୍ତା ଉପରେ ବଡ଼ ବଡ଼ ଖାଲ ଢିପ ରହିଛି। ପ୍ରକୃତରେ ପୁରୁଣା ରାସ୍ତା ଠାରୁ ଆହୁରି ଦୟନୀୟ ଅବସ୍ଥାରେ ବାସିନ୍ଦା ତୀବ୍ର ବିରୋଧ କରି କହିଛନ୍ତି। ରାସ୍ତା କାମ ନାଁରେ ଆସୁଥିବା ଅର୍ଥ ଠିକାଦାର ପୋଷା ନୀତି ଅବଲମ୍ବନ ହେଉଛି। ବିଧାନସଭା ସଭ୍ୟଙ୍କ ସ୍ଥାନୀୟ ଅଂଚଳର ବିକାଶ ପାଣ୍ଠି କିଭଳି ଢଙ୍ଗରେ ବିନିଯୋଗ କରାଯାଇ ହରିଲୁଟ ର ବାଟ ଖୋଲା ଯାଉଛି, ତାହା ଏଥିରୁ ସ୍ପଷ୍ଟ ଜଣାପଡେ।

ପ୍ରଶ୍ନ ଉଠୁଛି, ତଦାରଖ ପାଇଁ ଗଣ୍ଡା ଗଣ୍ଡା ଯନ୍ତ୍ରୀ ଓ ଉଚ୍ଚ କର୍ତ୍ତୃପକ୍ଷ ଥାଇ ସୁଦ୍ଧା ଠିକାଦାର ଏମିତି ନିମ୍ନ ମାନର କାର୍ଯ୍ୟ କଲେ କେମିତି ?ମରାମତି କାର୍ଯ୍ୟ ବେଳେ ଯନ୍ତ୍ରୀ ଅନୁଧାନ କରୁଥିଲେ କି ?ଏଭଳି ଅନେକ ପ୍ରଶ୍ନ ଏବେ ସାଧାରଣରେ ଉଙ୍କି ମାରୁଛି।

## ବରିଷ୍ଠ ନାଗରିକ ପରିଷଦର ନବମ ବାର୍ଷିକ ଉତ୍ସବ ପାଳିତ



**ଧାମନଗର,୧୯।୧ (ସଂଚାର ବ୍ୟୁରୋ):** ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଧାମନଗର ବରିଷ୍ଠ ନାଗରିକ ପରିଷଦର ନବମ ବାର୍ଷିକ ପ୍ରତିଷ୍ଠା ଦିବସ ଓ ସମ୍ବର୍ଦ୍ଧନା ଉତ୍ସବ-୨୦୨୬ ମହାଆଡମ୍ବରେ ପାଳିତ ହୋଇଯାଇଛି। ପରିଷଦର ସଭାପତି ବିଶିଷ୍ଟ ସମାଜସେବୀ ଅନୀଲ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ଅଧକ୍ଷା ସର୍ମିଷ୍ଠା ବେହେରା, ମୁଖ୍ୟ ବକ୍ତା ଭାବେ ଆରକ୍ଷୀ ଅଧିକ୍ଷକ ମନୋଜ କୁମାର ରାଉତ ଯୋଗ ଦେଇ ଉଦଘାଟନ ସହିତ ବରିଷ୍ଠ ମାନଙ୍କ ଦିଗଦର୍ଶନରେ ଯୁବ ସମାଜ ଆଗକୁ ଯିବ ବୋଲି ଏସ ପି ଶ୍ରୀ ରାଉତ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୁଧିର ରଞ୍ଜନ ନାୟକ, ବରିଷ୍ଠ ନାଗରିକ ମହାସଂଘର ଭଦ୍ରକ ଜିଲ୍ଲା ସଭାପତି ଲଲାଟେନ୍ଦୁ ମହାନ୍ତି, ଗ୍ୟାଷ୍ଟ୍ରୋଲୋଜି ବିଭାଗ ବିଶେଷଜ୍ଞ ଡାକ୍ତର ଅଜିତ ପ୍ରସାଦ ଯେନା, ଯୁବ ସଂଗଠକ କୈଳାସ ଚନ୍ଦ୍ର ମହାପାତ୍ର, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସମୀର ଗୋସ୍ୱାମୀ, ବିଶିଷ୍ଟ ସମାଜସେବୀ ବରଦା ପ୍ରସାଦ ମହାପାତ୍ର ପ୍ରମୁଖ ଯୋଗ ଦେଇ ଆଜକୁ ନଅ ବର୍ଷ ପୂର୍ବରୁ ୨୦୧୭ ମସିହାରେ ଜନ୍ମ ଗ୍ରହଣ କରିଥିବା ବେଳେ ପରିଷଦରେ ସଦସ୍ୟ ସଂଖ୍ୟା ୧୩ ଶହରେ ପହଞ୍ଚିଲାଣି ବୋଲି ସମ୍ପାଦକୀୟ ପାଠରେ ସୂଚନା ପ୍ରଦାନ କରିଥିଲେ।

### ୨୧ରୁ ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ

# ସଚେତନତା ଓ ସମୃଦ୍ଧିର ମହାକୁମ୍ଭ ହେବ




- ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ, ଉଦ୍‌ଯାପନୀ ସମାବେଶରେ ଯୋଗଦେବେ ରାଜ୍ୟପାଳ
- ଏଥରର ଥିମ୍ 'ମତ୍ସ୍ୟ-ପ୍ରାଣୀ ଏବେ ନୂତନ ଦିଶା; ବିକଶିତ ହେବ ଆମ ଓଡ଼ିଶା'
- ସାମିଲ ହେବେ ୨୬ ଚାଷୀଙ୍କ ସହ ୮୧୬୪ ମତ୍ସ୍ୟଚାଷୀ ଓ ପ୍ରାଣୀପାଳକ
- ୩୪୮ ସଫଳ ପ୍ରାଣୀପାଳକ ଓ ମତ୍ସ୍ୟଚାଷୀ ସମ୍ବର୍ଦ୍ଧିତ ହେବେ

**ଭୁବନେଶ୍ୱର,୧୯।୧(ସଂଚାର ବ୍ୟୁରୋ):** ରାଜ୍ୟସ୍ତରୀୟ 'ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୬' ଆୟୋଜନ ପରିପ୍ରେକ୍ଷୀରେ ଏକ ସାମ୍ବାଦିକ ସମ୍ମିଳନୀ ଭେଟେରିନାରୀ କଲେଜ ଅଡ଼ିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ସବିଶେଷ ତଥ୍ୟ ରଖିଥିଲେ। ମତ୍ସ୍ୟଚାଷୀ ଓ ପ୍ରାଣୀପାଳକଙ୍କ ପାଇଁ ଏହି ସମାବେଶ ସଚେତନତା ଓ ସମୃଦ୍ଧିର ମହାକୁମ୍ଭ ସାଜିବ। କ୍ଷୀର, ମାଂସ, ଅଣ୍ଡା ଓ ମାଛ ଉତ୍ପାଦନରେ ଓଡ଼ିଶାକୁ ଆତ୍ମନିର୍ଭରଶୀଳ କରିବା ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ମଧ ସେ ତଥ୍ୟ ରଖିଥିଲେ। ଚଳିତ ଜାନୁଆରୀ ୨୧ରୁ ୨୩ ପର୍ଯ୍ୟନ୍ତ ଜନତା ମଇଦାନଠାରେ ଏହି ସମାବେଶ ଆୟୋଜିତ ହେବ। ୨୧ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମାବେଶକୁ ଉଦଘାଟନ କରିବେ। ଉଦଯାପନୀ ସମାରୋହରେ ରାଜ୍ୟପାଳ ହରି ବାବୁ କମ୍ଭମପାଟି ଗରିମା ବୃଦ୍ଧି କରିବେ। ୨୦୨୬ ବର୍ଷ ପାଇଁ ଥିମ ରହିଛି 'ମତ୍ସ୍ୟ-ପ୍ରାଣୀ ଏବେ ନୂତନ ଦିଶା; ବିକଶିତ ହେବ ଆମ ଓଡ଼ିଶା'। ଏଥିରେ ପ୍ରତି ବ୍ଲକ୍‌ରୁ ୨୬ ଜଣ ଚାଷୀ, ମୋଟ ୮୧୬୪ ମତ୍ସ୍ୟଚାଷୀ ଓ ପ୍ରାଣିପାଳକ ଯୋଗ ଦେବେ। ତା ସହ ପ୍ରତ୍ୟେକ ଉପଖଣ୍ଡରୁ ୬ ଜଣ ସଫଳ ପ୍ରାଣୀପାଳକ ଓ ମତ୍ସ୍ୟଚାଷୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯିବ। ବିଭାଗ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୨୦ ଜଣ ଶ୍ରେଷ୍ଠ ଅଧିକାରୀଙ୍କୁ ମଧ ପୁରସ୍କୃତ କରାଯିବ। ସମାବେଶ ଉପଲକ୍ଷେ ଆୟୋଜିତ ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମଧ ପୁରସ୍କୃତ କରାଯିବ। ଚଳିତଥର ମୋଟ ୧୨ଟି ଇଣ୍ଟରାକ୍ଟିଭ୍ ପ୍ୟାନେଲ୍ ଆଲୋଚନାଚକ୍ର ଆୟୋଜନ ପାଇଁ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ଚାଷୀଙ୍କ ପ୍ରଶ୍ନର ସିଧାସଳଖ ଉତ୍ତର ରଖିବେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ୩ ଟି ହ୍ୟାଙ୍ଗର୍ ରେ ପ୍ରାୟ ୨୦୮ ଟି ଷ୍ଟଲ୍ ରେ ମତ୍ସ୍ୟ, ପ୍ରାଣିପାଳନ, ବିଭିନ୍ନ ବିଭାଗ ଓ କମ୍ପାନୀର ଉତ୍ପାଦ ପ୍ରଦର୍ଶିତ ହେବ। ସେହିପରି ୨ଟି ଖୋଲା ହ୍ୟାଙ୍ଗରରେ ମତ୍ସ୍ୟ ଓ ପ୍ରାଣୀ ଲାଇଭ୍ ଡେମନଷ୍ଟ୍ରେସନ୍ କରାଯିବ। ପ୍ରତି ସନ୍ଧ୍ୟାରେ ଲୋକନୃତ୍ୟ ଏବଂ ଶାସ୍ତ୍ରୀୟ ନୃତ୍ୟ ସମ୍ବଳିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ସମାବେଶକୁ ଅଧିକ ଆକର୍ଷଣୀୟ କରିବା ପାଇଁ ହରିୟାଣାର ଦୁଇଟି ମଇଁଷି ଷଣ୍ଢ (ସୁରବୀର ଏବଂ ଇନ୍ଦର), ଆନ୍ଧ୍ରପ୍ରଦେଶର ଛୋଟ ପ୍ରଜାତିର ପୁଙ୍ଗାନୁର ଗାଈ ଏବଂ ଗୁଜରାଟରୁ କାଙ୍କରେଜ୍ ଷଣ୍ଢ ଆସୁଛି। ଜାନୁଆରୀ ୨୩ ତାରିଖ ସକାଳ ୮.୩୦ ମିନିଟ୍ ରେ ଡଗ୍ ସୋ ହେବାକୁ ଥିବା ବେଳେ ସଂଧ୍ୟା ୬.୩୦ ରେ ପେଟ୍ ଫ୍ୟାଶନ ସୋ ଆୟୋଜନ ହେବ।

## ବିଜେପିକୁ ଅଡୁଆ ସମୀର-ପ୍ରଭାତୀ କଳି

- ସଭାମଞ୍ଚରୁ ପରସ୍ପରକୁ କରୁଛନ୍ତି ଟାର୍ଗେଟ
- ସମୀରଙ୍କ ସମାନ୍ତରାଳ ଅଭିଯୋଗ ଶୁଣାଣି
- ପୂର୍ବତନ ମନ୍ତ୍ରୀଙ୍କୁ ତାଗିଦ କଲେ ଜିଲ୍ଲା ସଭାପତି

**ଭୁବନେଶ୍ୱର,୧୯।୧ (ସଂଚାର ବ୍ୟୁରୋ):** ନିମାପଡାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଓ ପୂର୍ବତନ ମନ୍ତ୍ରୀ ସମୀର ଦାଶଙ୍କ ମଧ୍ୟରେ କଳି ଏବେ ଚରମ ସୀମାରେ ପହଞ୍ଚିଛି। ଉଭୟ ଗୋଟିଏ ଦଳରେ ଥାଇ ମଧ୍ୟ ଚାଲିଛି ସମୀରଙ୍କ ସଙ୍ଗଠନ ସଭାସମିତିରେ ଖୋଲାଖୋଲି ଉଭୟ ପରସ୍ପର ବିରୋଧୀ ମନ୍ତବ୍ୟ ଦେବା ଆରମ୍ଭ କରିଦେଇଛନ୍ତି। ଏହାଦ୍ୱାରା ନିମାପଡାରେ ବିଜେପି ସଂଗଠନ ଅଡୁଆରେ ପଡ଼ିଛି। ଗତ ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡି ଛାଡି ବିଜେପିରେ ଯୋଗଦେଇ ସମୀର ଦାଶ ପ୍ରଭାତୀ ପରିଡାଙ୍କୁ ଜିତାଇବାରେ ସହଯୋଗ କରିଥିଲେ। ହେଲେ ନିର୍ବାଚନ ପରେ ଉଭୟଙ୍କ ଭିତରେ ଦୂରତା ବଢ଼ିଛି। ଖୋଲାଖୋଲି ଭାବେ ଉଭୟ ଉଭୟଙ୍କ ବିରୋଧରେ ବକ୍ତବ୍ୟ ରଖୁଛନ୍ତି। ଗତବର୍ଷ ନଭେମ୍ବରରେ ନିମାପଡାର ଏକ ସଭାମଞ୍ଚରେ ସମୀର ଖୋଲାଖୋଲି କହିଥିଲେ ଯେ, ଯେଉଁ ଆଶା ନେଇ ଲୋକେ ଉପମୁଖ୍ୟମନ୍ତ୍ରୀଙ୍କୁ ଜିତାଇଥିଲେ ତାହା ଏବେ ପୂରଣ ହେଉନି। ନିମାପଡାବାସୀଙ୍କ କାମ ଅଟକି ରହୁଛି। ନୂଆବର୍ଷରୁ ସମୀର ନିମାପଡାରେ ଆରମ୍ଭ କରିଛନ୍ତି ଅଭିଯୋଗ ଶୁଣାଣି। ପ୍ରଭାତୀଙ୍କୁ କାଉଣ୍ଟର କରି ପ୍ରତି ବୁଧବାର ଓ ଶନିବାର ଲୋକଙ୍କ ଅଭିଯୋଗକୁ ଶୁଣୁଛନ୍ତି ସମୀର। ତେଣେ ସରକାରଙ୍କ ଅଭିଯୋଗ ଶୁଣାଣି ବ୍ୟବସ୍ଥା ଥାଉ ଥାଉ ସମୀରଙ୍କ ଅଭିଯୋଗ ଶୁଣାଣିକୁ ନେଇ ପ୍ରଭାତୀ ଖପ୍ପା। ୫୦ ହଜାର ଭୋଟ ଆମେ ଦେଇ ଜିତାଇଛୁ। ଲୋକଙ୍କ ସମସ୍ୟା




ଉପମୁଖ୍ୟମନ୍ତ୍ରୀ ଶୁଣୁ ନଥିବାରୁ ସେମାନେ ଏବେ ମୋ ପାଖକୁ ଆସୁଛନ୍ତି ବୋଲି କହିଛନ୍ତି ସମୀର ଦାଶ। ସମୀରଙ୍କ ଏଭଳି ଆଭିମୁଖ୍ୟ ପାଇଁ ତାଙ୍କୁ ଦଳ ପକ୍ଷରୁ ଦୁଇ ଦୁଇ ଥର ନୋଟିସ ଜାରି ହୋଇଛି। ଏବେ ବିଜେପି ଜିଲ୍ଲା ସଭାପତି ସମୀରଙ୍କ ଆଭିମୁଖ୍ୟକୁ ସମାଲୋଚନା କରି ସୁଧୁରିଯିବାକୁ କହିଛନ୍ତି।

### ଭାରତ ଅନ୍ତର୍ଜାତୀୟ ଗଣତନ୍ତ୍ର ଓ ନିର୍ବାଚନ ପରିଚାଳନା ସମ୍ମିଳନୀ

# ୨୧ରୁ ଆୟୋଜନ କରିବ ଭାରତ ନିର୍ବାଚନ ଆୟୋଗ




- ୭୦ରୁ ଅଧିକ ଦେଶରୁ ପ୍ରାୟ ୧୦୦ ପ୍ରତିନିଧି ଯୋଗଦେବେ
- ୩ ଦିନରେ ୪୦ରୁ ଅଧିକ ଦ୍ୱିପାକ୍ଷିକ ବୈଠକ ଓ ୩୬ ବ୍ରେକଆଉଟ୍ ସେସନ୍

**ନୂଆଦିଲ୍ଲୀ,୧୯।୧:** ଭାରତ ନିର୍ବାଚନ ଆୟୋଗ (ଇସିଆଇ) ଗଣତନ୍ତ୍ର ଓ ନିର୍ବାଚନ ପରିଚାଳନା ବିଷୟରେ ଆୟୋଜିତ ପ୍ରଥମ ଭାରତ ଅନ୍ତର୍ଜାତୀୟ ସମ୍ମିଳନୀ–୨୦୨୬ ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ। ଏହି ୩ ଦିନିଆ ସମ୍ମିଳନୀ ଭାରତ ଅନ୍ତର୍ଜାତୀୟ ଗଣତନ୍ତ୍ର ଓ ନିର୍ବାଚନ ପରିଚାଳନା ସଂସ୍ଥା ଦ୍ୱାରା ୨୧ ରୁ ୨୩ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍ ଠାରେ ଅନୁଷ୍ଠିତ ହେବ।

ଭାରତରେ ଗଣତନ୍ତ୍ର ଓ ନିର୍ବାଚନ ପରିଚାଳନା କ୍ଷେତ୍ରରେ ଆୟୋଜିତ ସବୁଠୁ ବଡ଼ ଆନ୍ତର୍ଜାତୀୟ ସମ୍ମିଳନୀ ଭାବେ ଏହା ପରିଚିତ ହେବ। ଏଥିରେ ସାରା ପୃଥିବୀର ୭୦ରୁ ଅଧିକ ଦେଶରୁ ପ୍ରାୟ ୧୦୦ ଅନ୍ତର୍ଜାତୀୟ ପ୍ରତିନିଧିଙ୍କ ସହ ଅନ୍ତର୍ଜାତୀୟ ସଂଗଠନ, ଭାରତରେ ଥିବା ବିଦେଶୀ ମିଶନ୍ ଏବଂ ନିର୍ବାଚନ କ୍ଷେତ୍ରର ଶିକ୍ଷାବିତ୍ ଓ ବ୍ୟବହାରିକ ବିଶେଷଜ୍ଞମାନେ ଅଂଶଗ୍ରହଣ କରିବେ।।

ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର, ନିର୍ବାଚନ ଆୟୁକ୍ତ ଡା. ସୁଖବୀର ସିଂହ ସାନ୍ଧୁ ଓ ଡା. ବିବେକ ଜୋଶୀ ଉଦ୍‌ଘାଟନୀ ଅଧିବେଶନରେ ପ୍ରତିନିଧିମାନଙ୍କୁ ସ୍ୱାଗତ କରି ସମ୍ମିଳନୀର କାର୍ଯ୍ୟକ୍ରମ ଆରମ୍ଭ କରିବେ। ନିର୍ବାଚନ ପରିଚାଳନା ସଂସ୍ଥା ମୁଖ୍ୟମାନଙ୍କ ପ୍ଲେନାରୀ, ନିର୍ବାଚନ ପରିଚାଳନା ସଂସ୍ଥା ବୈଠକ ସହ ବିଶ୍ୱ ନିର୍ବାଚନ ସମସ୍ୟା, ଆନ୍ତର୍ଜାତୀୟ ନିର୍ବାଚନ ମାନଦଣ୍ଡ, ନୂତନତା ଓ ସର୍ବୋତ୍ତମ ଅଭ୍ୟାସ ଉପରେ ବିଭିନ୍ନ ଥିମାଟିକ୍ ଅଧିବେଶନ ଅନୁଷ୍ଠିତ ହେବ। ସମ୍ମିଳନୀରେ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନେତୃତ୍ୱରେ ୩୬ଟି ଥିମାଟିକ୍ ଗୋଷ୍ଠୀ ଆଲୋଚନାରେ ଅଂଶଗ୍ରହଣ କରିବେ। ଏଥିରେ ୪ଟି ଆଇଆଇଟି ,୬ଟି ଆଇଆଇଏମ, ୧୨ଟି ଏନଏଲୟୁ ଓ ଆଇଆଇଏମସି ସହ ବିଭିନ୍ନ ପ୍ରମୁଖ ଶିକ୍ଷାନୁଷ୍ଠାନର ଅଂଶଗ୍ରହଣ କରିବେ। ଭାରତ ନିର୍ବାଚନ ଆୟୋଗ ବିଶ୍ୱର ବିଭିନ୍ନ ନିର୍ବାଚନ ପରିଚାଳନା ସଂସ୍ଥା ସହ ୪୦ରୁ ଅଧିକ ଦ୍ୱିପାକ୍ଷିକ ବୈଠକ କରି ନିର୍ବାଚନ ପରିଚାଳନା ସମ୍ପର୍କିତ ବିଭିନ୍ନ ସମସ୍ୟା ଓ ସହଯୋଗ ଉପରେ ଆଲୋଚନା କରିବେ।

## ପାର୍ବତୀ ଗିରିଙ୍କ ନାମରେ ନାମିତ ହେଲା ଏକାମ୍ର ଛକ-ବିଜେପୁର ରାସ୍ତା

### ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନକୁ ମନେପକାଇଲେ ମନ୍ତ୍ରୀ



**ବରଗଡ଼,୧୯।୧ (ସଂଚାର ବ୍ୟୁରୋ):** ବରଗଡ ଜିଲ୍ଲାର ଏକାମ୍ର ଛକରୁ ବିଜେପୁର ରାସ୍ତାକୁ ଆଜି ମହାନ ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ନାଁରେ ନାମିତ କରିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ପାର୍ବତୀ ଗିରିଙ୍କ ଜନ୍ମବାର୍ଷିକୀରେ ସେ ଆଜି ପାର୍ବତୀ ଗିରି ରହୁଥିବା କୋଠରୀ ଯାଇ ଘର ଲୋକଙ୍କୁ ସାକ୍ଷାତ କରି କହିଥିଲେ। ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀରେ ଆଜି ବରଗଡ ଜିଲ୍ଲାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କ ସ୍ମୃତି ଚାରଣ କରାଯାଇଥିଲା। ପାର୍ବତୀ ଗିରି ଓଡ଼ିଶାର ପ୍ରସିଦ୍ଧ ସ୍ୱାଧୀନତା ସଂଗ୍ରାମୀ ଓ ନିଷ୍ଠାବାନ ସମାଜସେବିକା ଥିଲେ। ସେ ତାଙ୍କ କାକା ରାମଚନ୍ଦ୍ର ପୁରୀଙ୍କ ସହ ମିଶି ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇଥିଲେ। ସେ ମାଳତୀ ଚୌଧୁରୀଙ୍କ ତତ୍ତ୍ୱାବଧାନରେ ୪ ବର୍ଷ ରହି ୧୬ ବର୍ଷ ବୟସରେ ବରଗଡ଼ ଏସଡିଓଙ୍କ ଚେୟାର ଦଖଲ କରିଥିଲେ। ୧୯୪୨ ମସିହାର 'ଭାରତ ଛାଡ଼' ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ। ତାଙ୍କୁ ୨ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିଥିଲା। ସେ ପାଇକମାଲ ଅଞ୍ଚଳରେ କସ୍ତୁରବା ଗାନ୍ଧୀ ଆଶ୍ରମ ସ୍ଥାପନା କରି ଅନାଥ ଶିଶୁମାନଙ୍କୁ ନିଜ ସନ୍ତାନ ପରି ଲାଳନପାଳନ କରିବା ସହ ଗରିବ, ଦଳିତ, ଆଦିବାସୀ ଓ କୁଷ୍ଠରୋଗୀ ଲୋକମାନଙ୍କ ସେବାରେ ନିଜ ସମ୍ପୂର୍ଣ୍ଣ ଜୀବନ ଉତ୍ସର୍ଗ କରିଥିଲେ। ସେବା, ତ୍ୟାଗ, ବଳିଦାନ ଓ ତପସ୍ୟାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବହ୍ନି କନ୍ୟା ପାର୍ବତୀ ଗିରି ବୋଲି କହିଛନ୍ତି ଓଡ଼ିଶା ସରକାରଙ୍କ ସଂସ୍କୃତି, କ୍ରୀଡା ଓ ଯୁବ ବ୍ୟାପାର ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ।

### ସରିଲା ମଝିଘରିଆଣି ଦେବୀଙ୍କ ଦାନହୁଣ୍ଡି ଗଣତି

## ମିଳିଲା କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଓ ସୁନାରୁପା



**ରାୟଗଡ଼ା,୧୯।୧(ସଂଚାର ବ୍ୟୁରୋ) :** ଶେଷ ହେଲା ମଝିଘରିଆଣି ଦେବୀଙ୍କ ଦାନହୁଣ୍ଡି ଗଣତି। ଗଣତିରେ ମା'ଙ୍କ ମନ୍ଦିର ହୁଣ୍ଡିରୁ ସଂଗ୍ରହ ହୋଇଛି ନଗଦ ୧ କୋଟି ୫ ଲକ୍ଷ ୫୨ ହଜାର ୮୪୫ ଟଙ୍କା, ୩୦ ଗ୍ରାମ ସୁନା, ୨ କେଜି ୧୫୦ ଗ୍ରାମ ରୁପା, ୨୩ଟି ବିଦେଶୀ ସହ ଅଚଳ ନୋଟ୍ ମଧ ମିଳିଛି। ତେବେ ସମସ୍ତ ଦାନକୁ ୟୁନିୟନ୍ ବ୍ୟାଙ୍କରେ ଜମା କରାଯାଇଛି। ସୂଚନାଥାଉ କି, ସୋମବାର ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣିଙ୍କ ମନ୍ଦିରର ୯ଟି ହୁଣ୍ଡି ଖୋଲାଯାଇ ଗଣତି କରାଯାଇଥିଲା। ଗଣତିରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ମନ୍ଦିର କର୍ମଚାରୀଙ୍କ ସମେତ ୟୁନିଅନ ବ୍ୟାଙ୍କ ଅଫ୍ ଇଣ୍ଡିଆର କର୍ମଚାରୀ ନିୟୋଜିତ ଥିଲେ। କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଦାନ ହୁଣ୍ଡିର ଅର୍ଥ ଗଣତି କରାଯାଇଥିଲା। ଏହା ପୂର୍ବରୁ ୨୦୨୫ ଜୁଲାଇ ୭ ତାରିଖରେ ହୁଣ୍ଡି ଖୋଲାଯାଇଥିଲା। ସେତେବେଳେ ହୁଣ୍ଡିରୁ ନଗଦ ୧ କୋଟି ୪ ଲକ୍ଷ ୩୬ ହଜାର ୯୬୩ ଟଙ୍କା ସହିତ ୩୮ ଗ୍ରାମ ସୁନା ଓ ୨୫୦୫ ଗ୍ରାମ ରୁପା ସଂଗ୍ରହ ହୋଇଥିଲା। ଏହା ସହ ୧୨ଟି ବିଦେଶୀ ନୋଟ୍ ମଧ ବାହାରିଥିଲା।

### ରାଜନଗର ଘଟଣାର ପୁନରାବୃତ୍ତି

## ନୂଆପଡ଼ାରେ ବିଡିଓଙ୍କୁ ଚାପୁଡ଼ା

**ନୂଆପଡ଼ା,୧୯।୧(ସଂଚାର ବ୍ୟୁରୋ):** ଚଳିତ ମାସ ପ୍ରାରମ୍ଭରେ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗରର ମହିଳା ବ୍ଲକ୍ ଉନ୍ନୟନ ଅଧିକାରୀ (ବିଡିଓ)ଙ୍କୁ ଗତ ନିର୍ବାଚନର ବିଜେପି ବିଧାୟକ ପ୍ରାର୍ଥୀଙ୍କ ସମେତ କେତେକ କର୍ମୀ ଆକ୍ରମଣ କରିଥିବା ନେଇ ବେଶ୍ ହଟଚମଟ ହୋଇଥିଲା। ଏବେ ଏହି ଘଟଣାର ପୁନରାବୃତ୍ତି ହୋଇଛି ସୁଦୂର ନୂଆପଡ଼ାରେ। ଏଠାରେ କାର୍ଯ୍ୟରତ ଥିବା ବିଡିଓ ରୋହିତ ଭୋଇଙ୍କୁ ହୋଇଛି ଆକ୍ରମଣ। ଏହା ପ୍ରତିବାଦରେ ବ୍ଲକ କର୍ମଚାରୀମାନେ କଲମ ଛାଡ଼ ଆନ୍ଦୋଳନ ଆରମ୍ଭ କରିଦେଇଛନ୍ତି। ଅନ୍ୟପକ୍ଷରେ ତାଙ୍କୁ ଆକ୍ରମଣ ହୋଇଥିବା ନେଇ ଶ୍ରୀ ଭୋଇ ନୂଆପଡ଼ା ପୁଲିସ ନିକଟରେ ଅଭିଯୋଗ କରିଛନ୍ତି।ମିଳିଥିବା ସୂଚନାନୁସାରେ, ଭଇସାଦାଲ ପଞ୍ଚାୟତ ଗୃହ ନିର୍ମାଣକୁ ନେଇ ତାଙ୍କୁ ଆକ୍ରମଣ ହୋଇଛି। ପଞ୍ଚାୟତ ଗୃହ କେଉଁଠି ନିର୍ମାଣ ହେବ, ତାକୁ ନେଇ ଗତ କିଛି ଦିନ ହେଲା ବିବାଦ ଲାଗି ରହିଥିଲା। ଏହାକୁ ନେଇ ଆଜି କେତେକ ଯୁବକ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓ ଶ୍ରୀ ଭୋଇଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ ପରେ ଏହା ଯୁକ୍ତିତର୍କର ରୂପ ନେଇଥିବା ବେଳେ ଯୁବକଙ୍କ ମଧ୍ୟରୁ କେହି ଶ୍ରୀ ଭୋଇଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ତେବେ ଏହି ମାମଲାରେ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରି ବ୍ଲକ କର୍ମଚାରୀମାନେ କଲମ ଛାଡ଼ ଆନ୍ଦୋଳନ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଉକ୍ତ ପଞ୍ଚାୟତ ଗୃହ ପଞ୍ଚାୟତ ମୁଖ୍ୟାଳୟରେ ନିର୍ମାଣ ହେବାର ନିୟମ ଥିଲେ ହେଁ ଏହାକୁ ବଲୋଦା ଗ୍ରାମରେ ନିର୍ମାଣ କରାଯାଉଥିଲା। ଏହାକୁ ନେଇ ଗ୍ରାମରେ ଅସନ୍ତୋଷ ଲାଗି ରହିଥିଲା। କିନ୍ତୁ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଉକ୍ତ ପଞ୍ଚାୟତ ଗୃହର ନିର୍ମାଣ କାର୍ଯ୍ୟ ଜାରି ରହିଥିଲା। ସେହିପରି ଏହି ଘଟଣାରେ ପୁଲିସ୍ ତଦନ୍ତ ଆରମ୍ଭ କରି ୪ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।

**କର୍ମଚାରୀଙ୍କ କଲମ ଛାଡ଼ ଆନ୍ଦୋଳନ**

## ଅଧାରୁ ଅଟକିଲା ଭଦ୍ରାୟଣୀ ମହୋତ୍ସବ

### ଷ୍ଟେଜରେ ଚଢ଼ି କାର୍ଯ୍ୟକ୍ରମ ବନ୍ଦ କରିଦେଲେ



**ଭଦ୍ରକ,୧୯।୧(ସଂଚାର ବ୍ୟୁରୋ):** ଆରମ୍ଭରୁ ଅଟକିଲା ଭଦ୍ରକ ଜିଲ୍ଲା ମହୋତ୍ସବ ଭଦ୍ରାୟାଣୀ। ସୋମବାର କାର୍ଯ୍ୟକ୍ରମ ଆରମ୍ଭ ହେବା କ୍ଷଣି କିଛି ଯୁବକମାନେ ପ୍ରତିବାଦ କରି ଷ୍ଟେଜକୁ ଚଢ଼ି କାର୍ଯ୍ୟକ୍ରମକୁ ବନ୍ଦ କରିଥିଲେ। ବର୍ତ୍ତମାନ ଘଟଣାସ୍ଥଳରେ ଜିଲ୍ଲା ପୁଲିସ ଓ ଜିଲ୍ଲା ପ୍ରଶାସନ ଉପସ୍ଥିତ ରହି ବୁଝାସୁଝା କରୁଛନ୍ତି। ସୂଚନା ଅନୁସାରେ, ଜିଲ୍ଲା ମହୋତ୍ସବ ଭଦ୍ରାୟାଣୀରେ ଓଡ଼ିଶା ତଥା ଅନ୍ୟ ରାଜ୍ୟରୁ ଅନେକ ଷ୍ଟଲ ଖୋଲିଛି। ମାତ୍ର ଷ୍ଟଲ ଯୋଗାଇବାରେ ବ୍ୟାପକ ହେରଫେର ହୋଇଥିବା ନେଇ ନାରାବାଜି କରି କିଛି ଯୁବକ ମହୋତ୍ସବକୁ ବନ୍ଦ କରିଥିଲେ। ହେରଫେର ନେଇ ତଦନ୍ତ କରାଯିବା ସହ ଦୋଷୀଙ୍କ ବିରୋଧରେ ସେମାନେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପରିସ୍ଥିତି ଏବେ ସେଠାରେ ସରଗରମ ରହିଛି। ଘଟଣାସ୍ଥଳରେ ଜିଲ୍ଲା ପୁଲିସ ଓ ଜିଲ୍ଲା ପ୍ରଶାସନ ଉପସ୍ଥିତ ରହି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଛନ୍ତି।

## ଭିତରକନିକାରେ କୁମ୍ଭୀରଙ୍କ ସଂଖ୍ୟା ବୃଦ୍ଧି

**ସଂଖ୍ୟା ପହଞ୍ଚିଲା ୧୮୫୮**

**ରାଜନଗର, ୧୯।୧(ସଂଚାର ବ୍ୟୁରୋ):** ବଉଳା କୁମ୍ଭୀରଙ୍କ ଭୂସ୍ୱର୍ଗ ଭିତରକନିକା ଜାତୀୟ ଉଦ୍ୟାନରେ ଚଳିତ ବର୍ଷ କୁମ୍ଭୀର ସଂଖ୍ୟା ବୃଦ୍ଧି ପାଇଛି। ଗତବର୍ଷ ଭିତରକନିକା ମଧ୍ୟରେ ଓ ବାହାରେ ଥିବା ନଦୀ, ନାଳଗୁଡିକରେ ୧୮୨୬ ଟି ବଉଳାକୁମ୍ଭୀର ଥିବାବେଳେ ଚଳିତବର୍ଷ ଏହି ସଂଖ୍ୟା ୧୮୫୮ କୁ ବୃଦ୍ଧି ପାଇଛି। ଅର୍ଥାତ୍ ଗତବର୍ଷ ଠାରୁ ଚଳିତ ବର୍ଷ ୩୨ଟି କୁମ୍ଭୀର ଅଧିକ ଥିବା ଚଳିତ ବର୍ଷର କୁମ୍ଭୀର ଗଣନା ରିପୋର୍ଟରୁ ଜଣାପଡିଛି। ଚଳିତ ବର୍ଷ ଭିତରକନିକାରେ କନିକା ରେଞ୍ଜର ପାଟଶାଳାମାଉଥରୁ ଏଫଆରଏଚଜେଠି ମଧ୍ୟରେ ୨ଟି, ଏଫଆରଏଚ ଜେଠିରୁ ଖୋଲାମାଉଥ ମଧ୍ୟରେ ଗୋଟିଏ, ଗୁପ୍ତିରୁ ହଂସିଣା ମଧ୍ୟରେ ଗୋଟିଏ ୨୦ଫୁଟରୁ ଅଧିକ ଲମ୍ବର ବଉଳା କୁମ୍ଭୀରକୁ ବନବିଭାଗ ଗଣନା ଟିମ୍ ଗଣନା ସମୟରେ ଠାବ କରିଛି। ଜୟନଗର-ଖୋଲା ମଝି ବାଲିପଠା, ଥାନପତିମାଉଥ୍, ଗଞ୍ଜେଇଖିଆ, ଶୁଆଯୋର, ଗୋଧରାପାଳ, ଗୁମୁରାଗାଁ ନିକଟରେ ୧୫ ଫୁଟରୁ ଅଧିକ ଲମ୍ବର କୁମ୍ଭୀର ଠାବ କରାଯାଇଛି ବୋଲି ବନବିଭାଗ ସୂତ୍ରରୁ ଜଣାପଡିଛି। ଚଳିତ ମାସ ୮ ତାରିଖରୁ ୧୦ ତାରିଖ ଯାଏଁ ୩ ଦିନ ଧରି ଏହି କୁମ୍ଭୀର ଗଣନା କରାଯାଇଥିଲା। ବରିଷ୍ଠ ଜୀବ ବିଜ୍ଞାନୀ ଡକ୍ଟର ଶିବ ପ୍ରସାଦ ପରିଡାଙ୍କ ନେତୃତ୍ୱରେ



୨୨ଟି ଟିମ୍ କୁମ୍ଭୀର ଗଣନା କରିଥିଲେ। ଏହି ଗଣନା ସମୟରେ କୁମ୍ଭୀରଶାବକ ଅର୍ଥାତ୍ ୨ ଫୁଟରୁ କମ ଲମ୍ବର କୁମ୍ଭୀର ୫୩୧ ଟି, ବର୍ଷକିଆ ଛୁଆ ଅର୍ଥାତ୍ ୨ ରୁ ୩ ଫୁଟିଆ କୁମ୍ଭୀର ୪୪୨ ଟି, ଦୁଇ ବର୍ଷିଆ ଛୁଆ ଅର୍ଥାତ୍ ୩ ରୁ ୬ ଫୁଟ ଲମ୍ବର କୁମ୍ଭୀର ୩୬୫ ଟି, ୪ ରୁ ୫ ବର୍ଷର ଅର୍ଥାତ୍ ୬ ରୁ ୮ ଫୁଟ ଲମ୍ବର କୁମ୍ଭୀର ୧୬୭ ଟି ଦେଖିବାକୁ ମିଳିଥିବା ବେଳେ ବଡ କୁମ୍ଭୀର ଅର୍ଥାତ ୮ ଫୁଟରୁ ଅଧିକ ଲମ୍ବର ୩୫୩ ଟି କୁମ୍ଭୀର ଗଣନା ବେଳେ ଠାବ କରାଯାଇଛି ବୋଲି ଡିଏଫଓ ଭରଦରାଜ ଗାଓଁଙ୍କର ସୂଚନା ଦେଇଛନ୍ତି।

## ମେଡିକାଲ ବାଥରୁମରେ ଶିଶୁକନ୍ୟାକୁ ଛାଡ଼ି ମା' ଚମ୍ପଟ

**ଭଦ୍ରକ, ୧୯।୧(ସଂଚାର ବ୍ୟୁରୋ):** ମେଡିକାଲ ବାଥରୁମ୍‌ରେ ନବଜାତ ଶିଶୁ କନ୍ୟାକୁ ଛାଡ଼ି ମା' ଫେରାର ହୋଇଯାଇଛି। ନବଜାତ ଶିଶୁ କନ୍ୟାର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଭଦ୍ରକ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଏମିତି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି । ସୂଚନା ଅନୁଯାୟୀ, ଭଦ୍ରକ ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ମହିଳା ରୋଗୀ ୱାର୍ଡରେ କେହି ଜଣେ ମହିଳା ବାଥରୁମ୍‌ରେ ଶିଶୁ ଜନ୍ମକରି ତାକୁ ଛାଡ଼ି ପଳାଇଯାଇଛନ୍ତି। ଅନ୍ୟ ରୋଗୀଙ୍କ ସମ୍ପର୍କୀୟ ବାଥରୁମ୍ ଯାଇଥିବା ବେଳେ ନବଜାତ ଶିଶୁକୁ ଦେଖି ମେଡିକାଲ କର୍ମଚାରୀଙ୍କୁ ଅବଗତ କରିଥିଲେ। ପରେ ଏହି ଶିଶୁଟି ଶିଶୁକନ୍ୟା ବୋଲି ଜଣାପଡ଼ିଥିବା ବେଳେ ତା'ର ମୃତ୍ୟୁ ହୋଇଯାଇଛି। ତେବେ ଶିଶୁର ମା'ଙ୍କୁ ଠାବ କରାଯାଇ ନଥିବା ବେଳେ ଡ୍ୟୁଟିରେ ଥିବା କର୍ମଚାରୀ ମଧ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି । ଏନେଇ ମେଡିକାଲ କର୍ତ୍ତୃପକ୍ଷ ଖୋଳତାଡ଼ ଆରମ୍ଭ କରିଛି।

### ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ଫେଲୋସିପ୍ କାର୍ଯ୍ୟକ୍ରମ

## ତୃତୀୟ ଏକାଡେମିକ ଫୋରମ୍ ଉଦ୍‌ଘାଟିତ




**ଭୁବନେଶ୍ୱର, ୧୯।୧(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ଫେଲୋସିପ୍ କାର୍ଯ୍ୟକ୍ରମର ତୃତୀୟ ଏକାଡେମିକ ଫୋରମ୍ ଭୁବନେଶ୍ୱରସ୍ଥିତ 'ୱାର୍ଲ୍ଡ ସ୍କିଲ୍ ସେଣ୍ଟର' ଠାରେ ଉଦଘାଟିତ ହୋଇଯାଇଛି। ଏହାକୁ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉଦଘାଟନ କରିଛନ୍ତି।

୨୦୨୪ ଜୁଲାଇ ମାସରେ ଆରମ୍ଭ ହୋଇଥିବା ଏହି ଫେଲୋସିପ୍ କାର୍ଯ୍ୟକ୍ରମ ଜିଲ୍ଲାସ୍ତରରେ ଯୁବ ପେଶାଦାରମାନଙ୍କୁ ନିୟୋଜିତ କରି ବିକେନ୍ଦ୍ରୀକୃତ ଦକ୍ଷତା ଶାସନ ପ୍ରକ୍ରିୟାକୁ ଅଧିକ ଶକ୍ତିଶାଳୀ କରିଥିବା ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି। ଏହା ସରକାରୀ ନୀତି ଏବଂ ଏହାର କାର୍ଯ୍ୟକାରିତା ମଧ୍ୟରେ ଥିବା ଦୂରତାକୁ ହ୍ରାସ କରିବାରେ ସହାୟକ ହୋଇଛି। ସ୍ଥାନୀୟ ଆବଶ୍ୟକତା ଏବଂ ଶିଳ୍ପ କ୍ଷେତ୍ରର ଚାହିଦା ଅନୁଯାୟୀ ଜିଲ୍ଲାଭିତ୍ତିକ ଦକ୍ଷତା ସମାଧାନ ପାଇଁ ଫେଲୋମାନଙ୍କର ଅଭିନବ କ୍ଷେତ୍ରସ୍ତରୀୟ ପଦକ୍ଷେପ ଏବଂ ଅବଦାନକୁ ସେ ପ୍ରଶଂସା କରିଥିଲେ।

୨୦୩୬ ମସିହାରେ ଓଡ଼ିଶା ଗଠନର ୧୦୦ ବର୍ଷ ପୂର୍ତ୍ତି ଅବସରରେ 'ବିକଶିତ ଓଡ଼ିଶା' ଗଠନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହା ମୂଳତଃ ମାନବ ସମ୍ବଳ ବିକାଶ ଉପରେ ଆଧାରିତ। ଏହି ଯାତ୍ରାରେ ଦକ୍ଷତା ବିକାଶ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବାକୁ ହେଲେ, ପ୍ରତ୍ୟେକ ଯୁବକଙ୍କ ପାଖରେ ଦକ୍ଷତା ବିକାଶ, ନିଯୁକ୍ତି ଏବଂ ନିରନ୍ତର ଅଭିବୃଦ୍ଧିର ସୁଯୋଗ ରହିବା ଆବଶ୍ୟକ। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନର ସ୍ୱପ୍ନକୁ ଦୋହରାଇ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଫେଲୋମାନଙ୍କୁ ଭବିଷ୍ୟତ-ଉପଯୋଗୀ ଦକ୍ଷତା ବିକାଶ, ସାମଗ୍ରିକ ଅଭିବୃଦ୍ଧି ସହିତ ସ୍ଥାନୀୟ ଅର୍ଥନୈତିକ ବିକାଶ ସହ ସମନ୍ୱୟ ରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ।

## ଛାତ୍ରଙ୍କୁ ପିଟି ଲହୁଲୁହାଣ କଲେ ପ୍ରଧାନଶିକ୍ଷକ

- ଅତିରିକ୍ତ ଜିଲାପାଳଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି

**ଛତ୍ରପୁର, ୧୯।୧(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ହୁମ୍ମା ସ୍ଥିତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ଜଣେ ନବମ ଶ୍ରେଣୀ ଛାତ୍ରଙ୍କୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ମାଡ ମାରି ଲହୁଲୁହାଣ କରିଛନ୍ତି। ଏନେଇ ଗଞ୍ଜାମ ଜିଲା ପ୍ରଶାସନ ନିକଟରେ ଅଭିଯୋଗ ହୋଇଛି। ମାଡ ଖାଇଥିବା ଛାତ୍ର ଜଣକ ବାଲୁଗାଁ ସାମନ୍ତରାପୁର ଗ୍ରାମର ଅନ୍ତର୍ଯ୍ୟାମୀ ବେହେରା। ସୂଚନାପ୍ରକାରେ, ଅନ୍ତର୍ଯ୍ୟାମୀ ବିଦ୍ୟାଳୟରେ ହେବାକୁ ଥିବା ଡ୍ୟାନ୍ସ ପୋଗ୍ରାମ ପାଇଁ ନିଜ ସାଙ୍ଗମାନଙ୍କ ସହ ମୋବାଇଲରେ ଡ୍ୟାନ୍ସ ଭିଡିଓ ଦେଖୁଥିଲେ। ଏନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ କୁମାର ପାଢୀ ଏବଂ କିଛି ଶିକ୍ଷକ ତାଙ୍କୁ ଏକ ବଡ଼ ବାଉଁଶରେ ମାଡ ମାରି ଲହୁଲୁହାଣ କରିଥିଲେ। ପରେ ଛାତ୍ର ଅନ୍ତର୍ଯ୍ୟାମୀଙ୍କୁ ବିଦ୍ୟାଳୟ ପରିସରରେ ଥିବା ଅନ୍ୟ ଏକ ପ୍ରକୋଷ୍ଠରେ ରଖିଦେଇଥିଲେ। ଖବରପାଇ ୧୬ ତାରିଖ ଦିନ ଅନ୍ତର୍ଯ୍ୟାମୀଙ୍କ ମାଉସୀ ରଜନି ବେହେରା ତାଙ୍କୁ ଚିକିତ୍ସା କରାଇଥିଲେ। ଆଜି ଗଞ୍ଜାମ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ସୁନୀଲ କୁମାର କେରକେଟାଙ୍କୁ ଭେଟି ସେ ଏହା ବିରୋଧରେ ଅଭିଯୋଗ କରିଥିଲେ। ଅନ୍ତର୍ଯ୍ୟାମୀଙ୍କ ବାପା ମାଆ ଅକ୍ଷମ ବ୍ୟକ୍ତି ହୋଇଥିବାରୁ ରଜନୀ ତାଙ୍କ ପୁତୁରାଙ୍କୁ ଗତ ଚାରିବର୍ଷ ହେଲା ଏହି ବିଦ୍ୟାଳୟରେ ପାଠ ପଢିବାକୁ ଆଡମିଶନ କରିଥିଲେ। ତେବେ ପ୍ରଧାନଶିକ୍ଷକ ତାଙ୍କ ପୁତୁରାଙ୍କୁ ଶାରୀରିକ ମାନସିକ ଯନ୍ତ୍ରଣା ଦେଇଛନ୍ତି। ଯାହାଫଳରେ ତାଙ୍କ ପୁତୁରା ଆହତ ହେବା ସହିତ ଭୟଭୀତ ଅବସ୍ଥାରେ ରହିଛନ୍ତି। ଅତିରିକ୍ତ ଜିଲାପାଳ ସୁନୀଲ କୁମାର କେର୍କେଟା ନବମ ଶ୍ରେଣୀ ଛାତ୍ର ଅନ୍ତର୍ଯ୍ୟାମୀ ଏବଂ ତାଙ୍କ ମାଉସୀଙ୍କ ଠାରୁ ଘଟଣା ସମ୍ପର୍କରେ ଜାଣିବା ପରେ ଏହାର ତଦନ୍ତ ନିମନ୍ତେ ଭାରପ୍ରାପ୍ତ ଜିଲା ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ପିଏମ୍‌ଜେଏୱାଇ ଓ ଏବିଡିଏମ୍ ଚିନ୍ତନ ଶିବିର ଉଦ୍‌ଘାଟିତ

# ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା ଯୋଗାଇବା ସରକାରଙ୍କ ପ୍ରାଥମିକତା




**ଭୁବନେଶ୍ୱର, ୧୯।୧(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଏବଂ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ, 'ସୁସ୍ଥ ଓଡ଼ିଶା- ବିକଶିତ ଓଡ଼ିଶା' ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ସଂକଳ୍ପ ପୂରଣ କରିବା ଦିଗରେ ଦ୍ରୁତ ଗତିରେ ଆଗକୁ ବଢ଼ୁଛୁ। ସମସ୍ତଙ୍କୁ ଉତ୍କୃଷ୍ଟ ସ୍ୱାସ୍ଥ୍ୟ ସେବା ଯୋଗାଇବା ଓଡ଼ିଶା ସରକାରଙ୍କ ପାଇଁ ନିରନ୍ତର ପ୍ରାଥମିକତା ହୋଇଆସିଛି ବୋଲି ଭୁବନେଶ୍ୱରରେ ଆୟୋଜିତ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ଜନଆରୋଗ୍ୟ ଯୋଜନା (ପିଏମ୍‌ଜେଏୱାଇ) ଏବଂ ଆୟୁଷ୍ମାନ ଭାରତ ଡିଜିଟାଲ୍ ମିଶନ୍ (ଏବିଡିଏମ୍) ଉପରେ ଚିନ୍ତନ ଶିବିରର ଉଦଘାଟନ କରି କହିଛନ୍ତି ବିଭାଗୀୟ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ।

ମନ୍ତ୍ରୀ ପରାମର୍ଶ ଦେଇଥିଲେ ଯେ, ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଅଧୀନରେ ଆୟୁଷ ଚିକିତ୍ସା ପ୍ୟାକେଜଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ଉପରେ ବିଚାର କରାଯିବା ଉଚିତ, ଯାହା ଦ୍ୱାରା ଆଧୁନିକ ଔଷଧ ସହିତ ସମନ୍ୱୟ ସ୍ଥାପନ କରାଯାଇପାରିବ। ଏହି ସାମଗ୍ରିକ ଆଭିମୁଖ୍ୟ ଆୟୁଷ ଇକୋସିଷ୍ଟମକୁ ସଶକ୍ତ କରିବ, ଗୁଣାତ୍ମକ ସ୍ୱାସ୍ଥ୍ୟ ସେବାକୁ ତୃଣମୂଳ ସ୍ତରକୁ ବିସ୍ତାର କରିବ ଏବଂ ଏକ ବିକଶିତ ଭାରତର ଲକ୍ଷ୍ୟରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ।

ଉଦଘାଟନୀ ଉତ୍ସବରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଶାସନ ସଚିବ ଏ ଏସ୍. ସ୍ୱାଗତ ଭାଷଣ ଦେଇଥିଲେ। ଜାତୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡାକ୍ତର ସୁନିଲ କୁମାର ବର୍ଣ୍ଣୱାଲ୍ ଚିନ୍ତନ ଶିବିରର ଉଦ୍ଦେଶ୍ୟ ବିଷୟରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ ଲାଭ ପ୍ୟାକେଜ୍ ମାନୁଆଲ୍- ଦ୍ୱିତୀୟ ଭାଗ, ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ବେଷ୍ଟ ପ୍ରାକ୍ଟିସ ପୁସ୍ତକକୁ ଉନ୍ମୋଚନ କରିଥିଲେ। ଏହା ସହ ଭାଷିନୀ , ଭାରତୀୟ ବିଜ୍ଞାନ ସଂସ୍ଥାନ , ବେଙ୍ଗାଲୁରୁ ଏବଂ ରାଷ୍ଟ୍ରୀୟ ଆକ୍ରେଡିଟେସନ୍ ବୋର୍ଡ଼ ଫର୍ ହସ୍ପିଟାଲ୍ ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ଶିବିରରେ ଭାରତର ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳମାନଙ୍କର ସ୍ୱାସ୍ଥ୍ୟ ସଚିବ, ବିଶେଷଜ୍ଞ ପ୍ରତିନିଧାମାନେ ଯୋଗ ଦେଇଛନ୍ତି। ଏହି ଚିନ୍ତନ ଶିବିରରେ ସମୁଦାୟ ୬ ଟି ଅଧିବେଶନରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ




# ବେଲଗାମ୍ ସୁନା ରୁପା ଦର

ଭୁବନେଶ୍ୱର, ୧୯।୧: ସୁନା ରୁପା ଦର ଲଗାମହୀନ ଭାବେ ବଢ଼ିଚାଲିଛି । ଦିନକୁ ଦିନ ଏହି ଦୁଇ ମୂଲ୍ୟବାନ ଧାତୁର ଦାମ୍ ନୂଆ ରେକର୍ଡ କରୁଛି। ଏହି କ୍ରମରେ ସୋମବାର ଭୁବନେଶ୍ୱର ବଜାରରେ ୨୪ କ୍ୟାରେଟ୍ ସୁନାର ୧୦ ଗ୍ରାମ୍ ପିଛା ମୂଲ୍ୟ ୧୯୧୦ ଟଙ୍କା ବୃଦ୍ଧି ପାଇ ନୂଆ ରେକର୍ଡ ୧,୪୫,୬୯୦ ଟଙ୍କାରେ ପହଞ୍ଚିଛି। ସେହିଭଳି ୨୨ କ୍ୟାରେଟ୍ ସୁନାର ୧୦ ଗ୍ରାମ୍ ପିଛା ଦର ୧୭୫୦ ଟଙ୍କା ବୃଦ୍ଧି ଘଟି ୧,୩୩,୫୫୦ ଟଙ୍କା ଛୁଇଁଛି ।



୨୦୨୬ ମସିହାର ପ୍ରଥମ ୧୯ ଦିନରେ ସୁନା ଦର ପାଖାପାଖି ୮ ପ୍ରତିଶତ ବୃଦ୍ଧି ପାଇଛି। ଜାନୁଆରି ପହିଲାରେ ୨୪ କ୍ୟାରେଟ୍ ସୁନା ଦର ୧,୩୫,୦୬୦ ଟଙ୍କା ଥିଲା। ତେଣୁ ଗତ ୧୯ ଦିନରେ ଏହାର ଦର ୧୦,୬୩୦ ଟଙ୍କା ବଢ଼ିଯାଇଛି। ସେହିଭଳି ୨୨ କ୍ୟାରେଟ୍ ସୁନା ଦର ଜାନୁଆରି ପହିଲାରେ ୧,୨୩,୮୦୦ ଟଙ୍କା ଥିଲା। ତେଣୁ ୨୨ କ୍ୟାରେଟ୍ ସୁନା ଦାମ୍ ଇତିମଧ୍ୟରେ ୯୭୫୦ ଟଙ୍କା ମହଙ୍ଗା ହୋଇଯାଇଛି।ସୁନା ତୁଳନାରେ ରୁପା ଦର ଦ୍ରୁତମାତ୍ରାରେ ବୃଦ୍ଧି ପାଉଛି। ସୋମବାର ଭୁବନେଶ୍ୱର ବଜାରରେ ରୁପା ଦର କିଲୋଗ୍ରାମ୍ ପିଛା ୮୦୦୦ ଟଙ୍କା ବୃଦ୍ଧି ପାଇ ନୂଆ ରେକର୍ଡ ୩,୧୮,୦୦୦ ଟଙ୍କା ଛୁଇଁଛି। ୨୦୨୬ ମସିହାର ପ୍ରଥମ ୧୯ ଦିନରେ ରୁପା ଦର ୨୪.୨୨ ପ୍ରତିଶତ ବୃଦ୍ଧି ପାଇଲାଣି। ଜାନୁଆରି ପହିଲାରେ ରୁପା ଦର କିଲୋଗ୍ରାମ ପିଛା ୨,୫୬,୦୦୦ ଟଙ୍କା ରହିଥିଲା। ତେଣୁ ଇତିମଧ୍ୟରେ ରୁପା ଦରରେ ୬୨ ହଜାର ଟଙ୍କା ବୃଦ୍ଧି ଘଟିଲାଣି। ଅନ୍ତର୍ଜାତୀୟସ୍ତରରେ ଦେଖାଦେଇଥିବା ଭୂରାଜନୈତିକ କାରଣ ପାଇଁ ନିବେଶକମାନେ ସୁନା ଓ ରୁପା ଭଳି ମୂଲ୍ୟବାନ ଧାତୁରେ ନିବେଶ କରିବାକୁ ପସନ୍ଦ କରୁଛନ୍ତି। ଏଥିସହିତ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ଏହି ଧାତୁର ବ୍ୟବହାର ବୃଦ୍ଧି ପାଇଥିବାରୁ ଚାହିଦା ବଢ଼ିଯାଇଛି। ଏହାର ପ୍ରଭାବ ଦର ଉପରେ ପଡ଼ିଛି ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୫,୬୯୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୩,୫୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୫,୬୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୩୩,୫୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୪୫,୬୯୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୩୩,୫୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୪୫,୮୪୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୩୩,୭୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୬,୭୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୪,୫୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୫,୬୯୦ ଓ ୧,୩୩,୫୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୩,୦୫,୦୦୦ ଟଙ୍କା ହୋଇଛି।

# ସାଧାରଣ ବଜେଟ୍ ୨୦୨୬-୨୭

# ଇଲେକ୍ଟ୍ରୋନିକ୍ସ ଉପକରଣରେ ଶୁଳ୍କ ହ୍ରାସ ଦାବି

ନୂଆଦିଲ୍ଲୀ,୧୯।୧: ବଜେଟ୍‌କୁ ଆଉ ମାତ୍ର ଦିନ କେଇଟା ରହିଲା। ତେଣୁ ବିଭିନ୍ନ ଶିଳ୍ପ ପକ୍ଷରୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ନିକଟରେ ନିଜ ନିଜର ଦାବି ଉପସ୍ଥାପନ କରାଯାଉଛି। ପ୍ରମୁଖ ଇଲେକ୍ଟ୍ରୋନିକ୍ସ ଉପକରଣ ଉପରେ ମୂଳ ସୀମା ଶୁଳ୍କ ହ୍ରାସ କରିବା ପାଇଁ ଇଲେକ୍ଟ୍ରୋନିକ୍ସ ଶିଳ୍ପ ସଂଘ ଏମ୍ଏଆଇଟି ଦାବି କରିଛି। ଏହାସହିତ ଟିକସ ପ୍ରୋତ୍ସାହନ ବଢ଼ାଇବା ପାଇଁ ଦାବି ଉପସ୍ଥାପନ କରିଛି ଆଇଟି ଉତ୍ପାଦନକାରୀ ସଂଘ ଏମ୍ଏଆଇଟି। ସଂଘ ପକ୍ଷରୁ ଅର୍ଥ ଏବଂ ଆଇଟି ମନ୍ତ୍ରାଳୟ ନିକଟରେ ପ୍ରାକ୍-ବଜେଟ୍ ସୁପାରିସ ଦାଖଲ କରାଯାଇଛି। ପ୍ରମୁଖ ସବ୍- ଆସେମ୍ବ୍ଲି ଯେପରି କ୍ୟାମେରା ମଡ୍ୟୁଲ୍, ଡିସ୍ପ୍ଲେ ଆସେମ୍ବ୍ଲି ଏବଂ କନେକ୍ଟର ଉପରେ ଆମଦାନି ଶୁଳ୍କକୁ ୧୦%ରୁ କମାଇ ୫% କରିବା ପାଇଁ ଦାବି କରାଯାଇଛି। ଉତ୍ପାଦନ ଖର୍ଚ୍ଚ କମାଇବା ସହ ପ୍ରତିଯୋଗିତା ବଢ଼ାଇବା ଉଦ୍ଦେଶ୍ୟରେ ଶିଳ୍ପ ସଂଘ ପକ୍ଷରୁ ଏହି ସୁପାରିସ ହୋଇଛି। ସାମ୍ପ୍ରତିକ ଜଟିଳ ଭୁ-ରାଜନୈତିକ ସ୍ଥିତି, ବାଣିଜ୍ୟ ଏବଂ ଟାରିଫ୍ ଅନିଶ୍ଚିତତା ମଧ୍ୟରେ ୨୦୨୬- ୨୭ ବଜେଟ୍ ଅତ୍ୟନ୍ତ ଗୁରୁତ୍ୱ ବହନ କରୁଛି। ବିଶ୍ୱ ଯୋଗାଣ ଶୃଙ୍ଖଳରେ ବାଧା, ଭୁ-ରାଜନୈତିକ ସମସ୍ୟା ଏବଂ କଠୋର ବାଣିଜ୍ୟ ନୀତି ଆଦି ଶିଳ୍ପଜଗତକୁ ଚିନ୍ତିତ କରିଛି। ଏଭଳି ସ୍ଥିତିରେ ବଜେଟ୍ରେ ଏହାର ପ୍ରଭାବକୁ ପ୍ରତିହତ କରିବା ଲାଗି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଠୋସ୍ ରଣନୀତି ଆଣିପାରନ୍ତି ବୋଲି ଅନୁମାନ ରହିଛି। ଆଇସିଟି ଗ୍ରହଣୀୟତା, ଏଆଇ ଇଣ୍ଟିଗ୍ରେଶନ୍, ମାର୍କେଟ୍ ଆକ୍ସେସ୍, ଅଣୁ ଏବଂ କ୍ଷୁଦ୍ର ଉଦ୍ୟୋଗ, ଷ୍ଟାର୍ଟଅପ୍ ଓ ରପ୍ତାନି-କୈନ୍ଦ୍ରିକ ଏମ୍ଏସ୍ଏମ୍ଇଗୁଡ଼ିକ ପାଇଁ ପରିବର୍ଦ୍ଧିତ ଋଣ ଯୋଗାଣ ଆଦି ବ୍ୟବସ୍ଥା କରିବା ଲାଗି ଏମ୍ଏଆଇଟି ପକ୍ଷରୁ ଦାବି କରାଯାଇଛି।





## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୬ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୪ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୬ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି ।

# ୨୦୨୮ ସୁଦ୍ଧା ଦୁନିଆର ତୃତୀୟ ବୃହତ ଅର୍ଥବ୍ୟବସ୍ଥା

ନୂଆଦିଲ୍ଲୀ, ୧୯।୧: ଭାରତର ଆର୍ଥିକ ବିକାଶର ଗତି ଲଗାତାର ବଢୁଛି। ଏହାରି ଭିତରେ ଦେଶର ସବୁଠୁ ବଡ଼ ସରକାରୀ ବ୍ୟାଙ୍କ ଏସବିଆଇ ରିସର୍ଚ୍ଚ ସୋମବାର ଜାନୁଆରୀ ୧୯ରେ ଏକ ରିପୋର୍ଟ ଜାରି କରିଛି। ଏହି ରିପୋର୍ଟ ଅନୁସାରେ ଭାରତ ଏବେ ଦୁନିଆର ଚତୁର୍ଥ ବଡ଼ ଅର୍ଥନୀତି ଓ ୨୦୨୮ ସୁଦ୍ଧା ତୃତୀୟ ବଡ଼ ଅର୍ଥବ୍ୟବସ୍ଥା ହେବା ଆଡ଼କୁ ଅଗ୍ରସର ହେଉଛି। କେବଳ ଏତିକି ନୁହେଁ, ୨୦୩୦ ସୁଦ୍ଧା ଭାରତ ଦୁନିଆର ସେହି ଦେଶଗୁଡ଼ିକ ମଧ୍ୟରେ ସାମିଲ ହେବ, ଯେଉଁମାନଙ୍କୁ "ଅପର୍ ମିଡିଲ୍ ଇକୋନୋମି କଣ୍ଟ୍ରି କୁହାଯାଏ"। ଭାରତ ବର୍ତ୍ତମାନ ଯେଉଁ ସ୍ଥିତିରେ ଅଛି, ସେଠାରୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ଯାତ୍ରା ସହଜ ନୁହେଁ। ସ୍ୱାଧୀନତା ପରେ ଭାରତକୁ ୧ ଟ୍ରିଲିୟନ ଡଲାର ଅର୍ଥନୀତି ହେବା ପାଇଁ ୬୦ ବର୍ଷ ସମୟ ଲାଗିଥିଲା। କିନ୍ତୁ ଏହା ପରେ ବିକାଶର ଗତି ଲଗାତାର ବୃଦ୍ଧି ପାଇଛି। ଏସବିଆଇ ରିସର୍ଚ୍ଚର ରିପୋର୍ଟ ଅନୁସାରେ ଭାରତର ଅର୍ଥବ୍ୟବସ୍ଥା ୨୦୧୪ରେ ୨ ଟ୍ରିଲିୟନ ଡଲାର, ୨୦୨୧ରେ ୩ ଟ୍ରିଲିୟନ ଡଲାର ଓ ୨୦୨୫ରେ ୪ ଟ୍ରିଲିୟନ ଡଲାର ଲକ୍ଷ୍ୟ ହାସଲ କରିଥିଲା। ଏବେ ଅନୁମାନ କରାଯାଉଛି ଯେ ୨୦୨୭-୨୮ ସୁଦ୍ଧା ଭାରତ ୫ ଟ୍ରିଲିୟନ ଡଲାର ଅର୍ଥବ୍ୟବସ୍ଥା ହୋଇଯିବ। ଏହା ବ୍ୟତୀତ ଏହି ରିପୋର୍ଟ ଅନୁସାରେ ୨୦୩୫-୩୫ ସୁଦ୍ଧା ୧୦ ଟ୍ରିଲିୟନ ଡଲାରର ଅର୍ଥନୀତି ହେବା ମାର୍ଗ ମଧ୍ୟ ପ୍ରଶସ୍ତ ହୋଇଯିବ।

ରିପୋର୍ଟ ଅନୁସାରେ କେବଳ ଦେଶର ମୋଟ ଆୟ ଅର୍ଥାତ୍ ଜିଡିପି ନୁହେଁ, ବରଂ ସାଧାରଣ ଲୋକଙ୍କ ହାରାହାରି ପ୍ରତି ବ୍ୟକ୍ତି ଆୟରେ ମଧ୍ୟ ପରିବର୍ତ୍ତନ ଦେଖିବାକୁ ମିଳିପାରେ। ଭାରତର ପ୍ରତି ବ୍ୟକ୍ତି ଆୟ ୨୦୦୯ରେ ୧୦୦୦ ଡଲାର ପହଞ୍ଚିଥିଲା। ଦେଶକୁ ଏହି ସ୍ଥାନରେ ପହଞ୍ଚିବା ପାଇଁ ୬୨ ବର୍ଷ ସମୟ ଲାଗିଥିଲା। ଅନ୍ୟପଟେ ୨୦୨୬ରେ ଏହି ସଂଖ୍ୟା ୩୦୦୦ ଡଲାର ଓ ୨୦୩୦ ସୁଦ୍ଧା ୪୦୦୦ ଡଲାରରେ ପହଞ୍ଚିବାର ଅନୁମାନ ରହିଛି।



ଏସବିଆଇ ରିସର୍ଚ୍ଚ ଅନୁସାରେ ୪୦୦୦-୪୫୦୦୦ ଡଲାର ପ୍ରତି ବ୍ୟକ୍ତି ଆୟର ଅର୍ଥ ହେଉଛି ଭାରତର "ଅପର୍ ମିଡିଲ୍ ଇନକମ୍ କଣ୍ଟ୍ରି" ବର୍ଗରେ ସାମିଲ ହେବ। ଏହି କ୍ଲବରେ ବର୍ତ୍ତମାନ ଚୀନ ଓ ଇଣ୍ଡୋନେସିଆ ପରି ଦେଶ ଅଛନ୍ତି। ରିପୋର୍ଟରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ ଗତ ଦଶନ୍ଧି ମଧ୍ୟରେ ଭାରତ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିଶୀଳ ଦେଶମାନଙ୍କ ମଧ୍ୟରେ ରହିଛି। ୨୦୨୪ ପର୍ଯ୍ୟନ୍ତ ଦଶନ୍ଧିରେ, ଭାରତ ଗ୍ଲୋବାଲ୍ ଗ୍ରୋଥ୍ ଡିଷ୍ଟ୍ରିବ୍ୟୁସନରେ ୯୫ ପ୍ରତିଶତରେ ପହଞ୍ଚିଛି। ସରଳ ଭାଷାରେ କହିବାକୁ ଗଲେ, ଭାରତ ବିଶ୍ୱର ଅଧିକାଂଶ ଦେଶ ତୁଳନାରେ ଦ୍ରୁତ ଗତିରେ ଅଗ୍ରଗତି କରିଛି। ବିଶ୍ୱ ବ୍ୟାଙ୍କ ଦେଶଗୁଡ଼ିକୁ ସେମାନଙ୍କ ମୁଣ୍ଡପିଛା ମୋଟ ଜାତୀୟ ଆୟ (ଜିଏନଆଇ) ଆଧାରରେ ଚାରୋଟି ବର୍ଗରେ ବିଭକ୍ତ କରିଛି: ନିମ୍ନ-ଆୟ, ନିମ୍ନ-ମଧ୍ୟମ-ଆୟ, ଉଚ୍ଚ-ମଧ୍ୟମ-ଆୟ, ଏବଂ ଉଚ୍ଚ-ଆୟ। ୧୯୯୦ ମସିହାରେ ଅଧିକାଂଶ ଦେଶ ନିମ୍ନ କିମ୍ବା ନିମ୍ନ-ମଧ୍ୟମ-ଆୟ ବର୍ଗରେ ଥିଲେ, ୨୦୨୪ ସୁଦ୍ଧା ଉଚ୍ଚ-ଆୟ ଏବଂ ଉଚ୍ଚ-ମଧ୍ୟମ-ଆୟ ଦେଶର ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇଛି।

ଏସବିଆଇ ରିସର୍ଚ୍ଚ ରିପୋର୍ଟରେ କୁହାଯାଇଛି ଯେ ଯଦି ଭାରତ ୨୦୪୭ ସୁଦ୍ଧା ଏକ ଉଚ୍ଚ-ଆୟକାରୀ ଦେଶ ହେବାକୁ ଚାହେଁ, ତେବେ ପ୍ରତି ମୁଣ୍ଡପିଛା ଆୟ ବାର୍ଷିକ ପ୍ରାୟ ୭.୫ରୁ ୯ ପ୍ରତିଶତ ହାରରେ ବୃଦ୍ଧି ପାଇବାକୁ ପଡିବ। ସୌଭାଗ୍ୟବଶତଃ, ଗତ ଦୁଇ ଦଶନ୍ଧି ମଧ୍ୟରେ ଭାରତର ପ୍ରତି ମୁଣ୍ଡପିଛା ଆୟ ଅଭିବୃଦ୍ଧି ଆହୁରି ଭଲ ହୋଇଛି। ଏହାର ଅର୍ଥ ହେଉଛି ଏହି ଲକ୍ଷ୍ୟ ହାସଲ କରିବା ସମ୍ପୂର୍ଣ୍ଣ ସମ୍ଭବ। ରିପୋର୍ଟରେ ସ୍ପଷ୍ଟ ଭାବରେ କୁହାଯାଇଛି ଯେ ଯଦି ଆର୍ଥିକ ସଂସ୍କାରର ଗତି ଜାରି ରହେ ଏବଂ ଉତ୍ପାଦନ ଓ ନିବେଶକୁ ସୁଦୃଢ଼ କରାଯାଏ, ତେବେ ଭାରତ ପାଇଁ ଏହି ଲକ୍ଷ୍ୟ ହାସଲ କରିବା କଷ୍ଟକର ନୁହେଁ। ୧୯୯୦ ମସିହାରେ ଭାରତ ବିଶ୍ୱର ୧୪ତମ ବୃହତ୍ତମ ଅର୍ଥନୀତି ଥିଲା। ୨୦୨୫ ସୁଦ୍ଧା ଏହା ଚତୁର୍ଥ ସ୍ଥାନକୁ ଉଠିଥିଲା ଏବଂ ୨୦୨୮ ସୁଦ୍ଧା ଜର୍ମାନୀକୁ ପଛରେ ପକାଇ ତୃତୀୟ ସ୍ଥାନରେ ପହଞ୍ଚିବାର ଆଶା କରାଯାଉଛି।

## ସରକାରଙ୍କୁ ରିଜର୍ଭ ବ୍ୟାଙ୍କର ପ୍ରସ୍ତାବ

# ବ୍ରିକ୍ସ କାରବାରରେ ଡିଜିଟାଲ୍ ମୁଦ୍ରା ଆପଣାଅ

ନୂଆଦିଲ୍ଲୀ/ମୁମ୍ବାଇ, ୧୯।୧: ଟ୍ରମ୍ପଙ୍କ ଶୁଳ୍କ ଧମକ ଏବଂ ଅନ୍ୟାନ୍ୟ ଭୂରାଜନୈତିକ ସମସ୍ୟା ଲାଗି ରହିଥିବାବେଳେ ଭାରତ ସରକାରଙ୍କୁ ରିଜର୍ଭ ବ୍ୟାଙ୍କ ଏକ ନୂଆ ପ୍ରସ୍ତାବ ଦେଇଛି। ବ୍ରିକ୍ସ ସଦସ୍ୟଗୁଡ଼ିକ ସେମାନଙ୍କ ବାଣିଜ୍ୟ କ୍ଷେତ୍ରରେ ନିଜ ନିଜ ଦେଶର ଡିଜିଟାଲ ମୁଦ୍ରା ବ୍ୟବହାର କରିବା ଲାଗି କହିଛି। କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକର ଡିଜିଟାଲ ମୁଦ୍ରାକୁ ଯୋଡ଼ିବା ପ୍ରସ୍ତାବ ରଖିବା ପାଇଁ ରିଜର୍ଭ ବ୍ୟାଙ୍କ କହିଛି ବୋଲି ଏକ ସୂତ୍ରରୁ ଜଣାଯାଇଛି। ନିଜ ନାମ ଗୋପନ ରଖି ରିଜର୍ଭ ବ୍ୟାଙ୍କର ଅଧିକାରୀମାନେ ଏହି ସୂଚନା ଦେଇଛନ୍ତି। ଭାରତରେ ଚଳିତବର୍ଷ ହେବାକୁ ଥିବା ବ୍ରିକ୍ସର ଅଷ୍ଟାଦଶ ଶିଖର ବୈଠକରେ ଏ ସଂକ୍ରାନ୍ତ କାର୍ଯ୍ୟସୂଚୀ ରଖିବା ପାଇଁ ରିଜର୍ଭ ବ୍ୟାଙ୍କ ସୁପାରିସ କରିଛି। ଏହା କାର୍ଯ୍ୟକାରୀ ହେଲେ ଭାରତ ସମେତ ବ୍ରିକ୍ସର ଅନ୍ୟାନ୍ୟ ଦେଶଗୁଡ଼ିକୁ ବାଣିଜ୍ୟିକ କାରବାର ପାଇଁ ଡଲାର ଉପରେ କମ୍ ନିର୍ଭର କରିବାକୁ ପଡ଼ିବ। ଯଦି ଭାରତ ସରକାର ପ୍ରସ୍ତାବ ରଖନ୍ତି ଏବଂ ବ୍ରିକ୍ସ ଦେଶଗୁଡ଼ିକ ଏହାକୁ କାର୍ଯ୍ୟକାରୀ କରନ୍ତି ତାହେଲେ ଏ କ୍ଷେତ୍ରରେ ଏକ ବଡ଼ ସଫଳତା ବ୍ରିକ୍ସ ଦେଶଗୁଡ଼ିକୁ ମିଳିବ। ତେବେ ଏହି ମୁଦ୍ରା ସଂପର୍କରେ ରଏଟର୍ସ ପକ୍ଷରୁ କରାଯାଇଥିବା ପ୍ରଶ୍ନ ଉପରେ ଭାରତୀୟ ରିଜର୍ଭ ବ୍ୟାଙ୍କ, କେନ୍ଦ୍ର ସରକାର ଏବଂ ବ୍ରାଜିଲର କେନ୍ଦ୍ରୀୟ ବ୍ୟାଙ୍କ କୌଣସି ପ୍ରତିକ୍ରିୟା ରଖିନାହାନ୍ତି। କିନ୍ତୁ ପିପୁଲ୍ସ ବ୍ୟାଙ୍କ ଅଫ୍ ଚୀନ ପକ୍ଷରୁ କୁହାଯାଇଛି ଏହି ପ୍ରସଙ୍ଗ ଉପରେ ମତ ରଖିବାକୁ ତା ନିକଟରେ କୌଣସି ସୂଚନା ନାହିଁ। ରୁଷ୍ ଏବଂ ଦକ୍ଷିଣ ଆଫ୍ରିକାର କେନ୍ଦ୍ରୀୟ ବ୍ୟାଙ୍କ ମତାମତ ଦେବାକୁ ମନା




କରିଦେଇଛନ୍ତି। ବ୍ରିକ୍ସର ପ୍ରମୁଖ ସଦସ୍ୟମାନେ ହେଲେ ବ୍ରାଜିଲ, ରୁଷ୍, ଭାରତ, ଚୀନ ଏବଂ ଦକ୍ଷିଣ ଆଫ୍ରିକା। ବ୍ରାଜିଲର ରିଓ ଡି ଜେନିରୋଠାରେ ଅନୁଷ୍ଠିତ ୨୦୨୫ ବ୍ରିକ୍ସ ସମ୍ମିଳନୀ ଘୋଷଣାନାମାରେ ସଦସ୍ୟ ଦେଶଗୁଡ଼ିକ ସେମାନଙ୍କ ଅନ୍ତର୍ଜାତୀୟ ବାଣିଜ୍ୟକୁ ଅଧିକ ଦକ୍ଷ କରିବା ଲାଗି ପେମେଣ୍ଟ୍ ବ୍ୟବସ୍ଥାକୁ ସୁଗମ କରିବା ଲାଗି କୁହାଯାଇଥିଲା। ସେହି ଆଧାରରେ ରିଜର୍ଭ ବ୍ୟାଙ୍କ ଏଭଳି ପ୍ରସ୍ତାବ ରଖିଥିବା କୁହାଯାଉଛି। ଯଦିଓ ବ୍ରିକ୍ସର କୌଣସି ସଦସ୍ୟ ରାଷ୍ଟ୍ର ଡିଜିଟାଲ୍ ମୁଦ୍ରା ସଂପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରି ନାହାନ୍ତି ତଥାପି ୫ ମୁଖ୍ୟ ସଦସ୍ୟ ରାଷ୍ଟ୍ର ପାଇଲଟ୍ ପ୍ରକଳ୍ପ ଚଳାଇଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ ଏହାର ଡିଜିଟାଲ ମୁଦ୍ରା 'ଇ-ରୁପି' ୨୦୨୨ ଡିସେମ୍ବରରେ ଆରମ୍ଭ କରିଛି। ପ୍ରାୟ ୭୦ ଲକ୍ଷ ବ୍ୟକ୍ତି ଏହାର ବ୍ୟବହାର କରୁଛନ୍ତି। ଅନ୍ୟପକ୍ଷରେ ଡିଜିଟାଲ ୟୁଆନ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ଚୀନ ପ୍ରତିବଦ୍ଧ ବୋଲି କହିଛି। ବ୍ରିକ୍ସ ଦେଶଗୁଡ଼ିକ ମଧ୍ୟରେ ଡିଜିଟାଲ ମୁଦ୍ରାରେ ବାଣିଜ୍ୟ କାରବାରକୁ ସଫଳ କରିବାକୁ ହେଲେ ପ୍ରଯୁକ୍ତି, ନିୟମ, ଅସମତୁଲ ବାଣିଜ୍ୟ ମାତ୍ରାରେ ସମତୁଲତା ଆଣିବା ଆଦି ପ୍ରସଙ୍ଗ ଉପରେ ବ୍ରିକ୍ସ ସମ୍ମିଳନୀରେ ଆଲୋଚନା କରିବାକୁ ହେବ। ତେବେ ବ୍ରିକ୍ସ ଦେଶଗୁଡ଼ିକର ଏହି ପଦକ୍ଷେପ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କୁ କ୍ଷୁବ୍ଧ କରିପାରେ। କାରଣ ଡଲାରକୁ ଦୁର୍ବଳ କରିବା ବା ଡଲାରକୁ ଏଡ଼ାଇ ଯାଇ ଅନ୍ୟ କୌଣସି ମୁଦ୍ରାରେ ବ୍ୟବସାୟ କରିବାକୁ ସେ ସହଜରେ ଗ୍ରହଣ କରି ନପାରନ୍ତି। ଅତୀତରେ ମଧ୍ୟ ଏ ନେଇ ସେ ଧମକ ଦେଇ ସାରିଛନ୍ତି। ବ୍ରିକ୍ସ ଦେଶସମୂହ ଆମେରିକା ବିରୋଧୀ ବୋଲି ସେ ମନ୍ତବ୍ୟ ଦେବା ସହିତ ସଦସ୍ୟମାନଙ୍କ ଉପରେ ଶୁଳ୍କ ଲଗାଇବା ପାଇଁ ଧମକ ଦେଇସାରିଛନ୍ତି।

# ଝରଣା ପାଣି ପିଇ ଜୀବନ ବିତାଉଛନ୍ତି ତୁର୍କା ଗାଁବାସୀ

**କଳାହାଣ୍ଡି,୧୯।୧(ସଂଚାର ବ୍ୟୁରୋ):** ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନା କରି ଆଦିବାସୀଙ୍କ ଜୀବନଧାରାରେ ବଡ଼ ପରିବର୍ତ୍ତନ ଆଣିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ, ଏବେ ବି ଠିକାଦାର ପୋଷା ନୀତି ଯୋଗୁଁ ଅନେକ ଆଦିବାସୀ ବହୁଳ ଗାଁରେ କାର୍ଯ୍ୟକ୍ଷମ ପରେ ବି ତ୍ରୁଟି ଦେଖିବାକୁ ମିଳିଛି।ଏଭଳି ଘଟଣା ଦେଖିବାକୁ ମିଳୁଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜି ପଞ୍ଚାୟତର ଏକ ଆଦିବାସୀ ଗାଁ ତୁର୍କା ହେଉଛି ସେହିଭଳି ଏକ ଗାଁର ଅନ୍ୟତମ ଉଦାହରଣ।ଏହି ଗାଁରେ ୧୦୦ ବର୍ଷ ପୂର୍ବରୁ ୩୦ ଆଦିବାସୀ ପରିବାର ବସବାସ କରି ଆସୁଛନ୍ତି। ଗାଁର ଅନ୍ୟତମ ସମସ୍ୟା ହେଉଛି ପିଇବା ପାଣି ଗାଁରେ ଗୋଟିଏ ନଳକୂପ ରହିଥିବା ବେଳେ ଠିକ ଭାବେ ସେଥିରୁ ପାଣି ବାହାରୁ ନାହିଁ। ଫଳରେ ନିକଟସ୍ଥ ତୁରଙ୍ଗିଗୁଡ଼ା ନାଳର ପାଣି ଉପରେ ଗାଁ ଲୋକେ ଭରସା କରି ଆସୁଛନ୍ତି।ଏହାକୁ ନେଇ ବ୍ଲକ୍ ପ୍ରଶାସନ ଓ ଜିଲ୍ଲାପାଳଙ୍କ ନିକଟରେ ବାରମ୍ବାର ଅଭିଯୋଗ ପରେ ସେପ୍ଟେମ୍ବର ୨୦୨୨ରେ ଗାଁରେ ସୋଲାର ମାଧ୍ୟମରେ ପାନୀୟ ଜଳ ଯୋଗାଣ ପାଇଁ ଗଭୀର ନଳକୂପ ଖୋଳା ଯାଇଥିଲା। ୨୦୨୩ ପର୍ଯ୍ୟନ୍ତ ପ୍ରତ୍ୟେକ ଘରକୁ ପାଇପ ଦ୍ୱାରା ପାନୀୟଜଳ ଯୋଗାଣ ପାଇଁ ନିର୍ଦ୍ଦେଶ ଥିଲା। କିନ୍ତୁ କାର୍ଯ୍ୟକ୍ଷମ ପୂର୍ବରୁ ପାଇପଲାଇନ ବିଭିନ୍ନ ସ୍ଥାନରେ ଫାଟିବା ଯୋଗୁଁ ଗାଁରେ ଜଳଯୋଗାଣ ସମ୍ଭବ ହୋଇ



ନଥିଲା। ଏହାକୁ ନେଇ ପୁଣି ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ପରେ ଅଗଷ୍ଟ ୨୦୨୪ରେ ଗାଁରେ ଜଳଯୋଗାଣ ସମ୍ଭବ ହୋଇଥିଲା। କିନ୍ତୁ ବିଭିନ୍ନ ସ୍ଥାନରେ ପାଣି ପାଇପ ଫାଟିବା ଯୋଗୁଁ ଗାଁର ଅଧିକାଂଶ ଘରକୁ ଜଳଯୋଗାଣ ହୋଇ ପାରିନଥିଲା। ବର୍ତ୍ତମାନ କିଛିମାସ ହେଲା ସୋଲାର ଦ୍ୱାରା ଜଳଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଗୋଟିଏ ନଳକୂପ ଠିକ ଭାବରେ ପାଣି ବାହାରୁନାହିଁ। ଅନ୍ୟପକ୍ଷରେ ଗାଁରେ ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ଘର ନିର୍ମାଣ କାର୍ଯ୍ୟ ଚାଲିଛି। ଫଳରେ ଗ୍ରାମବାସୀ ପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ଗାଁ ଲୋକ ବାରମ୍ବାର ଅଭିଯୋଗ କଲେ ମଧ୍ୟ ପ୍ରଶାସନ ଶୁଣୁନଥିବା ଯୋଗୁଁ ଗାଁ ନିକଟସ୍ଥ ଝରଣାରୁ ଗାଁ ପର୍ଯ୍ୟନ୍ତ ପାଇପ ବିଛାଇ ସେହି ପାଣିକୁ ପାନୀୟଜଳ ରୂପେ ବ୍ୟବହାର କରୁଥିବା ଗାଁର ନବୀନ ମାଝୀ, କାର୍ଲା ମାଝୀ, କୁଷ୍ଣ ମାଝୀ, ବୁଟି ମାଝୀ, ଟୁମା ମାଝୀ, ମିନି ମାଝୀ, ସୁନ୍ଦରୀ ମାଝୀ, ବାନେ ମାଝୀ, ଦାମେ ମାଝୀ, ସାଦେ ମାଝୀ ପ୍ରକାଶ କରିଛନ୍ତି।

## ଭାରତରେ ଏନଟିପିସି ଶ୍ରେଷ୍ଠ ନିଯୁକ୍ତିଦାତା ଭାବେ ସ୍ୱୀକୃତି ପାଇଛି

**ସୁନ୍ଦରଗଡ଼,୧୯।୧(ସଂଚାର ବ୍ୟୁରୋ):** ଏନଟିପିସି ଲିମିଟେଡକୁ ଶ୍ରେଷ୍ଠ ନିଯୋଜକ ସଂସ୍ଥାନ ଦ୍ୱାରା ୨୦୨୬ ପାଇଁ ଭାରତର ଶ୍ରେଷ୍ଠ ନିଯୁକ୍ତିଦାତା ଭାବେ ସ୍ୱୀକୃତି ପ୍ରଦାନ କରାଯାଇଛି। ଏହି ପ୍ରମାଣପତ୍ର ଏନଟିପିସି ର ଡାଟା-ଭିତ୍ତିକ ମାନବ ସମ୍ପଦ ରଣନୀତି, ସ୍ୱାଧୀନ ମୂଲ୍ୟାଙ୍କନ ଏବଂ ବ୍ୟବସାୟ କାର୍ଯ୍ୟଦକ୍ଷତା, କର୍ମଚାରୀ ସଂଲଗ୍ନତା ଓ ବୃଦ୍ଧିକୁ ଆଗେଇ ନେଇଥିବା ପ୍ରଥା ଗୁଡ଼ିକ ଉପରେ ସ୍ପଷ୍ଟ ଗୁରୁତ୍ୱ ଦେଇ ଏକ ଉଚ୍ଚ- କାର୍ଯ୍ୟଦକ୍ଷ କାର୍ଯ୍ୟସ୍ଥଳ ସୃଷ୍ଟି କରିବାରେ ଏନଟିପିସିର କ୍ଷମତାକୁ ପ୍ରମାଣ କରେ। ଏହା ଚତୁର୍ଥ ଲଗାତାର ବର୍ଷ, ଯେଉଁ ଥିରେ ଏନଟିପିସି କୁ ଶ୍ରେଷ୍ଠ ନିଯୁକ୍ତିଦାତା ସଂସ୍ଥାନ ଦ୍ୱାରା ଭାରତର ଶ୍ରେଷ୍ଠ ନିଯୁକ୍ତିଦାତା ଭାବେ ପ୍ରମାଣିତ କରାଯାଇଛି। ଶ୍ରେଷ୍ଠ ନିଯୁକ୍ତିଦାତା ସଂସ୍ଥାନ ୧୩୧ଟି ଦେଶ/ଅଞ୍ଚଳରେ ସକ୍ରିୟ ଏବଂ ମାନବ ସମ୍ପଦ ପ୍ରମାଣୀକରଣ, ମାନଦଣ୍ଡ ଓ ପରାମର୍ଶ କ୍ଷେତ୍ରରେ ବିଶ୍ୱସ୍ତରୀୟ ପ୍ରାଧିକାରୀ। ଶ୍ରେଷ୍ଠ ନିଯୁକ୍ତିଦାତା ସଂସ୍ଥାନ କାର୍ଯ୍ୟକ୍ରମ ମାନବ ସମ୍ପଦ ଶ୍ରେଷ୍ଠ ପ୍ରଥା ସର୍ଭେ ରେ ସଂସ୍ଥାଗୁଡ଼ିକର ଅଂଶଗ୍ରହଣ ଓ ପରିଣାମ ଆଧାରରେ ପ୍ରମାଣୀକରଣ ପ୍ରଦାନ କରେ। ଏହି ସର୍ଭେ ଛଅଟି ମାନବ ସମ୍ପଦ କ୍ଷେତ୍ର ଅନ୍ତର୍ଗତ ୨୦ଟି ବିଷୟକୁ ଆବରଣ କରେ, ଯାହାର ମାନବ ସମ୍ପଦ ରଣନୀତି, କାର୍ଯ୍ୟ ପରିବେଶ, ପ୍ରତିଭା ନିଯୁକ୍ତି, ଶିକ୍ଷା ଓ ବିକାଶ, ବିବିଧତା ଓ ସମାବେଶୀକରଣ ଏବଂ କଲ୍ୟାଣ ଅନ୍ତର୍ଭୁକ୍ତ। ଏନଟିପିସି ଶ୍ରେଷ୍ଠ ନିଯୁକ୍ତିଦାତା ସଂସ୍ଥାନ ପ୍ରମାଣୀକରଣ କାର୍ଯ୍ୟକ୍ରମ ଅନ୍ତର୍ଗତ ମାନବ ସମ୍ପଦ ଶ୍ରେଷ୍ଠ ପ୍ରଥା ସର୍ଭେ, ବୈଧତା ଯାଞ୍ଚ ଓ ନିରୀକ୍ଷଣ ପ୍ରକ୍ରିୟା ସଫଳତାର ସହିତ ସମ୍ପୂର୍ଣ୍ଣ କରି ଶ୍ରେଷ୍ଠ ନିଯୁକ୍ତିଦାତା ମର୍ଯ୍ୟାଦା ହାସଲ କରିଛି।

## ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ



**ସୁବର୍ଣ୍ଣପୁର,୧୯।୧(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧ କ୍ଲଷ୍ଟର ଅନ୍ତର୍ଗତ ସରସ୍ୱତୀ ଶିଶୁ ମନ୍ଦିର ଗଜବନ୍ଧ ର ବାର୍ଷିକ ଉତ୍ସବ ପ୍ରଧାନ ଆଚାର୍ଯ୍ୟ କିଶୋର ଚନ୍ଦ୍ର ସାହୁଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ପ୍ରଶାନ୍ତକୁମାର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ। ଛାତ୍ରୀମାନେ ଫୁଲତୋଡ଼ା, ଉତ୍ତରୀୟ ଓ ବ୍ୟାଚ ପ୍ରଦାନ ପୂର୍ବକ ସ୍ୱାଗତ ସଂଗୀତ ଗାନ କରି ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ଗଣେଶ କିଷାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜୀବନରେ ସଫଳ ହେବା ପାଇଁ କଠୋର ପରିଶ୍ରମ ଓ ଅଧ୍ୟବସାୟର ମାର୍ଗ ଆପଣେଇବାକୁ ଛାତ୍ରଛାତ୍ରୀ ତତ୍ପର ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ଶିକ୍ଷା ବିକାଶ ସମିତି ର ପ୍ରାକ୍ତନ ସୁବର୍ଣ୍ଣପୁର ଜିଲ୍ଲା ପ୍ରମୁଖ ପ୍ରଦୀପ କୁମାର ପୁରୋହିତ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷାନୁଷ୍ଠାନ ର ସମ୍ମାନ ବଢ଼ାଇବା ସହ ଆଦର୍ଶ ମଣିଷ ହେବା ପାଇଁ ଛାତ୍ରଛାତ୍ରୀ ମାନେ ପ୍ରଚେଷ୍ଟାରତ ରହିବାକୁ ପ୍ରେରଣା ଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତି କୋଷାଧ୍ୟକ୍ଷ ଭାଗିରଥି ମେହେର ବାର୍ଷିକ ବିବରଣୀ ପଠନ କରିବା ସହ ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ ଆଚାର୍ଯ୍ୟା ଗାୟତ୍ରୀ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଗୁରୁମା ପ୍ରିୟଙ୍କା ମାଝୀ ପୁରସ୍କାର ବିତରଣୀ ଓ ସମ୍ବର୍ଦ୍ଧନା ଉତ୍ସବ ପରିଚାଳନା କରିଥିବା ବେଳେ ଗୁରୁଜୀ ଗୌତମ ଭୋଇ, କପିଳେଶ୍ୱର ପାଣ୍ଡେ, ଶତ୍ରୁଘ୍ନ ସାହୁ, ଲିଙ୍ଗରାଜ ପୁଟେଲ, ଅମିତ ରଣା, ବାଙ୍କା ମହାକୁର, ଗୁରୁମା ଅନୁପମା ରାୟ, ମମତା ବିଶି, ଚନ୍ଦନା ଦଣ୍ଡସେନା, କୌଶଲ୍ୟା ବଡ଼େଇ, ଲିଲିମା ସାହୁ, ନୀଳାବତୀ ଥପା, ସଉକି ନାଏକ, ସେଲୋନୀ କର୍ଣ୍ଣ, ମାନସୀ ମାଝୀ, ବେଦମତୀ ଦନ୍ତା ଙ୍କ ତତ୍ୱାବଧାନ ରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ଛାତ୍ରଛାତ୍ରୀମାନେ ଗୀତ, ନାଚ, ଅଭିନୟ ରେ ଅଂଶଗ୍ରହଣ କରି ପ୍ରତିଭା ପ୍ରଦର୍ଶନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ପିତାମ୍ବର ପାଣ୍ଡିଆ, ପୂର୍ବରୁ ଶିଶୁମନ୍ଦିର ରେ କାର୍ଯ୍ୟ କରିଥିବା ସମସ୍ତ ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ ପୁରୋହିତ, ଡୋଲାମଣୀ ସାହୁ, ବିଶ୍ୱନାଥ ବଡ଼ପଣ୍ଡା, ସଂକୁଳ ପ୍ରମୁଖ ବଳରାମ ପଧାନ, ଅନ୍ୟ ଅତିଥି ଓ ବିଗତ ଦିନରେ ବିଭିନ୍ନ ବୃତ୍ତି ଓ ନବୋଦୟ ପାଇଥିବା ଛାତ୍ରଛାତ୍ରୀ ଓ ତାଙ୍କ ଅଭିଭାବକ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଉତ୍କଳ ସାମ୍ବାଦିକ ସଂଘର ସାଙ୍ଗଠନିକ ବୈଠକ ଓ ମିଳନ ପର୍ବ

**ଧାମନଗର,୧୯।୧(ସଂଚାର ବ୍ୟୁରୋ):** ଧାମନଗର ବ୍ଲକ ଉତ୍କଳ ସାମ୍ବାଦିକ ସଂଘର ନବ ବର୍ଷର ବନ୍ଧୁମିଳନ ଓ ସାଙ୍ଗଠନିକ ବୈଠକ ରବିବାର ସନ୍ଧ୍ୟାରେ ଧାମନଗର ସ୍ଥିତ ଜଳସେଚନ ବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସଂଘର ବରିଷ୍ଠ ସଦସ୍ୟ ସେକ ଜାଫର ଅଲ୍ଲୀଙ୍କ ପ୍ରସ୍ତାବ ଓ ସଂପାଦକ ବିବେକାନନ୍ଦ ପଣ୍ଡାଙ୍କ ସମର୍ଥନ କ୍ରମେ ଜିଲ୍ଲା ସଭାପତି ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ କମିଟିର ସଦସ୍ୟ ଅପୂର୍ବ ରଞ୍ଜନ ବେହେରା, ଧାମନଗର ଉତ୍କଳ ସାମ୍ବାଦିକ ସଂଘର ସଭାପତି ସୁଶାନ୍ତ କୁମାର ରାଉତ, ସଂପାଦକ ବିବେକାନନ୍ଦ ପଣ୍ଡା, ବରିଷ୍ଠ ସାମ୍ବାଦିକ ଜାଫର ଅଲ୍ଲୀ, ସନ୍ତୋଷ କୁମାର



ଦାସ, ଦିପ୍ତିରଞ୍ଜନ ନାୟକ, ସଞ୍ଜୀବ ନାୟକ, ଜଗନ୍ନାଥ ବେହେରା, ରତିକାନ୍ତ ନାୟକ, ପ୍ରଶାନ୍ତ ଦ୍ୱିବେଦୀ, , ଦିନକୃଷ୍ଣ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସଂଘର ସଦସ୍ୟମାନଙ୍କୁ ପ୍ରଥମେ ନବ ବର୍ଷର ଅଭିନନ୍ଦନ ଜଣାଇବା ସହିତ ସଂଘର ସାଙ୍ଗଠନିକ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଆଗାମୀ ଦିନରେ ସଂଘକୁ କିପରି ଧାମନଗରେ ସୁଦୃଢ଼ କରାଯାଇପାରିବ ତାହା ଉପରେ ଉପସ୍ଥିତ ସଭ୍ୟମାନଙ୍କଠାରୁ ବହୁ ଉପାଦେୟ ମତାମତ ନେବା ସହିତ ନିଷ୍ପତ୍ତି ନିଆଯାଇଥିଲା। ଯେଉଁ ସଭ୍ୟମାନେ ସଂଘରେ ରହି ସଂଘ ବିରୋଧୀ କାର୍ଯ୍ୟ କରିଛନ୍ତି ସେମାନଙ୍କୁ ଯଥାଶୀଘ୍ର ସଂଘରୁ ବହିଷ୍କୃତ କରାଯିବା ସହିତ ସାମ୍ବାଦିକ ବୃତ୍ତିରେ ଥିବା ସାମ୍ବାଦିକମାନଙ୍କୁ ନୂତନ ସଦସ୍ୟ ଭାବରେ ସଂଘରେ ଜଡ଼ିତ କରାଯିବାର ନିଷ୍ପତ୍ତି ନିଆଯାଇଥିଲା। ଏହି ନିଷ୍ପତ୍ତି କ୍ରମେ ରାଜ୍ୟ, ଜିଲ୍ଲା ଓ ବ୍ଲକ କର୍ମକର୍ତ୍ତା ଉପସ୍ଥିତିରେ ଧାମନଗର ଉତ୍କଳ ସାମ୍ବାଦିକ ସଂଘର କିଛି ସଦସ୍ୟ ଯଥା ଅନିଲ ବାରିକ, ସୁଧାକର ଦାଶ, ସରୋଜ ସେଠି, ଗୌରାଙ୍ଗ ଦାଶ, କୈଳାଶ ଗୁପ୍ତା, ସନ୍ତୋଷ ମହାପାତ୍ର, ଅଭିମନ୍ୟୁ ମଲ୍ଲିକ, କୁଳମଣି ବେହେରା ସଂଘରେ ରହି ଅନ୍ୟ ଏକ ସଙ୍ଗଠନରେ ମିଶିଥିବାର ଖବର ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା। ତେଣୁ ଏଭଳି ସଂଘ ବିରୋଧୀ କାର୍ଯ୍ୟ ପାଇଁ ଉତ୍କଳ ସାମ୍ବାଦିକ ସଂଘ ଧାମନଗର ବ୍ଲକରୁ ବିଧିବଦ୍ଧ ଭାବରେ ବହିଷ୍କୃତ କରାଗଲା।

## ମହାନଦୀ ଧାରାର ବାର୍ଷିକ ଉତ୍ସବ ଅନୁଷ୍ଠିତ

**ସୁବର୍ଣ୍ଣପୁର,୧୯।୧(ସଂଚାର ବ୍ୟୁରୋ):** ସୋନପୁରରେ ଗଢ଼ି ଉଠିଥିବା ଲୋକପ୍ରିୟ ଶିକ୍ଷାନୁଷ୍ଠାନ ମହାନଦୀ ଧାରା ର ବାର୍ଷିକ ଉତ୍ସବ 'ଉତ୍ସାହ- ୨୦୨୬' ପାଳନ ହୋଇଯାଇଛି। ଆଜିର ଏହି ଉତ୍ସବରେ ବିଶିଷ୍ଟ ଅତିଥିମାନେ ଯୋଗଦେଇ କାର୍ଯ୍ୟକ୍ରମର ପ୍ରଥମ ଦିନକୁ ସଫଳ କରିଛନ୍ତି। ମୁଖ୍ୟ ଅତିଥି ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ପୂର୍ବତନ ଲୋକସଭା ସାଂସଦ ଡ. ପ୍ରଭାସ କୁମାର ସିଂ, ଡେପୁଟି ରେଜିଷ୍ଟ୍ରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଡ. ଉମାଚରଣ ପତି, ବିଶିଷ୍ଟ ପ୍ରଫେସର କାଳିଦାସ ମିଶ୍ର, ଅବସରପ୍ରାପ୍ତ ଅଧ୍ୟାପକ ଡ.ପ୍ରଫୁଲ୍ଲ କୁମାର ରଥ, ଅବସର ପ୍ରାପ୍ତ ଅଧ୍ୟାପକ ପ୍ର.



ନୀଳାମ୍ବର ଶତପଥୀ, ଅବସର ପ୍ରାପ୍ତ ଅଧ୍ୟାପିକା ଡ. କଳ୍ପନା ମିଶ୍ର, ଯୁବନେତା ଓମ୍ ପ୍ରକାଶ ମିଶ୍ର ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଶୁଭସ୍ମିତା ପୁରୋହିତ ଓ ପ୍ରିୟଙ୍କାରାଣୀ ନେଗୀ ମଞ୍ଚ ପରିଚାଳନା କରିଥିଲେ। ମହାନଦୀ ଧାରା ର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ପ୍ଲାବନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସଭାର ଆଲୋଚନା ଚକ୍ରର ବିଷୟ "ବିକଶିତ ଭାରତ ପାଇଁ ଶିକ୍ଷାର କଳ୍ପନା" ଉପରେ ତତ୍ତ୍ୱାବଧାନ କରିଥିଲେ। ଏହି ଅବସରରେ ମହାନଦୀ ଧାରା ତରଫରୁ ସ୍ୱର୍ଗତଃ ହରପ୍ରସାଦ ରଥ ବିଶିଷ୍ଟ ଶିକ୍ଷାବିତ୍ ଙ୍କୁ ମହାନଦୀ ଧାରା ଶିକ୍ଷା ସମ୍ମାନ ଏବଂ ସାଧୁ ଶ୍ରୀ ପ୍ରଣବାନନ୍ଦ ଦାସଙ୍କୁ ମହାନଦୀ ଧାରା ସେବା ସମ୍ମାନ ଅର୍ପଣ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଜିଲ୍ଲାପାଳ ଡ. ସାହୁ ବିକଶିତ ଭାରତ ପାଇଁ ପାରମ୍ପରିକ ଶିକ୍ଷା ଓ ସଂସ୍କୃତି ର ଯୋଗଦାନ ଉପରେ ଆଲୋକପାତ କରିଥିଲେ।

### ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

## ବିଭିନ୍ନ ପ୍ରକାରର ୬୨ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ

**ସୁବର୍ଣ୍ଣପୁର,୧୯।୧(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ତରଭା ପଞ୍ଚାୟତ ସମିତି ଅନ୍ତର୍ଗତ ମେଣ୍ଡା ଗ୍ରାମ କାର୍ଯ୍ୟାଳୟ ସ୍ଥିତ ମେଣ୍ଡା ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ ପ୍ରାଙ୍ଗଣ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଡ଼ ନୃପରାଜ ସାହୁ ଓ ଆରକ୍ଷୀ ଅଧିକ୍ଷକ, ଶ୍ରୀ ନାରାୟଣ ନାଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ସର୍ବମୋଟ ୬୨ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୨୮ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୩୪ ଗୋଟି ସାମୁହିକ ଦରଖାସ୍ତ ହସ୍ତଗତ ହୋଇଥିଲା। ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ



ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତରଭା, ଗଙ୍ଗାରାମ ବୁଡେକଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ୱ) ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଅଶ୍ୱିନୀ କୁମାର ମେହେର, ଅଧ୍ୟକ୍ଷ, ତରଭା ପଞ୍ଚାୟତ ସମିତି, ସରୋଜ କୁମାର କର୍ଣ୍ଣ, ଉପ - ଜିଲ୍ଲାପାଳ, ଡ଼ ସୌମ୍ୟାରୂପା ରଥଙ୍କ ସମେତ ତହସିଲଦାର, ତରଭା, ସୁଶ୍ରୀ ଶ୍ୱେତଲିନା ମାହାଣା, ସରପଞ୍ଚ, ମେଣ୍ଡା ଗ୍ରାମ ପଞ୍ଚାୟତ ଲିଜାରାଣୀ ଦଣ୍ଡସେନା ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, କର୍ମଚାରୀ ବୃନ୍ଦ ଙ୍କ ସମେତ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର ଶ୍ରୀ ଅର୍ଜୁନ ମାଝୀଙ୍କ ସହିତ ବିଭିନ୍ନ ସମ୍ବାଦ ପତ୍ରର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗଦାନ କରିଥିଲେ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ଆଇନ ସଚେତନତା ଶିବିର

**ବାରିପଦା,୧୯।୧(ସଂଚାର ବ୍ୟୁରୋ):** ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ଆଜି କାର୍ଯ୍ୟାଳୟ ପରିସରରେ ଥିବା ସମ୍ମିଳନୀ କକ୍ଷ ରେ କିନ୍ନର ମାନଙ୍କ ଅଧିକାର ସମ୍ପର୍କିତ ଏକ ଆଇନ ସଚେତନତା ଶିବିର ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ ରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରା ଜଜ ସୁଦୀପ୍ତ କୁମାର ଆଚାର୍ଯ୍ୟ ପୌରହିତ୍ୟ କରିଥିବା ବେଳେ ପ୍ରାଧିକରଣର ସଚିବ ଶ୍ରୀମତୀ ରାଜଶ୍ରୀ ପଟ୍ଟନାୟକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ କିନ୍ନର ମାନଙ୍କ ପ୍ରତି ସମାଜରେ ହେଉଥିବା ଅବହେଳା ସମ୍ପର୍କରେ ଆଲୋଚନା କରାଯାଇଥିବା ବେଳେ ତାହାର ପ୍ରତିକାର ନିମନ୍ତେ ଉଦ୍ଦିଷ୍ଟ ଥିବା ବିଭିନ୍ନ ଆଇନ ସମ୍ପର୍କରେ ମଧ୍ୟ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ୩୦ ରୁ ଅଧିକ କିନ୍ନର ଯୋଗ ଦେଇ ନିଜର ଦୈନନ୍ଦିନ ଜୀବନରେ ସମ୍ମୁଖୀନ ହେଉଥିବା ଅସୁବିଧା ଓ ତାହାର ପ୍ରତିକାର ସମ୍ପର୍କରେ ନିଜର ମତ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବାରିପଦା କୋର୍ଟର ସମସ୍ତ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ, ସମସ୍ତ ନ୍ୟାୟ ରକ୍ଷକ ଓ ଅଧିକାର ମିତ୍ର ରବୀନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ କିନ୍ନର ମାନଙ୍କୁ ବିଭିନ୍ନ ଅଧିକାର ସମ୍ପର୍କରେ ସଚେତନ କରିବା ସହିତ ସରକାରଙ୍କ ଦ୍ୱାରା ଉପଲବ୍ଧ ଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ।




**● ତ୍ରିରଙ୍ଗା କ୍ଲବର ମକର ମହୋତ୍ସବ ପ୍ରଥମ ସନ୍ଧ୍ୟା**

## ପୁରସ୍କୃତ ହେଲେ ୭୦ ଜଣ ପ୍ରତିଯୋଗୀ



**ବାରିପଦା,୧୯।୧ (ସଂଚାର ବ୍ୟୁରୋ):** ବାରିପଦା ମୁନିସିପାଲିଟି ଅନ୍ତର୍ଗତ ୱାର୍ଡ ନଂ ୧୫ ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ଠାରେ ତ୍ରିରଙ୍ଗା କ୍ଲବର ବାର୍ଷିକ ଉତ୍ସବ ଅବସରରେ ଆୟୋଜିତ ୬ ଦିନିଆ ମକର ମହୋତ୍ସବ - ୨୦୨୬ ର ୧ମ ତିନିଦିନ ଧରି ଦୌଡ଼, ଡିସ୍କସ ଓ ସଟପୁଟ ଥ୍ରୋ, ମା ମାଉସୀଙ୍କ ଶଙ୍ଖ ଫୁଙ୍କା, ମ୍ୟୁଜିକ ଚେୟାର ସମେତ କୁନିକୁନି ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୪ର୍ଥ ଦିନ ସନ୍ଧ୍ୟାରେ ଆକର୍ଷଣୀୟ ନୃତ୍ୟଗୀତ କାର୍ଯ୍ୟକ୍ରମ ସହିତ ପ୍ରାୟ ୭୦ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି । ତତସହିତ ଜୁନିୟର ଗ୍ରୁପର ବାଳିକ ବିଭାଗରେ ଚମ୍ପିୟାନ ହୋଇଥିବା ସୋନୁ ଗୋଛାୟତ ତଥା ଭଲିବଲ ପ୍ରତିଯୋଗିତାର ଚମ୍ପିୟାନ ଜଗନ୍ନାଥ ୱରିୟାର୍ସ ଏବଂ ରନର୍ସ ଅପ ଶକ୍ତିମାନ ସିକ୍ସ ଷ୍ଟାର୍ସ ଦଳକୁ ମଧ୍ୟ ପୁରସ୍କୃତ କରାଯାଇଥିଲା । କ୍ଲବର ସଭାପତି ଆଲୋକ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାରିପଦା ଏସ ଡି ପି ଓ ପ୍ରଭାତ କୁମାର ମଲ୍ଲିକ ପୁରସ୍କାର ବିତରଣ କରିବା ସହ ମକର ଉତ୍ସବ ପାଳନ ଅବସରରେ ବିଭିନ୍ନ ଖେଳାକୁଦ କରି ପ୍ରତିଭା ମାନଙ୍କୁ ଉତ୍ସାହିତ କରୁଥିବାରୁ କ୍ଲବର ଉଦ୍ୟମର ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବେ ୧୫ ନଂ ୱାର୍ଡ କାଉନସିଲର ନିରୁପମା ମହାନ୍ତି, ଶିକ୍ଷାବିତ ନବ କିଶୋର ପାଲବାବୁ ଓ ବରିଷ୍ଠ ଶିକ୍ଷକ ସୋମନାଥ ସିଂହ ଉପସ୍ଥିତ ରହି ପ୍ରତିଭା ମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କ୍ଲବର ଉପ ସଭାପତି ରବୀନ୍ଦ୍ର କୁମାର ମହାନ୍ତି, ସମ୍ପାଦକ ବିଶ୍ୱରଂଜନ ବାଗ ବରିଷ୍ଠ ସଦସ୍ୟ ଲିଟନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ମଳୟ ଦତ୍ତ ଓ ଉମେଶ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଉପ ସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ନେଇ ପ୍ରସ୍ତୁତି ବୈଠକ



**କଳାହାଣ୍ଡି, ୧୯।୧ (ସଂଚାର ବ୍ୟୁରୋ):** ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସ କୁ ସରସ ସୁନ୍ଦର ଭାବରେ ପାଳନ କରାଯିବ। ଏହି ଜାତୀୟ ଉତ୍ସବର ସଫଳ ଆୟୋଜନ ନିମନ୍ତେ ଏଥି ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ନିଷ୍ଠାର ସହ ଦାୟିତ୍ୱ ନିର୍ବାହ କରିବା ସହ ପୂର୍ଣ୍ଣ ସହଯୋଗ କରିବେ ବୋଲି ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ ରେ ପ୍ରକାଶ କରିଛନ୍ତି। ପ୍ରାରମ୍ଭରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ସିଂ ସାଧାରଣତନ୍ତ୍ର ଦିବସ ର ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋକପାତ କରିବା ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଂକୁ ସଫଳତା ଦିଗରେ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ସାଧାରଣତନ୍ତ୍ର ଦିବସ କଳାହାଣ୍ଡି ଉତ୍ସବ ପଡ଼ିଆ ଠାରେ ପାଳନ କରାଯିବ। ସକାଳ ୮ ଘଣ୍ଟା ୩୫ ମିନିଟ ସମୟରେ ମୁଖ୍ୟ ଅତିଥି ଜାତୀୟ ପତାକା କୁ ସ ସମ୍ମାନ ସହ ଉତ୍ତୋଳନ ପୂର୍ବକ ଅଭିବାଦନ ଗ୍ରହଣ କରିବେ। ସାଧାରଣତନ୍ତ୍ର ଦିବସରେ ଜନପ୍ରତିନିଧି ବୃନ୍ଦ, ନିମନ୍ତ୍ରିତ ଅତିଥି, କୃତିପ୍ରତିଯୋଗୀ, ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ ଓ ଗଣମାଧ୍ୟମର ପ୍ରତିନିଧି ମାନଂକୁ ସମାରୋହକୁ ନିମନ୍ତ୍ରିତ କରାଯିବ। ପୋଲିସ ପ୍ଲାଟୁଣ, ମହାବିଦ୍ୟାଳୟ, ବିଦ୍ୟାଳୟ ଗୁଡିକର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଓ ସିଭିଲୀୟାନ ଛାତ୍ର ଛାତ୍ରୀ ମାନେ ପରେଡ ରେ ଅଂଶ ଗ୍ରହଣ କରିବେ। ସମର ଶିକ୍ଷ୍ୟାତ୍ରୀ ବାହିନୀ ଦଳଙ୍କ ନିମନ୍ତେ କମାଣ୍ଡିଙ୍ଗ ଅଫିସର ଆବଶ୍ୟକ ନିର୍ଦ୍ଦେଶନାମା ମହାବିଦ୍ୟାଳୟ ଓ ବିଦ୍ୟାଳୟକୁ ପ୍ରେରଣ କରିବେ। ସେହିଭଳି ସିଭିଲିଆନ ଦଳଙ୍କ ପରେଡ ରେ ବ୍ଲକ ଶିକ୍ଷାଅଧିକାରୀ ସମନ୍ୱୟ ରକ୍ଷା କରିବେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନିୟ ସେବାପାଇଁ ବିଶିଷ୍ଟ ବ୍ୟକ୍ତିତ୍ୱ ଯଥା ସ୍ୱାସ୍ଥ୍ୟ କର୍ମଚାରି, ଆଶା କର୍ମୀ, ବିଭାଗ ଅଧିକାରୀ କର୍ମଚାରି ସେବା ଯୋଗାଇ ଦେଇଥିବା ବ୍ୟକ୍ତି ବିଶେଷଙ୍କୁ ଉତ୍ସବ ରେ ସମ୍ବର୍ଦ୍ଧିତ କରାଯିବା ପାଇଁ ନିଷ୍ପତ୍ତି ହୋଇଛି।

## ସଦର ଥାନା ଦାୟିତ୍ୱ ଗ୍ରହଣ କଲେ ମହିଳା ଆଇଆଇସି

**ନୟାଗଡ଼,୧୯।୧ (ସଂଚାର ବ୍ୟୁରୋ):** ନୟାଗଡ଼ ସଦର ଥାନାରେ ରବିବାର ଦିନ ଯୋଗ ଦେଇଛନ୍ତି ନୂତନ ଆଇଆଇସି ପ୍ରିୟତମା ପ୍ରଧାନ। କିଛିଦିନ ତଳେ ନୟାଗଡ଼ ଜିଲ୍ଲା ପୋଲିସ ମୁଖ୍ୟାଳୟରେ ଯୋଗ ଦେଇଥିବା ବେଳେ ତାଙ୍କୁ ନୟାଗଡ଼ ଆରକ୍ଷୀ ଅଧିକ୍ଷକ ଏସ ସୁଶ୍ରୀ ସଦର ଥାନାର ଆଇଆଇସି ଭାବେ ନିଯୁକ୍ତ କରିଥିଲେ। ତେବେ ରବିବାର ଦିନ ନୂତନ ଆଇଆଇସି ଶ୍ରୀମତୀ ପ୍ରଧାନ ସଦର ଥାନାରେ ପହଞ୍ଚି ବିଧିବଦ୍ଧ ଭାବେ କାର୍ଯ୍ୟରେ ଯୋଗ ଦେଇ ଆଇଆଇସି ଶରତ କୁମାର ସେଠୀଙ୍କ ସଦର ଥାନାର ଦାୟୀତ୍ୱ ଗ୍ରହଣ କରିଛନ୍ତି। ଦାୟୀତ୍ୱ ଗ୍ରହଣ କରିବା ପରେ ସଦର ଥାନା ଅଞ୍ଚଳରେ ଅପରାଧ ଦମନ କରିବା ସହ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ମୁଖ୍ୟ ପ୍ରାଧାନ୍ୟ ଦିଆଯିବ ବୋଲି ପ୍ରକାଶ କରିଛନ୍ତି।

## ହେମଗିର ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



**ସୁନ୍ଦରଗଡ଼,୧୯।୧(ସଂଚାର ବ୍ୟୁରୋ):** ହେମଗିର ବ୍ଲକ ପରିସରରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ସୂରଜ କୁମାର ପଟ୍ଟନାୟକ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୫୫ ଗୋଟି ଅଭିଯୋଗ ମଧ୍ୟରୁ ୨୦ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୩୫ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ୪ ଗୋଟି ଅଭିଯୋଗ ଗୁଡ଼ିକର ତତକ୍ଷଣାତ ସମାଧାନ କରାଯାଇ ଥିଲା। ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଏସ ଡି ପି ଓ ନିର୍ମଳ କୁମାର ମହାପାତ୍ର ତଥା ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

## ବଲାଙ୍ଗୀରରେ କାମ କରିବା ମନା

**● ନିଷ୍ପତ୍ତି ନେଲେ ଠିକାଦାର ସଂଘ**

**ବଲାଙ୍ଗୀର,୧୯।୧(ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲା ଠିକାଦାର ସଂଘ ପକ୍ଷରୁ ରବିବାର ସ୍ଥାନୀୟ ଖବରଦାତା ଭବନଠାରେ ଖବରଦାତା ସମ୍ମିଳନୀ କରାଯାଇଥିଲା। ବଲାଙ୍ଗୀର ଜିଲା ଭିତରେ ଅନ୍ୟ ଜିଲାର କୌଣସି ଠିକାଦାର ଯେଭଳି ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇ ଠିକା କାମ କରିବେ ନାହିଁ ସେନେଇ ପଦକ୍ଷେପ ନିଆଯିବ ବୋଲି ଘୋଷଣା କରାଯାଇଛି। ବଲାଙ୍ଗୀର ଜିଲା ଠିକାଦାର ସଂଘ ପକ୍ଷରୁ କୁହାଯାଇଛି, ଅନ୍ୟ ଜିଲାର ଠିକାଦାରମାନେ ବଲାଙ୍ଗୀର ଜିଲା ଅନ୍ତର୍ଗତ କୌଣସି ବି ବିଭାଗର ଟେଣ୍ଡର ପ୍ରକ୍ରିୟାରେ ଭାଗ ନେବେ ନାହିଁ । କେବଳ ବଲାଙ୍ଗୀର ଜିଲାର ଠିକା କାମରେ ଏହି ଜିଲାର ଠିକାଦାର ଭାଗ ନେଇପାରିବେ ବୋଲି ସେମାନେ ନିଷ୍ପତ୍ତି ନେଇଛନ୍ତି। ବଲାଙ୍ଗୀର ଜିଲାରେ ବାହାରୁଥିବା ସମସ୍ତ ବିଭାଗର ଟେଣ୍ଡର ପ୍ରକ୍ରିୟାରେ ସରକାରୀ ନିର୍ଦ୍ଧାରିତ (ସିଡ୍ୟୁଲ୍ଡ ରେଟର ଟେଣ୍ଡର) ଦଖଲ କରିବେ। ଜିଲାରେ ଠିକା କାମ କମ୍ ବାହାରୁଛି କିନ୍ତୁ ଠିକାଦାର ସଂଖ୍ୟା ଅଧିକ ଥିବାରୁ ଠିକାଦାର ସଂଘ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି।

## ମୋରମ ଚୋରାଚାଲାଣ ବେଳେ ପୁଲିସ ଟିମର ଚଢ଼ାଉ

**ଦିଗପହଣ୍ଡି,୧୯।୧(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ବ୍ରହ୍ମପୁର ଖଣି ବିଭାଗ କାର୍ଯ୍ୟାଳୟ କର୍ମଚାରୀବୃନ୍ଦ ଓ ଦିଗପହଣ୍ଡି ପୋଲିସ ଟିମ ମିଳିତ ଭାବେ ଚଢ଼ାଉ କରି ରବିବାର ବିଳମ୍ବିତ ରାତିରେ ୩ଟି ମୋରମ ବୋଝେଇ ଟ୍ରାକ୍ଟର ଏବଂ ଗୋଟିଏ ଜେସିବି ମେଶିନ ଜବତ କରିଛନ୍ତି। ଦୀର୍ଘଦିନ ଧରି ବେଆଇନ ଭାବେ ସାନଖେମୁଣ୍ଡି ବ୍ଲକ ଗୌତମୀ ଗ୍ରାମ ନିକଟସ୍ଥ ଜଙ୍ଗଲ ଜମିରୁ ଜେସିବି ମେଶିନ ଲଗାଇ ବ୍ୟାପକ ଭାବେ ମୋରମ ଖୋଳି ଟ୍ରାକ୍ଟର ଯୋଗେ ଦିଗପହଣ୍ଡି, ବ୍ରହ୍ମପୁର,ସାନଖେମୁଣ୍ଡି ସମେତ ଜିଲାର ବିଭିନ୍ନ ଗ୍ରାମକୁ କିଛି ବ୍ୟକ୍ତି ଚୋରାଚାଲାଣ କରିଆସୁଥିଲେ। ଖଣି ବିଭାଗ କର୍ମଚାରୀମାନେ ବିଶେଷସୂତ୍ରରୁ ଖବରପାଇ ଦିଗପହଣ୍ଡି ପୋଲିସ ସହାୟତାରେ ଥାନା ଅଧିନ ସିଦ୍ଧେଶ୍ୱର – ଗଣିଆନାଳ ଛକ ନିକଟରୁ ୩ଟି ମୋରମ ବୋଝେଇ ଟ୍ରାକ୍ଟର ସହ ଜେସିବି ମେଶିନ ଜବତ କରିଥିବା ବେଳେ ପୋଲିସ ଗାଡ଼ି ଦେଖି ୩ ଟ୍ରାକ୍ଟର ଚାଳକ ଓ ଜେସିବି ଚାଳକ ରାସ୍ତା ଉପରେ ଗାଡ଼ି ରଖି ସେଠାରୁ ଚମ୍ପଟ ମାରିଥିବା ଭାରପ୍ରାପ୍ତ ଆଇଆଇସି ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି ।



## ବ୍ରାଉନସୁଗର ବିକ୍ରି ଅଭିଯୋଗରେ ୨ ଗିରଫ



**ଜୟପୁର,୧୯।୧(ସଂଚାର ବ୍ୟୁରୋ):** ବ୍ରାଉନ ସୁଗର ବିକ୍ରି କରିବା ଅଭିଯୋଗରେ ୨ ଜଣଙ୍କୁ ଗିରଫ କଲା ଟାଉନ ପୋଲିସ । ଥାନା ଅଧିକାରୀ ଙ୍କ ସୂଚନା ଅନୁଯାୟୀ ବିଶେଷ ସୂତ୍ର ରୁ ସୂଚନା ପାଇ ପୋଲିସ ର ଏକ ଟିମ ଜୟପୁର ଖ୍ରୀଷ୍ଟିଆନ ପେଟା ଅଂଚଳ ରେ ପେଟ୍ରଲିଙ୍ଗ କରୁଥିବା ସମୟ ରେ ଦୁଇ ଯୁବକ ଙ୍କୁ ସନ୍ଦେହ ହେବାରୁ ତାଙ୍କୁ ସର୍ଚ୍ଚ କରିବରୁ ତାଙ୍କ ପକେଟରୁ ୩୦ ଟି କାଗଜ ପୁଡା ରେ ବ୍ରାଉନ ସୁଗାର ରହିଥିଲା। କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଙ୍କ ଉପସ୍ଥିତ ରେ ଓଜନ ସହ ଜବତ କରାଯାଇ ଦୁଇ ଅଭିଯୁକ୍ତ ଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ଖ୍ରୀଷ୍ଟିଆନ ସାହିର ସଂଜୀବ ନାୟକ ଓ ଇରିଗେସନ କଲୋନୀର ଖଗେନ ତନ୍ତୀ । ଏମାନଙ୍କ ଠାରୁ ୨.୮୩୦ ମିଲିଗ୍ରାମ ବ୍ରାଉନ ସୁଗର ଜବତ ହୋଇଛି । ଅନ୍ୟ କାହାର ସମ୍ପୃକ୍ତ ନେଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ପ୍ରକାଶ କରିଛନ୍ତି ।

## ଭିବି-ଜି ରାମ ଜି ଉପରେ ଜନଜାଗରଣ ଉପଲକ୍ଷେ କର୍ମଶାଳା

**ସୁବର୍ଣ୍ଣପୁର,୧୯।୧(ସଂଚାର ବ୍ୟୁରୋ):** ଭାରତୀୟ ଜନତା ପାର୍ଟି ସୁବର୍ଣ୍ଣପୁର ଜିଲ୍ଲା ଶାଖା ପକ୍ଷରୁ ବିକଶିତ ଭାରତ ଗ୍ୟାରେଣ୍ଟି ରୋଜଗାର ଆଜୀବିକା ମିଶନ ଗ୍ରାମୀଣ(ଭିବି-ଜି ରାମ ଜି) ଉପରେ ଜନଜାଗରଣ ଅଭିଯାନ ଉପଲକ୍ଷେ ଏକ ଜିଲ୍ଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା କାର୍ଯ୍ୟାଳୟ ସୋନପୁର ଠାରେ ହୋଇଥିବା ଏହି କର୍ମଶାଳାରେ ଜିଲ୍ଲା ସଭାପତି ବେଣୁଧର ଦାସ ଅଧ୍ୟକ୍ଷତା କରିଥିଲେ। କର୍ମଶାଳାରେ ବୀରମହାରାଜପୁର୍ ବିଧାୟକ ଇଂ ରଘୁନାଥ ଜଦଦଲା, ପୂର୍ବତନ ଜିଲ୍ଲା ସଭାପତି ପ୍ରମୋଦ କୁମାର ମହାପାତ୍ର, ରାଜକିଶୋର ମେଣ୍ଡେଲି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉଷା କୁମାରୀ, ସାଂସଦ ପ୍ରତିନିଧି ନଳିନୀ ପଣ୍ଡା ପ୍ରମୁଖ ଯୋଗଦେଇ ଭିବି-ଜି ରାମ ଜି ଆଇନ କିପରି ପୂର୍ବ ଆଇନ ଠାରୁ ଅଧିକ ଜନକଲ୍ୟାଣକାରୀ ଯୋଜନା ଅଟେ। ତାହା ଦ୍ୱାରା କିପରି ଲୋକେ ଉପକୃତ ହେବା ସହ ବିରୋଧୀଙ୍କ ଭ୍ରାମାତ୍ମକ ପ୍ରଚାରକୁ ପ୍ରତିହତ କରାଯିବ ସେ ସମ୍ପର୍କରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ମାର୍ଗଦର୍ଶନ କରିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ବିଶ୍ୱମ୍ବର ମିଶ୍ର କର୍ମଶାଳାକୁ ପରିଚାଳନା କରିଥିଲେ। ଭିବି-ଜି ରାମ ଜି ର ଜିଲ୍ଲା ସଂଯୋଜକ ପୂର୍ଣ୍ଣଚନ୍ଦ୍ର ବିଶି ଧନ୍ୟବାଦ୍ ଅର୍ପଣ କରିଥିଲେ। ଏଥିରେ ସମସ୍ତ ମଣ୍ଡଳ ସଭାପତି, ସମ୍ପାଦକ, ଭିବି-ଜି ରାମ ଜି ର ସମସ୍ତ ଜିଲ୍ଲା, ମଣ୍ଡଳ ଓ ପଞ୍ଚାୟତ ଟୋଲିର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।






# ଅତ୍ୟଧିକ ଚିଆ ସିଡ୍ସ ସ୍ୱାସ୍ଥ୍ୟ ପାଇଁ ହାନିକାରକ

ଆଜିକାଲି ଜୀବନଶୈଳୀରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଫଳରେ ଆମ ଶରୀର ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଯାହାର ମୁଖ୍ୟ କାରଣ ଖରାପ ଖାଦ୍ୟପେୟ ହୋଇଥାଏ। ତେଣୁ ଆମ ସୁସ୍ଥ ଶରୀର ପାଇଁ ପ୍ରୋଟିନଯୁକ୍ତ ଖାଦ୍ୟର ଆବଶ୍ୟକତା ରହିଛି। ହେଲଦି ଫୁଡ୍ ଭାବେ ବର୍ତ୍ତମାନ ଚିଆ ସିଡସକୁ ବିବେଚନା କରାଯାଉଛି। ଏଥିରେ ଅନେକ ପୋଷକ ତତ୍ତ୍ୱ ଥିବାରୁ ଏହା ଆମକୁ ଅନେକ ଫାଇଦା ଦେଇଥାଏ। ଯାହା ସୁପରଫୁଡ୍ ଭାବେ ଆମ ଶରୀରରେ କାର୍ଯ୍ୟକାରୀ କରିଥାଏ।

ଯଦି ହେଲଦି ଖାଇବା କଥା କୁହାଯାଏ ତେବେ ପ୍ରଥମେ ଚିଆ ସିଡସର ନାଁ ନିଶ୍ଚୟ ଆସିଥାଏ। ବର୍ତ୍ତମାନ ସମୟରେ ମଧ୍ୟ ଏହାର ଲୋକପ୍ରିୟତା ଖୁବ୍ ରହିଛି। ଏଥିରେ ଫାଇବର, ଆଣ୍ଟିଅକ୍ସିଡାଣ୍ଟ, ଓମେଗା-୩ ସମେତ ପ୍ରୋଟିନ୍ କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍ ଏବଂ ଫସଫରସ୍ ଭଳି ଗୁଣ ଭରପୁର ମାତ୍ରାରେ ରହିଛି। ଯାହା ଅନେକ ରୋଗରୁ ମୁକ୍ତି ଦେଇଥାଏ। କିନ୍ତୁ କିଛି ଲୋକମାନଙ୍କ ପାଇଁ ଏହା କ୍ଷତିକାରକ ହୋଇଥାଏ। ଅଧିକାଂଶ ଲୋକେ ଚିଆ ସିଡ୍ସର ଲାଭକାରୀ ଗୁଣ ସମ୍ପର୍କରେ ଜାଣିଛନ୍ତି। କିନ୍ତୁ ପ୍ରାୟତଃ ଖୁବ୍ କମ୍ ଲୋକ ଜାଣିଥିବେ ଯେ ଏହା ଆମ ସ୍ୱାସ୍ଥ୍ୟ ପାଇଁ ମଧ୍ୟ କ୍ଷତିକାରକ ହୋଇଥାଏ। ତେବେ ଏହାକୁ ଖାଇବାର ଲାଭ ସମ୍ପର୍କରେ ଆପଣମାନେ ତ ଜାଣିଥିବେ ନିଶ୍ଚୟ ହେଲେ ଆଜି ଆମେ ଏହାର କ୍ଷତିକାରକ ଗୁଣ ବିଷୟରେ ଜଣାଇବୁ।

ଅଧିକ ପରିମାଣରେ ଚିଆ ସିଡ୍ସ ଖାଇବା ଦ୍ୱାରା ଆପଣଙ୍କ ଅନ୍ତନଳୀ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପଡ଼ିପାରେ। ପେଟ ସମସ୍ୟାରୁ ରକ୍ଷା ପାଇବା ପାଇଁ ହେଲେ ଆପଣ ଚିଆ ସିଡ୍ସକୁ ସୀମିତ ପରିମାଣରେ ଖାଇବା ଉଚିତ। ଅତ୍ୟଧିକ ଚିଆ ସିଡ୍ସ ଖାଇବା ଦ୍ୱାରା ପେଟ ଫୁଲିବା, କୋଷ୍ଠକାଠିନ୍ୟ ଏବଂ ଗ୍ୟାସ ଭଳି ସମସ୍ୟା ହୋଇପାରେ। ଉଚ୍ଚ ରକ୍ତଚାପ ପୀଡିତ ଲୋକଙ୍କୁ ପ୍ରାୟତଃ ଚିଆ ସିଡ୍ସ ଖାଇବାକୁ ପରାମର୍ଶ ଦିଆଯାଇଥାଏ। କାରଣ ଏଥିରେ ଥିବା ଗୁଣ ରକ୍ତଚାପ କମାଇବାରେ ପ୍ରଭାବଶାଳୀ ହୋଇପାରେ। ତେଣୁ ଲୋବ୍ଲଡପ୍ରେସର ଲୋକ ଚିଆ ସିଡ୍ସ ଖାଇବାଠାରୁ ଦୂରେଇ ରହିବା ଉଚିତ୍। ନଚେତ୍ ଏହା ସେମାନଙ୍କ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଇପାରେ। ଏହା ବ୍ୟତୀତ ଚିଆ ସିଡ୍ସ ଖାଇବା ଦ୍ୱାରା ସ୍କିନ୍ ଆଲର୍ଜି ଭଳି ସମସ୍ୟା ମଧ୍ୟ ଦେଖିବାକୁ ମିଳିପାରେ। ଚିଆ ସିଡ୍ସ ଅଧିକ ଖାଇବା ଦ୍ୱାରା ରକ୍ତକୁ ପତଳା କରିଦେଇଥାଏ। ସେଥିପାଇଁ ଡାକ୍ତରଙ୍କ ବିନା ପରାମର୍ଶରେ ଏହା ଖାଇବା ଆଦୌ ଉଚିତ୍ ନୁହେଁ। ଚିଆ ବିହନ ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବାରେ ମଧ୍ୟ ସାହାଯ୍ୟ କରେ ଏବଂ ମଧୁମେହ ରୋଗୀଙ୍କ ପାଇଁ ଏହା ଲାଭଦାୟକ ହୋଇପାରେ। ଏଗୁଡ଼ିକରେ ଗ୍ଲାଇସେମିକ୍ ଇଣ୍ଡେକ୍ସ କମ୍ ଥାଏ ଏବଂ ସେମାନେ ଧୀରେ ଧୀରେ ଶର୍କରା ଶୋଷଣ କରିଥାଆନ୍ତି। ତଥାପି, ଯଦି କେହି ଇନସୁଲିନ୍ କିମ୍ବା ଏହି ସମସ୍ୟା ପାଇଁ ଔଷଧ ଖାଉଛନ୍ତି, ତେବେ ପ୍ରତିଦିନ ଚିଆ ସିଡ୍ସ ଖାଇବାର ଅଭ୍ୟାସକୁ କମାଇ ଦିଅନ୍ତୁ। ଏତିକି ନୁହେଁ ଗର୍ଭବତୀ ମିହିଳା,ପିଲାମାନଙ୍କୁ ମଧ୍ୟ ମନ ଇଚ୍ଛା ଭାବରେ ଚିଆସିଡ୍ସ ଖାଇବାକୁ ଦିଅନ୍ତୁ ନାହିଁ। ନଚେତ୍ ବଡ଼ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ।

# ବାରମ୍ବାର ନିଦ ଭାଙ୍ଗି ଯାଉଛି କି ?



ଦିନକୁ ଦିନ ବଦଳିବାରେ ଲାଗିଛି ଜୀବନଚର୍ଯ୍ୟା। ପ୍ରାୟ ଯୁବପିଢ଼ି ରାତିରେ ଅନିଦ୍ରା ରହି ଦିନରେ ଶୋଇଥାନ୍ତି। ମାତ୍ର କୁହାଯାଏ କି, ପର୍ଯ୍ୟାପ୍ତ ନିଦ ଶରୀର ପାଇଁ ଉପଯୋଗୀ। ଆବଶ୍ୟକ ନିଦ ହେଲେ କିମ୍ବା ରାତି ଅନିଦ୍ରା ଅନେକ ରୋଗର କାରଣ ମଧ୍ୟ ପାଲଟିଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଅତି କମରେ ୭ ରୁ ୮ ଘଣ୍ଟା ଶୋଇବା ଜରୁରୀ। ମାତ୍ର ଅନେକ ସମୟରେ କାର୍ଯ୍ୟ ବ୍ୟସ୍ତତା ଏବଂ କିଛି କାରଣ ପାଇଁ ଏହା ସମ୍ପୂର୍ଣ୍ଣ ହୋଇପାରେ ନାହିଁ। ଏମିତିକି ରାତିରେ ଶୋଇଥିବା ସମୟରେ ବାରମ୍ବାର ନିଦ ଭାଙ୍ଗିଯାଇଥାଏ। ଆପଣଙ୍କ କ୍ଷେତ୍ରରେ ଏମିତି କିଛି ଘଟୁଛି କି ? ତେବେ ଜାଣନ୍ତୁ ଏହା କେଉଁ ରୋଗର ଲକ୍ଷଣ। ନ୍ୟାସନାଲ ଲାଇବ୍ରେରୀ ଅଫ୍ ମେଡିସିନରେ ପ୍ରକାଶିତ ନୂତନ ଗବେଷଣା ଅନୁଯାୟୀ, ଏଭଳି ରାତିରେ ବାରମ୍ବାର ନିଦ ଭାଙ୍ଗୁଥିବାର ଲକ୍ଷଣ ବହୁତ ବିପଦଜନକ। ଏଭଳି ହେବା ଦ୍ୱାରା ଏହା ରକ୍ତଚାପ ରୋଗର ଆଶଙ୍କା ରହିଥାଏ। ଏହା ମଧ୍ୟ ହାର୍ଟ ଉପରେ ପ୍ରଭାବ ପକାଇଥାଏ। ଏହାସହ ରିପୋର୍ଟ ପ୍ରକାଶ କରାଯାଇଛି କି, ବାରମ୍ବାର ନିଦରେ ବାଧା ସୃଷ୍ଟି ହେବା ଦ୍ୱାରା ଏହା ମଧ୍ୟ ମସ୍ତିସ୍କ ଉପରେ ମଧ୍ୟ ପ୍ରଭାବ ପକାଇଥାଏ। ରାତିରେ ଶୋଇବା ଶରୀର ପାଇଁ ବହୁତ ଉପକାରୀ। ଆମେ ବିଶ୍ରାମ ନେବା ଦ୍ୱାରା ଶରୀରର ପ୍ରତ୍ୟେକ ଅଙ୍ଗ ମଧ୍ୟ ବିଶ୍ରାମ ନେଇଥାଏ। ଯେତେବେଳେ ବାରମ୍ବାର ନିଦ ଭାଙ୍ଗିଯାଏ ସେତେବେଳେ ହାର୍ଟ ଉପରେ ଚାପ ପଡ଼ିଥାଏ। ଯାହାଫଳରେ ହୃଦଘାତ ହେବାର ଆଶଙ୍କା ମଧ୍ୟ ରହିଥାଏ। ଯଦି ଜଣେ ବ୍ୟକ୍ତିଙ୍କ ୨୩ଥର ନିଦ ଭାଙ୍ଗେ ତାହେଲେ ସେମାନଙ୍କର ୩୦ ପ୍ରତିଶତ ହୃଦରୋଗ ମଧ୍ୟ ବଢ଼ିଯାଇଥାଏ। ହୃଦରୋଗ ବିଶେଷଜ୍ଞଙ୍କ ମତରେ ଯଦି ଆପଣଙ୍କ ନିଦ ବାରମ୍ବାର ଭାଙ୍ଗିବା ପଛରେ ପ୍ରମୁଖ କାରଣମାନ ରହିଥାଏ। ମାନସିକ ଚାପ ରହିବା ଦ୍ୱାରା ବାରମ୍ବାର ନିଦରେ ବାଧା ସୃଷ୍ଟି ହୋଇଥାଏ। ଏପରିକି ନିଦ ମଧ୍ୟ ହୋଇନଥାଏ। ଯାହାକି ମସ୍ତିସ୍କ ଉପରେ ମଧ୍ୟ ଗଭୀରଭାବେ ପ୍ରଭାବ ପକାଇଥାଏ। ମାନସିକ ଚାପ ହୃଦଘାତର ଏକ ବଡ଼ କାରଣ ମଧ୍ୟ ହୋଇଥାଏ। ଏଣୁ ସବୁବେଳେ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବା ସହ ଡାକ୍ତରଙ୍କ ପରାମର୍ଶ କରିବା ଉଚିତ୍।

### କେଉଁମାନଙ୍କ କ୍ଷେତ୍ରରେ ଏହା ଅଧିକ ଦେଖାଯାଏ

ସ୍ଲିପ୍ ଏପିନିଆରେ ପୀଡ଼ିତ ଲୋକ। ମାନସିକ ଚାପରେ ରହୁଥିବା ଲୋକମାନେ, ଯେଉଁମାନେ ରାତିରେ ମୋବାଇଲ୍ କିମ୍ବା ଟିଭି ଦେଖନ୍ତି।

### ଏହି ବିପଦକୁ କିପରି ଏଡାଇବା ?

ଶୋଇବା ପୂର୍ବରୁ ମୋବାଇଲ୍ ଫୋନ୍ ଏବଂ ସ୍କ୍ରିନ୍ ଠାରୁ ଦୂରରେ ରୁହନ୍ତୁ। ପ୍ରତିଦିନ ସମାନ ସମୟରେ ଶୋଇବାକୁ ଯିବା ଏବଂ ଉଠିବାର ଅଭ୍ୟାସ କରିବା ଉଚିତ। ରାତିରେ ଚା କିମ୍ବା କଫି ପିଅନ୍ତୁ ନାହିଁ। ଚେଷ୍ଟା କରିବେ ମାନସିକ ଚାପ ନନେବାକୁ ସବୁବେଳେ ଡାକ୍ତରଙ୍କ ସହ ପରାମର୍ଶ କରିବେ। କୌଣସି ରୋଗକୁ ଛୋଟ ଭାବିବା ଭୁଲ୍। ଏଣୁ ସବୁବେଳେ ଯଦି କୌଣସି ସ୍ୱାସ୍ଥ୍ୟ ସମସ୍ୟା ଦେଇ ଗତି କରନ୍ତି ଚେଷ୍ଟା କରିବେ ଡାକ୍ତରଙ୍କ ପରାମର୍ଶ ନେବେ। ନିଜେ ନିଜର ସ୍ୱାସ୍ଥ୍ୟ ଉପରେ ଯତ୍ନବାନ ହେବା ଅଧିକ ଗୁରୁତ୍ୱବହନ କରେ।

# କଥା କଥାରେ ପିଲାଙ୍କୁ ଫୋନ୍ ଧରାନ୍ତୁନି



ଆଜିକାଲି ମୋବାଇଲ୍ ଯୁଗ ଜୋର ଧରିଛି। ପିତାମାତାମାନେ ପ୍ରାୟତଃ ପିଲାମାନଙ୍କୁ ଚୁପ୍ ରଖିବା ପାଇଁ ସେମାନଙ୍କ ମୋବାଇଲ୍ ଫୋନ୍ ହାତରେ ଦିଅନ୍ତି। ଏହି ଅଭ୍ୟାସ କେତେ ବିପଦପୂର୍ଣ୍ଣ ହୋଇପାରେ ଆସନ୍ତୁ ଆମେ ବର୍ଣ୍ଣନା କରିବା। ଆଜିକାଲି ଅନେକ ପିତାମାତା କୌଣସି କାରଣ ନଥାଇ ଛୋଟ ପିଲାମାନଙ୍କୁ ମୋବାଇଲ୍ ଫୋନ୍ ଦିଅନ୍ତି, କିନ୍ତୁ ନୂତନ ଗବେଷଣା ଚିନ୍ତା ବଢ଼ାଇ ଦେଉଛି। ଏକ ଅଧ୍ୟୟନ ଅନୁଯାୟୀ, ୧୨ ବର୍ଷରୁ କମ୍ ବୟସର ସ୍ମାର୍ଟଫୋନ୍ ପାଇବା ପିଲାମାନଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। ପେଡିଆଟ୍ରିକ୍ସ ଜର୍ଣ୍ଣାଲରେ ପ୍ରକାଶିତ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ କମ୍ ବୟସରେ ସ୍ମାର୍ଟଫୋନ୍ ବ୍ୟବହାର କରୁଥିବା ପିଲାମାନଙ୍କ ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ ସମସ୍ୟା, ଯେପରିକି ଡିପ୍ରେସନ୍, ନିଦ୍ରା ଅଭାବ ଏବଂ ସ୍ଥୂଳକାୟତା ହେବାର ସମ୍ଭାବନା ଅଧିକ ଥାଏ। ଏହି ଗବେଷଣା ଆମେରିକାର ୧୦ ହଜାରରୁ ଅଧିକ ପିଲାଙ୍କ ତଥ୍ୟ ଉପରେ ଆଧାରିତ, ଯେଉଁଥିରେ ଦେଖାଯାଇଛି ଯେ ୧୨ ବର୍ଷ ବୟସ ପୂର୍ବରୁ ଫୋନ୍ ଥିବା ପିଲାମାନଙ୍କ ନିଦ ଏବଂ ମାନସିକ ଅବସ୍ଥା ଅନ୍ୟମାନଙ୍କ ତୁଳନାରେ ଅଧିକ ପ୍ରଭାବିତ ହୋଇଥିଲା।

ଗବେଷକଙ୍କ ଅନୁସାରେ, ଯେତେ ଛୋଟ ପିଲାମାନେ ସ୍ମାର୍ଟଫୋନ୍ ଗ୍ରହଣ କରିବେ, ସେମାନଙ୍କର ପରବର୍ତ୍ତୀ ଜୀବନରେ ସ୍ୱାସ୍ଥ୍ୟ ସମସ୍ୟା ସେତେ ଗୁରୁତର ହେବ। ବିଶେଷକରି, ଖରାପ ନିଦ୍ରା ଅଭ୍ୟାସ ଏବଂ ଓଜନ ବୃଦ୍ଧି କମ ବୟସରୁ ଆରମ୍ଭ ହୋଇଥିଲା। ଅଧ୍ୟୟନର ମୁଖ୍ୟ ଲେଖକ, ଶିଶୁ ମନସ୍ତତ୍ତ୍ୱବିତ୍ ରାନ୍ ବାର୍ଜିଲେ କହିଛନ୍ତି ଯେ ଗବେଷଣାରେ ପିଲାମାନେ ପ୍ରକୃତରେ ସେମାନଙ୍କ ଫୋନରେ କ'ଣ କରନ୍ତି ତାହା ମଧ୍ୟ ଦେଖାଯାଇନାହିଁ। କେବଳ ଫୋନ୍ ରଖିବା ପିଲାମାନଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥିବା ପରି ମନେ ହେଉଛି। ଏକ ବର୍ଷର ତୁଳନାରୁ ଏହା ମଧ୍ୟ ଜଣାପଡିଛି ଯେ ଯେଉଁ ପିଲାମାନଙ୍କ ପାଖରେ ସ୍ମାର୍ଟଫୋନ୍ ନଥିଲା ସେମାନଙ୍କର ମାନସିକ ସ୍ୱାସ୍ଥ୍ୟ ସେହି ପିଲାମାନଙ୍କ ତୁଳନାରେ ଭଲ ଥିଲା ଯେଉଁମାନେ ପାଖରେ ସ୍ମାର୍ଟଫୋନ୍ ଥିଲା। ଟାବଲେଟ୍ କିମ୍ବା ଅନ୍ୟ ଡିଭାଇସ୍ ଥିବା ସତ୍ତ୍ୱେ, ଫଳାଫଳରେ ବିଶେଷ ପରିବର୍ତ୍ତନ ହୋଇନାହିଁ।

# ୧୪ ଦିନ ପର୍ଯ୍ୟନ୍ତ ଚିନି ନ ଖାଇଲେ ଶରୀରରେ ପରିବର୍ତ୍ତନ ଆସେ

ସ୍ୱାସ୍ଥ୍ୟଗତ କାରଣରୁ, ସାଧାରଣତଃ ଚିନିମୁକ୍ତ ଖାଦ୍ୟ ଅନୁସରଣ କରିବାକୁ ପରାମର୍ଶ ଦିଆଯାଏ, ଅର୍ଥାତ୍ ଖାଦ୍ୟରୁ ଚିନିକୁ ଦୂରେଇ ରଖିବା ଉଚିତ୍। ତଥାପି, ଏହା ପ୍ରାୟତଃ ଅତ୍ୟନ୍ତ କଷ୍ଟକର। ଚା' ଠାରୁ ଆରମ୍ଭ କରି ଖାଦ୍ୟ ପରେ ଖାଉଥିବା ମିଠା ଖାଦ୍ୟ ପର୍ଯ୍ୟନ୍ତ ସବୁଥିରେ ଚିନି ମିଶାଯାଏ। ତଥାପି, ଚିନି ଲାଭ ଅପେକ୍ଷା ଅଧିକ ସ୍ୱାସ୍ଥ୍ୟ ବିପଦ ସୃଷ୍ଟି କରେ, ଏବଂ ତେଣୁ, ଚିନି କିମ୍ବା ଅତ୍ୟଧିକ ଚିନି ଖାଇବାକୁ ସାଧାରଣତଃ ନିରୁତ୍ସାହିତ କରାଯାଏ। କିନ୍ତୁ ଆପଣ କ'ଣ ଜାଣନ୍ତି ଯଦି ଆପଣ ୧୪ ଦିନ ପାଇଁ ଚିନି ପରିହାର କରନ୍ତି ତେବେ କ'ଣ ହୁଏ? ଆପଣଙ୍କ ଶରୀରରେ ଆପଣ କ'ଣ ପରିବର୍ତ୍ତନ ଦେଖିପାରିବେ ଆସନ୍ତ ଜାଣିବା। ଯଦି ଆପଣ ୧୪ ଦିନ ପାଇଁ ଚିନି ପରିହାର କରନ୍ତି, କିମ୍ବା ଯଦି ଆପଣ ଆପଣଙ୍କ ଖାଦ୍ୟରୁ ଚିନିକୁ ସମ୍ପୂର୍ଣ୍ଣ ଭାବରେ ଦୂରେଇ ଦିଅନ୍ତି, ତେବେ ଆପଣଙ୍କ ଶରୀରରେ ଅନେକ ପରିବର୍ତ୍ତନ ଅନୁଭବ ହୋଇପାରେ। ଇନସୁଲିନ-ଚାଳିତ ଜଳ ପ୍ରତିଧାରଣ ହ୍ରାସ ପାଇବା ଯୋଗୁ ଆପଣଙ୍କ ମୁହଁ କମ୍ ଫୁଲା ନଜର ଆସିବ। ଇନସୁଲିନ ସ୍ତର ହ୍ରାସ ପାଇବା ଯୋଗୁ ଆପଣଙ୍କ ପେଟ ପତଳା ଦେଖାଯିବ। ଯକୃତ ଉପରେ ଚିନିର ଭାର ହ୍ରାସ ପାଇବ, ଯାହା ଫ୍ୟାଟି ଲିଭର ପାଇଁ ଜରୁରୀ। ଅନ୍ତନଳୀ ସ୍ୱାସ୍ଥ୍ୟରେ ଉନ୍ନତି ହେବ କାରଣ କମ ଚିନି ଅର୍ଥ କମ କିଣ୍ୱନ, କମ ଗ୍ୟାସ ଏବଂ କମ ଫୁଲା। ଚର୍ମ ସଫା ହୋଇଯିବ ଏବଂ ବ୍ରଣ କମ ଦୃଶ୍ୟମାନ ହେବ, କାରଣ ଉଚ୍ଚ-ଗ୍ଲାଇସେମିକ ଖାଦ୍ୟ ଲାଲ ଏବଂ ବ୍ରଣ-ପ୍ରବଣ ଚର୍ମର କାରଣ ହୋଇପାରେ।





# ଆଣ୍ଟି ଏଜିଂ ଫୁଡ୍ସ ଖାଇଲେ

## ବୟସ୍କ ହେଲେ ବି ମୁହଁରେ ଛାପ ଦେଖାଯିବନି

ଯଦି କେହି କୁହନ୍ତି ଯେ ବୟସ ବୃଦ୍ଧିକୁ ରୋକିହେବ, ତେବେ ଆପଣ ହସିପାରନ୍ତି, କିନ୍ତୁ ସତ୍ୟ ହେଉଛି ଯେ ଆପଣଙ୍କ ପ୍ଲେଟରେ ଥିବା କିଛି ଜିନିଷ ନିଶ୍ଚିତ ଭାବରେ ବୟସ ବୃଦ୍ଧି ପ୍ରକ୍ରିୟାକୁ ଧୀର କରିପାରେ। ପରିବର୍ତ୍ତନଶୀଳ ଜୀବନଶୈଳୀ, ଚାପ ଏବଂ ଖରାପ ଖାଦ୍ୟ ଅଭ୍ୟାସ ଅକାଳ ବୃଦ୍ଧାବସ୍ଥାର କାରଣ ହୋଇପାରେ। କିଛି ସୁପରଫୁଡରେ ଥିବା ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ ଏବଂ ମିନେରାଲ୍ସ ଚର୍ମ, ମାଂସପେଶୀ ଏବଂ ଶରୀରର ବୟସ ବୃଦ୍ଧି ପ୍ରକ୍ରିୟାକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ଯଦି ଆପଣ ମଧ୍ୟ ବୟସ ବୃଦ୍ଧି ସହିତ ଯୁବକ ଦେଖାଯିବାକୁ ଚାହାଁନ୍ତି, ତେବେ ଆଜି ଆମେ ଆପଣଙ୍କୁ କିଛି ଖାଦ୍ୟ ବିଷୟରେ କହିବୁ ଯାହାକୁ ଯଦି ଆପଣଙ୍କ ଦୈନନ୍ଦିନ ଖାଦ୍ୟରେ ସାମିଲ କରାଯାଏ, ତେବେ ଏହା କେବଳ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଭଲ ହେବ ନାହିଁ ବରଂ ବୟସ ବୃଦ୍ଧିକୁ ମଧ୍ୟ ହ୍ରାସ କରିବ।

**ଟମାଟୋ:** ଲାଇକୋପିନ ରେ ଭରପୂର, ଟମାଟୋ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ। ଏହା ଏକ ପ୍ରକାର କ୍ୟାରୋଟିନଏଡ ଯାହା ଟମାଟୋକୁ ଲାଲ ରଙ୍ଗ ଦେଇଥାଏ। ଏହା ଦୀର୍ଘକାଳୀନ ରୋଗର ଆଶଙ୍କା ମଧ୍ୟ କମାଇଥାଏ ଏବଂ ସୂର୍ଯ୍ୟର କ୍ଷତିକାରକ କିରଣରୁ ଚର୍ମକୁ ରକ୍ଷା କରିପାରିବ, କିନ୍ତୁ ସନସ୍କ୍ରିନ ଅପେକ୍ଷା କମ ପରିମାଣରେ।

**ଆଭୋକାଡୋ:** ଚର୍ବି, ଫାଇବର ଏବଂ ଅନେକ ଭିଟାମିନ ଏବଂ ଖଣିଜ ପଦାର୍ଥରେ ଭରପୂର, ଆଭୋକାଡୋ ବାର୍ଦ୍ଧକ୍ୟ ବିରୋଧୀ ପାଇଁ ଏକ ଉତ୍କୃଷ୍ଟ ବିକଳ୍ପ ହୋଇପାରେ। ସେମାନଙ୍କର ଉଚ୍ଚ ମନୋଅନସାଚୁରେଟେଡ ଚର୍ବି ପରିମାଣ ସୁସ୍ଥ ଚର୍ମ ସ୍ତର ବଜାୟ ରଖିବାରେ ସାହାଯ୍ୟ କରେ। ଏହା ସହିତ, ସେମାନଙ୍କର ଉଚ୍ଚ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଅଛି, ଯାହା ଚର୍ମକୁ କ୍ଷତି ପହଞ୍ଚାଉଥିବା ଏବଂ ବାର୍ଦ୍ଧକ୍ୟ ଲକ୍ଷଣ ସୃଷ୍ଟି କରୁଥିବା ମୁକ୍ତ ରାଡିକାଲ୍ସ ସହିତ ଲଢ଼ି ବୟସକୁ ଧୀର କରିବାରେ ସାହାଯ୍ୟ କରେ।

**ପନିପରିବା:** ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଡାକ୍ତରମାନେ ପ୍ରାୟତଃ ଅଧିକ ପନିପରିବା ଖାଇବାକୁ ପରାମର୍ଶ ଦିଅନ୍ତି। ଅଧିକାଂଶ ପନିପରିବା ପୁଷ୍ଟିକର, କମ କ୍ୟାଲୋରୀ ଏବଂ ଆଣ୍ଟିଅକ୍ସିଡାଣ୍ଟରେ ଭରପୂର, ଯାହା ଅନେକ ଗମ୍ଭୀର ରୋଗକୁ ରୋକିବାରେ ସାହାଯ୍ୟ କରିପାରେ। ବେଲ ଲଙ୍କା, ପତ୍ରଯୁକ୍ତ ସବୁଜ ପତ୍ର, ଟମାଟୋ ଏବଂ ବ୍ରୋକୋଲି ପରି ପନିପରିବା ଭିଟାମିନ ସି ରେ ଭରପୂର, ଯାହା ଆଣ୍ଟିଅକ୍ସିଡାଣ୍ଟର ଏକ ଉତ୍କୃଷ୍ଟ ଉତ୍ସ। ଏହା ଶରୀରରେ କୋଲାଜେନ ବୃଦ୍ଧି କରିବାରେ ସାହାଯ୍ୟ କରେ। ଆପଣଙ୍କ ଖାଦ୍ୟରେ ଅତି କମରେ ଦୁଇଟି ସର୍ଭିଂ ପନିପରିବା ସାମିଲ କରନ୍ତୁ ଏବଂ ସୂର୍ଯ୍ୟ ସଂସ୍ପର୍ଶରେ ଆସିବା ପୂର୍ବରୁ ସନସ୍କ୍ରିନ ବ୍ୟବହାର କରନ୍ତୁ।

**ଗ୍ରୀନ ଟି:** ସବୁଜ ଚା ବା ଗ୍ରୀନ ଟି ଆଣ୍ଟିଅକ୍ସିଡାଣ୍ଟରେ ଭରପୂର, ଯାହା କେବଳ ସ୍ୱାସ୍ଥ୍ୟ ପାଇଁ ନୁହେଁ ବରଂ ଚର୍ମ ପାଇଁ ମଧ୍ୟ ଲାଭଦାୟକ। ଏଥିରେ ଥିବା ପଲିଫେନୋଲ ସୂର୍ଯ୍ୟ ଏବଂ ପ୍ରଦୂଷଣ ଯୋଗୁ ଚର୍ମର ବାହ୍ୟ ବାର୍ଦ୍ଧକ୍ୟ ପ୍ରକ୍ରିୟାକୁ ଧୀର କରିବାରେ ସାହାଯ୍ୟ କରିପାରେ। ଏହି ପଲିଫେନୋଲଗୁଡ଼ିକ ଚର୍ମକୁ କ୍ଷତି ପହଞ୍ଚାଇବା ପୂର୍ବରୁ ମୁକ୍ତ ରାଡିକାଲ୍ସକୁ ଦୂର କରିଦିଏ। କେବଳ ଏତିକି ନୁହେଁ, ଏହାର ଆଣ୍ଟିଅକ୍ସିଡାଣ୍ଟ ଏବଂ ବାର୍ଦ୍ଧକ୍ୟ ବିରୋଧୀ ଗୁଣ ଯୋଗୁ ଅନେକ ଚର୍ମ ଯତ୍ନ ଉତ୍ପାଦରେ ସବୁଜ ଚା ଉପାଦାନ ମିଶାଯାଏ। ଏହି ଲାଭଗୁଡ଼ିକ ଜାଣି, ଆପଣ ଏହାକୁ ନିଶ୍ଚିତ ଭାବରେ ଆପଣଙ୍କ ଖାଦ୍ୟରେ ସାମିଲ କରିବା ଉଚିତ।

# ୬ କୋଟିର ଗଞ୍ଜେଇ ସହ କଣ୍ଟେନର ଜବତ, ୨ ଗିରଫ



**ସୁବର୍ଣ୍ଣପୁର, ୧୯।୧ (ସଂଚାର ବ୍ୟୁରୋ):** ବିପୁଳ ପରିମାଣର ଗଞ୍ଜେଇ ଜବତ କଲା ସୋନପୁର ପୋଲିସ୍। ଜବତ ଗଞ୍ଜେଇର ଆନ୍ତଃ ରାଜ୍ୟ ମୂଲ୍ୟ ପ୍ରାୟ ୬ କୋଟି ହେବ ଏବଂ କିପରି ଏହାକୁ କୌଶଳ କ୍ରମେ ବୌଦ୍ଧ ଜିଲ୍ଲା ମନମୁଣ୍ଡା ଅଞ୍ଚଳର ଲୋପା ଢାବା ନିକଟରୁ ଲୋଡ କରି ବାହାର ରାଜ୍ୟକୁ ଚାଲାଣ କରାଯାଉଥିଲା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସପି ନାରାୟଣ ନାୟକ। ଗତକାଲି ସୁବର୍ଣ୍ଣପୁର ଜିଲ୍ଲା ସୁବଳୟା ଥାନା ଅନ୍ତର୍ଗତ ବୀରମହାରାଜପୁର - କଦଳୀଗଡ଼ ରାସ୍ତାର ଦୁର୍ଦ୍ଦୁରାସ୍ଥିତ ନର୍ସରି ପାଖରେ ଗଞ୍ଜେଇ ବୋଝେଇ କଣ୍ଟେନର କୁ ଅଟକାଇବା ସହ ଯାଞ୍ଚ କରିବାରୁ ସେଥିରେ ବିପୁଳ ପରିମାଣର ଗଞ୍ଜେଇ କୌଶଳ କ୍ରମେ ନିଆଯାଉଥିବା ଜଣାପଡ଼ିଥିଲା। ପୋଲିସର ସୂଚନା ଅନୁସାରେ ରବିବାର ଭୋର୍ ସମୟରେ ବୌଦ୍ଧ ଜିଲ୍ଲାରୁ ଏକ କଣ୍ଟେନର ଯୋଗେ ବିପୁଳ ପରିମାଣର ଗଞ୍ଜେଇ ଚାଲାଣ ହେଉଥିବା ଖବର କୌଣସି ସୂତ୍ରରୁ ମିଳିଥିଲା। ସୋନପୁର ସହର ପଟୁ ଗଞ୍ଜେଇ ଚାଲାଣ ଉପରେ ପୋଲିସ୍ ର କଡ଼ା ନଜର ଥିବାରୁ ଏହି ଗଞ୍ଜେଇ ବୌଦ୍ଧ - କଦଳୀଗଡ଼ ଦେଇ ପୁଣି ସୋନପୁର ଜିଲ୍ଲା ବୀରମହାରାଜପୁର ପଟରୁ ସମ୍ବଲପୁର ଓ ସେଠାରୁ ମଧ୍ୟପ୍ରଦେଶ ଚାଲାଣ ହୋଇଥାନ୍ତା। ସୁବଳୟା ପୋଲିସ କଦଳୀଗଡ଼ ପଟୁ ବୀରମହାରାଜପୁର ଅଭିମୁଖେ ଆସୁଥିବା କଣ୍ଟେନର (ଏନ୍‌ଏଲ୍ ୦୧ ଏନ୍ ୬୯୧୪)କୁ ଦୁର୍ଦ୍ଦୁରାସ୍ଥିତ ନର୍ସରି ସମ୍ମୁଖରେ ଅଟକାଇ ଯାଞ୍ଚ କରିବାରୁ ପରେ ଡ୍ରାଇଭର ପଛପଟେ ୨ ଫୁଟ ଓସାରର ସିକ୍ରେଟ ଚାମ୍ବର ତିଆରି କରି ସେହି ଭିତରେ ଗଞ୍ଜେଇ ଭର୍ତ୍ତିଥିବା ଥିବା ଜଣାପଡ଼ିଥିଲା। ଖବର ପାଇ ଏଏସପି କେ.କେ. ହରିପ୍ରସାଦ ଓ ଏସ୍‌ଡିପିଓ ହେମନ୍ତ ରାଓ ମଧ ଘଟଣାସ୍ଥଳକୁ ପହଞ୍ଚିଥିଲା ବେଳେ ପରେ ଏସ୍‌ପି ନାରାୟଣ ନାୟକ ମଧ ପହଞ୍ଚି ସ୍ଥିତି ଅନୁଧାନ କରିଥିଲେ। ପରେ ସେହି ଭିତରେ ଥିବା ୬୦୭ ଟି ପ୍ୟାକେଟ ଗଞ୍ଜେଇକୁ ମାଜିଷ୍ଟ୍ରେଟ ଅଜିତ ମିର୍ଦ୍ଧାଙ୍କ ଉପସ୍ଥିତିରେ ବାହାର କରାଯାଇଥିବା ବେଳେ ଓଜନ କରିବାରୁ ୫ କ୍ୱିଣ୍ଟାଲ ୯୩ କେଜି ଗଞ୍ଜେଇ ଥିବା ଜଣାପଡ଼ି ଥିଲା। ଯାହାର ସରକାରୀ ମୂଲ୍ୟ ପ୍ରାୟ ୬୦ ଲକ୍ଷ ଏବଂ ଆନ୍ତଃ ରାଜ୍ୟ ବେସରକାରୀ ମୂଲ୍ୟ ପ୍ରାୟ ୬ କୋଟି ହେବ ବୋଲି ଏସପି ସୂଚନା ଦେଇଥିଲେ ଏବଂ ଏହି ଗଞ୍ଜେଇ କୁ ବୌଦ୍ଧ ଜିଲ୍ଲା ମନମୁଣ୍ଡା ଅଞ୍ଚଳ ର ପ୍ରଶାନ୍ତ ପ୍ରଧାନ ଚାଲାଣ କରୁଥିବା ସ୍ପଷ୍ଟ କରିଥିଲେ। ଗାଡ଼ିରେ ଥିବା ଦୁଇଜଣ ବ୍ୟକ୍ତି ବିହାର ଭୋଜପୁର ଜିଲ୍ଲା ସାହାପୁର ଥାନା ଅଞ୍ଚଳ ର ଅନିଲ ଯାଦବ (୨୮) ଓ ଝାଡଖଣ୍ଡ ର ଧାନବାଦ ର ବିନୁ ମଲ୍ଲହ(୩୫) କୁ ଗିରଫ କରାଯିବା ସହ ସେମାନେ କହିଥିଲେ ଯେ ପ୍ରଶାନ୍ତ ପ୍ରଧାନ ନାମକ ଯୁବକ ଏହାକୁ ଲୋଡ଼ିଂ କରି ପଠାଇଛି। ପରେ ତାଙ୍କ ପାଖରୁ ଦୁଇଟି ମୋବାଇଲ ଏବଂ ୮୭୦୦ ଟଙ୍କା ଜବତ କରାଯାଇଥିଲା।

## ବାଲୁଗାଁରେ ବାର୍ଷିକ ତ୍ରିତାପ ଶାନ୍ତି ଶକ୍ତିଯଜ୍ଞ

**ନୟାଗଡ଼, ୧୯।୧ (ସଂଚାର ବ୍ୟୁରୋ):** ନୟାଗଡ଼ ସଦର ବ୍ଲକ ବାଲୁଗାଁ ଚଣ୍ଡୀପୀଠ ସମ୍ମୁଖରେ ୨୪ତମ ବାର୍ଷିକ ତ୍ରିତାପ ଶାନ୍ତି ଶକ୍ତି ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବାସୀଙ୍କ ମଙ୍ଗଳ କାମନା କରି ବାଲୁଗାଁ ଗ୍ରାମବାସୀ ଦୀର୍ଘ ୨୪ ବର୍ଷ ଧରି ତ୍ରିତାପ ଶାନ୍ତି ଶକ୍ତି ଯଜ୍ଞ କରି ଆସୁଛନ୍ତି। ଏହି ଯଜ୍ଞ ୪ଦିନ ଧରି ଅନୁଷ୍ଠିତ ହୋଇଥିବା ବେଳେ ଶେଷ ଦିନରେ ପୂର୍ଣ୍ଣାହୁତି ଓ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ବାଲୁଗାଁ ଗ୍ରାମ୍ୟ କମିଟିର ସଭାପତି କେଶବଚନ୍ଦ୍ର ଦଳବେହେରା, ସଂପାଦକ ଦନାର୍ଦ୍ଦନ ଦଳବେହେରାଙ୍କ ପ୍ରତ୍ୟେକ୍ଷ ତତତ୍ୱାବଧାନରେ ଶାନ୍ତି ଶୃଙ୍ଖଳାର ସହ ଯଜ୍ଞ ସମାପନ ହୋଇଥିଲା। ବାଲୁଗାଁ ସରପଞ୍ଚ ମନୋଜ କୁମାର ନାୟକ ଯୋଗ ଦେଇ ବିଶ୍ୱବାସୀଙ୍କ ମଙ୍ଗଳ କାମନା କରିଥିଲେ। ଶଙ୍କରର୍ଷଣ ଦଳବେହେରା, ବିଜୟ କୁମାର ରାଉତ, ବିଜୟ କୁମାର ନାୟକ, ବାନାମ୍ବର ପ୍ରଧାନ, କିଶୋର ଚନ୍ଦ୍ର ଦଳବେହେରା, ପ୍ରଭାତ କୁମାର ଦଳବେହେରା, ପ୍ରଫୁଲ୍ଲ ଡାକୁଆ, ଦାଶରଥି ସ୍ୱାଇଁ, ନୀଳମଣି ବେହେରା, କାଲୁ ବେହେରା, ଛାଟିଆ ମହାରଣା, କାଶୀନାଥ ସାହୁ, ସଂଗ୍ରାମ କେଶରୀ ସାହୁ, ରବିନ୍ଦ୍ର କୁମାର ସାହୁ ଓ ଗ୍ରାମର ଯୁବ ଗୋଷ୍ଠୀ ପ୍ରମୁଖ ଯୋଗଦାନ କରି ଶାନ୍ତି ଶୃଙ୍ଖଳାର ସହ ୨୪ତମ ବାର୍ଷିକ ତ୍ରିତାପ ଶାନ୍ତି ଶକ୍ତିଯଜ୍ଞକୁ ପରିଚାଳନା କରିଥିଲେ।

## ମାଟିଆକେଳା ପରିବାରଙ୍କୁ କମ୍ବଳ ବଣ୍ଟନ

**ନୟାଗଡ଼, ୧୯।୧ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ଓଡଗାଁ ବ୍ଲକ ରୋହିବାଙ୍କ ପଞ୍ଚାୟତ ଅଞ୍ଚଳରେ ଦୀର୍ଘ ବର୍ଷଧରି ରହିଆସୁଥିବା ମାଟିଆ କେଳା ' ମାଙ୍କୁ' ଆଦିବାସୀର ୧୫ ପରିବାରକୁ ସପ, ଗଦ୍ଦା, ଓ କମ୍ବଳ ବଣ୍ଟନ କରାଯାଇଛି। ଏହି ପରିବାର ରୋହିବାଙ୍କ ଅଞ୍ଚଳରେ ଦୀର୍ଘ ୧୦ ବର୍ଷରୁ ଅଧିକ ଧରି ରହି ଆସୁଥିବାବେଳେ ମାତ୍ର ପର୍ବ ପର୍ବାଣୀ ସମୟରେ ଲୋକ ଲୋଚନକୁ ଆସନ୍ତି। ଏମାନେ ମାଟି ଭିତରେ ଦୀର୍ଘ ସମୟ ଧରି ନିଜ ମୁଣ୍ଡ ପୋତି ଦର୍ଶକ ମାନଙ୍କଠାରୁ ଯାହା ପାଆନ୍ତି ସେଥିରେ ନିଜର ଗୁଜୁରାଣ ମେଣ୍ଟାଇବା ସହିତ ବର୍ଷା ଋତୁରେ ଜଙ୍ଗଲରୁ ପୀଠଳ ଖୋଳି ଆଣି ଚଳନ୍ତି। ଏମାନଙ୍କ ପରିବାର ମାଫସଲ କି ସହରୀ ଜୀବନ କଣ ଜାଣିବା ଦୂରର କଥା ନିଜକୁ ସମାଜ ଠାରୁ ଦୁରେଇ ରଖନ୍ତି, ଦେହ ଖରାପ ହେଲେ ଡାକ୍ତରଖାନ ବଦଳରେ ଚେର ମୂଳି ଔଷଧ କୁ ଆପଣାନ୍ତି। ରାଜ୍ୟ ସରକାରଙ୍କ ' ଆସ ସ୍କୁଲ ଯିବା ' ଅଭିଯାନ ମାଧମରେ ରୋହିବାଙ୍କ ଉଚ୍ଚ ବିଦ୍ୟାଳୟ ର ଶିକ୍ଷକ ସନ୍ତୋଷ କୁମାର ସାହୁ ଏମାନଙ୍କୁ ପ୍ରଥମେ ଲୋକ ଲୋଚନକୁ ଆଣିଥିବା ସହିତ ଏମାନଙ୍କ ପିଲାମାନଙ୍କ ସମସ୍ତ ଶିକ୍ଷା ଭାର ଗ୍ରହଣ କରିଥିଲେ। ଖାଲି ସେତିକି ନୁହେଁ ଏହି ପରିବାର ର ଦମ୍ପତି ମାନଙ୍କୁ ରାଜ୍ୟ ସରକାରଙ୍କ 'ଉଲ୍ଲାସ' ଯୋଜନା ମାଧମରେ ସାକ୍ଷର ସହିତ ଶିକ୍ଷା ପ୍ରତି ସଚେତନ ସୃଷ୍ଟି କରାଇବା ଭାର ମଧ ନେଇଥିଲେ ଶିକ୍ଷକ ଶ୍ରୀ ସାହୁ। ଏତିକିରେ ସୀମିତ ନ ରହି ବିଭିର୍ଣ୍ଣ ବେସରକାରୀ ସଂସ୍ଥା ସହିତ ଯୋଗାଯୋଗ କରି ଏହି ଆଦିବାସୀ ମାନଙ୍କୁ ସାହାଯ୍ୟ କରିବା ପାଇଁ ସାହାଯ୍ୟ ମାଗିଥିଲେ। ନିଜର ବାଲ୍ୟ ବନ୍ଧୁ ପାଣ୍ଡିଖାରି ଶାସନ ଗ୍ରାମର ସାର୍ଥକ ଷଡ଼ଙ୍ଗୀଙ୍କ ସାହାଯ୍ୟରେ ପରିବାରକୁ କମ୍ବା ସହିତ ନୟାଗଡ଼ର ସନ୍ତୋଷୀ ଚାରିଟେବୁଲ ଟ୍ରଷ୍ଟ ସେ ପରିବାରକୁ ସପ୍ ଓ କମ୍ବଳ ବଣ୍ଟନ କରିଥିବା ଜଣାପଡ଼ିଛି।

## ଜିଲ୍ଲାସ୍ତରୀୟ କଳା ପ୍ରଦର୍ଶନୀ ପାଳିତ



**ବାରିପଦା, ୧୯।୧ (ସଂଚାର ବ୍ୟୁରୋ):** ବାରିପଦାରେ ଏକ ଉତ୍ସାହପୂର୍ଣ୍ଣ ଜିଲ୍ଲାସ୍ତରୀୟ କଳା ପ୍ରଦର୍ଶନୀ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଜଗନ୍ନାଥ କଳା ଏକାଡେମୀ ଏବଂ ବାରିପଦା ମ୍ୟୁନିସିପାଲଟିଙ୍କ ମିଳିତ ଆନୁକୂଲ୍ୟରେ ଉତ୍ସବରେ ସ୍ଥାନୀୟ ଶିଶୁ ଉଦ୍ୟାନ ଠାରେ ଅନୁଷ୍ଠିତ ହୋଇଥିଲା। ନର୍ସରୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୪ଟି ଗ୍ରୁପ୍‌ରେ ବିଭକ୍ତ ହୋଇ ପ୍ରାୟ ୩୫୦ରୁ ଉର୍ଦ୍ଧ୍ୱ ପିଲାମାନେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଚଳିତ ବର୍ଷର ଥିମ୍ ଥିଲା ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ଓ ପ୍ରସିଦ୍ଧ ମନ୍ଦିର ଗୁଡ଼ିକର ଚିତ୍ରାଙ୍କନ। ଶିଶୁ ଉଦ୍ୟାନରେ ସକାଳ ୧୦ଟାରୁ ଦ୍ୱିପହର ୧୨ଟା ପର୍ଯ୍ୟନ୍ତ ଚାଲିଥିବା ଏହି ପ୍ରତିଯୋଗିତାରେ ପ୍ରାୟ ୫୦ଜଣ ପ୍ରତିଯୋଗୀଙ୍କୁ ଟ୍ରଫି ଓ ମେଡାଲ୍ ଦେଇ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟା ପ୍ରାୟ ୬ଟାରେ ବାରିପଦା ମ୍ୟୁନିସିପାଲଟି କଲ୍ୟାଣ ମଣ୍ଡପରେ ଏକ ବିଶେଷ ପୁରସ୍କାର ବିତରଣ ଓ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ମୁଖ୍ୟ ବକ୍ତା ଭାବେ ଡିଭାଇନ ଡିପ୍ଲୋମା କଲେଜର ଡିନ୍ ଡ଼ ରଂଜିତ କୁମାର ସାହୁ, ସମ୍ମାନୀତ ଅତିଥି ଭାବେ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗକେଶରୀ ଜେନା ଏବଂ କ୍ରିଏଟିଭ ସ୍କୁଲ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟସ୍ ପ୍ରିନ୍ସିପାଲ୍ ରବୀନ୍ କୁମାର ମହାପାତ୍ର ଉପସ୍ଥିତ ଥିଲେ। ଶ୍ରୀ ଜଗନ୍ନାଥ କଳା ଏକାଡେମୀର ପ୍ରିନ୍ସିପାଲ୍ ଶୁଭସ୍ମିତା ଭାରତୀ ହୋତା ଏବଂ ଟ୍ରଷ୍ଟି ରାକେଶ କୁମାର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସମସ୍ତ ଚିତ୍ରକଳାଗୁଡ଼ିକୁ ଡିସପ୍ଲେ କରାଯାଇ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ଶ୍ରୀ ଜଗନ୍ନାଥ କଳା ଏକାଡେମୀ ୫ ବର୍ଷ ଧରି ଛାତ୍ରଛାତ୍ରୀଙ୍କୁ କଳା ଶିକ୍ଷା ଦେଇ ଆସୁଥିବା ବେଳେ ଏହି ପ୍ରଦର୍ଶନୀ ଏହାର ଏକ ଉଜ୍ଜ୍ୱଳ ପ୍ରତିଫଳନ ହୋଇଛି। କଳା ଶିକ୍ଷକ ଚିରଞ୍ଜୀବ ସାହୁ, ପ୍ରକାଶିନୀ ସାହୁ, ମାମୁନି ଧଳ, ନୃତ୍ୟ ଗୁରୁ ତପନ କୁମାର ବେହେରା, ସୁଜିତ କୁମାର ଧଳ, ସାଇରା ପ୍ରଧାନ, ଯୋଗ ଗୁରୁ ଚନ୍ଦନ ମିଶ୍ର ଓ ସଞ୍ଚାଳକ ହରେନ୍ଦ୍ର ମହାନ୍ତଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

## ପାଟଳୀପୁରା ଗ୍ରାମପଞ୍ଚାୟତର ଦାରିହା କୁଣ୍ଡିରେ ପକ୍ଷୀ ଗଣନା



**ବୈଶିଙ୍ଗା, ୧୯।୧ (ସଂଚାର ବ୍ୟୁରୋ):** ସରକାରଙ୍କର ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ନିର୍ଦ୍ଦେଶରେ ବାରିପଦା ବନଖଣ୍ଡର ବେତନଟି ଫରେଷ୍ଟ ରେଞ୍ଜ ଅଧିନସ୍ଥ ନଡପୁର ଫରେଷ୍ଟ ବିଟ ଅନ୍ତର୍ଗତ ପାଟଳୀପୁରା ଗ୍ରାମ ପଞ୍ଚାୟତର କୃଷ୍ଣ ଚନ୍ଦ୍ର ଶିକ୍ଷା ନିକେତନ ନିକଟସ୍ଥ ବେଲାଣ ପୁରା -ଦାରିହା କୁଣ୍ଡି ପ୍ରାକୃତିକ ଜଳାଶୟରେ ପକ୍ଷୀ ଗଣନା କାର୍ଯ୍ୟକ୍ରମ ବେତନଟୀ ବନାଞ୍ଚଳ ଅଧିକାରୀ ଧ୍ରୁବେନ୍ଦ୍ର ନାଥ ନାୟକଙ୍କର ମାର୍ଗ ଦର୍ଶନରେ ବନରକ୍ଷୀ ନମିତା ସେଠୀଙ୍କର ପ୍ରତକ୍ଷ୍ୟ ତତ୍ତାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ପକ୍ଷୀ ଗଣନା ସକାଳ ସକାଳ ୫. ୩୦ ରୁ ୧୦ ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ପକ୍ଷୀ ଗଣନା ସମୟରେ ବିଭିନ୍ନ ପ୍ରଜାତିର ପକ୍ଷୀ ଯଥା ଲିଟିଲ କର୍ମୋରଣ୍ଟ (ପାଣି କୁଆ) କମନ କିଙ୍ଗ ଫିସର (ମାଛରଙ୍କା) ଗାଡ଼ ୱାଲ, କମନ ମୁରହେନ ପ୍ରଭୁତିର ୨୦ ରୁ ଅଧିକ ପ୍ରଜାତିର ପ୍ରାୟ ଦୁଇ ହଜାରରୁ ଅଧିକ ପକ୍ଷୀ ଗୁଡିକ ଚିହ୍ନଟ କରାଯାଇଥିଲା। ଏଠାରେ ଉଲ୍ଲେଖ ନୀୟଯେ ଏହି ଆଦ୍ରଭୂମି ପ୍ରାକୃତିକ ଜଳାଶୟ ରେ ଅନେକ ପ୍ରକାର ବିଦେଶୀ ପକ୍ଷୀ ପକ୍ଷୀ ମଧ୍ୟ ବିଚରଣ କରୁଥିବାର ଦେଖିବାକୁ ମିଳିଥିଲା। ଏହି ପକ୍ଷୀ ଗଣନାରେ ପ୍ରୋଟେକ୍ସନ ଏସିଷ୍ଟାଣ୍ଟ ଶ୍ରୀଧର ମହାକୁଡ଼, ପ୍ରୋଟେକ୍ସନ ସ୍କୁର୍ଡ ସୁଶାନ୍ତ ମହାନ୍ତ, ଫାୟାର ୱାଚୱାର ଦେବାନନ୍ଦ ମହାନ୍ତ, ଗଜସାଥୀ ରାଜୀବ କୁମାର କବାଟ, ଇକୋ ଫ୍ରେଣ୍ଡ ଡ଼କ୍ଟର ରମାକାନ୍ତ ମହାନ୍ତ, ଇକୋ କ୍ଲବ ଭାରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଶିଶିର କୁମାର ନାୟକ, ଶିକ୍ଷକ ସତ୍ୟରଞ୍ଜନ ଦୁର୍ଗା, ସ୍ୱେଚ୍ଛାସେବୀ ଗୋବିନ୍ଦ ଚନ୍ଦ୍ର ଦୁର୍ଗା, ଡାକ୍ତର ଧ୍ରୁବଚରଣ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ ।

## ଅଁଳା ଉଚ୍ଚ ମାଧମିକ ବିଦ୍ୟାଳୟରେ ୨୦୧୪ ବ୍ୟାଚର ବନ୍ଧୁମିଳନ



**ବେତନଟୀ, ୧୯।୧ (ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ ତଥା ବୈଶିଙ୍ଗା ଥାନା ଅଧୀନ ଅଁଳା ଉଚ୍ଚ ମାଧମିକ ବିଦ୍ୟାଳୟର ୨୦୧୪ ବ୍ୟାଚର ଛାତ୍ର ଛାତ୍ରୀ ମାନଙ୍କର ଏକ ବନ୍ଧୁ ମିଳନ ଉତ୍ସବ ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁମିଳନ ଉତ୍ସବରେ ବିଦ୍ୟାଳୟ ର ଅଧକ୍ଷ ସମୀର କୁମାର ଜେନାଙ୍କ ତତ୍ୱାବଧାନ ରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବ୍ୟାଚ ରଛାତ୍ର ଛାତ୍ରୀ ମାନେ ଆନନ୍ଦ ଉଲ୍ଲାସର ସହିତ ଏହି ଉତ୍ସବ ପାଳନ କରିବା ସହ ନିଜ ଶିକ୍ଷାଦାନ ସମୟର ବିଭିନ୍ନ ଘଟଣା ଓ ବର୍ତମାନ କିଏ କେମିତି ଅବସ୍ଥାରେ ଅଛନ୍ତି, କିଭଳି ଦିନ କାଟୁଛନ୍ତି ସେ ସମ୍ପର୍କ ରେ ନିଜ ନିଜର ମତ ରଖିଥିଲେ।ଏକ ବର୍ଣ୍ଣାଢ୍ୟ ପରିବେଶରେ ଆବାହକ ସଚ୍ଚିଦାନନ୍ଦ ତଥା ପୂର୍ବତନ ଛାତ୍ରଛାତ୍ରୀ ହରିଶଙ୍କର, କରୁଣାକର, କାର୍ତ୍ତିକ, ବିନୋଦ, ବିଷ୍ଣୁପ୍ରିୟା, ଦେବଯାନୀ, ତନୁସ୍ମିତା, ବସୁମୀତା, ମନୋରମା ଓ ସଙ୍ଗୀତା ପ୍ରମୁଖ ଏହି ଉତ୍ସବ କୁ ପରିଚାଳନା କରିଥିଲେ। ବିଦ୍ୟାଳୟ ର ସମସ୍ତ କର୍ମଚାରୀ ଓ ପୂର୍ବତନ କର୍ମଚାରୀମାନଙ୍କୁ ଏହି ଅବସରରେ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

● ସର୍ବଭାରତୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ନୟାଗଡ଼ କପ୍

## ଉଦ୍‌ଘାଟନୀ ମ୍ୟାଚରେ ଢେଙ୍କାନାଳକୁ ହରାଇଲା ଭଞ୍ଜନଗର



**ନୟାଗଡ଼, ୧୯।୧ (ସଂଚାର ବ୍ୟୁରୋ):** ରଙ୍ଗାରଙ୍ଗ ପରିବେଶ ଏବଂ ଆକର୍ଷଣୀୟ ସୁସଜ୍ଜିତ ଖେଳପଡ଼ିଆ ମଧ୍ୟରେ ଆଜି ସର୍ବ ଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ନୟାଗଡ଼ କପ୍ ଶୁଭ ଉଦଘାଟିତ ହୋଇଯାଇଛି। ସମାଜସେବୀ ଇରାନୀ ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତୋଳନ କରି ଆଜିର ଏହି ଉଦଘାଟନୀ ମ୍ୟାଚ୍ କୁ ଉଦଘାଟନ କରିଥିଲେ। ଖେଳ ଆରମ୍ଭ ପୂର୍ବରୁ ରଙ୍ଗା ରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟଜିତ ହୋଇଥିଲା। ପାପୁଲାର ଏଫ୍ ସି ଢେଙ୍କାନାଳ ଏବଂ ମରାଠା ୧୧ ଏଫ୍ ସି ଭଞ୍ଜନଗର ଦୁଇ ଶକ୍ତିଶାଳୀ ଦଳ ପରସ୍ପରକୁ ଭେଟିଥିଲେ। ଆରମ୍ଭରୁ ଖେଳ ପ୍ରବଳ ସଂଘର୍ଷପୂର୍ଣ୍ଣ ହୋଇ ଥିଲା ଏବଂ ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ କେହି କାହାକୁ ଗୋଲ ଦେଇ ପାରି ନ ଥିଲେ। ମୁଖ୍ୟ ରେଫରି ଭାବେ ରାଜୁ ମହାନ୍ତି ଖେଳ ପରିଚାଳନା କରିଥିଲେ ଏବଂ ରେଫରୀ ପ୍ରସନ୍ନ ନାୟକ ଓ ଶରତ ମହାରଣା ଉଭୟ ପଟେ ଲାଇନ୍ ରେ ରହି ତାଙ୍କୁ ସହାୟତା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ନଗରପାଳିକା ନିରୁପମା ଖଟେଇ, ଉପାଧକ୍ଷ ଗୁରୁ ପ୍ରସାଦ ଜେନା, ତହସିଲଦାର ନୟାଗଡ଼ ରାଜେଶ୍ କିଶୋର ସ୍ୱାଇଁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଜାତା ସାହୁ, ସମାଜସେବୀ ମାମତାଜ ବେଗମ୍, ଏସ ଡି ପି ଓ ଜ୍ୟୋତି ରଞ୍ଜନ ସାମନ୍ତରାୟ, ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ।

## ଯାଜ୍ଞସେନୀ ଏକ ନାରୀ ନୁହେଁ, ଏହା ଏକ ବିପ୍ଲବର ଆହ୍ୱାନ




**ଜଗତସିଂହପୁର, ୧୯।୧ (ସଂଚାର ବ୍ୟୁରୋ):** ଜଗତସିଂହପୁର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଜଗତସିଂହପୁର ପୁସ୍ତକମେଳାର ଆଜି ଥିଲା ପଞ୍ଚମ ସନ୍ଧ୍ୟା। ଏହି ଅବସର ରେ ଆୟୋଜିତ ସଭାରେ ଜଗତସିଂହପୁର ସାଂସ୍କୃତିକ ପରିଷଦର କାର୍ଯ୍ୟକାରିଣୀ ସଦସ୍ୟା ଡ. ଜ୍ୟୋତିର୍ମୟୀ ମହାନ୍ତି ଅଧକ୍ଷତା କରିଥିଲେ। ଆଜିର ଆସରର ବିଷୟ ବସ୍ତୁ ଥିଲା 'ନାରୀ ସ୍ୱାଭିମାନଃ ଉପନ୍ୟାସ ଯାଜ୍ଞସେନୀ'। ଆଜିର ଆସରରେ ସମ୍ମାନନୀୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକା ରଞ୍ଜିତା ନାୟକ କହିଥିଲେ ଯେ ମହାଭାରତର କେନ୍ଦ୍ର ଚରିତ୍ର ହେଲେ ଯାଜ୍ଞସେନୀ। ଭାରତୀୟ ସଂସ୍କୃତି, ଦର୍ଶନ ଓ ଐତିହ୍ୟକୁ ପାଥେୟ କରି ଯାଜ୍ଞସେନୀ ଚରିତ୍ର ଗତିଶୀଳ। ସଂସ୍କୃତ ମହାଭାରତ, ଶାରଳା ମହାଭାରତର କିଛି କଥା ଓ କିଛି କଳ୍ପନା ପ୍ରସୂତ କଥାବସ୍ତୁକୁ ନେଇ ଯାଜ୍ଞସେନୀ ରଚିତ। ଚାରିତ୍ରିକ ଦୃଢ଼ତାର ଶୀର୍ଷ ସୀମାରେ ଉପନୀତ ହୋଇଥିବା ଜଣେ ନାରୀ ଯାଜ୍ଞସେନୀ। ଯାଜ୍ଞସେନୀ ଚରିତ୍ର ଅପମାନିତା, ଲାଞ୍ଛିତା, ଜର୍ଜରିତା ହୋଇ ମଧ ନାରୀ ଧର୍ମକୁ କୌଣସି ପରିସ୍ଥିତିରେ ଭୁଲି ନାହିଁ। ଯାଜ୍ଞସେନୀ ଏକ କ୍ରାନ୍ତି ଓ ଆମ ନାରୀ ସମାଜ ପାଇଁ ଏକ ଆହ୍ୱାନ। ଅନ୍ୟତମ ସମ୍ମାନନୀୟ ଅତିଥି ବିଶିଷ୍ଟ ସାହିତ୍ୟିକା ଡ.ଆରତୀ କର ଫକୀରମୋହନଙ୍କ ରେବତୀ ଠାରୁ ଆରମ୍ଭ କରି ମହାଭାରତର ଯାଜ୍ଞସେନୀ ଚରିତ୍ରରେ ନାରୀର ସ୍ୱାଭିମାନ ବିଷୟରେ ଆଲୋଚନା କରିଥିଲେ। ସେ କହିଥିଲେ ନିଜର ଦୁଃଖକୁ ଭୁଲି ନିଜର ଲୁହକୁ ପିଇ ବିପଦ ସମୟରେ ଧର୍ଯ୍ୟ ରକ୍ଷା କରି ଅନ୍ୟକୁ ଖୁସି ଦେଇପାରେ ଜଣେ ନାରୀ। ନିଜକୁ ଦଗ୍ଧୀଭୂତ କରି ମଧ ସେ ପ୍ରଚଣ୍ଡ ଶାନ୍ତି ପାଇଥାଏ।

# ବାଡ଼ ଯଦି କ୍ଷେତ ଖାଏ, କହିବା କାହାକୁ

● ଓଡ଼ିଆ ବାବୁ, ବାବୁଆଣୀ ଙ୍କ ଇଂରାଜୀ ପ୍ରୀତି

● କେବେ ହେବ ଅଧିକାରୀ, ଅଧିକାରିଣୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ

**କାକଟପୁର /ଅସ୍ତରଙ୍ଗ, ୧୯।୧ (ସଂଚାର ବ୍ୟୁରୋ):** ଭାଷା ଅତୀତର ଅସ୍ତିତ୍ୱ। ଭାଷା ହିଁ ଭବିଷ୍ୟତ, ଭାଷା ଭାବର ବାହକ। ଓଡ଼ିଆ ଜାତିର ଆତ୍ମା, ଗର୍ବ ଓ ଗୌରବ। ଏହି କଥାକୁ ମର୍ମେ ମର୍ମେ ବୁଝି ଓଡ଼ିଆ ଭାଷାକୁ ଆହୁରି ବ୍ୟାପକ କରିବାକୁ ପଦକ୍ଷେପ ନେଉଛନ୍ତି ରାଜ୍ୟ ସରକାର।ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ଓ କୀର୍ତ୍ତିରାଜିର ସୁରକ୍ଷା ଓ ଓଡ଼ିଆ ଭାଷାକୁ ଅଧିକ ବ୍ୟାପକ କରିବାକୁ ରାଜ୍ୟ ସରକାର ନେଇଛନ୍ତି ପଦକ୍ଷେପ। ୨୦୧୮ମସିହାରେ ବିଧିବଦ୍ଧ ଭାବେ ଗଠନ କରିଛନ୍ତି ଐତିହ୍ୟ କ୍ୟାବିନେଟ। ପୂର୍ବ ପୁରୁଷ କହିଛନ୍ତି, ମାତୃଭୂମି ମାତୃ ଭାଷାରେ ମମତା, ଯା ହୃଦେ ଜନମି ନାହିଁ, ତାକୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନୀ ରହିବେ କାହିଁ। ଉଚ୍ଚ ହେବା ପାଇଁ କର ଯେବେ ଆଶା, ଉଚ୍ଚ କର ତେବେ ନିଜ ମାତୃଭାଷା। କିନ୍ତୁ ସରକାରୀ ନିୟମ କୁ ଖୁଲମଖୁଲା ଉଲ୍ଲଘଂନ କରି ପୁରୀ ଜିଲ୍ଲା ଅସ୍ତରଙ୍ଗ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଅଧୀନ ବିଭିନ୍ନ ବିଭାଗ ରେ ଓଡ଼ିଆ ବାବୁ, ବାବୁଆଣୀ ଙ୍କ ଇଂରାଜୀ ପ୍ରୀତି ମୋହ ଛାଡୁନି। ଜ୍ୱଳନ୍ତ ଉଦାହରଣ ଅସ୍ତରଙ୍ଗ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ଙ୍କ ଗାଡିର ପରିଚୟ ଫଳକ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଗମନାଗମନ ପାଇଁ ବ୍ୟବହାର କରୁଥିବା ଗାଡିର ପରିଚୟ ଫଳକ ରେ ଇଂରାଜୀ ଫଳକ ଲାଗିଛି।



ଏହା ସହ ଅନେକ ସରକାରୀ ବାବୁ, ବାବୁଆଣୀ ମାନେ କାଗଜ ପତ୍ର ଇଂରାଜୀ ରେ କରୁଛନ୍ତି। ବିଡମ୍ବନା ବିଷୟ ସରକାରୀ ନିର୍ଦ୍ଦେଶ କୁ କାହିଁକି ଉଲ୍ଲଘଂନ କରୁଛନ୍ତି ସରକାରୀ ବାବୁ, ବାବୁଆଣୀ। ବାରମ୍ବାର ସରକାରୀ ସ୍ତରରେ ନିର୍ଦ୍ଦେଶନାମା ଜାରି ହେଲେ ମଧ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ସରକାର ନିର୍ଦ୍ଦେଶ ଦେଲେ ଓଡ଼ିଆରେ ହେବ ସରକାରୀ ଚିଠି।

## ନୀଳଗିରି ଆଇଟିଡିଏକୁ ଆସିଥିବା ସରକାରୀ ଅନୁଦାନ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀଙ୍କ କବଜାରେ !

● ଅଭିଯୋଗ ଆଣି ଜନପ୍ରତିନିଧିଙ୍କ ଧାରଣା ଚେତାବନୀ

**ନୀଳଗିରି, ୧୯।୧ (ସଂଚାର ବ୍ୟୁରୋ):** ନୀଳଗିରି ଆଇଟିଡିଏ ଅଧୀନସ୍ଥ ବିଭିନ୍ନ ପଞ୍ଚାୟତର କୋଟି କୋଟି ଟଙ୍କା ନୀଳଗିରି ଆଇଟିଡିଏକୁ ଆସିଥିବା ସରକାରୀ ଅନୁଦାନକୁ ବିନା ଟେଣ୍ଡରରେ ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଉନ୍ନୟନକାର୍ଯ୍ୟ କରିବାକୁ ଦିଆଯାଉଥିବା ରୁ ଏହା କୁ ବିରୋଧ କରି ନିର୍ବାଚିତ ସରପଞ୍ଚ, ସମିତିସଭ୍ୟ/ସଭ୍ୟାମାନେ ନୀଳଗିରି ବ୍ଲକ ଅଧକ୍ଷ। ଶ୍ରୀମତି ଶୁଭଲକ୍ଷ୍ମୀ ମାଝୀ ଙ୍କ ନେତୃତ୍ୱରେ ଏକ ଟିମ ଆଜି ପୂର୍ବାହ୍ନ୍ ୧୧ଘଟିକା ସମୟ ରେ ନୀଳଗିରି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଡ଼. ମଧୁସ୍ମିତା ସାମନ୍ତରାୟଙ୍କୁ ସାକ୍ଷାତ କରି ସଂସ୍ଥା ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟରେ ସ୍ୱଚ୍ଛତା ଅବଲମ୍ବନ କରାଯାଇନଥିବା ନେଇ ଲିଖିତଅଭିଯୋଗ କରିଛନ୍ତି। ସୂଚନା ଯୋଗ୍ୟ ୨୦୨୩/୨୪ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆଦର୍ଶ ଯୋଜନାରେ ୧୩ଗୋଟି ରାଜସ୍ୱଗ୍ରାମରେ ଗ୍ରାମସଭା କରାଯାଇ ୨କୋଟି ୬୦ଲକ୍ଷ ଅନୁଦାନ ଆସିଥିବା ବେଳେ ଅନୁରୂପ ଭାବେ ୨୦୨୩/୨୪ରେ ସ୍ୱତନ୍ତ୍ର ଉନ୍ନୟନପରିଷଦ(ଏସଡିସି)ଯୋଜନାରେ ୧କୋଟି ୨୬ଲକ୍ଷ, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଉନ୍ନୟନଯୋଜନାରେ ଏକ କୋଟିରୁ ଉର୍ଦ୍ଧ୍ୱ, ୨୦୨୫/୨୬ଆର୍ଥିକ ବର୍ଷରେ ଛାତ୍ରାବାସ ମରାମତି ୪୪ଲକ୍ଷ ୬୬ହଜାର, ସେହିପରି ୨୫/୨୬ଆର୍ଥିକ ବର୍ଷରେ ପାଚେରୀ ଉଚ୍ଚତା ପାଇଁ ୨କୋଟି, ଷ୍ଟାଫକ୍ୱାଟର ମରାମତି ପାଇଁ ୩୮ଲକ୍ଷ, ସ୍କୁଲରେ ପାନୀୟଜଳ ଯୋଗାଣ ପାଇଁ ୭ଲକ୍ଷ ଟଙ୍କାର ସରକାରୀ ଅନୁଦାନ ଆସିଥିବା ବେଳେ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଏ ସମସ୍ତ ଅର୍ଥର ଉନ୍ନୟନକାର୍ଯ୍ୟ କରିବାପାଇଁ ସଂସ୍ଥା ପକ୍ଷରୁକାର୍ଯ୍ୟକାରୀ ହେଉଥିବା ଅଭିଯୋଗକରି ଆସନ୍ତା ଜାନୁଆରୀ ୨୮ତାରିଖ ଆଇଟିଡିଏ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବବୋଲି ଲୋକପ୍ରତିନିଧି ମାନେ ଚେତାବନୀ ଦେବାସହିତ ବାଲେଶ୍ୱର ଜିଲ୍ଲାପାଳ, ଏସପି, ନୀଳଗିରି ଉପଜିଲ୍ଲାପାଳ, ଏସଡି ପିଓ, ଆଇଆଇସି ଏବଂ ଏସଡିଏମଓଙ୍କୁ ଦାବୀପତ୍ର ପ୍ରଦାନ କରିଛନ୍ତି।

## ମାଗଣା ଚକ୍ଷୁ ଚିକିତ୍ସା ଶିବିର ଆୟୋଜିତ

**ନୂଆପଡ଼ା, ୧୯।୧ (ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲ୍ଲା ପରିବହନ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ଆଜି ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଖଡିଆଳ ସ୍ଥିତ ଘରୋଇ ବସ୍ ମାଲିକ ସଂଘ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଏହି ଚକ୍ଷୁ ଚିକିତ୍ସା ଶିବିରରେ ଅଞ୍ଚଳର ଶତାଧିକ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯିବା ସହ ଚିକିତ୍ସା କରିଥିଲେ। ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଏହି ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଅଛି। ବିଶେଷ କରି ଡ୍ରାଇଭର ମାନଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏହାଦ୍ୱାରା ସଡ଼କ ସୁରକ୍ଷା ସାଙ୍ଗକୁ ଚାଳକଙ୍କ ଚକ୍ଷୁ ମଧ ଠିକ୍ ରୂପେ ଦେଖାଯିବା ଏବଂ ଦୁର୍ଘଟଣା ମଧ ହ୍ରାସ ହେବ ବୋଲି ମତ ପ୍ରକାଶ ପାଇଥିଲା। ଆଜିର କାର୍ଯ୍ୟକ୍ରମରେ ଖଡ଼ିଆଳ ଘରୋଇ ବସ ମାଲିକ ସଂଘର ସମସ୍ତ କର୍ମକର୍ତା ସହଯୋଗ କରିଥିଲେ।

## ୩୩ ମାସ ପରେ ମା' କୁ ଫେରି ପାଇଲା ପୁଅ

**ଝାରସୁଗୁଡ଼ା, ୧୯।୧ (ସଂଚାର ବ୍ୟୁରୋ):** ମାନବିକତା ଓ କର୍ତବ୍ୟନିଷ୍ଠାର ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛି ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ମାର୍ଗଦର୍ଶନରେ ପରିଚାଳିତ 'ସ୍ନେହ ସେତୁ' ପଦକ୍ଷେପ ମାଧମରେ ଆଜି ପୁଣି ଏକ ବିଚ୍ଛିନ୍ନ ପରିବାର ଏକାଠି ହୋଇଛି। ଦୀର୍ଘ ୨ ବର୍ଷ ୯ ମାସର ପ୍ରତୀକ୍ଷା ପରେ ଝାଡ଼ଖଣ୍ଡର ଅନାମିକା ମୁଣ୍ଡା ନିଜ ପରିବାରକୁ ଫେରିଛନ୍ତି। ୨୦୨୩ରେ 'ପରିଚୟ' ଏନଜିଓ ମାଧମରେ ଅନାମିକାଙ୍କୁ ଯେତେବେଳେ 'ମିଶନ ଆଶ୍ରା-୨' କେନ୍ଦ୍ରକୁ ଅଣାଯାଇଥିଲା, ସେତେବେଳେ ତାଙ୍କ ମାନସିକ ଅବସ୍ଥା ଅତ୍ୟନ୍ତ ଗୁରୁତର ଥିଲା। ସେ ନିଜର ପରିଚୟ ଦେବାକୁ ଅସମର୍ଥ ଥିବାବେଳେ କାହାରି ସହ କଥା ହେଉନଥିଲେ।

## ନିତାଇ ଗୌର ଆଶ୍ରମରେ ୭ଦିନ ବ୍ୟାପୀ ମକର ମେଳା

**ନୀଳଗିରି, ୧୯।୧ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ତେଲିପାଳ ଗ୍ରାଃପ ଅଧୀନସ୍ଥ ବଣପାହାଡ଼ ଘେରା ନିତାଇଗୌର ଆଶ୍ରମ ପରିସରରେ ୭ଦିନ ବ୍ୟାପି ମକର ମେଳା ଅନୁଷ୍ଠିତ ହୋଇଯାଇଛି। ପାଖ ଅଞ୍ଚଳ ଏବଂ ବିଭିନ୍ନ ସ୍ଥାନରୁ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ ମାନଙ୍କ ସମାଗମ ପରିଲକ୍ଷିତ ହୋଇଥିବା ବେଳେ ଉକ୍ତ ମକର ମେଳରେ ସବୁଦିନ ହୋମ ଯଜ୍ଞ, ସଂକୀର୍ତନ, ପ୍ରବଚନ, ଅନ୍ନଛତ୍ର କାର୍ଯ୍ୟକ୍ରମ କରାଯାଇଥିଲା। ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ କାର୍ଯ୍ୟକ୍ରମ ରେ ଯୋଗଦେଇ ଉକ୍ତ ଆଶ୍ରମ ଟିକୁ ଓଡିଶା ପର୍ଯ୍ୟଟନ ବିଭାଗ କୁ ହସ୍ତାନ୍ତର ସହିତ ପୀଠର ଉନ୍ନତି କରଣ ସହିତ ନିଜ ହାତ ପାଣ୍ଠିରୁ ଅର୍ଥ ରାଶିରେ ଉନ୍ନୟନ ମୂଳକ କାର୍ଯ୍ୟ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

## ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ବନ୍ଦେ ମାତରଂ କାର୍ଯ୍ୟକ୍ରମ

**ନୂଆପଡ଼ା, ୧୯।୧ (ସଂଚାର ବ୍ୟୁରୋ):** ନୂଆପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ଏନଏସି ସ୍ତରୀୟ ବନ୍ଦେ ମାତରଂ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ଏନଏସି ଅଧକ୍ଷ ମହମ୍ମଦ ଆଦମଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ମହରା, ଜିଲ୍ଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢ଼େଇ, ସାମ୍ବାଦିକ ଘନଶ୍ୟାମ ଭୋଇ ଯୋଗ ଦେଇଥିଲେ। ସମାରୋହରେ ସମସ୍ତ ଏନଏସି କାଉନସିଲର ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ଢୋଲକିଆ ଭାରତୀୟ ସଂସ୍କୃତି ଓ ପରମ୍ପରା ମହାନ ବୋଲି ମତବ୍ୟକ୍ତ କରିଥିଲେ। ଜାତୀୟ ସଙ୍ଗୀତ ବନ୍ଦେ ମାତରଂ କେବଳ ଏକ ସଙ୍ଗୀତ ନୁହେଁ ଏହା ଏକ ପ୍ରତୀକାତ୍ମକ ରାଷ୍ଟ୍ରବାଦର ଚିହ୍ନ ଅଟେ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ନୂଆପଡ଼ା ଏନଏସି ଅଞ୍ଚଳର ୧୭ ଗୋଟି ସରକାରୀ, ବେସରକାରୀ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।

### ଜାତୀୟ କନ୍ୟାଶିଶୁ ସପ୍ତାହ ଉପଲକ୍ଷେ ଶୋଭାଯାତ୍ରା

## ସଚେତନତା ସଭା ଓ ଶପଥ ଗ୍ରହଣ କାର୍ଯ୍ୟକ୍ରମ

**ସମ୍ବଲପୁର, ୧୯।୧ (ସଂଚାର ବ୍ୟୁରୋ):** ଜାତୀୟ କନ୍ୟା ଶିଶୁ ସପ୍ତାହ ଉପଲକ୍ଷେ ଶୋଭାଯାତ୍ରା, ସଚେତନତା ସଭା ଓ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଏବଂ ପ୍ରମୁଖ ସାର୍ବଜନିକ ସ୍ଥାନଗୁଡ଼ିକରେ ଫ୍ଲେକ୍ସ ବ୍ୟାନର ପ୍ରଦର୍ଶନ ସହ ଅଭିଯାନ ଆରମ୍ଭ ହୋଇଛି। ମୁଖ୍ୟ କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟରେ କନ୍ୟା ଶିଶୁର ମୂଲ୍ୟବୋଧ ଓ ପିସି ଆଣ୍ଡ ପିଏନ୍‌ଡିଟି ଆଇନ ଉପରେ ସଚେତନତା ସଭା, ଏଏନ୍‌ଏମ୍‌ଟିସି ଛାତ୍ରୀମାନଙ୍କ ଦ୍ୱାରା ରାଲି, କନ୍ୟା ଶିଶୁ ସୁରକ୍ଷା ପାଇଁ ଶପଥ ଗ୍ରହଣ, ଏବଂ ପୋଷ୍ଟର ଓ ଲିଫ୍‌ଲେଟ ବଣ୍ଟନ ହୋଇଛି। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ସିଡିଏମ୍‌ଓ ଆଣ୍ଡ ପିଏଚ୍‌ଓ, ଏଡିପିଏଚ୍‌ଓ(ଏଫ୍‌ଡବ୍ଲୁ), ସିପିଏମ୍, ଏନ୍‌ଏଚ୍‌ଏମ୍ ଡିଏଚ୍‌ଏଚ୍ ସମ୍ବଲପୁରର ଅଧିକ୍ଷକ ଓ ଏଏନ୍‌ଏମ୍‌ଟିସି ପ୍ରଧାନ ଉପସ୍ଥିତ ଥିଲେ। ଏହି ଅଭିଯାନ ବୃନ୍ଦ ରଞ୍ଜନ ଭୋଇ, ସହାୟକ ପ୍ରବନ୍ଧକ ପରିଚାଳନା କରିଥିଲେ। ଏହି ଅଭିଯାନ ୨୪ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଚାଲିବ। ପରବର୍ତ୍ତି କାର୍ଯ୍ୟକ୍ରମ ସୂଚୀ ଅନୁଯାୟୀ ଦ୍ୱିତୀୟ ଦିବସ ତଥା ୨୦ ତାରିଖ ମଙ୍ଗଳବାର ଦିନ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟରେ ଡିବେଟ୍ ଓ କ୍ୱିଜ୍ କାର୍ଯ୍ୟକ୍ରମ। ତୃତୀୟ ଦିବସ ୨୧ ତାରିଖ ବୁଧବାର ଦିନ ଲିଙ୍ଗାନୁପାତ ସୁଧାର ପାଇଁ ଜିଲ୍ଲାର ୩ଟି ବ୍ଲକକୁ ଜିଲ୍ଲାସ୍ତରରେ ସମ୍ମାନିତ କରାଯିବ। ଚତୁର୍ଥ ଦିବସ ୨୨ ତାରିଖ ଗୁରୁବାର ଦିନ ଲେଡି ଲୁଇସ୍ ଗାର୍ଲ୍ସ ହାଇସ୍କୁଲ୍ ଛାତ୍ରୀମାନଙ୍କ ଦ୍ୱାରା ଶୋଭାଯାତ୍ରା ପରେ ପଞ୍ଚମ ଦିବସ ଭାବେ ଜାନୁଆରୀ ୨୬ ତାରିଖ ଗଣତନ୍ତ୍ର ଦିବସ ପରେଡ୍ ମାଇଦାନ ଓ ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ଜିଲ୍ଲାସ୍ତରରେ ଆଇଇସି ଭ୍ୟାନ ପ୍ରଦର୍ଶନ କରାଯାଇ ବ୍ୟାପକ ସଚେତନ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି।

### ବେଲଘର ବନାଞ୍ଚଳରେ ହାତୀମୃତ୍ୟୁ ଘଟଣା

## ତଦନ୍ତ ପାଇଁ ପହଞ୍ଚିଲେ ଡିଏଫଓ : ମୃତ୍ୟୁ ରହସ୍ୟ ଖୋଲିବ କି?

**ଫୁଲବାଣୀ, ୧୯।୧ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ବାଲିଗୁଡା ବନଖଣ୍ଡ ର ବେଲଘର ରେଞ୍ଜ ଝିରିପାଣି ପଞ୍ଚାୟତର ସିମିଳିପଦର ନିକଟସ୍ଥ ମୁଣ୍ଡୁଟି ଜଙ୍ଗଲରେ ଏକ ହାତୀ ଜାନୁୟାରୀ ୫ ତାରିଖ ରେ ମୃତ୍ୟୁ ବରଣ କରିଥିବା ବେଳେ ଏହା ଲୋକ ଲୋଚନକୁ ନ ଆସିବା ଏବଂ ଏହାର ତଦନ୍ତ ପାଇଁ କୌଣସି ଅଧିକାରୀ ନ ଆସିବାକୁ ନେଇ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହେବାରୁ ଏହି ଘଟଣା ଜଙ୍ଗଲ ମଧ୍ୟରେ ନ ରହି ବାହାରକୁ ଆସିଲା। ସେଥିରୁ ଜଣାପଡ଼ିଲା ହାତୀ ଟିର ମୃତ ଦେହ ସେହି ସ୍ଥାନ ରେ ନ ରଖି ତାହାକୁ ଖଣ୍ଡ ଖଣ୍ଡ କରି ଜରୀ ଅଖା ରେ ଭର୍ତ୍ତି କରି ଏକ ପିକ୍ଅପ ରେ ଅନ୍ୟ ସ୍ଥାନକୁ



ସ୍ଥାନାନ୍ତର କରି ଦିଆଯାଇଥିଲା। ହାତୀ ମୃତ କୁ ସମ୍ପୂର୍ଣ୍ଣ ଭାବରେ ଲୁଚାଇ ରଫା ଦଫା କରିବା ପାଇଁ ବନ ବିଭାଗର କିଛି ଅଧିକାରୀ ମସୁଧା କରୁଥିବା ଜଣାପଡିଛି। ଏ ନେଇ ତୁମୁଡିବନ୍ଧ ରେଞ୍ଜର ଙ୍କ ଠାରୁ ଆରମ୍ଭ କରି ବାଲିଗୁଡା ଡିଏଫଓ କେହିବି ଘଟଣା ସମ୍ପର୍କ ରେ ମୁହଁ ଖୋଲୁ ନାହାନ୍ତି କି ଅଭିଯୋଗ ପରେ ମଧ ଘଟଣା ସ୍ଥଳକୁ କେହିବି ନ ଯିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏ ସମ୍ପର୍କ ରେ ଗଣ ମାଧମ ପ୍ରତିନିଧି ମାନେ ପଚାରିବା ପରେ ବେଲଘର ରେ ଡିଏଫଓ ଘନଶ୍ୟାମ ମହାନ୍ତ ଙ୍କ ସହ ଏସିଏଫ ସୂର୍ଯ୍ୟକାନ୍ତ ବେହେରା, ମନୋରଞ୍ଜନ ବାଗ, ବେଲଘର ରେଞ୍ଜ ଅଫିସରେ ପହଞ୍ଚିଛନ୍ତି। ବେଲଘର ରେଞ୍ଜର ବିନୟ କୁମାର ବିଶି, ଫରେଷ୍ଟ ର ବୁଦ୍ଧଦେବ କହଁର କୁ ପଚରା ଉଚରା କରିଥିବା ଜଣାପଡିଛି । ତେବେ ତଦନ୍ତ କରି ଅଧିକାରୀ ମାନେ ଫେରିଛନ୍ତି।